ଅସ୍ତ ରାଗର ଚନ୍ଦ୍ରମା

ଆନନ୍ଦ କୁମାର ଜେନା

ଦୀପକ ପ୍ରକାଶନୀ
ଗଙ୍ଗାମନ୍ଦିର, କଟକ

Digitized by srujanika@gmail.com

ଅସ୍ତରାଗର ଚନ୍ଦ୍ରମା

ଆନନ୍ଦଚନ୍ଦ୍ର ଜେନା

ଦୀପକ ପ୍ରକାଶନୀ

ଗଙ୍ଗାମନ୍ଦିର, କଟକ

Digitized by srujanika@gmail.com

❋ଅସ୍ତରାଗରଚନ୍ଦ୍ରମା❋

ଲେଖକ —

ଆନନ୍ଦଚନ୍ଦ୍ର ଜେନା

ନୂତନ ସଂସ୍କରଣ—

୧୯୮୭

ପ୍ରକାଶକ

ଦୀପକ ପ୍ରକାଶନୀ

ମୁଦ୍ରଣ—

ଶ୍ରୀ ରବୀନ୍ଦ୍ରନାଥ ପଣ୍ଡା

ବାସନ୍ତୀଦୁର୍ଗାପ୍ରିଣ୍ଟର୍ସ

ଖଟବିନ୍ ସାହି, କଟକ-୮

ମୂଲ୍ୟ - ଦଶଟଙ୍କା ମାତ୍ର

Digitized by srujanika@gmail.com

ରାତ୍ରୀ ଆସୁଛି,···ଦ୍ୱିତୀୟା ତିଥିର ଜମାଟବନ୍ଧା କଳା ବାଦ ତଳେ, ତନ୍ଦ୍ରାଳସୀ ନାଗରିକାର ଆଖିର ପତାରେ ପତାରେ, ସବୁଦିନର ଗତାନୁଗତିକତାକୁ ନେଇ ମନର ଏକ ଅହେତୁକ ଆଶଂକାରେ ପାଦ ଦୁଇଟା ତାକୁ ନେଇ ଆସିଛି ଦୂରକୁ—ଅନେକ ଦୂରକୁ । ଯେଉଁଠି ଏକାକୀ ବସିବାକୁ ମଣିଷ ଭୟ କରେ, ଯାହାର ଶବ୍ଦରେ ମଣିଷ ମନର ଅନ୍ତଃସ୍ଥଳ ଦୋହଲି ଉଠେ, ସେଇଠି, ସେଇ ଉଦଗର୍ଜନା ନୀଳୋର୍ମିମାଳିନୀ ଶଙ୍ଖାୟମାନ ସମୁଦ୍ରର ବେଳାଭୂମି ଉପରେ ବସି ରହି ଆକାଶର ପ୍ରଶାନ୍ତ ବକ୍ଷକୁ ଅନାଇ ରହିଥିଲା ସେ । ରାତି କ୍ରମଶଃ ଘନେଇ ଆସିବା ସଂଗେ ସଂଗେ ବେଳାଭୂମିରୁ ଜନ କୋଳାହଳ ଆସ୍ତେ ଆସ୍ତେ କମି ଆସୁଥିଲା । ଶୁଣା ଯାଉଥିଲା କେବଳ ସାଇଁ ସାଇଁ ଶବ୍ଦ । ସତେ ଯେମିତି ଆକାଶର ନକ୍ଷତ୍ର ପୁଞ୍ଜ ତା ଦୁଃଖରେ ସମବେଦନା ଜଣାଇ ପରସ୍ପର ଭିତରେ କିଛି କଥା-ବାର୍ତ୍ତା ହେଉଥିଲେ । ଆଉ ଦଣ୍ଡେ ମାତ୍ର ସେଠାରେ ବସି ପାରିଲା ନାହିଁ ସେ । କାହାର ପ୍ରଶସ୍ତ ହାତ ଦୁଇଟି ଯେମିତି ତାକୁ ଆଲିଙ୍ଗନ କରିବା ପାଇଁ ଆଗେଇ ଆସୁଛି । ହଠାତ୍ ସେ ସେଠାରୁ ଉଠି ଧାଇଁଗଲା ଆଗକୁ । ଯେଉଁଠି ସମୁଦ୍ରର ତୁଙ୍ଗ ତରଙ୍ଗ ରହି ରହି ଆସି ବେଳାଭୂମିର ବାଲି ସ୍ତରକୁ ଚୁମ୍ବନ ଦେଇ ଫେରିଯାଏ ।

କାହିଁକି କେଜାଣି, ଦୃଷ୍ଟି ତାର ଫେରି ଆସିଲା ନିଜ ଦେହ ପ୍ରତି । ପୂର୍ବ ସ୍ମୃତିର ମାନ ଅଭିମାନ ହସକାନ୍ଦ—ସବୁ ଯେମିତି ହୃଦୟରେ ସ୍ପଷ୍ଟ ଅକ୍ଷରରେ ଲିପିବଦ୍ଧ ହୋଇ ରହି ଥିବା ଭଳି ମନେ ପଡ଼ିଗଲା ତାର । ମାତ୍ର ଦୁଇ ବର୍ଷ ତଳେ, ଷୋଳଟି ବସନ୍ତର ସମାନ୍ତରାଳ ଗତି ସହିତ ମନର ଗତି ତାର ଗଡ଼ି ଚାଲୁଥାଏ ଆଗକୁ । ଦିନେ ସଂଧ୍ୟାରେ ବାପା ତାର ଭାଇ ଭଉଣୀ ସମସ୍ତଙ୍କୁ ଡାକି ଶଯ୍ୟା ନିକଟରେ ବସାଇଲେ । ବାପା ଭାଇଙ୍କ ନିକଟରେ ଥିଲେ ହେଁ ସେତେବେଳେ ସେ ଖୁବ୍ ନିସଙ୍ଗତା, ଖୁବ୍ ଶୂନ୍ୟତା ଅନୁଭବ କରୁଥିଲା । ସତେ ଯେମିତି ସେଇ ନିସଙ୍ଗତା, ସେଇ ଶୂନ୍ୟତା ତା ଜୀବନର ଚିରସାଥି । ତା'ପରେ ବାପା ସ୍ଖଳିତ କଣ୍ଠରେ କହିବାକୁ ଲାଗିଲେ—"ସୁକୁମାର ମଣିଷର ଇଚ୍ଛା ଭଗବାନଙ୍କ ଇଚ୍ଛା ସହ ପାଦ ମିଳାଇ ଚାଲି ପାରେନା । ଜୀବନର ଶେଷ ନିଶ୍ୱାସ ତ୍ୟାଗ କରିବା ପୂର୍ବରୁ ମୋ ପିତୃତ୍ୱର ସାର୍ଥକ ସ୍ୱପ୍ନକୁ ତୋ'ରି ହାତରେ ଛାଡ଼ି ଦେଇ ଯାଉଛି । ହତଭାଗିନୀ ମାତୃହରା ସେ । ଆଜିଠାରୁ ବାପା ଡାକରୁ ବି ବଂଚିତ ହେବ । ମାତ୍ର ସେଇ ପିତା ମାତାଙ୍କର ଜୀବନର ସର୍ବସ୍ୱ, ମମତାର ଫୁଲକୁ ତୁ ଯେପରି ଉପଯୁକ୍ତ ଦେବତାର ଗଳାରେ ଲମ୍ବାଇ ଦେବାକୁ ଭୁଲିବୁ ନାହିଁ । ପରପାରରେ ଥିଲେ ବି ସେଥିକରେ ମୋର ଅତୃପ୍ତ

Digitized by srujanika@gmail.com

ଆତ୍ମା ତୃପ୍ତି ଲାଭ କରିବ । ସୁକୁମାର, ଅଭିମାନିନୀ ସେ । ସଂସାରର ଜଟିଳତା ସେ କିଛି ବୁଝେନାଁ । ତା'ଉପରେ ଦୋଷାରୋପ କରନ୍ତୁ ନାହିଁ ।"

ହୁଏତ ସୃଷ୍ଟିରେ ବହୁ ପରିବର୍ତ୍ତନୀୟ ବସ୍ତୁ ଥାଇପାରେ କିନ୍ତୁ ଅପରିବର୍ତ୍ତନୀୟ ସେହି କାଳି ରାତି । ଯେଁକ ତା ମନର ଅନ୍ତସ୍ଥଳକୁ ଦୋହଲାଇ ଦେଉଥିଲା । ଲୋକଙ୍କର କୋଳାହଳ କମିନାହିଁ । ଯାତ୍ରୀ ଭିଡ଼ କ୍ରମଶଃ ବଢ଼ିବାରେ ଲାଗିଛି । ସେମାନେ କାଲି ସମୁଦ୍ରରେ ଟ୍ରାନଃ ସ୍ନାନ ସାରି ଫେରି ଯିବେ ନିଜ ନିଜର ଘରକୁ । ମାତ୍ର ସେ । କେଉଁଠି ଥିବ ସେ । କାଲି କେଉଁଠି ହୋଇଥିବ ତାର ଅବସ୍ଥିତି ।।

ପୁଣି ଥରେ ଆକାଶକୁ ଅନାଇଲା ସେ । ବିରାଟ ତନୁ ଲତିକାରେ ଅଗଣିତ ତାରକାର ପୁଷ୍ପ । କିନ୍ତୁ ସବୁଗୁଡ଼ିକ ସତେ ଯେମିତି ମଳିନ ଓ ବିବର୍ଣ୍ଣ । ତାଙ୍କଠାରେ ଆଜି ସେ ବୟସର ଚଞ୍ଚଳତା ନାହିଁ । ଯୌବନର ଉଦ୍ଦାମତା ନାହିଁ—ଅଛି କେବଳ ବାର୍ଦ୍ଧକ୍ୟ ଅନ୍ତିମତାର ଅନାହତ ଝଙ୍କାର ।

ଆକସ୍ମିକ ଭାବରେ ମନରେ ତାର ଭୟର ସଞ୍ଚାର ହେଲା । ସମୁଦ୍ରକୂଳଆ ସେହି ମନ୍ଦ-ମରୁତ-ଦୋଳାରେ ବସି କେହି ଜଣେ ଓହ୍ଲାଇ ଆସି ହଠାତ୍ ଯେମିତି କିଛି ଦୂରରେ ଅଟକି ଯାଉଛି ଏବଂ ପବନର ଶିରି ଶିରି ସ୍ୱରରେ ଡ଼ାକି କହୁଛି—ପଳେଇ ଆ, ପଳେଇ ଆ । ଅପେକ୍ଷା କରିବାର ସମୟ ଏନୁହେଁ । ରାତି ପାଇଥିଲେ ଅଯୋଧ୍ୟାର ରାଜ ସିଂହାସନରେ ରାମଚନ୍ଦ୍ର ଅଭିଷିକ୍ତ ହୋଇଥାନ୍ତେ···କିନ୍ତୁ ହେଲା କଣ ? ପଛକୁ ଫେରି ଯାଆ ନା । ପଛକୁ ଫେରିଗଲେ ସର୍ବନାଶ, ଅନ୍ଧକାର···ସୂଚୀଭେଦ୍ୟ ଅନ୍ଧକାର ।

ଓଃ : ହଠାତ୍ ଚମକି ପଡ଼ିଲା ଊର୍ମିଳା । ଅର୍ଦ୍ଧ ନିମିଳିତ ନୟନ ମେଲାଇ ଦେଖିଲା, ସେ ଗୋଟିଏ ବେଡ଼୍ ଉପରେ ଶୋଇଛି । ପାଖରେ ତାର ବସିଛନ୍ତି ଜଣେ ଶ୍ୱେତ ଶ୍ମଶ୍ରୁ କେଶ ମଣ୍ଡିତ ବୃଦ୍ଧ—ଭୁ ଏମିତି ଚମକି ପଡ଼ିଲୁ କାହିଁକି ମା ? ଊର୍ମିଳାର ଅଲୁଲାୟିତ କେଶରାଶିକୁ ସାଉଁଳେଇଦେଇ ଟିକିଏ ଉତ୍କଣ୍ଠାର ସହିତ ପଚାରିଲେ କିର୍ତ୍ତୀଚନ୍ଦ୍ର ବାବୁ । ଅନ୍ତୁର ଆଶ୍ଚର୍ଯ୍ୟ ହେଲା ଊର୍ମିଳା । କିଛି କହିବ ବୋଲି ଭାବୁଥିଲେ ମଧ୍ୟ କିଛି କହି ପାରିଲା ନାହିଁ ମେ । ଅଥଚ ବୃଦ୍ଧଙ୍କର ଏପରି ସମ୍ଭାଷଣ ଶୁଣି କ୍ଷତ ହରିଣୀ ପରି ପ୍ରତୀତ୍ରଚ ମନଟି ତା'ର କାନ୍ଦି ଉଠିଲା । ପାଟି ଖୋଲି କାନ୍ଦି ପାରିଲା ନାହିଁ ମଧ୍ୟ । ମାତ୍ର ଦୁଇ ଆଖିରୁ ଦୁଇଧାର ଲୁହ ଝରି ପଡ଼ିଲା ।

କିର୍ତ୍ତୀଚନ୍ଦ୍ର ବାବୁ ଊର୍ମିଳାର ମନର ଅବସ୍ଥା ଲକ୍ଷ୍ୟ କରି ଡାକ୍ତରଙ୍କ କଥିତ ମତେ ପାଖ ଟେବୁଲ ଉପରେ ରଖା ହୋଇଥିବା ଗୋଟିଏ କ୍ୟାପ୍‌ସୁଲ ଆଣି ଊର୍ମିଳାକୁ ସ୍ନେହୋଚ୍ଛଳ କଣ୍ଠରେ କହିଲେ, ତୋର ଦେହ ଭଲ ନାହିଁ ମା', ପିଲଙ୍କ ପରି ନ କାନ୍ଦି ଏ

Digitized by srujanika@gmail.com

ଔଷଧଟିକୁ ଖାଇନେ ! ତୋର ଦେହ ଭଲ ହୋଇଗଲେ ମୁଁ ତୋତେ ତୋର ଯଥା ସ୍ଥାନକୁ ନେଇଯିବି ।

ଉର୍ମିଳା ସେତେବେଳେ କଥା କହିବା ପରିସ୍ଥିତିରେ ନ ଥିଲା । ତେଣୁ ପିଞ୍ଜରା ଭିତରେ ଥିବା ପୋଷାମନା ଚଢ଼େଇଟି ପରି ମାରିବ ଉହିବାରୁ କୀର୍ତ୍ତିଚନ୍ଦ୍ର ବାବୁ ତାର ପାଟିରେ କ୍ୟାପସୁଲଟି ଦେଇ ଦୁଇ ଚାମଚ ପାଣି ପିଆଇ ଦେଲେ । ସେତିକି । ତା'ପରେ ପୁଣି ଉର୍ମିଳା ପୂର୍ବବତ୍ ଶୋଇ ପଡ଼ିଲା । ରାତି ପ୍ରାୟ ଦୁଇଟା ହେବ । ବେଡ୍ ନିକଟରେ ଗୋଟିଏ ଚେୟାର ଉପରେ ବସି ବିଚ୍ଛିନ୍ନ ଅହେତୁକ ଭାବନା ମଧ୍ୟରେ ନିଜକୁ ହଜାଇ ଦେଲେ କୀର୍ତ୍ତିଚନ୍ଦ୍ର ବାବୁ···ଏ ଝିଅଟିର ତେବେ କ'ଣ କେହି ନାହାନ୍ତି ? ଏ ବା ଏଠାକୁ ଆସିଥିଲା କାହିଁକି ? ସାଙ୍ଗରେ ତାର କେହି ନାହାନ୍ତି, ଏକା ଏକା ସେ । ହୁଏତ ଆଉ ଟିକିଏ କାଳବିଳମ୍ବ ହୋଇଥିଲେ ବଞ୍ଚିବା ଜୀବନ ପାଇନଥାନ୍ତା । ତେବେ କ'ଣ··· ···? ସେ ଯାହା ହେଉ, ଝିଅଟା ଭଗବାନଙ୍କ ଦୟାରୁ ବଞ୍ଚି ପାରିଛି । ଏହିପରି କେତେ କ'ଣ ଭାବନାର ପ୍ରଶ୍ନବାଚୀ ମୁଣ୍ଡ ଟେକି ଥିଲା କୀର୍ତ୍ତିଚନ୍ଦ୍ର ବାବୁଙ୍କ ମନରେ । ତେଣୁ ଏ ସବୁର ସମାଧାନ କରି ନ ପାରି ବସିଥିବା ଚେୟାର ଖଣ୍ଡିକରେ ତନ୍ଦ୍ରାଛନ୍ନ ନୟନରେ ଢ଼ୁଳାଇ ପଡ଼ିଲେ ସେ ।

ସ୍ୱର୍ଣ୍ଣଦେବୀ ସମସ୍ତଙ୍କୁ ସ୍ୱସ୍ତି ପ୍ରଦାନ କରି ନିଜର ରାଜତ୍ୱ କରି ଚାଲିଛନ୍ତି । ମନରେ ତାଙ୍କର ଏକ ଅଜଣା ଅନୁଭୂତି ଜାଗରିତ ହେବା ସତ୍ତ୍ୱେ ବିଛଣାରେ ଶୋଇଥିଲେ ମଧ୍ୟ ଆଖିକୁ ନିଦ ଆସୁନାହିଁ । ଆକାଶରେ କୋଟି କୋଟି ତାରା ପ୍ରତିଭାତମାନ ହେଉଥିଲେ ବି ତାହା ଯେମିତି ଆକାଶକୁ ଆଲୋକିତ କରିପାରେନା । ସ୍ୱର୍ଣ୍ଣପ୍ରଭା ଦେବୀଙ୍କର ଠିକ୍ ସେହି ଦଶା । ସ୍ୱାମୀ କର୍ତ୍ତୃକ ଅଚଳାଚଳ ଐଶ୍ୱର୍ଯ୍ୟର ଅଧିକାରିଣୀ ସେ । ମାତ୍ର ତାଙ୍କର ହୃଦୟ ସିଂହାସନକୁ ଅଳଂକୃତ କଲାଭଳି ସନ୍ତାନ ସନ୍ତତିର ମାତୃତ୍ୱର ସ୍ଥାନ ପାଇ ପାରିନାହାନ୍ତି । ତେଣୁ ଏ ଝିଅଟିକୁ ନିଜର ତତ୍ତ୍ୱାବଧାନରେ ପାଇଲା ଠାରୁ ମନରେ ଅନେକ ଭାବାନ୍ତର ସୃଷ୍ଟି ହୋଇ ନିଜକୁ ଅତି ହାଲୁକା ମନେ କରୁଛନ୍ତି ସେ । ସତରେ କ'ଣ ସେ ଝିଅଟି ମୋର ହୋଇ ରହିବ ? ବାତ୍ସଲ୍ୟ ସ୍ନେହ ଦେଇ ମୁଁ କ'ଣ ତାର ମା' ହୋଇ ପାରିବି ? ଏହି ସମୟରେ ବେଡ୍ ଉପରେ ଥାଇ "ପାଣି ପାଣି" ବୋଲି ଚିତ୍କାର କରି ଉଠିଲା ସେ ଝିଅଟି । ତାର କରୁଣ କଣ୍ଠସ୍ୱର ଶୁଣି ଧଡପଡ ହୋଇ ଉଠିଗଲେ ସ୍ୱର୍ଣ୍ଣପ୍ରଭା ଦେବୀ । ମତେ ଟୋପାଏ ପାଣି ଦିଅ ମା', ମୁଁ ଆଉ ବଞ୍ଚିବି ନାହିଁ ଛୁ, ସେପରି କହନା ମା', ଠାକୁରେ ତତେ ନିଶ୍ଚୟ ଭଲ କରି ଦେବେ । ଏହା କହି ସ୍ୱର୍ଣ୍ଣପ୍ରଭା ଦେବୀ କୀର୍ତ୍ତିଚନ୍ଦ୍ର ବାବୁଙ୍କୁ ହଲାଇ ଦେଇ କହିଲେ, ତୁମେ ଶୋଇ ପଡ଼ିଲ ଯେ, ଝିଅଟା ଡାକ ଡାକ ନସ୍ୟାନ୍ତ ହୋଇ ପଡ଼ିଲାଣି ।

Digitized by srujanika@gmail.com

ଚମକି ଉଠିଲେ କର୍ତ୍ତୀଚନ୍ଦ୍ର ବାବୁ । ଦେଖିଲେ ଶର୍ମ୍ମାଶାୟିନୀ ଝିଅଟି ମୁଖବକ୍ରୀତ କରି ଶୋଇଛି ଏବଂ ପାଖରେ ଠିଆ ହୋଇ ତାର ମୁଣ୍ଡ ଆଉଁସି ଦେଉଛନ୍ତି ନିଜର ସ୍ତ୍ରୀ ସ୍ୱର୍ଣ୍ଣପ୍ରଭା ଦେବୀ ।

ତାର କ'ଣ ହେଲା ପ୍ରଭା ? ପଚାରିଲେ କର୍ତ୍ତୀଚନ୍ଦ୍ର ବାବୁ ।

ପାଣି ପିଇବାକୁ ମାଗୁଛି ସେ, କ'ଣ ଦେବି ?

ଆରେ ନାଁ, ନାଁ, ପାଣି ପିଇବାକୁ ଯେ ଡାକ୍ତର ମନା କରିଛନ୍ତି । ଟିକେ ବାର୍ଲି ପିଇବାକୁ ଦେଲେ ବରଂ ଭଲ ହେବ ।

ତେବେ ମୁଁ ନେଇ ଆସୁଛି, ତୁମେ ଟିକେ ତା ପାଖରେ ବସ । ସ୍ୱର୍ଣ୍ଣପ୍ରଭା ଦେବୀ କହିଲେ ।

ବେଡ୍ ପାଖରେ ପଡ଼ିଥିବା ଚେୟାରଟିରେ ବସିପଡ଼ି ଖୁବ୍ ନିଲୀତ କଣ୍ଠରେ ପଚାରିଲେ କର୍ତ୍ତୀଚନ୍ଦ୍ର ବାବୁ— ତୋର ଦେହ କପରି ଲାଗୁଛି ମା' ;

ଖୁବ୍ ଦୁର୍ବଳ ଲାଗୁଛି । ଅସ୍ପଷ୍ଟ କଣ୍ଠରେ କହିଲା ଝିଅଟି । ସବୁ ଭଲ ହୋଇଯିବ ମା', ଠାକୁରେ ତୋତେ ନିଶ୍ଚୟ ଭଲ କରିଦେବେ । ଇତ୍ୟବସରେ ସ୍ୱର୍ଣ୍ଣପ୍ରଭା ଦେବୀ ସେଠାରେ ଉପସ୍ଥିତ ହୋଇ ବାର୍ଲିପେଇ ସାରିବା ପରେ ପଚାରିଲେ—ତୋର ଦେହ ଭଲ ଲାଗୁଛି ତ ଝିଅ ? ପୂର୍ବାପେକ୍ଷା ଭଲ ଲାଗୁଛି । ବର୍ତ୍ତମାନ ରାତି ଅନେକ ଅଛି, ଆପଣମାନେ ଶୋଇବେ ଯାଆନ୍ତୁ, ମୋର ଦେହ ଖୁବ୍ ଭଲ ଅଛି ।

ଉର୍ମିଳା ମୁହଁରୁ ଏପରି ଉଦ୍ବୋଚିତ କଥାପଦକ ଶୁଣି କର୍ତ୍ତୀଚନ୍ଦ୍ର ବାବୁ ଓ ସ୍ୱର୍ଣ୍ଣପ୍ରଭା ଦେବୀଙ୍କର ଆନନ୍ଦରେ ଗ୍ରୁଡ କୃଣ୍ଣେମୋଟ ହୋଇ ଉଠିଲା । ସ୍ୱର୍ଣ୍ଣପ୍ରଭା ଦେବୀ ସ୍ନେହ ଗଦଗଦ କଣ୍ଠରେ କହିଲେ, ଆମ ଶୋଇବା କଥା ତୁ ଚିନ୍ତା କରନା ମା' । ଠାକୁରେ ତୋତେ ଭଲ କରି ଦିଅନ୍ତୁ ତା' ପରେ... ।

ମୁଁ ବର୍ତ୍ତମାନ ସମ୍ପୂର୍ଣ୍ଣ ଭାବେ ଆରୋଗ୍ୟ ଅନୁଭବ କରୁଛି । ତେଣୁ ମୋ ପାଇଁ ଆପଣମାନେ ଚିନ୍ତା ନକରି ଶୋଇପଡ଼ନ୍ତୁ, ଏହା ମୋର ଅନୁରୋଧ ।

ଅନୁରୋଧ ନୁହେଁ ମା' – ଦାବୀ ବୋଲି କହ । କର୍ତ୍ତୀଚନ୍ଦ୍ର ବାବୁ କହିଲେ ।

ହଉ ହେଲା, ଝିଅଟା କହୁଛି ଯେତେବେଳେ ତୁମେ ଯାଅ ସେ ଘରେ ଶୋଇ ପଡ଼ିବ । ଏହା କହି ଏକ ଖଟିଆ ଉପରେ ଶୋଇବାକୁ ଚେଷ୍ଟା କଲେ ସ୍ୱର୍ଣ୍ଣପ୍ରଭା ଦେବୀ ।

Digitized by srujanika@gmail.com

ଠିକ୍ ଅଛୁ ; ଡାକ୍ତର ମନା କରିଛନ୍ତି, ତା ସହିତ ଅଧିକ କଥାବାର୍ତ୍ତା କରିବ ନାହିଁ । କାଲି ସକାଳୁ ଡାକ୍ତର ଆସିଲେ ଯାହା ହେବାର ବ୍ୟବସ୍ଥା କରାଯିବ । ମୁଁ ଯାଉଛି, ଆର ଘରକୁ । ଚାଲିଗଲେ ଜନ୍ତିଚନ୍ଦ୍ର ବାବୁ ।

ଚନ୍ଦ୍ରମୁଖିତା ଉର୍ମିଳାକୁ ଆରୋଗ୍ୟ କରିବା ଲାଗି ଭାବନା ଚକ୍ରରେ ଘୂରି ବୁଲି ସ୍ୱର୍ଣ୍ଣପ୍ରଭା ଦେବୀଙ୍କ ଆଖିକୁ ନିଦ ଆସୁ ନଥିଲା । ଆଜି ଉର୍ମିଳା ମୁହଁରୁ 'ଦେହ ଭଲ ଲାଗୁଛି' କଥା ଶୁଣି ମନରୁ ଭାବନାର ଭାର ଅପସରି ଯାଇ ନରୋତ୍ତ ନିଦରେ ଶୋଇ ପଡ଼ିଲେ । ମାତ୍ର ପରିସ୍ଥିତିର ଅବସ୍ଥିତି କଥା ଚିନ୍ତା କରି ରୋଗିଣୀର ଦୁର୍ବଳ ଶରୀର ଆହୁରି ଦୁର୍ବଳ ହୋଇ ପଡୁଛି । ... ସେ ଆସିଥିଲା କେଉଁଠିକି, ପୁଣି ଡାକ୍ତରଖାନାକୁ ଆସିଲା କିପରି ? ନିଜର ମା' ବାପଠାରୁ ଅଧିକ ସ୍ନେହ ଦେଇ ଯେ ତା'ର ସେବା ଯତ୍ନ କରୁଅଛନ୍ତି ସେମାନେ ବା କିଏ ?

ତାହେଲେ ସେ କ'ଣ ସ୍ୱପ୍ନ ଦେଖୁଛି, ଇତିହାସ ପୃଷ୍ଠାରୁ ଅତୀତର କଥା ମନେ ପଡ଼ିଗଲା ପରି ପୂର୍ବ ଘଟଣା ଗୁଡ଼ିକ ତା ମନରେ ଭାବାନ୍ତର ସୃଷ୍ଟି କଲା । ମନେ ପଡ଼ିଗଲା ନିଜର ସ୍ୱାର୍ଥାନ୍ୱେଷୀ ଭାଇ ଭାଉଜ ତଥା କାମୁକ, ଧର୍ଷକ, ଲଂପଟ ମହାଜନର କ୍ରୂର ଅଭିସନ୍ଧିର ଅଶ୍ଳୀଳ କଥ ଗୁଡ଼ିକ ।

ଯେତେ ଭାବିଲେ ମଧ୍ୟ ଭାବନାର ପରିସମାପ୍ତି ହୁଏନା । ତେଣୁ ସେ ଯେତେ ପଛକୁ ଭାବି ଚାଲିଛି, ନିଜ ଉପରୁ ସେତିକି ଆଶା ହରାଉଛି । ଓଃ ! କେଡ଼େ ଭୀଷଣ ସେମାନେ ! କି ହୃଦୟ ସେମାନଙ୍କର !! ବେଡ଼୍ ଉପରେ ଶୋଇଥିବା ଆଖିକୁ ନିଦ ଆସୁ-ନଥାଏ ଉର୍ମିଳାର । ନୈରାଶ୍ୟର ନିଶ୍ୱାସ ମଧ୍ୟରେ ଖାଲି ଏପଟ ସେପଟ ହେଉଥାଏ ।

ସେଦିନର ରାତ୍ରୀ ରାଣୀଙ୍କ ରାଜତ୍ୱରେ ପୂର୍ଣ୍ଣଚ୍ଛେଦ ପଡ଼ି ଆସୁଛି । ପୃଥିବୀ ବକ୍ଷରୁ ପୂର୍ବର ସେ ଅନ୍ଧକାର ଦୂରେଇ ଯିବା ଫଳରେ ବାହାରେ ସବୁ ଫର୍ଚ୍ଚା ଦେଖା ଗଲାଣି । ଗଛ ଡ଼ାଳରେ ରହିଥିବା ନୀଡ଼ବାସୀ ପକ୍ଷୀମାନେ କଳରୋଳ କରି ଯେ ମୁଆଡ଼େ ଉଡ଼ି ଯାଉଛନ୍ତି । ଝରକା ଫାଙ୍କରେ ବାହାରକୁ ଅନାଇ ରହିଛି ରୋଗଚର୍ଯ୍ୟା ଝିଅଟି । ପୂର୍ବାକାଶରେ ସୁନାଥାଳିଆ ସୂର୍ଯ୍ୟଙ୍କର ହସ ହସ ମୁହଁରୁ ମୁଠା ମୁଠା ଦିବାଲୋକ ଝରି-ପଡୁଛି । ଝରକା ଫାଙ୍କ ଦେଇ ସକାଳର ଶିଶିର ସିକ୍ତ ଶିରି ଶିରି ପବନ ବହିଆସି ବେଡ଼ ତଳକୁ ଓହଳିଥିବା ଉର୍ମିଳାର ଲୁଗା କାନିଟା ଫର ଫର ହୋଇ ଉଡ଼ିବାରେ ଲାଗିଛି ଦେହରେ ପ୍ରଚୁର ଦୁର୍ବଳତା ଓ ମନରେ ଗଭୀର ଭାବନା ମୁଣ୍ଡ ପିଟୁଥିଲେ ମଧ୍ୟ ଆଉ ଶୋଇ ପାରିଲା ନାହିଁ ଝିଅଟି । ବେଡ଼୍ ଉପରେ ଉଠି ବସିଲା ସେ । ନିଜର ଶୋଭା ସମ୍ଭାରହୀନ ଦୁର୍ବଳ ଶରୀରକୁ ଅନାଇ ଦେବାକ୍ଷଣି, କାହିଁକି କେଜାଣି, କୋମଳ ପ୍ରାଣଟି ତାର କାନ୍ଦି ଉଠିଲା । କାହାର ଝିଅ ସେ ? କେଉଁଥିପାଇଁ ସେ ଆଜି ନିଜକୁ ଅସହାୟିନୀ ସଜାଇଛି

Digitized by srujanika@gmail.com

ଗଗନ ଦାସ………… ! ଏହି ନାଁଟି ତାର ମନେ ପଡ଼ି ଯିବାରୁ ହିଂସା ଆଉ କ୍ରୋଧରେ ଅସହ୍ୟ ଯନ୍ତ୍ରଣା ଅନୁଭବ କଲା ସେ । ମନର ସମସ୍ତ ସାହାସ ଓ ଶକ୍ତି ସତେଯେମିତି ଏକାବେଳକେ ଦୂରେଇ ଗଲେ ତା' ଠାରୁ । ଆଉ ବସି ପାରିଲା ନାହିଁ ସେ । ପୁଣି ସେହି ବେଡ୍ ଉପରେ ଶୋଇ ପଡ଼ିଲା ।

ଶୋଇଥିବା ଖଟିଆ ଉପରୁ ଉଠିପଡ଼ି ସ୍ୱର୍ଣ୍ଣପ୍ରଭା ଦେବୀ ଉର୍ମିଳାକୁ ଚାହିଁ କହିଲେ, ପୁଣି କାହିଁକି ଶୋଇ ପଡ଼ିଲୁ ମା' ? ବେଳ ଅନେକ ହେଲାଣି । ବାହାରକୁ ଯାଇ ଟିକେ ବୁଲାଚାଲା କର । ଦାନ୍ତଘଷି କରୁ ମୁଠାଏ ପାଟିରେ ଦେଇ………
ମୋର କାହିଁକି ମୁଣ୍ଡ ବୁଲାଇ ଦେଉଛି ମା' । ବିସ୍ଵାଦବୋଳା କଣ୍ଠରେ କହିଲା ସିଏ ।
ଆଜିକୁ ଚାରିଦିନ ହେଲା ପେଟକୁ ଟୋପାଏ ପାଣି କି ମୁଠାଏ ଦାନା ଯାଇ ନାହିଁ । ଫଳରେ ଦୁଇ ଗୁମଚ ବାର୍ଲି ପାଣିରେ ଜୀବନଟା କେବଳ ବଞ୍ଚି ରହିଛି । ସମ୍ଭବତ, ଏହି ଦୁର୍ବଳତା ପାଇଁ ମୁଣ୍ଡ ବୁଲାଉଛି । ତେଣୁ କରି… ..

ନାଁ ମା', ମୁଁ ବର୍ତ୍ତମାନ ଉଠି ପାରିବ ନାହିଁ ।

ଶୁଣ ସିଏଟା ପରା, ନଖାଇ ନପିଇ ଏମିତି ଶୋଇ ରହିଲେ କ'ଣ ଦେହ ଭଲ ହୋଇଯିବ ? ମୋ କଥା ମାନ ତୁ ଟିକେ ବୁଲାଚାଲା କର, ଦାନ୍ତ ମୁହଁ ଧୋଇ ନେ । ଡାକ୍ତର ଆସିଲେ ଆଉ ସବୁ ବ୍ୟବସ୍ଥା କରାଯିବ ।

ସ୍ୱର୍ଣ୍ଣପ୍ରଭା ଦେବୀଙ୍କର ମାତୃ ସ୍ନେହକୁ ଏଡାଇ ଦେବାଭଳି ଶକ୍ତି ନଥିଲା ରୋଗିଣୀ-ଟିର । ତେଣୁ ମନର ସବୁ କ୍ରୋଧ ଓ ବ୍ୟଥାକୁ ଘୋଡାଇଲେ ଚାପିରଖି ବାହାରକୁ ଉଠିଥାସିଲା ସେ ।

ସ୍ୱର୍ଣ୍ଣପ୍ରଭା ଦେବୀ ଉର୍ମିଳାକୁ ଦାନ୍ତ ଘଷିବାପାଇଁ ଉପକରଣ ଯୋଗାଇ ଦେଇ, କହିଲେ—ଦାନ୍ତ ଘଷି ପକାଇ କରୁ ଟିକେ ଖାଇ ନେ । ବର୍ତ୍ତମାନ ହୁଏତ ଡାକ୍ତର ଆସି ଯାଇ ପାରନ୍ତି ।

ମୁଁ ଆଉ ସେ ଔଷଧ ଗୁଡ଼ା ଖାଇବି ନାହିଁ ମା' । ମୋର ଦେହତ ପୁରାପୁରି ଭଲ ହୋଇଗଲାଣି ।

ଡାକ୍ତର ନ ଆସିବା ଯାଏ ସେକଥା କହିହେବ ନାହିଁ । ଆପାତତଃ, ଔଷଧ ନଖାଇବା ଯାଏ ଦେହ ଭଲ ହେବ କିପରି ? ତୁ କାମ ସାର ଡାକ୍ତର ଆସିଲେ ଯାହା କହିବେ, ଆମେ ତାହାହିଁ କରିବା ।

Digitized by srujanika@gmail.com

ଊର୍ମିଳା ମୁହଁ ଧୋଉଥିବା ସମୟରେ ଡାକ୍ତର ଧର୍ମରକ୍ଷିତ ବାବୁ ଆସି ପହଞ୍ଚିଥିଲେ । ସେତେବେଳକୁ କର୍ତ୍ତିଚନ୍ଦ୍ର ବାବୁ ପ୍ରାତଃ କରଣୀୟ ନିତ୍ୟକର୍ମ ସାରି ଡାକ୍ତରଙ୍କ ଅପେକ୍ଷାରେ ଥିଲେ । ଘର ଭିତରକୁ ଡାକ୍ତରଙ୍କୁ ନେଇ ଗୋଟିଏ ଚେୟାରରେ ବସିବାକୁ ଅନୁରୋଧ କରି ନିଜେ ଶେ ଟିକରେ ବସିଲେ । ଡାକ୍ତର ଏହି ଅବସରରେ ରୋଗିଣୀର ଅବସ୍ଥା ଲକ୍ଷ୍ୟକରି କହିଲେ – ଆଉ କୌଣସି ଚିନ୍ତା କରନ୍ତୁ ନାହିଁ ଆଜ୍ଞା ଇଶ୍ୱରଙ୍କ ଦୟାରୁ ଆପଣଙ୍କ ଶ୍ରମ ସାର୍ଥକ ହୋଇଛି । ପିଲାଟାର ଅବସ୍ଥା ହିଁ ପ୍ରମାଣ କରୁଛି, ସେ ସମ୍ପୂର୍ଣ୍ଣ ରୂପେ ଆରୋଗ୍ୟ ।

ଭଗବାନ ପିଲାଟାକୁ ଆୟୁଷ ଦେଇଛନ୍ତି ଡାକ୍ତର ବାବୁ । ତା ନୋହିଥିଲେ ମୃତ୍ୟୁ ମୁଖରୁ ବଞ୍ଚାଇବା ସମ୍ପୂର୍ଣ୍ଣ ରୂପେ ଅସମ୍ଭବ ହୋଇ ପଡ଼ିଥାନ୍ତା । ମୋର ଭାଗ୍ୟ ଅନୁକୂଳ ଥିବାରୁ ଆପଣଙ୍କ ଭଳି ଡାକ୍ତରଙ୍କୁ ପାଇ ମୁଁ ନିଜକୁ ଭାଗ୍ୟବାନ ମନେ କରୁଛି । ମୁହଁରେ ଆତ୍ମସନ୍ତୋଷର ଚିହ୍ନ ଫୁଟାଇ ଏତିକି କହିଲେ କର୍ତ୍ତିଚନ୍ଦ୍ର ବାବୁ ।

ଆପଣଙ୍କ ବଦାନ୍ୟତା ଯୋଗୁ ଭଗବାନଙ୍କ ଇଚ୍ଛାପୂର୍ଣ୍ଣ ହୋଇଛି । ମଣିଷ ଭାଗ୍ୟ ହାତର କ୍ରୀଡ଼ନକ । ସେ ଇଚ୍ଛା ନକଲେ ହୁଏତ ଗଛରୁ ପତ୍ରଟିଏ ବି ଝଡ଼େନା । ଯେ ଯାହା ହେଉ, ମୋର ଡାକ୍ତିହ୍ୱରେ ବର୍ତ୍ତମାନ ଦୁଇଟି ଅସାଧ ରୋଗୀ ଅପେକ୍ଷା କରିଥିବାରୁ ମୁଁ ଖୁବ୍ ବ୍ୟସ୍ତତା ଅନୁଭବ କରୁଛି । ମୋତେ ବିଦାୟ ଦେବାର ବ୍ୟବସ୍ଥା କରନ୍ତୁ ।

ହଠାତ୍ ସେଠାରୁ ଉଠିଯାଇ ଊର୍ମିଳାକୁ ସାଙ୍ଗରେ ଧରି ପୁଣି ଘର ଭିତରକୁ ପଶି ଆସିଲେ କର୍ତ୍ତିଚନ୍ଦ୍ର ବାବୁ । ଊର୍ମିଳା ଡାକ୍ତରଙ୍କ ସମକ୍ଷରେ ଲଜ୍ଜାବନତ ଭାବରେ ଠିଆ ହୋଇଥାଏ । ସେ ଅସୁସ୍ଥା ଥିଲେ ହେଁ ତାର ଯୁବତୀ ସୁଲଭ ଲଜ୍ଜା ଓ ଯୌବନୋଦ୍ଦୀପ୍ତ ରୂପଶ୍ରୀକୁ ଦେଖି ଡାକ୍ତରଙ୍କ ଯୁବକ ମନରେ ଏକ ଚଞ୍ଚଳ ଆଲୋଡ଼ନ ସୃଷ୍ଟି ହେଲା । ତେଣୁ ସେ ଖୁବ୍ ସାବଧାନତାର ସହିତ ଝିଅଟିର ଦେହରେ ଷ୍ଟେଥିସକୋପ ପକାଇ ପରୀକ୍ଷା କରୁ କରୁ କହିଲେ—ବର୍ତ୍ତମାନ ଏ ସମ୍ପୂର୍ଣ୍ଣ ଆରୋଗ୍ୟ ଅବସ୍ଥାକୁ ଆସିଗଲେଣି, କୌଣସି ଚିନ୍ତା କରିବା ଆବଶ୍ୟକ ନାହିଁ । ଦେହର ଉତ୍ତାପ ଜାଣିବାପାଇଁ ରୋଗିଣୀର କାଖତଳେ ଥର୍ମୋମିଟର ଲଗାଇ ଦେଖିଲେ ଯେ, ସେଥିରେ ମଧ୍ୟ କୌଣସି ଆଶଙ୍କାର ସୂଚନା ମିଳିଲା ନାହିଁ । ଶେଷରେ ଗୋଟିଏ ଇନ୍‌ଜେକସନ ଦେଇ କହିଲେ—ଆଉ କୌଣସି ଭୟ କରନ୍ତୁ ନାହିଁ । ଏହି ଇନ୍‌ଜେକସନଟି ବାରଘଣ୍ଟା ମଧ୍ୟରେ ଦେହର ଯେଉଁ ଆଂଶିକ ଅସୁବିଧା ଅଛି ତାହା ଦୂରୀକରଣ କରିବାରେ ସାହାଯ୍ୟ କରିବ ।

ଡାକ୍ତରଙ୍କ କଥାଶୁଣି ସେଠାରେ ଉପସ୍ଥିତ ହୋଇ ସ୍ୱର୍ଣ୍ଣପ୍ରଭା ଦେବୀ କହିଲେ—ସକାଳେ ସେ ବିଛଣାରେ ଶୋଇ କହୁଥିଲା ତା'ର ମୁଣ୍ଡ ବୁଲାଉଛି ବୋଲି । ସେଥିପାଇଁ... ଅବଶ୍ୟ ସେଇଟା ଦେହର ଦୁର୍ବଳତା ଯୋଗୁ ହୋଇଥାଇ ପାରେ । ମୁଁ ଏହି ଔଷଧଟି ଦେଇ ଯାଉଛି, ଦିନକୁ ଦୁଇ ଚାମଚ ଯଥାକ୍ରମେ ସକାଳେ ଓ ସନ୍ଧ୍ୟାରେ ଖାଇବା

Digitized by srujanika@gmail.com

ଦେବେ । ଆଉ କୌଣସି ଅସୁବିଧା ନାହିଁ । ଏହା କହିବା ସଙ୍ଗେ ସଙ୍ଗେ ଡାକ୍ତର ଯିବାକୁ ବାହାରିଲେ ।

ଆପଣ ଚାଲିଯିବେ ଡାକ୍ତର ବାବୁ । ମୁଁ ମଧ୍ୟ ଆପଣଙ୍କୁ ଅଧିକ ସମୟ ଅଟକାଇବାକୁ ଚାହେଁ ନାହିଁ । କିନ୍ତୁ ତା ପୂର୍ବରୁ ଯିବା ଠିକେ ହେଲେ...... ।

ଆପଣଙ୍କ ଆନ୍ତରିକତା ନିକଟରେ ମୋର ସବୁ ଦାୟିତ୍ୱ ହାର ମାନିବ ଏକଥା ମୁଁ ଜାଣେ । ତେବେ ଠିକେଶୀଘ୍ର ହୋଇଲି ବରଂ ଭଲ ହେବ ।

ଇତ୍ୟବସରେ ସ୍ୱର୍ଣ୍ଣପ୍ରଭା ଦେବୀ ଚା' ଦୁଇକପ୍ ଆଣି ଦୁଇ ଜଣଙ୍କ ହାତକୁ ବଢ଼ାଇ ଦେଲେ । ଲଘୁ ବାକ୍ୟାଲାପ ମଧ୍ୟରେ ଚା' ପର୍ବ ଶେଷ ହେବାରୁ ଡାକ୍ତର ଯିବାକୁ ଠିଆ ହେଲେ, କର୍ତ୍ତିଚନ୍ଦ୍ର ବାବୁ ଡାକ୍ତରଙ୍କୁ ବିଦାୟ ଦେବାପାଇଁ ବାହାରକୁ ଆସୁ ଆସୁ କହିଲେ, ଯା ହେଉ, ଆପଣଙ୍କ ଅମୋଘ ଚେଷ୍ଟାରୁ ଗୋଟିଏ ନିଶ୍ୱାସ ଜୀବନ ରକ୍ଷା ପାଇ-ଗଲା । ଭଗବାନ୍‌ଙ୍କ ଦୟାରୁ ପୁଣି ଆପଣଙ୍କ ସହିତ କେଉଁ ଶୁଭ ମୁହୂର୍ତ୍ତରେ ସାକ୍ଷାତ ହେବ, ମୁଁ ତାହାର ଅପେକ୍ଷାରେ ରହିଲି ।

—ନମସ୍କାର ।

ଡାକ୍ତର ସମର୍‌ଜିତବାବୁ ପ୍ରତି ନମସ୍କାର ଜଣାଇ ଗାଡ଼ିରେ ଷ୍ଟାର୍ଟ ଦେଲେ ।

ସମୟ ସେତେବେଳକୁ ନ'ଟା ହେବ । କର୍ତ୍ତିଚନ୍ଦ୍ର ବାବୁ ଘରକୁ ଫେରିବା ଉଦ୍ଦେଶ୍ୟରେ ସମସ୍ତ ଆୟୋଜନରେ ଲାଗିପଡ଼ିଲେ । ମନ ଭିତରେ କିନ୍ତୁ ଗୋଟିଏ କଥା ତାଙ୍କୁ ବିବ୍ରତ କରୁଥାଏ । କିଏ ସେହି ଅପରିଚିତା ଝିଅଟି, ଯେକି ନିଜ ଇଚ୍ଛାରେ ନିଜର ମୂଲ୍ୟବାନ ଜୀବନକୁ ଭସାଇ ଦେଇଥିଲା ସମୁଦ୍ର ପାଣିରେ । ଅବଶ୍ୟମ୍ଭାବୀ ସଂସାରର ବହୁ ଜଟିଳତମ ପଥରେ ପାଦ ଦେଇ ନିଜ ଉପରୁ ଆଶା ହରାଇଥାଏ ବେଳେ ବେଳେ । ହେଲେ ସ୍ୱାଠାରୁ ସଂସାରର ନଶ୍ୱରତାର ତ ସେମିତି ସୂଚନା ମିଳୁନାହିଁ ସଂସାରଟା କେବଳ ତା'ର ପାଇଁ ମମତାହୀନ ହୋଇପଡ଼େ, ଯିଏ ସଂସାରର କଣ୍ଟକା ପଥରରେ ବାରମ୍ବାର କଷି ହୋଇ ମଧ୍ୟ ବଞ୍ଚିଛି ଆଉ ବଞ୍ଚିପାରେ ।

କାହାର ପାଦ ଶବ୍ଦରେ ଭାବନାର ନୀରବତା ହଠାତ୍ ଯେମିତି ଦୂରେଇ ଗଲା ତାଙ୍କ ଠାରୁ । ଆଗରେ ଠିଆ ହୋଇ ପ୍ରଶ୍ନ କଲେ ସ୍ୱର୍ଣ୍ଣପ୍ରଭା ଦେବୀ—ଘରକୁ ବାହାରି ପଡ଼ିଲେ ଯେ, ହେଲେ ସେ ଝିଅଟିର କୌଣସି ପରିଚୟ ଏପର୍ଯ୍ୟନ୍ତ ମିଳିଲା ନାହିଁ, ତା ପାଇଁ ତ କିଛି ନା କିଛି ଗୋଟାଏ ବ୍ୟବସ୍ଥା କରିବାକୁ ହେବ ?

Digitized by srujanika@gmail.com

ସେଥିପାଇଁ ମୁଁ ଚକିତ ପ୍ରଭା । କାହାର ଝିଅ ସେ, କେଉଁଠିକି ଆସିଥିଲା, କାହିଁକି ବା ଆସିଥିଲା, ତାହା ହୁଏତ ସେହି ଏକା ଜାଣେ । କିନ୍ତୁ ସେ ଝିଅଟିର ଚାଲିଚଳଣି, କଥା-ବାର୍ତ୍ତାରୁ ଯାହା ଜଣାଯାଉଛି, ସେ ନିଶ୍ଚୟ ପାଠଶାଠ ପଢ଼ିଛି ।

ଚକିତ ହେବୁ କିପରି ନୀରବ ରହି ସ୍ୱର୍ଣ୍ଣପ୍ରଭା ଦେବୀ କହିଲେ, ତା ଠାରୁ ପରିଚୟ ନ ପାଇବା ଯାଏ କୌଣସି ସଠିକ ବିବରଣୀ ମିଳିବ ନାହିଁ । କିନ୍ତୁ ସେ ଝିଅଟିକୁ ଆମେ ଯଦି ନିଜର କରିପାରନ୍ତେ, ତେବେ ଆମର ନିସଙ୍ଗ ଜୀବନଟା ହସି ଉଠନ୍ତା··· ।

ମଣିଷର ଇଚ୍ଛା ମଣିଷ ପୂର୍ଣ୍ଣ କରିପାରେ ନା ପ୍ରଭା । ତାହା କେବଳ ଈଶ୍ୱରଙ୍କ ଇଚ୍ଛା ଉପରେ ନିର୍ଭର କରେ । ପ୍ରକୃତରେ ଅନ୍ତର୍ଯାମୀ ଜଗନ୍ନାଥ ଯଦି ମଣିଷର ଅନ୍ତର ବୁଝିଥାନ୍ତି, ତେବେ ଆମର ଅଭିଳାଷ ନିଶ୍ଚୟ ପୂର୍ଣ୍ଣ ହେବ ।

କର୍ତ୍ତୀଚନ୍ଦ୍ର ବାବୁ ଓ ସ୍ୱର୍ଣ୍ଣପ୍ରଭା ଦେବୀଙ୍କ କଥାବାର୍ତ୍ତାରେ ଗୋଟିଏ ନୀରବ ସରଳରେଖା ଟାଣି ଘର ଭିତରକୁ ପଶି ଆସିଲା ଝିଅଟି । ଦେଖି ସେଦିନ ବେଗଣ୍ୟାରେ ତାର ସେ ନିଷ୍ପ୍ରାଣ ଶରୀରଟା ଦେଖି ଯୋଡ଼ିକ ଭୟଭୀତ ହୋଇପଡ଼ିଲେ କର୍ତ୍ତୀଚନ୍ଦ୍ର ବାବୁ, ଆଜି ସେତିକି ଆନନ୍ଦିତ ହେଲେ ଝିଅଟିର ଶାନ୍ତ ଧୀର ତନୁଶ୍ରୀକୁ ଦେଖି । ଚେଷ୍ଟା ତାଙ୍କର ସଫଳ ହୋଇଛି । ସେଦିନ ଯେଉଁ ଝିଅଟିକୁ ପାଣିରୁ ଗୁଣି ଆଣି ଅନ୍ତରର ସମସ୍ତ ସ୍ନେହ ଦେଇ ଯତ୍ନ କରିଛନ୍ତି, ସେ ଆଜି ତାଙ୍କ ପାଖରେ ଠିଆ ହୋଇପାରିଛି । ସସ୍ନେହ କଣ୍ଠରେ ପଚାରିଲେ ସେ— ଆଚ୍ଛା ମା’ ତୋର ନାଁ ଟିକକ’ଣ କହିଲୁ ନାହିଁ ?

ନତ ମସ୍ତକ ଭାବରେ ଠିଆ ହୋଇ ନଖ ସାହାଯ୍ୟରେ ଭୂମିରେ ଗାର କାଟୁ କାଟୁ ଖୁବ୍ ନମ୍ର କଣ୍ଠରେ କହିଲା ଝିଅଟି ମୋର ନାଁ ଊର୍ମିଳା ।

ବାଃ, ଖୁବ୍ ସୁନ୍ଦର ନାଁ ଟି ଏତ, ତେବେ ଘରଟି କେଉଁଠି ମା’ ?

ଏଇ ପୁରୀ ଜିଲ୍ଲାର ପଦ୍ମପୁର ।

ବାପାଙ୍କ ନାଁ······କର୍ତ୍ତୀଚନ୍ଦ୍ର ବାବୁ ପଚାରିଲେ ।

ନୀରବ ରହିଲା ଝିଅଟି । ଦୁଇ ଆଖିରୁ ଦୁଇଧାର ଲୁହ ବୋହି ଆସି ଝରିପଡ଼ିଲା ତଳକୁ । ମୁହଁ ଖୋଲି ନକହୁ, ହେଲେ ମଣିଷ ମନର କଥା ତା ଆଖିରୁ ହିଁ ଜଣାପଡ଼େ ବାପାତାର ମରି ଯାଇଛନ୍ତି ନିଶ୍ଚୟ । ନହେଲେ ଝିଅଟା ଏମିତି କାନ୍ଦି ଉଠନ୍ତା କାହିଁକି ?

ସୁନା ଝିଅଟା ପରା । କାନ୍ଦିଲେ ସେ କ’ଣ ଆଉ ଫେରି ଆସିବେ ? ରକ୍ତ

Digitized by srujanika@gmail.com

ମାଂସର ଦେହ ଧରି କେହି କ'ଣ ଜୀବିତ ରହିଛନ୍ତି ଏ ମର ସଂସାରରେ ? ଜଳର ଲୁଗାକାନିରେ ଉର୍ମିଳାର ଆଖିରୁ ଲୁହ ପୋଛି ଦେଲେ ସ୍ୱର୍ଣ୍ଣପ୍ରଭା ଦେବୀ ।

ବାପାଙ୍କ ପରେ ତୋର କ'ଣ ଆଉ କେହି ନାହାନ୍ତି ମା ? ଉତ୍ତର ଆଶାରେ ଚାହିଁ ରହିଲେ କର୍ତ୍ତୀଚନ୍ଦ୍ର ବାବୁ ।

ଅଛନ୍ତି, ଭାଇ ଆଉ ଭାଉଜ ।

ତେବେ ଆଉ ଦୁଃଖ କରିବାରେ କ'ଣ ଅଛି ? ଚାଲ, ମୁଁ ତତେ ନେଇ ସେମାନଙ୍କ ପାଖରେ ପହଁଞ୍ଚାଇ ଦେବି ।

କର୍ତ୍ତୀଚନ୍ଦ୍ର ବାବୁଙ୍କ କଥା ଗୁଡ଼ାକ ବେତାଘାତ ପରି ମନେ ହେଲା ଉର୍ମିଳାକୁ । ଦେହ ଭିତରଟା ଥରି ଉଠିଲା ଅଦମ୍ୟ ଭାବେ । ଏମାନେ ତେବେ କ'ଣ ମଣିଷକୁ ସ୍ନେହ ଯତ୍ନ କରି ମୃତ୍ୟୁ ପଥରୁ ବଞ୍ଚାଇ ପାରନ୍ତି ଅଥଚ ଅନ୍ତରର କଥା ବୁଝି ପାରନ୍ତି ନାହିଁ ? ନାଁ, ସେ ଏଥର ନିଜେ କହିଦେବ ତା ମନର କଥା, ତା ଅନ୍ତରର ଦୁରବସ୍ଥା । ସେ ଚାହେଁ ମରିବାକୁ···ଆଖିରେ ପୁଣି ତାର ଲୁହ ।

ଭାବୁଛୁ ପୁଣି କ'ଣ ଝିଅ ? ତୋତେ ନଦେଖି ସେମାନେ କ'ଣ ଧୈର୍ଯ୍ୟ ଧରି ପାରୁଥିବେ ? ପୁଣି ଆଖିରୁ ତା'ର ଲୁହ ପୋଛି ଦେଲେ ସ୍ୱର୍ଣ୍ଣପ୍ରଭା ଦେବୀ ।

ମୁଁ ମରିବାକୁ ଆସିଥିଲି ମା, ଭାଇ ଭାଉଜଙ୍କ ପାଖକୁ ଫେରି ଯିବାକୁ ନୁହେଁ । ସେମାନେ ମଣିଷ ନୁହଁନ୍ତି-ରାକ୍ଷସ । ମଣିଷକୁ କନ୍ଦାଇବାରେ ସେ ପାଆନ୍ତି ଆନନ୍ଦ । ମୃତ୍ୟୁ ମୋ ଜୀବନର ଚିର ସାଥି ମା'—ମୁଁ ମୃତ୍ୟୁ ଚାହେଁ । ଅଶ୍ରୁ ବିଜଡ଼ିତ କଣ୍ଠରେ କହିଲା ଉର୍ମିଳା ।

ଝିଅଟିର କଥା ଶୁଣି ଆଶ୍ଚର୍ଯ୍ୟ ହେଲେ କର୍ତ୍ତୀଚନ୍ଦ୍ର ବାବୁ ଓ ସ୍ୱର୍ଣ୍ଣପ୍ରଭା ଦେବୀ । ଏକା ମା' ପେଟର ଭାଇ ଭଉଣୀ ହୋଇ, ଭଉଣୀ ପ୍ରତି ଭାଇ ପୁଣି ଏତେ ନିଷ୍ଠୁର ହୋଇପାରେ । ବିଚାରୀ ନିରୀହା ସରଳା ଝିଅଟି ଜୀବନକୁ ବିପନ୍ନ କରି ଘରୁ ପଳାଇ ଆସିଛି ଆତ୍ମହତ୍ୟା କରିବା ପାଇଁ ।

ତୁ ଆଉ କାନ୍ଦନା ମା', ତୋର ଏ ଦୁର୍ଲ୍ଲଭ ଜୀବନକୁ ମାରିଦେଇ ପାରିବୁ ନାହିଁ କାରଣ ଆମେ ତୋର ବାପ ମା'— ତୁ ଆମର ଝିଅ । ସେହି ଝିଅର ଅଧିକାରରେ ତୁ

Digitized by srujanika@gmail.com

ଆମର ହୃଦୟ ସିଂହାସନରେ ଅଳଂକୃତ ହୋଇ ପାରିଲେ ଆମେ ନିଶ୍ଚୟ ସୁଖି ହୁଅନ୍ତୁ ଉର୍ମି, ଆମର ଶୂନ୍ୟ କୁଟିରଟା ହସିଉଠନ୍ତା । ଏକ ନିଶ୍ୱାସରେ ଏତକ କହି ଉର୍ମିଳାକୁ ନିଜର ଛାତି ଉପରକୁ ଆଉଜାଇ ଅଣିଲେ ସ୍ୱର୍ଣ୍ଣପ୍ରଭା ଦେବୀ ।

ଉର୍ମିଳା ମନରେ ନୂତନ ଆଶାର ସଂଚ୍ଚାର ହେଲା । ପୂର୍ବରୁ ସେ ବଂଚିବାର ପ୍ରବଳ ଆକାଂକ୍ଷା ସହିତ ଯେମିତି ପୁଣି ଥରେ ଫେରି ଆସିଲା ତାର ପ୍ରାଣକେନ୍ଦ୍ରକୁ ତାର ଅଜାଣତରେ ମନ ତାର କହି ଉଠିଲା— ଧନ୍ୟରେ ଦୁନିଆ, ଏମାନେ ମଧ୍ୟ ତୋର କୋଳର ମଣିଷ ସେମାନେ ମଣିଷକୁ ଅସୁବିଧାରେ ପକାଇ ଜାଳି ପୋଡ଼ି ମାରୁଥିବା ବେଳେ, ଏମାନଙ୍କ ଆଖିରୁ ଝରିପଡ଼େ ବିନ୍ଦୁ ବିନ୍ଦୁ ଲୁହ । ସମାଜ ବୁଝୁ ନ ବୁଝୁ, ମୁଁ କହିବି, ଏ ପାର୍ଥକ୍ୟ ଚରିତରେ ନୁହେଁ ଚରିତ୍ରରେ ।

ହତଭମ୍ବ ହେଲା ଉର୍ମିଳା । ସ୍ୱର୍ଣ୍ଣପ୍ରଭା ଦେବୀଙ୍କ ଛାତିରେ ମୁହଁ ମୁଂଜି ନିରାକୁଳ କଣ୍ଠରେ କହିଲା-ମୋର ବାପା ବୋଉଙ୍କୁ ମୁଁ କେଉଁଦିନରୁ ହରାଇ ଦେଇଛି ମା' । ତୁମକୁ ଦେଖିଲା ବେଳଠୁ ଭାବି ନେଇଛି, ତୁମେ ମୋର ସେହି ହଜି ଯାଇଥିବା ବାପା ଓ ମା' । ଏ ହତଭାଗିନୀକୁ ପାଦତଳେ ଗ୍ରହଣ କର ।

ତୁ ଆମ ମନର ଅବସ୍ଥା ଠିକ୍ ବୁଝି ପାରିଛୁ ଉର୍ମି । ଭଗବାନଙ୍କ ଦୟା ନଥିଲେ ଏ ଜନ ଗହଳି ଭିତରୁ ଆମେ ତୋ'ପରି ଝିଅଟିକୁ ପାଇ ପାରି ନଥା'ନ୍ତୁ । ବାହାରେ ଗାଡ଼ି ଅପେକ୍ଷା କରିଛି । ଚାଲେ ମା', ଝିଅର ଅଧିକାରରେ ଆଜିଠାରୁ ତୋପାଇଁ ମୋର ଅନ୍ତରର ସମସ୍ତ ଦ୍ୱାର ଉନ୍ମୁକ୍ତ ରହିଲା । କୀର୍ତ୍ତିଚନ୍ଦ୍ରବାବୁ ଏତକ କହିବା ସଙ୍ଗେ ସଙ୍ଗେ ସମସ୍ତେ ଆସି ଗାଡ଼ିରେ ବସିଲେ ।

ତିନୋଟି ଯାତ୍ରୀଙ୍କୁ କୋଳରେ ପ୍ରଶସ୍ତ ପିଚୁ ରାସ୍ତା ଉପରେ ଖୁବ୍ ପ୍ରଖର ବେଗରେ ଆଗକୁ ମାଡ଼ି ଚାଲିଛି ହଳଦୀ ରଙ୍ଗର ଟେକ୍ସିଟି । କେତେ ବିଲ ବଣ, ନଦୀ ନାଳ, ପାହାଡ ପର୍ବତ, ବୃକ୍ଷ ଲତାକୁ କୋଳରେ ଧରି ପ୍ରକୃତି ସୁନ୍ଦରୀ କଳେବର ପରି ଖୁବ୍ ସୁନ୍ଦର ଦେଖାଯାଉଛି । ଟେକ୍ସିର ସାମାନ୍ୟ କାଚ ଫାଙ୍କରେ ବାହାରକୁ ଅନାଇ ରହିଥିଲା ଉର୍ମିଳା ପ୍ରକୃତି ସହିତ ପାଦ ମିଳାଇ ତା ଜୀବନ ନାଟିକାର ଦୁଃଖର ଚିତ୍ର ସହିତ ଯେମିତି ଗୋଟିକ ପରେ ଗୋଟିଏ ଆଙ୍କି ହୋଇଯାଉଥିଲା ମାନସ ପର୍ଦ୍ଦାରେ ।

ଦରିଦ୍ର ପରିବାରର ଝିଅ ସେ । ବାପା ତା'ର ହରି ପଟ୍ଟନାୟକ । ସେ ଜଣେ ମହାଜନ ଘରେ ଗୁମାସ୍ତା ରୂପେ କାର୍ଯ୍ୟ କରୁଥିଲେ । ବନ୍ୟା ପ୍ରପୀଡ଼ିତ ଅଞ୍ଚଳରେ ତାଙ୍କର ଦୁଇମାଣ ଜମିରୁ ଅଳ୍ପ ବହୁତେ କିଛି ଫସଲ ଉତ୍ପାଦନ ହୁଏ । ପରିବାର ପାଇଁ ସେତକ ଯଥେଷ୍ଟ ନ ହେଲେବି ଦରିଦ୍ରତାର ସୀମା ଲଂଘନ କରିନଥିଲେ ସେ ।

Digitized by srujanika@gmail.com

ତା'ପରେ ମା' ତାର ସେମାନଙ୍କୁ ଘର ସଂସାରରେ ଛାଡ଼ି ଦେଇ ଚିର ଦିନ ପାଇଁ ଆଖି ବୁଜିଲା । ପତ୍ନୀ ବିୟୋଗ ପରେ ଭଲ ମନ୍ଦ ବୁଝିବା ପାଇଁ ଆଉ କେହି ନଥିଲେ ହରି ପଟ୍ଟନାୟକଙ୍କର । ତେଣୁ କୌଣସି ଉପାୟ ନପାଇ ଦ୍ୱିତୀୟ ପତ୍ନୀ ବରଣ କଲେ ସେ । ସେଦିନ ସଂଧ୍ୟା ବେଳେ ବାପା ତାଙ୍କୁ ପାଖରେ ବସାଇ ଏକଥା କହୁ କହୁ କେତେ କାନ୍ଦିଥିଲେ । ନିଷ୍ପାପ ସରଳମନା ଝିଅ ସେ । ବାପ ଆଖିରେ ଲୁହ ଧାର ଦେଖି ସେ କ'ଣ ସହି ପାରିଥାନ୍ତା ? ସେବି କାନ୍ଦି କାନ୍ଦି ସେଦିନ ବାପ ଛାତିରେ ମୁହଁ ଗୁଂଜି ଦେଇଥିଲା । ତାପରେ ବାପ ତାକୁ ବୁଝେଇ ସୁଝେଇ କେତେ କହିଥିଲେ—"ତୁ ପୁଣି କାନ୍ଦୁଛୁ ମା', ତୋ ଆଖିରେ ଲୁହ ଦେଖିଲେ ମୁଁ କ'ଣ ବଞ୍ଚିପାରିବି ? ସୁକୁଟା ସିନା ମୋ ଆଖିରେ ଧୂଳି ଦେଇ ପାଠ ପଢ଼ିଲା ନାହିଁ, ତୁ ନିଶ୍ଚୟ ପାଠ ପଢ଼ିବୁ । ଆଉ ଲୋକଙ୍କ ପୁଅ ଭଳି ତୁ ପାଠ ପଢ଼ି ବଡ ମଣିଷ ହେବୁ । ବିଧାତା ତତେ ସିନା ଝିଅ ଜନମ ଦେଇଛି— ହେଲେ ତୁ ମୋର ପୁଅ । ପୁଅଙ୍କ ଭଳି ପାଠ ପଢ଼ି କର୍ମୀ ହୋଇ ପଟ୍ଟନାୟକ ବଂଶର ନାଁ ରଖିବୁ ।"

ବାପ ମା' ଥିଲାବେଳେ ଦୁଃଖ ଦୈନ୍ୟତାର ମୂଲ୍ୟାଙ୍କନ କରିବାକୁ ହୁଏତ ସମୟ ପାଇ ନଥିଲା ଉର୍ମିଳା । ଗାଁର ବାପ ଇସ୍କୁଲରେ ସେ ସେତେବେଳେ ଏକାଦଶ ଶ୍ରେଣୀର ଛାତ୍ରୀ, ସେଦିନ ହରାଇଥିଲା ନିଜର ବାପାକୁ । ତା'ପୂର୍ବରୁ ମା' ତାର ଛାଡ଼ି ଯାଇଥିଲା ଇହଧାମ । ତା'ପରେ ତା ଜୀବନରେ ଆରମ୍ଭ ହେଲା ଆଉ ଏକ ଅଧ୍ୟାୟ । ବାପା ମା'ଙ୍କ ମୃତ୍ୟୁପରେ ବୈମାତୃକ ଭାଇର ଅସନ୍ତୋଷ ମୂଳକ ବ୍ୟବହାର ହିଁ ତାକୁ ସବୁ ସୁଖ ସମ୍ଭୋଗରୁ ବଂଚିତ କଲା । ଯେତେବେଳେ ଶୁଣିଲା ଭାଇ ତା'ର କୁପଥଗାମୀ, ସେହିଦିନଠାରୁ ସେ ହେଲା ମୃତ୍ୟୁପଥର ଯାତ୍ରୀ । ଭାଇ ଭାଉଜଙ୍କ ଆଖିରେ ଧୂଳିଦେଇ ସେଦିନ ସହରରେ ପଳାଇ ଆସିଥିଲା ସେ ।

ଅତୀତ ଦିନର ଦୁଃଖମୟ କଥା ଗୁଡ଼ିକ ଭାବି ଭାବି ଉର୍ମିଳା ନିଜକୁ ନିଜେ ଭୁଲି ଯାଇଥିଲା ବୋଧହୁଏ । ଏହିପରି ଭୁଲି ଯିବାଟା ହୁଏତ ମଣିଷର ମଜ୍ଜାଗତ ପ୍ରକୃତି । ହଠାତ୍ ଦୃଷ୍ଟି ତାର ଫେରି ଆସିଲା ରାସ୍ତାକୁ । ଦେଖିଲା, ରାସ୍ତାର ଅସମତଳତା ଯୋଗୁଁ ଟେକ୍ସିଟି ପୁଟାପଟା ନହରର ଗତିରେ ଚାଲିଛି । କେଉଁଠି କେମିତି ଗୋଟିଏ ଗୋଟିଏ ଘର ମଧ୍ୟ ଦେଖା ଯାଉଛି । ତେବେ କ'ଣ ସେ ଗାଁର ନିକଟବର୍ତ୍ତୀ ହୋଇଗଲେଣି ? ଚିନ୍ତାମଗ୍ନ ହେଲା ଉର୍ମିଳା । ଭାବୁଥିଲା, ସ୍ୱର୍ଣ୍ଣପ୍ରଭା ଦେବୀଙ୍କୁ ପରିଚୟ ଦେବ ସେମାନେ ବର୍ତ୍ତମାନ କେଉଁଠି ପହଞ୍ଚିଲେଣି ।

ମାତ୍ର ସେତେବେଳର ସୀମିତ ସମୟ ତାକୁ ଅବସର ଦେଇ ନଥିଲା । ଟେକ୍ସିଟି ସେତେବେଳକୁ ରାସ୍ତାର ଏକ ପାର୍ଶ୍ୱରେ ଠିଆ ହୋଇଗଲେଣି । କର୍ତ୍ତୀଚନ୍ଦ୍ର ବାବୁ ଗାଡ଼ିରୁ

Digitized by srujanika@gmail.com

ଓହ୍ଲାଇ ଏମାନଙ୍କୁ ଓହ୍ଲାଇବାକୁ କହିଲେ ।

ଦିବସ ଶୋଭା ଶେଷ ରଞ୍ଜିତ ଆକାଶରେ ସୂର୍ଯ୍ୟ ସେତେବେଳକୁ ପଶ୍ଚିମାଭିମୁଖୀ । ଊର୍ମିଳା ଦେଖିଲା ଆଗକୁ ଅଙ୍କା ବଙ୍କା ହୋଇ ଦୁଇ ଧଡ଼ୋଟି ସରୁ ରାସ୍ତା ଲମ୍ବି ଯାଇଛି । ରାସ୍ତା ଏକ ପାଖରେ ସେହି ବିରାଟ ବରଗଛ ତଳେ ଗୋଟିଏ ଛୋଟ ଦୋକାନ ଏବଂ ଆଗକୁ କେତୋଟି ରିକ୍ସା ରଖା ହୋଇଛି । କର୍ତ୍ତୀଚନ୍ଦ୍ର ବାବୁଙ୍କ କଥାରେ ଏମାନଙ୍କୁ ରିକ୍ସାରେ ବସାଇ ରିକ୍ସାବାଲା ରାଧାନାଥପୁର ଅଭିମୁଖେ ରିକ୍ସା ଚଳାଇଲା ।

ରାଧାନାଥପୁର ଯେତେ ନିକଟରୁ ନିକଟତର ହେଉଥାଏ, ଊର୍ମିଳାର ମନ ସେତିକି ବ୍ୟଥିତ ଓ ବିସ୍ମିତ ହେଉଥାଏ । ଏଠାରେ ସେ ସମ୍ପୂର୍ଣ୍ଣ ଅପରିଚିତା । କାହାକୁ କ'ଣ ବୋଲି କହି ସେ ସମ୍ବୋଧନ କରିବ ? ବିଶେଷ କରି ଯୌବନମୟୀ ଝିଅ ସେ—ଲଜ୍ଜାଶୀଳା । ଗାଁ'ର ଝିଅ ବୋହୂ ମାନେ ଯେତେବେଳେ ତାକୁ ପ୍ରଥମଥର ପାଇଁ ଦେଖିବେ ମନରେ କେତେ କ'ଣ ନ ଭାବିବେ ସେମାନେ ? ଲଜ୍ଜା ଓ ବ୍ୟଥାରେ ମୁଣ୍ଡ ତା'ର ତଳକୁ ନଇଁ ପଡୁଥିଲା ବେଳେ ରିକ୍ସାଟି ଗୋଟିଏ ଗାଁର ଉପକଣ୍ଠରେ ପହଞ୍ଚିଲା ।

ରାସ୍ତାଟି ମଝିରେ ଲମ୍ବି ଯାଇଛି—ଦୁଇ ପାର୍ଶ୍ୱରେ ଘରଗୁଡ଼ିକ ମୁଣ୍ଡଟେକି ସତେ ଯେମିତି ତାହାକୁ ପ୍ରତୀକ୍ଷା କରିଛି ଥରେ କୋଳରେ ଧରିବାପାଇଁ । ଦାଣ୍ଡର କାମିନୀ ଗଛ ମୂଳରେ ଛୋଟ ଛୋଟ ପିଲାମାନେ ଧୂଳି ଖେଳରେ—ଗାଁ ଦାଣ୍ଡକୁ ମୁଖରିତ କରୁଛନ୍ତି । ସେହି ଫିକା ଜହ୍ନ ଫଲଥା ଅନ୍ଧାରରେ ଘଣ୍ଟି ଟିଂ ଟିଂ କରି ରିକ୍ସାବାଲା ମଝିଦାଣ୍ଡରେ ରିକ୍ସା ଚଳାଇ ନେଉ ଥିଲେ ବିଶେଷ ସୀମାରେ ପହଞ୍ଚି ନାହିଁ । କେଉଁଠି କେମିତି ଘରର ଝରକା ଦେଇ ବିଦ୍ୟୁତ ଆଲୋକର ଖାର୍ଣ୍ଣିକ ସର୍ପିଳ ଧାରା ଗାଁ ଦାଣ୍ଡକୁ ଆଲୋକିତ କରୁଛି ।

ଏହି ଗାଁଟି କେତେବେଳେ କ'ଣ ରାଧାନାଥପୁର ? ହଠାତ୍ ଏହି କଥାଟି ଊର୍ମିଳାର ଭାବନାଗ୍ରସ୍ତ ମନକୁ ଜାଗ୍ରତ କଲେ ।

ଟିକିଏ ଅବସର ନଦେଇ ରିକ୍ସାଟି ଯାଇ ନିର୍ଦ୍ଦିଷ୍ଟ ସ୍ଥାନରେ ଠିଆ ହେଲା । ଘରଟି ପୁରୁଣା ହେଲେବି ପକ୍କା । ସେଉଁଠି ସତ୍ୟ ଶାନ୍ତି ପ୍ରୀତିର ପ୍ରତୀକ ସ୍ୱରୂପ ଗୋଟିଏ ମାଳ ବିଜୁଳି ବତୀ ଜଳୁଥିଲା । ବାହାରେ ରିକ୍ସାର ଘଣ୍ଟି ଶବ୍ଦ ଶୁଣି ଘର ଭିତରୁ ବାହାରି ଆସିଲା ଚାକର—ହରିଆ ।

ଜହାର ଆଜ୍ଞା—ସେମାନଙ୍କୁ ନମସ୍କାର ହୋଇ ରିକ୍ସାରେ ଥିବା ଜିନିଷପତ୍ର ଗୁଡ଼ିକ ଧରି ପୁଣି ଘରକୁ ପଶିଗଲା ସେ । ପଛରେ ପଛରେ ସ୍ୱର୍ଣ୍ଣପ୍ରଭା ଦେବୀ ଓ ଊର୍ମିଳା ମଧ୍ୟ

Digitized by srujanika@gmail.com

ଘର ଭିତରକୁ ଫେରିଗଲେ । କନ୍ତୀଚନ୍ଦ୍ର ବାବୁ ନୂଆ ବାଳକକୁ ପଇସା ଦେଇ ଘର ଭିତରକୁ ଯାଇ ହରିଆକୁ ଘର ସମ୍ବନ୍ଧୀୟ କେତେକ କଥା ପଚାରି ସନ୍ଦେହ ମୋଚନ କଲେ । ହରିଆ ମନରେ କିନ୍ତୁ ସନ୍ଦେହର କୁହୁଡ଼ି ଆସି ଦୃଢ଼ ଜାଲ ବୁଣି ଚାଲିଥାଏ । ଏମାନେ ତ ଦୁଇ ଜଣ ଯାଇଥିଲେ ତୀର୍ଥ କରି, ତାଙ୍କ ସାଙ୍ଗରେ ପୁଣି ଗୋଟିଏ ଝିଅ ଆସିଲା କେଉଁଠୁ ?............କେତେ ସୁନ୍ଦର ସତେ ସେ ଝିଅଟି ! ତୀର୍ଥ ଦେବତା କ'ଣ ଏତେ ସୁନ୍ଦର କରି ଗଢ଼ି ରଖିଥିଲେ ଆଙ୍କର ହାତରେ ଧରି ଦେବାପାଇଁ ? ଧନ୍ୟ ତୁମେ ଭଗବାନ ! ଯାହାକୁ ଏତେ ସୁନ୍ଦର କରି ଗଢ଼ି ପାରିଲ, ତା' ପାଇଁ କ'ଣ କେଉଁ ପାଙ୍ଗ ମିଳିଲା ନାହିଁ, ଶେଷରେ ଜଣେ ବୁଢ଼ା ହାତରେ ଟେକି ଦେଲ ।

ସ୍ୱର୍ଣ୍ଣପ୍ରଭା ଦେବୀଙ୍କ ଡାକରେ ହଠାତ୍ ସତେ ଯେମିତି ହରିଆ ମନରୁ ଭାବନାର ଖିଅଟା ହଜିଗଲା । କହିଲେ ସେ—ଏମିତି ଏକା ଏକା ବସି କ'ଣ ଗୁଡ଼ାଏ ଭାବୁଚୁ, କାହିଁରେ ହରି, ରାତି ଅନେକ ହେଲାଣି ଖାଇବୁ ଆ ।

ହରିଆ ଭାବୁଥିଲା ପ୍ରକୃତ କଥାଟି ପଚାରି ବୁଝିନେବ । କିନ୍ତୁ କ'ଣ ଭାବି କେଜାଣି ଏକ ମୌନ ସନ୍ନ୍ୟାସୀ ପରି ଆସି ଖାଇବା ଜାଗାରେ ବସିଲା ।

ସ୍ୱର୍ଣ୍ଣପ୍ରଭା ଦେବୀ ତାର ମନର ଅବସ୍ଥା ଲକ୍ଷ୍ୟ କରି କୌତୁହଳ କଣ୍ଠରେ କହିଲେ— ଘରଟି ଆମରି ଏଥର ହସି ଉଠିବରେ ହରି । ସବୁଥିରେ ଯେଉଁ ଅଭାବ ଭିତରେ ବାବୁ ତୋର କିଛି ନଥିଲା ଭଳି ଅନୁଭବ କରୁଥିଲେ, ତାହା ଆଜି ପୂରଣ ହୋଇଛି ! ବନ୍ଦଶାଳାରେ ଦେବକୀ ଗର୍ଭରୁ ଜନ୍ମ ହୋଇ କୃଷ୍ଣ ଯେତେବେଳେ ଯଶୋଦା କୋଳରେ ଲାଳିତ ପାଳିତ ହେଉଥିଲେ, ସେତେବେଳର ଯେଉଁ ଆନନ୍ଦ ଏକା ନନ୍ଦ ଯଶୋଦା କାହିଁକି, ସମଗ୍ର ଗୋପପୁର ହସି ଉଠିଥିଲା । ସେମାନେ ସିନା ଗୋଟିଏ ପୁଅକୁ କୋଳରେ ଧରିଥିଲେ, କିନ୍ତୁ ବାବୁ ତୋରଜନ୍ମିଲା ପରି ଗୋଟିଏ ଝିଅକୁ କନ୍ୟା ରୂପରେ ପାଇ କେଡ଼େ ତୃପ୍ତି ନ ହେଉଛନ୍ତି ସତେ !

ଅଜାଣତରେ, ଅଗ୍ୟାନକ ଭାବରେ ହରିଆ ମତେ ଯେମିତି ଜଭ କାମୁଡ଼ି ପକାଇଲା । ଅଚେତନ ମଣିଷର ଦେହକୁ ଚେତନା ଫେରି ଆସିଲେ ସେ ଯେମିତି ପୂର୍ବ କଥା ଗୁଡ଼ିକୁ ମନେ ପକାଏ, ହରିଆ ସେହିପରି ପୁଣି ଥରେ ମନେ-ପକାଇଲା ତା ମନରେ ଉଠିଥିବା ଅହେତୁକ ଭାବନାଟା ଉପରେ । କେତେ ଭୁଲ ନ କରିଥିଲା ସେ ସତେ ! ଅନୁନୟ କଣ୍ଠରେ କହିଲା ସେ—ମତେ କ୍ଷମା କରିବ ମା' । ଟିକିଏ ପୂର୍ବରୁ ମୁଁ ଭାବନାରେ ପଡ଼ିଥିଲି ନା···ଘରକର ମୁଣ୍ଡରେ ବା ଭଲ କଥା ପଶିବ କେଉଁଠୁ ? ତେବେ ମୁଁ ଆଜିଠାରୁ ତାଙ୍କୁ କ'ଣ ବୋଲି ଡାକିବି ମା ?

କରେ ଏତିକ କଥା ଜାଣିନାହୁଁ ? ଆମର ଝିଅ ହେଲେ ତୁ ତାକୁ ଭଉଣୀ

Digitized by srujanika@gmail.com

ହସାବରେ ଦେଇ ଦୋଳି ଡାକରୁ । କୌତୂହଳ କଣ୍ଠରେ କହିଲେ ସ୍ୱର୍ଣ୍ଣପ୍ରଭା ଦେବୀ । ହରିଆ ଆଉ କିଛି କହି ନପାରି ହାତ ମୁହଁ ଧୋଇ ଶୋଇବାକୁ ଚାଲିଗଲା ।

ସେତେବେଳକୁ କଥାଟା ମୁହଁରୁ ମୁହଁକୁ ହୋଇ ଗାଁ ସାରା ଖେଳିଯାଇଥିଲା । ନାରୀ ସମାଜରେ ଏମିତି ବିଧାନ ନାହିଁ ଯେ ସେମାନେ କୌଣସି ଗୋଟିଏ ନାରୀର ଖବର ପାଇ ନୀରବରେ ରହିପାରିବେ । ତେଣୁ ଗୋଟିଏ ନବାଗତା ଝିଅର ଖବର ପାଇ ଗାଁର କେହି କେମିତି ଧାଇଁ ଆସିଥିଲେ ସେଠାକୁ ।

ସ୍ୱର୍ଣ୍ଣପ୍ରଭା ଦେବୀ ଗୃହ କର୍ମରେ ଲିପ୍ତ ଥିଲେ ସେତେବେଳେ । ସୁମିତ୍ରା, ସୁଲୋଚନା ସନ୍ଧ୍ୟା ପ୍ରଭୃତି ଗାଁର ଝିଅମାନେ ଯାଇ ତାଙ୍କ ନିକଟରେ ପହଞ୍ଚିଲେ । ସେମାନଙ୍କୁ ଦେଖି ସ୍ୱର୍ଣ୍ଣପ୍ରଭା ଦେବୀ କହିଲେ —କ'ଣ ଏତେବେଳକେ ମନେ ପଡ଼ିଲା ନୂଆ ଭଉଣୀଟିକୁ ଦେଖିବା ପାଇଁ ।

ଆମେ କ'ଣ ଜାଣିଥିଲୁ କି ଖୁଡ଼ୀ । ବର୍ତ୍ତମାନ ଯାଇ ସେ କହିବେ ତ ମା' କହିଲା ପରା । ସନ୍ଧ୍ୟା କହିଲା, ସେମାନଙ୍କୁ ସାଙ୍ଗରେ ନେଇ ଉର୍ମିଳା ନିକଟରେ ବସାଇଲେ ସ୍ୱର୍ଣ୍ଣପ୍ରଭା ଦେବୀ ।

ନାରୀ କାଳେ କାଳେ ଲଜ୍ଜାଶୀଳା । ଏମାନଙ୍କୁ ଦେଖି ଉର୍ମିଳା ପ୍ରଥମେ ଟିକେ ଲାଜେଇ ଗଲା ଭଳି ଲକ୍ଷ୍ୟ କରି ସ୍ୱର୍ଣ୍ଣପ୍ରଭା ଦେବୀ କହିଲେ—ଏମାନଙ୍କୁ ଦେଖି ଲାଜ କରୁଛୁ ଉର୍ମି, ଏମାନେ ସବୁ ଆଜିଠାରୁ ତୋର ଭଉଣୀ । ଭଉଣୀ ହୋଇ ଭଉଣୀ ପାଖରେ ଲାଜ କରିବାଟା କ'ଣ ଉଚିତ୍ ।

ପିଲାଟି ବେଳେ ନିଜର ମା'ଠାରୁ ଏପରି ବାତ୍ସଲ୍ୟ ସ୍ନେହ ପାଇ ଥିବ କି ନାହିଁ ସେ ଜାଣେନା । ମାତ୍ର ସ୍ୱର୍ଣ୍ଣପ୍ରଭା ଦେବୀଙ୍କର ବାତ୍ସଲ୍ୟ ଭରା ମାତୃ ସ୍ନେହ ପାଇ କୋମଳ ପ୍ରାଣଟି ତାର ଆନ୍ଦୋଳିତ ହୋଇଉଠିଲା । ପୂର୍ବର ଲାଜ ସତେ ଯେମିତି ତାଙ୍କର ସ୍ନେହ ଓ ମାତୃତ୍ୱର ସ୍ୱଚ୍ଛ ପ୍ରବାହରେ ଧୋଇହୋଇ ଗଲା । ତାର ଅଜାଣତରେ ସତେ ଅବା ଓଷ୍ଠ ପାଖୁଡ଼ାରୁ ଝରି ପଡ଼ିଲା ମଞ୍ଜୁଳ-ମଧୁର କଥା ଗୁଡ଼ିକ ଏମାନଙ୍କ କଥାବାର୍ତ୍ତାର ପୂର୍ବ ଲଜ୍ଜା, ସଙ୍କୋଚ, ପର, ଆପଣା ନ ମାନି ବହିଚାଲିଲା ସ୍ୱାଭାବିକ ଗତିରେ । ସ୍ୱର୍ଣ୍ଣପ୍ରଭା ଦେବୀ ଚାଲିଗଲେ ଗୃହ କାର୍ଯ୍ୟରେ ପୂର୍ବ ଜାଗାକୁ । ସମୟର ବୟସ ବଢ଼ିବା ସଙ୍ଗେ ସଙ୍ଗେ ଏମାନଙ୍କର କଥାବାର୍ତ୍ତାର ସୁଅ ବାଧାପ୍ରାପ୍ତ ହୋଇ କ୍ରମଶ ମନ୍ଥର ହୋଇ ଆସୁଥିଲା । ଗୃହ କାର୍ଯ୍ୟ ଶେଷ କରି ସେଠାରେ ଆସି ପହଞ୍ଚିଲେ ସ୍ୱର୍ଣ୍ଣପ୍ରଭା ଦେବୀ । ପରସ୍ପର ଭିତରେ ଏମାନଙ୍କର ଅନ୍ତରଙ୍ଗତା ଦେଖି ଶୁଦ୍ଧ ଭିତରଟା ତାଙ୍କର ଉଲ୍ଲସି ଉଠୁଥିଲା ସେତେବେଳେ । ଗୋଟିଏ ଥାଳିରେ କିଛି ଖାଦ୍ୟ ପଦାର୍ଥ ଆଣି

Digitized by srujanika@gmail.com

ଏମାନଙ୍କୁ ଖାଇବାକୁ ଦେଇ ପାଖରେ ବସି କେତେ ମୁଣ୍ଡିଏ କୁଶଳୀ ପ୍ରଶ୍ନ ପଚାରିଲେ ସେ ।

କାନ୍ଥ ଘଣ୍ଟାରେ ଠନ୍ ଠନ୍ ହୋଇ ବାଜି ଉଠିଲା ଦଶଟା । ସ୍ୱର୍ଣ୍ଣପ୍ରଭା ଦେବୀ ଅପ୍ରତିଭ ହୋଇ ଉଠିଲେ ସତେ ଯେମିତି । କହିଲେ ସେ—ଆରେ, ରାତି ଆସି ଦଶଟା ବାଜିଲାଣିଯେ, ଆଜି ଏତିକି ଥାଉ ସଭା । ଆମେ ବି ଦିନସାରା ଗାଡ଼ିରେ ବସି ବସି ଖୁବ୍ କ୍ଳାନ୍ତ ହୋଇ ପଡ଼ିଛୁ । ଭଉଣୀ ତୁମର ତ ଆଉ କୁଆଡ଼େ ହଜି ଯାଉନାହିଁ, ଏଣିକି ସେ ତୁମର ଚିରଦିନ ରହିବ, କେହି ତୁମକୁ ସେଥିରୁ ବଞ୍ଚିତ କରିବ ନାହିଁ ।

ସେତେବେଳକୁ ଖାଇବା ପର୍ବ ସରିଯାଇ ଥିଲା । ନିଜ ନିଜର ଘରକୁ ଫେରିବାପାଇଁ ଏମାନେ ଉଠି ଦ୍ୱାରବନ୍ଧ ଅତିକ୍ରମ କଲେ ! ସ୍ୱର୍ଣ୍ଣପ୍ରଭା ଦେବୀଙ୍କ ସହ ସେମାନଙ୍କୁ ବିଦାୟ ନେଇ ଊର୍ମିଳା ଶୋଇବା ସ୍ଥାନକୁ ।

——

ସେଦିନ ଥିଲା ଏକ ଆଷାଢ଼ୀ ବର୍ଷାର ଅପରାହ୍ନ । ଆକାଶର ମାଛକାତିଆ ଛିଣ୍ଡା ଛିଣ୍ଡା ବାଦଲ ଉହ୍ଲାଡରେ ସୂର୍ଯ୍ୟ ସତେ ଯେମିତି ଲୁଚି ଯାଇଥିଲେ ଭୟଭୀତ ହୋଇ । ବର୍ଷା କମଣ କମି ଆସୁଥିଲା ସେତେବେଳକୁ । ନିଜର ପ୍ରକୋଷ୍ଠ ବାରଣ୍ଡାରେ କୌଣସି ଉଦ୍ଦେଶ୍ୟ ଜନିତ ଭାବନାର କେନ୍ଦ୍ରବିନ୍ଦୁରେ ଥାଇ ବସିଥିଲେ ମହାଜନ ଗଗନ ଦାସ । ସେତେବେଳକୁ ତାଙ୍କର ବୟସ ହୁଏତ ବାର୍ଦ୍ଧକ୍ୟତାର ପ୍ରଥମ ପାହାଚରେ ପାଦଦେଇ ଥିଲା । ସୁଦ୍ରଶାଳ ଶ୍ୟାମକାନ୍ତ ବପୁ । ଭେଣ୍ଡି ପରି ଲମ୍ବାନାକ ତଳେ ଝିଙ୍କ ପକ୍ଷୀ ପରି ତୀକ୍ଷ୍ଣ ବାହୁଲା ଦୁଇପଟ ନିଶ । ଭ୍ରୂଲତା ତଳର କ୍ରୂର କୁଞ୍ଚିତ ଆଖି ଦୁଇଟା ବିଭିନ୍ନ ସମୟରେ ବିଭିନ୍ନ ରୂପ ଧାରଣ କରେ । ଥରେ ଆଡ଼କୁ ଥରେ ସେହି କୁଞ୍ଚିତ ଆଖି ଦୁଇଟାକୁ ବୁଲାଇ ନେଲା ଗଗନ ଦାସ

ମକର......କୁଆଡ଼େ । ଦର୍ପ ଓ ଦମ୍ଭ ସହକାରେ ଡାକିଲା ସେ ।

ସମୁଦ୍ର ଗର୍ଜ୍ଜନ ପରି ବାବୁଙ୍କର ଔଦ୍ଧତ୍ୟ ଗର୍ଜ୍ଜନ ଶୁଣି ପ୍ରଥମେ ଚମକି ଉଠିଥିଲା ମକର । ମାତ୍ର ପର ମୁହୂର୍ତ୍ତରେ "ଯାଉଛି ଆଜ୍ଞା" କହି ଖୁବ୍ ସାବଧାନତାରେ ଆସି—ଡ଼ାକିବାର କାରଣ ଜାଣିବା ପାଇଁ ଜିଜ୍ଞାସୁ ଦୃଷ୍ଟିରୁ ଚାହିଁ ରହିଲା ।

ତାର ଉପସ୍ଥିତି ଲକ୍ଷ୍ୟ କରି ପୁଣି କଣ୍ଠରେ କହିଲା ଗଗନ ଦାସ—ବର୍ତ୍ତମାନ ତୋତେ ପଦ୍ମପୁର ଗାଁକୁ ଯିବାକୁ ହେବ । କ'ଣ, ବୁଝିଲୁ ?

Digitized by srujanika@gmail.com

ଆପଣ କହୁଛନ୍ତି ସେତେବେଳେ···ଉଦ୍‌ଭ୍ରାନ୍ତ କଣ୍ଠରେ କହିଲା ମକରା ।

ବେଶ୍, ସେଠାକୁ ଯାଇ ସୁକୁମାର ପଟ୍ଟନାୟକଙ୍କୁ କହିବୁ, ତାର ଋଣ ପରିଶୋଧ ବାବଦରେ ହୋଇଥିବା କଥାବାର୍ତ୍ତା ସେ ଯେପରି ଆଜିରେ ସମସ୍ତେ ବ୍ୟବସ୍ଥା କରିବ ।

କ'ଣ ଏତକ କହି ଫେରି ଆସିବି ବାବୁ ? ମକରା କହିଲା । ଫେରି ଆସିବା ପୂର୍ବରୁ ତାକୁ ମୋର ଶେଷକଥା ଶୁଣାଇଦେବୁ, ଆଜିର ସନ୍ଧ୍ୟା ପୂର୍ବରୁ ସେ ତା'ର କଥା ରକ୍ଷାକରୁ ନଚେତ୍ ଋଣ ବାବଦର ସମସ୍ତ ଦେୟ ପରିଶୋଧ କରୁ । ଏତକ କହି ମକରା ଉପରୁ ଦୃଷ୍ଟି ଫେରାଇ ଆଣିବାରୁ ସେ ପଦ୍ମପୁର ଅଭିମୁଖେ ବାହାରିଲା । ଗଗନ ଦାସ ବସିଥିବା ଚେୟାରରୁ ଉଠିଯାଇ ଘର ଭିତରେ ପଡ଼ିଥିବା ଶଯ୍ୟା ଉପରେ ନିଜର ନିସଙ୍ଗ ଶରୀରଟିକୁ ଅଜାଡ଼ି ଦେଇଥିଲା । ଅବଶ୍ୟ ଆଖିରେ ତାଙ୍କର ନିଦ ନଥିଲା ସେତେବେଳେ ପାଚିଲା ଆମ୍ବକୁ ଅନାଇ ରହିଥିଲା ।

ହଠାତ୍ କାହିଁକି କେଜାଣି ଗଗନ ଦାସଙ୍କ ମନରେ ନୂତନ ଭାବନାର ବାତାବରଣ ସୃଷ୍ଟି ହେଲା । ମନେ ପଡ଼ିଗଲା ବିଗତ ଦିନର ସ୍ମୃତି ଗୁଡ଼ିକ ସତେ ଯେମିତି ଦର୍ପଣରେ ପ୍ରତିବିମ୍ବ ପରି । ଚନ୍ଦ୍ର ପ୍ରତିମା ପରି ଆଖି ଆଗରେ ନାଚି ଛୁଟିଲା ସହଧର୍ମିଣୀ ପତ୍ନୀର ପ୍ରତିମୂର୍ତ୍ତି ।

ଜଣେ ବିଭବଶାଳୀ ମହାଜନର ପୁତ୍ର ରୂପରେ ସେ ବିବାହ କରିଥିଲେ ଗୋଟିଏ ପ୍ରତିପତ୍ତି ସମ୍ପନ୍ନା କନ୍ୟାକୁ । ଯାହାର ରୂପ, ଗୁଣ, ଆଭିଜାତ୍ୟ ହିଁ ପ୍ରମାଣ କରୁଥିଲା, ଗଗନ ଦାସ ତାରି କୋଳରେ ରହି ଚିରସୁଖୀ ହେବ ବୋଲି । କିନ୍ତୁ କିଏ ଜାଣିଥିଲା ଯେ, ଈଶ୍ୱରଙ୍କ ଇଚ୍ଛା ଏହାର ସମ୍ପୂର୍ଣ୍ଣ ବିପରୀତ । ବିବାହର ଠିକ୍ କେଇଟି ମାସ ପରେ ଗଗନ ଦାସଙ୍କର ପିତୃବିୟୋଗ ହୋଇଥିଲା । ଲୋକେ କହନ୍ତି, ସେତେବେଳେ ଗଗନ ଦାସର ବ୍ୟବହାରରେ ପରିବାର ଠାରୁ ଆରମ୍ଭ କରି ଗ୍ରାମବାସୀମାନେ ଆତଙ୍କିତ । ଯାହା ଫଳରେ ଗାଁ ଲୋକଙ୍କର ନାକଟେକା ଓ ଗଗନ ଦାସ ବିରୁଦ୍ଧରେ ତୀବ୍ର ନିନ୍ଦାକୁ ସହି ନ ପାରି ଦିନକୁ ଦିନ ଅବସନ୍ନ ହୋଇ ପଡ଼ିଲେ ତାଙ୍କର ବୃଦ୍ଧ ପିତା । ଦେହର ରୋଗକୁ ସିନାଭଲ କରାଯାଇ ପାରେ, ହେଲେ ମନର ରୋଗକୁତ କେହି ଜାଣିପାରେ ନାହିଁ, ଫଳରେ ସେଦିନ ରାତିରେ ବୃଦ୍ଧଙ୍କର ରୋଗଶଯ୍ୟା ହିଁ ମରଣଶଯ୍ୟାର ଦାୟିତ୍ୱ ନେଲା ।

ସେତେବେଳେ ନିଜର ମହାଜନୀ ସିରସ୍ତାକୁ ଉଦ୍ଧତ ଗଗନ ଦାସ ଚଳାଇ ନପାରି ହରି ପଟ୍ଟନାୟକଙ୍କୁ ଗୁମାସ୍ତା ରୂପେ ନିଯୁକ୍ତ କଲେ । ପିତାର ମୃତ୍ୟୁରେ ଟିକିଏ ହେଲେ ଦୁଃଖିତ ନ ହୋଇ ଧନ ବଳରେ ମିଥ୍ୟାକୁ ସତ୍ୟରେ ପରିଣତ କରି କେତେ ଦରିଦ୍ର ନିରୀହ ଲୋକଙ୍କର ଜମି ନିଲାମ କଲେ । କେତେକଙ୍କର ଘର ନୋର କରି ସେମାନଙ୍କୁ

Digitized by srujanika@gmail.com

ଦାଣ୍ଡରେ ଭିକାରୀ ସଜାଇଲେ, ଆଉ ଯେଉଁମାନଙ୍କର ଜମିବାଡ଼ି ନଥିଲା, ସେମାନଙ୍କ ଝିଅ ବୋହୂଙ୍କ ପ୍ରତି ଅମାନୁଷିକ ଆକ୍ଷେପ କଲେ ।

ମାତ୍ର ନାସ୍ତି ହୋଇ ଏସବୁ ଅତ୍ୟାଚାରକୁ ସହି ପାରୁ ନଥିଲେ ତାଙ୍କର ସରଳମନା ସ୍ତ୍ରୀ । ଫଳରେ ଆତ୍ମହତ୍ୟା କରିବାକୁ ଯାଇ ସେ ବହୁତ ଆଗ୍ରହ ନେଇ ସଂସାରରୁ ବିଦାୟ ନେଲେ । ଆଜି ସେହି ଅପରୂପ ଲାବଣ୍ୟମୟୀ ସ୍ତ୍ରୀ ତାଙ୍କର ମନ—ମୁକୁର ପ୍ରତିବିମ୍ବିତ ହୋଇ ଉଠୁଛି । ମନକୁ ମନ କହି ପକାଉଛନ୍ତି ସେ—ତୁମେ କାହାର ଅଭିଶାପ ନେଇ ଏତେ ସୁନ୍ଦର ହୋଇ ଜନ୍ମ ହୋଇଥିଲ ସୁରଭି । ଏ ଐଶ୍ୱର୍ଯ୍ୟକୁ ଭୋଗ କରିବାର ସୌଭାଗ୍ୟ ହୁଏତ ତୁମର ନଥିଲା । ତେଣୁ ତୁମେ ମୋ ଠାରୁ ଆଜି ବହୁ ଦୂରରେ, ଯେତେ ଇଚ୍ଛା କଲେ ମଧ୍ୟ ଫେରିଆସି ପାରିବ ନାହିଁ ।

ତୁମର ଅନୁପସ୍ଥିତିକୁ ମୁଁ ଆଜି ସହିପାରୁଛି ସୁରଭି କେତେ ସୁନେଲି ସ୍ୱପ୍ନ ଗୁଏଁ ଗୁଏଁ ଆଖିକୁ ଅନୁରଂଜିତ କରୁଛି । ତୁମକୁ ନେଇ ନୁହେଁ ସୁରଭି ଠିକ୍ ତୁମରି ପରି ଆଉ ଜଣକୁ ନେଇ ।

ତାଙ୍କର ଅନ୍ୟ ମନସ୍କତାର ସୁଯୋଗ ନେଇ ଅଖି ଦୁଇଟା ସତେ ଯେମିତି ଅନେକ ଦୂର ଅଗେଇଗଲା ବାହାରକୁ । ମନରେ ଅହରହ ଭାବନାର ସବୁଜ ଦୃଶ୍ୟାବଳୀ ହକିମାରୁଥିଲେ ବି ସବୁ ସେମିତି ହଜିଗଲେ ସେଇଠି ।

ବର୍ଷା ସମ୍ପୂର୍ଣ୍ଣ ରୂପେ କମି ଯାଇଛି । ବାହାରର ଥଣ୍ଡାପବନ ଦେହରେ ବାଜିବାରୁ ଦେହଟା ଶୀତେଇ ଉଠୁଛି ବେଳେବେଳେ । କେହି ଜଣେ ଲୋକ ଦେଖାଯାଉ ନାହାନ୍ତି । ବାହାରେ ମାଲିକର ନିର୍ମମ ଆଦେଶକୁ ମୂଳମନ୍ତ୍ର କରି ପାଣି କାଦୁଅକୁ ଖାତିର ନ କରି ଏକା ଏକା ଚାଲିଛି ମଟରଟା ।

ଦେହର ସନ୍ଧାନ ଦେଉଛିଜା, ମନର ଭାବ ଗମ୍ଭୀର, ପହଞ୍ଚିଲା ଯାଇ ସେ ଦେଉଳର ଗାଁର ଉପକଣ୍ଠରେ । ପ୍ରଥମେ କଥାବାର୍ତ୍ତାକୁ କିଛି ବୁଝିପାରି ନଥିଲେ ସେ ।

ମାତ୍ର ପରେ ଯେତେବେଳେ ଘଟଣା ସ୍ଥଳରେ ପହଞ୍ଚିଲେ ଅଧୈର୍ଯ୍ୟର ସୀମା ଲଙ୍ଘନ କରିବାକୁ ଟିକେ ହେଲେ ଅବସର ମିଳି ନଥିଲା ତାଙ୍କୁ । ସମସ୍ତଙ୍କ ଆଖିରେ ଅଶ୍ରୁର ବନ୍ୟା ଆଉ ମୁହଁରୁ ବାହାରୁଛି କେବଳ ଗୋଟିଏ କଥା ହାୟ ହମ୍ପିଲା !

ତେବେ······ ?

କିଛି ବୁଝି ପାରିଲେ ନାହିଁ ମହାରାଜ । କାହିଁକି ଅଜି ସମସ୍ତେ କାନ୍ଦୁଛନ୍ତି ଜଣକପାଇଁ କଣ ହୋଇଛି ତାହାଲେ ? କାହାକୁ କିଛି ନ କହି ନଗ୍ନ ଜୀବଟି ପରି ଦଣ୍ଡେ ଠିଆହେଲେ

Digitized by srujanika@gmail.com

ସେ । ଗଛ ପତ୍ରର ମର୍ମର ସ୍ୱରରେ, ପକ୍ଷୀମାନଙ୍କର କାକଳୀରେ ପବନର ସିର ସିର ସ୍ୱରରେ, ସତେ ଯେମିତି ଶୁଣି ପାରୁଛି ସେ ସେଇ ଗୋଟିଏ କଥା—ହାୟ ଊର୍ମିଳା ।

ଲୋକମାନଙ୍କ କଥା ବାର୍ତ୍ତାରୁ ସେ ଯାହା ବୁଝିଲା, ଊର୍ମିଳା ଆଜି ନାହିଁ । ଚାକର ହେଲେ ହେଁ ଆଖିରୁ ତାର ଦୁଇଟୋପା ଉଷ୍ମ ଲୁହ ଝରିପଡ଼ିଲା ।

ପରମୁହୂର୍ତ୍ତଟା କିନ୍ତୁ ତାକୁ ବିବ୍ରତ କରି ପକାଇଲା । ସେ ଯେଉଁ ଆଦେଶ ନେଇ ଆସିଛି କାହା ଆଗରେ କହିବ ସେ କଥା । ଯାହାକୁ କହିବାର କଥା ସେ ବର୍ତ୍ତମାନ ମୃତବତ ଶୋଇଛି ଭୂମିଶଯ୍ୟାରେ । ପାଖରେ ବସି କେହି ତା'ର ଶୁଶ୍ରୂଷା କରୁଛନ୍ତି, ପୁଣି କେହି ତା ବିରୁଦ୍ଧରେ ଶତମୁଖ ହୋଇ ବିଭିନ୍ନ କଥା କହିଚାଲିଛନ୍ତି । ଜଣେ ବୃଦ୍ଧ କହୁଥିଲେ—ବିଛୁଆତି ଦୁଇ ପତ୍ରକୁ କୁଣ୍ଡାଇ ହୁଏ । ସୁକୁମାରଟା ଆସିବା ଦିନଠାରୁ ପଟ୍ଟନାୟକ ବଂଶରେ ଅକାଳ କୁହୁଡ଼ି ମାଡ଼ି ଆସିଲା । ବୁଢ଼ା ମଲା, ଜମିବାଡ଼ି ଗଞ୍ଜେଇ ଧୂଆଁରେ ଗଲା, ଶେଷରେ ବିଚାରୀ ନିରୀହା ଝିଅଟା ହାରି ପାଇଁ ଆଜି ଅନାଥିନୀ ହୋଇ ଅନ୍ତଶ୍ୱାସ ଦେଲା । କେତେ ସରଳା ଝିଅଟା । ଗାଁର ଆଉ ଝିଅଙ୍କ ପରି କାହାକୁ ମୁହଁଟେକି ପଦେ କଥା କହେ ନା, ଏ ଗଞ୍ଜେଇଖିଆଟା ତା'ର ଭାଇ ନୁହେଁ ଯେ କାଳ ରୂପରେ ଜନ୍ମ ହୋଇଥିଲା ।

ସୁକୁମାର ପଟ୍ଟନାୟକ ବିରୁଦ୍ଧରେ ଗାଁ ଲୋକଙ୍କର ଏପରି କ୍ରୂର ସମାଲୋଚନା କଥା ଶୁଣି ମନେ ମନେ କ୍ରୋଧାନ୍ୱିତ ହୋଇଯାଇଥିଲା ମକରା ।

ତେଣୁ ସେ ଗାଁ ଲୋକଙ୍କ କଥାରେ ଅଂଶ ନେଇ ଜଣେ ବୃଦ୍ଧଙ୍କୁ ପଚାରିଲା— ଏ ଭାଇ ଭଉଣୀ ଦୁହେଁ ତ ହରି ପଟ୍ଟନାୟକଙ୍କ ସନ୍ତାନ । ସୁକୁମାର ବାବୁ ଭାଇ ହୋଇ ଭଉଣୀ ପ୍ରତି ଏତେ ନିର୍ମମ ହୋଇପାରିଲେ କିପରି ?

ବୃଦ୍ଧ ଜଣକ ମକରାର କଥାଶୁଣି ବିରକ୍ତିଭରା କଣ୍ଠରେ ଉତ୍ତର ଦେଲେ—ଅଠର ପର୍ବ ମହାଭାରତ ଶୁଣି ସାରିବା ପରେ ଶକୁନୀର ଭୂମିକା କେଉଁଠି ରହିଲା ଏ ପର୍ଯ୍ୟନ୍ତ ତୁମେ ବୁଝି ପାରିଲ ନାହିଁ । ଦୁହେଁ ସିନା ହରି ପଟ୍ଟନାୟକ ସନ୍ତାନ—ମା ପରା ଦୁଇଟି । ତେଣୁ ଏ ଭାବିଥିଲା ଗୋଟିଏ ବାଣରେ ଦୁଇଟି ଶିକାର କରିବା ପାଇଁ । ହେଲେ ଭଗବାନଙ୍କର କି ବିଚାର ହେଲା ଯେ, ଝିଅଟା ମଲାକି ଗଲା କେହି ଦେଖିବାକୁ ପାଇଲେ ନାହିଁ । ଏତକ କହିସାରି ବୃଦ୍ଧ ଜଣକ ସେଠାରୁ ଉଠି ବାମ୍ବୁ ବାହୁତ ଖଣ୍ଡିଏ ଭସା ମେଘ ପରି ଚାଲିଗଲେ ।

ମକରା ଦେଖିଲା, ସୁକୁମାର ବାବୁଙ୍କ ଘରୁ ଜମାଟ ବନ୍ଧା ଅନ୍ଧକାର ପରି ଲୋକ ଗହଳ କ୍ରମଶ ପାତଳ ପଡ଼ି ଆସିଲାଣି । ଯେଉଁ କେତେଜଣ ଥିଲେ ସେମାନେ ଊର୍ମିଳାକୁ

Digitized by srujanika@gmail.com

ଭୁଲ୍ ନପାଇ ଫାଶୀଦଣ୍ଡ ଆଦେଶରେ ଭୁକ୍ଷୋ ପ୍ରଳାପ କଲା ପରି କେବଳ ନିଜ ଭିତରେ ଗୁଙ୍ଗ ମାରୁଥିବା ଜଣଙ୍କର ଆକସ୍ମିକ ଅନୁପସ୍ଥିତିକୁ ମନେ ପକାଉଥିଲେ । ସୁକୁମାର ପଟ୍ଟନାୟକ ଶୋଇଛନ୍ତି ଭୂମିଶଯ୍ୟାରେ । ମକର କାହାକୁ କିଛି ନ କହି ନିଃସ୍ତବ୍ଧ ହୋଇ, ଭଙ୍ଗା ହୃଦୟରେ ଫେରିବାକୁ ଲାଗିଲା ।

ଆଷାଢ଼ୀ ଅପରାହ୍ଣର ଏକ ମେଘାଚ୍ଛନ୍ନ ଆକାଶ ତଳେ ସୂର୍ଯ୍ୟ ଯେତେବେଳେ ଅଙ୍କା ବଙ୍କା ରାସ୍ତାରେ ଲୁଚକାଳି ଖେଳି ଖେଳିକା ମା' କୋଳକୁ ଯିବା ପାଇଁ ଉଦ୍ୟତ ହେଉଥିଲେ, ସେତିକି ବେଳେ ଦୁଃଖ—ଦଗ୍ଧହୃଦୟରେ, ଏକ ଆହତ ହରିଣୀର ଅସହାୟତାକୁ ନେଇ ଘରେ ପହଞ୍ଚିଲା ମକର । ଗୃହକର୍ମରେ ଲିପ୍ତ ଥିଲେ ହେଁ ମକରର ଫେରିବା ବାଟକୁ ଉତ୍ସୁକ ଚକ୍ଷୁରେ ଅନାଇ ରହିଥିଲା ଗଗନ ଦାସ ଦରିଦ୍ର ରତ୍ନ ସନ୍ଧାନ ପାଇଲା ପରି ମୁହୂର୍ତ୍ତରେ ଆତ୍ମସନ୍ତୋଷର ଚିହ୍ନ ଫୁଟାଇ କହିଲା ସେ ସୁକୁମାର ପଟ୍ଟନାୟକ ଘରେ ଥିଲୁ ତ ମକୁ ।

ଆଖିରେ ଲୁହ ନ ଥିଲେ ବି ଭୟ ହେତୁ ଆଖି ଦୁଇଟି ଛଳ ଛଳ ହୋଇ ଆସୁଥିଲା ମକରର । ରାମଚନ୍ଦ୍ର ନିକଟରେ ବିଭୀଷଣ ଶରଣାପନ୍ନ ହେଲା ପରି କମ୍ପିତ କଣ୍ଠରେ କହିଲା ସେ—ଥିଲି ଆଜ୍ଞା ।

ମୋର କଥା କିଛି କ'ଣ କହିଲା ସେ !
କିଛି କହିଲେ ନାହିଁ ?

କିଛି କହିଲେ ନାହିଁ । ଗଗନ ଦାସ ସତେ ଯେମିତି ଆଶ୍ଚର୍ଯ୍ୟର ଚରମତମ ପାହାଚରେ ପହଞ୍ଚି ଯାଇଥିଲେ ।

କିଛି କହିବା ପରିସ୍ଥିତିରେ ସେ ନଥିଲେ, ନଥିଲା ବାବୁ । ଥରି ଥରି କହିଲା ମକର ।

କ'ଣ ହୋଇଛି ତା'ର ? ବିକ୍ଷୁବ୍ଧ କଣ୍ଠରେ କହିଲେ ଗଗନ ଦାସ ।

ଏହାଠାରୁ ଅଧିକ ହେବା ପାଇଁ ତା ଭାଗ୍ୟରେ ଆଉ କିଛି ନାହିଁ ଆଜ୍ଞା । ସେ ଯେଉଁ ପରିସ୍ଥିତିରେ ପଡ଼ିଛନ୍ତି ବଞ୍ଚିବେ କି ନାହିଁ ସନ୍ଦେହ ।

ସେଥିରେ ମୋର କୌଣସି ଦାଏ ଅଛି ନାହିଁ ମକର । ଆଜିର ସନ୍ଧ୍ୟା ପର୍ଯ୍ୟନ୍ତ ତାର ସମୟ, କହ, ସେ ତାର କଥା ରଖିବ କି ନାହିଁ ?

ମକର ଭାବୁଥିଲା ପ୍ରକୃତ କଥାଟା କହିଲେ ହୁଏତ ବାବୁ ତା ପାଇଁ କୌଣସି ଶାସ୍ତି ବିଧାନ କରିପାରନ୍ତି । ତଥାପି ପ୍ରକୃତ କଥାଟି ଲୁଚାଇ ରଖିଲ ଭଲ ଧୈର୍ଯ୍ୟ କି

Digitized by srujanika@gmail.com

ସାହସ ନ ଥିଲା ମକରର । ତେଣୁ ସେ କିଂକର୍ତ୍ତବ୍ୟବିମୂଢ଼ ହୋଇ ଦୋଷୀଟି ପରି ଖୁବ୍ ବିନମ୍ର କଣ୍ଠରେ କହିଲା ।

ଆଜିକୁ ଦୁଇଦିନ ହେଲା ଭଉଣୀ ତା'ର ନିରୁଦ୍ଦିଷ୍ଟ ବାବୁ ।

ନିରୁଦ୍ଦିଷ୍ଟ . ... ! ମକରର କଥା ଶୁଣି ବିନା ମେଘରେ ବଜ୍ରପାତ ହେଲା ପରି ଚମକି ଉଠିଲା ଗଗନ ଦାସ । ମୁହଁଟା, ଉଜ୍ଜ୍ୱଳ ଚକ୍ଷୁ ଦୁଇଟା ପିଆଜ ପାଖୁଡ଼ା ପରି ରକ୍ତାଭ ହୋଇ ଉଠିଲା । କ୍ରୋଧ ଜଡ଼ିତ ରୁକ୍ଷ କଣ୍ଠରେ କହିଲା ସେ — କହିପାରିବୁ ମକର, କାହାର ପ୍ରରୋଚନା ବଶରେ ବା ନିଜ ଇଚ୍ଛାରେ, ସେ ଆଜି ନିରୁଦ୍ଦିଷ୍ଟ ?

ଏକ ଅଜଣା ଆଶଙ୍କାରେ ଦେହଟା ଥରି ଉଠୁଥିଲା ସେତେବେଳେ । ତଥାପି କିଛି ସାହସ ସଂଚୟ କରି ବିନୀତ କଣ୍ଠରେ କହିଲା —

କାହାର ପ୍ରରୋଚନା ବଶରେ ନୁହେଁ କି ନିଜ ଇଚ୍ଛାରେ ବି ନୁହେଁ ଆଜ୍ଞା, ସେଠାକାର ଲୋକଙ୍କ ମୁଖରୁ ଯାହା ଶୁଣାଯାଏ, ଆପଣଙ୍କର ନଗ୍ନ ଅଭିଳାଷ ଏବଂ ତା'ର ବୈମାତ୍ରେୟ ଭାଇର କୁପରାମର୍ଶ ଯୋଗୁ ସେ ଆଜି ଅନାଥିନୀ ହୋଇ ଆତ୍ମ ବିସର୍ଜନ କରିଛି ।

ମକରର ଏପରି କଥା ଶୁଣି ପ୍ରଥମେ ଚମକି ପଡ଼ିଥିଲା ଗଗନ ଦାସ, ପରମୁହୂର୍ତ୍ତରେ ଆହତ ପଶୁ ପରି ବିକଟ ଗର୍ଜନ କରି କହିଲା—

ଏ ସବୁ ସେହି ସୁକୁମାର ପଟ୍ଟନାୟକର ଚକ୍ରାନ୍ତ । ଋଣ ମୁକ୍ତ ହେବା ଛଳରେ ଭଉଣୀର ଆଳ ଦେଖାଇ ସେ ଆଜି ଯାଏ ମୋ ସହିତ ଯେଉଁ ପିଲା ଖେଳ ଖେଳି ଆସିଲା ସେ ସବୁ ମିଥ୍ୟା—ପ୍ରତାରଣା । ମୁଁ ଜାଣେ, ସେ ତା'ର ଭଉଣୀକୁ ଅନ୍ୟ ପାଖରେ ବିବାହ ଦେଇ ମୋ ଆଖିରେ ଧୂଳି ଦେବାକୁ ବସିଛି । କିନ୍ତୁ ଗଗନ ଦାସ କାହାକୁ ଡରିବାର ଲୋକ ନୁହେଁ । ସେ ଯେମିତି ହେଲେ ଏହାର ପ୍ରତିଶୋଧ ନେବ ।

କ୍ରୋଧରେ ପିଆଜ ପାଖୁଡ଼ା ପରି ଦୁଇ ଲାଲ ଆଖିକୁ ଥରେ ଏପଟକୁ ସେପଟକୁ ବୁଲାଇ ଆଣିଲା ଗଗନ ଦାସ ଆଖି କୋଣରୁ ଝରି ପଡ଼ୁଥିବା ମୁଠା ମୁଠା ଅଗ୍ନିକଣାରେ ସୁକୁମାର ପଟ୍ଟନାୟକର ଦରିଦ୍ର ଚଢ଼େଇ ପରିବାର ସତେ ଯେମିତି ଧ୍ୱଂସ ପ୍ରାପ୍ତ ହୋଇ ଯାଉଛି ।

ହଠାତ ଘର ଭିତରକୁ ପଶିଗଲା ଗଗନ ଦାସ । ଉକ୍ତ ହିସାବ ଖାତାଟା ଆଲମିରାରୁ କାଢ଼ି ଆଣି, ଚିତ୍ତବିକ୍ଷୋଭ ଅନ୍ତେ ସୁକୁମାର ପଟ୍ଟନାୟକ ନାମରେ ପଡ଼ିଆସୁଥିବା ପାଞ୍ଚଶହ ଟଙ୍କାର ତିନି ବର୍ଷର ଚକ୍ରବୃଦ୍ଧି ସୁଧର ହାର ହିସାବ କରି ବସିଲା ।

Digitized by srujanika@gmail.com

ମକର୍ ନିକଟରେ ଠିଆ ହୋଇ ଏ ସବୁ ଲକ୍ଷ୍ୟ କରୁଥିଲେ ବି ଚାକର ହୃଦସ୍ପନ୍ଦ ତା'ର କାନ୍ଧ ଛୁଉଥିଲା । ଭଗ୍ନତା ତାକୁ ଯେମିତି ଜାବୁଡ଼ି ଧରୁଥିଲା କିଛି କହିବା ବା କରିବାର ବନ୍ଧନରେ ।

କିଛି ସମୟ ପରେ ଖାତା ବନ୍ଦ କରି ଗଗନ ଦାସ କହିଲା, ତୁ କାଲି ସକାଳୁ ଆଠଟାରେ ସେଠାକୁ ଯିବୁ ମକର୍ । ସୁକୁମାର ପଟ୍ଟନାୟକଙ୍କୁ କହିବୁ ମୁଁ ତା ସହିତ ସାକ୍ଷାତ କରିବାକୁ ଚାହେଁ । ମନେରଖ କାଲି ସକାଳୁ ତୋ ସହିତ ଯଦି ତାକୁ ନଦେଖେ ତୋତେ ମଧ୍ୟ ଚାକର ବୋଲି କ୍ଷମା ଦେବନାହିଁ ମକର୍ ।

ମକର୍ ମସ୍ତକରେ ଏକାବେଳକେ ଶହେଟି ବିଛା କାମୁଡ଼ି ଥିଲେ ହୁଏତ ଏମିତି ଆଘାତ ହୋଇ ଥାନ୍ତା କି ନାହିଁ । ମାତ୍ର ମହାଜନର କଥାଶୁଣି ମେଘ ଫାଟିବା ପରି ତାର ଚକ୍ଷୁ ଯେମିତି ପାଣି ଫାଟିଗଲା । କଣ ବା କରାଯାଇ ପାରେ । ସେ ଯେତେବେଳେ ମହାଜନର ଅନ୍ନର ଦାସ, ତାର ଆଦେଶ ହିଁ ତାର ଶିରୋଧାର୍ଯ୍ୟ । ନିଜ ମନକୁ ଟିକିଏ ଶାନ୍ତ୍ୱନା ଦେଇ ଗୃହ କାର୍ଯ୍ୟରେ ଚାଲିଗଲା ମକର୍ ।

ମହାଜନ ଗଗନ ଦାସ ସେତେବେଳକୁ ସେଠାରୁ ଉଠି ଘର ଭିତରକୁ ଚାଲି ଯାଇଥିଲା ।

ରାଧାନାଥପୁର ଗାଁର ଲୋକଙ୍କ ସହିତ ଊର୍ମିଳା ଆଜି ଅତି ଆପଣାର ହୋଇ ଯାଇଛି । ତା'ର ବ୍ୟବହାର ସେଠାକାର ଲୋକମାନଙ୍କ ମନକୁ ମତେ ଯେମିତି ପର ଆପଣା ଭେଦଭାବକୁ ହଜାଇ ଦେଇଛି । ସେଥିପାଇଁ ସ୍ୱର୍ଣ୍ଣପ୍ରଭା ଦେବୀ ଓ କୀର୍ତ୍ତିଚନ୍ଦ୍ର ବାବୁ ମନ ଗର୍ବ ଏବଂ ଆନନ୍ଦରେ ସୀମା ଲଙ୍ଘନ କରୁଛି । ଗ୍ରୁଭ ଲୋହିତା ବେଳ । ଊର୍ମିଳା ସେଦିନ କେଉଁଠିକି ନ ଯାଇ ଘର ଭିତରେ ବସି ଝରକା ଫାଙ୍କରେ ବାହାରକୁ ଅନାଇ ଥାଏ । ମନରେ ତା'ର କେଉଁ ଏକ ଦୁର୍ଭାବନାର ଘୂର୍ଣ୍ଣି ପୋକ ପଶି ଯାଇ ଥିବାରୁ ଆଖି ଦୁଇଟି ଅଶ୍ରୁ ଛଳ ଛଳ ହୋଇ ଉଠୁଥାଏ । ହଠାତ୍ ଘର ଭିତରକୁ ପଶି ଆସିଲେ ସନ୍ଧ୍ୟା ପ୍ରଭୃତି ସାଙ୍ଗ ଝିଅମାନେ ! ରୂପ ଗୁଣରେ ଏମାନେ ଊର୍ମିଳା ଠାରୁ ଅଧିକ ନ ହେଲେ ଅତୁଳନୀୟ ନିଶ୍ଚୟ । କ୍ଷୀର ନୀରର ଅଭିନ୍ନ ସମ୍ପର୍କ ପରି ଏମାନେ ତାର କ୍ଷଣିକ ଅନୁପସ୍ଥିତିକୁ ସହି ନ ପାରି ଏହିପରି ବେଳେ ଚାଲି ଆସିଥାନ୍ତି । ଏମାନଙ୍କ ଉପସ୍ଥିତି ଜାଣିପାରି ଖୁବ୍ ସନ୍ତର୍ପଣରେ ଲୁଗା କାନିରେ ଲୁହ ପୋଛିଲା ଊର୍ମିଳା । ପାଖରେ ବସୁ ବସୁ ସନ୍ଧ୍ୟା କହିଲା— ଦିନ ଯାଇ ସନ୍ଧ୍ୟା ହେବାକୁ ବସିଲାଣି, ତୁ ଏକା ଏକା ଘର ଭିତରେ ରହି କ'ଣ କରୁଛୁ ଯେ, ଆମକୁ ପୁଣି ଆସିବାକୁ ପଡ଼ିଲା । ମନରେ ସବୁ ଦୁର୍ଭାବନାକୁ ଚାପିରଖି ଓଷ୍ଠାଧାରରେ କପଟ ହାସ୍ୟର ରେଖା ଫୁଟାଇ କହିଲା ଊର୍ମିଳା—ସନ୍ଧ୍ୟାକୁ ନ ଦେଖିବା ଯାଏ ସନ୍ଧ୍ୟା ହେଲାଣି ବୋଲି ମୁଁ ବା ଜାଣିଥାନ୍ତି କିପରି ?

Digitized by srujanika@gmail.com

ଉର୍ମିଳା ମୁହଁରୁ ଏପରି କୌତୁହଳ ପଦ କଥା ଶୁଣି ହସି ଉଠିଲେ ସମସ୍ତେ ।

ତା'ପରେ ସନ୍ଧ୍ୟାର ଅନୁରୋଧରେ ସମସ୍ତେ ସାନ୍ଧ୍ୟଭ୍ରମଣ କରିବା ପାଇଁ ବାହାରି ଗଲେ ଗାଁର ଅଦୂରରେ ଥିବା ପୋଖରୀ କୂଳକୁ । ପୋଖରୀଟି କ୍ଷୁଦ୍ର ହେଲେ ବି ଉପଭୋଗ୍ୟ । ଏମାନେ ପୋଖରୀ ଚାରିପଟେ ବୁଲି ବୁଲି ନା ନା ଜାତିର ବାଳିକା ଫୁଲର ଶୋଭା ଉପଭୋଗ କରୁଥିଲେ । ସେତେବେଳକୁ ଅସ୍ତଗାମୀ ବିଦାୟୀ ସୂର୍ଯ୍ୟ ପଶ୍ଚିମ ଦିଗକୁ ଢଳି ଆସୁଥିଲେ, ମାତ୍ର ପୋଖରୀରେ ପ୍ରସ୍ଫୁଟିତ ପଦ୍ମଫୁଲଗୁଡ଼ିକ ତାଙ୍କର ବିରହକୁ ସହି ନ ପାରି ସତେ ଯେମିତି ଲେଟି ପଡ଼ୁଥିଲେ ଜଳ ଶଯ୍ୟାରେ । ସେ ପ୍ରତି କାହାରି ନଜର ନ ଥିଲେ ବି ସନ୍ଧ୍ୟାର ତରଳ ଦର୍ପଣ ଆଖି ଦୁଇଟି ଲମ୍ବି ଯାଇଥିଲା ସେ ଆଡ଼କୁ । ଏହା ନିଶ୍ଚିତ ଯେ, ଜଣେ ବିରହିଣୀର ଶୁଷ୍କ ମଳିନ ମୁହଁକୁ ଦେଖିଲେ ଆଉଜଣେ ବିରହିଣୀର ମନ ପ୍ରାଣ କାନ୍ଦି ଉଠେ । ପ୍ରେମ ଜନିତ କୌଣସି ଘଟଣା ଦେଖାଦେଲେ ଲୁଚି ଛପି ପ୍ରେମ କରୁଥିବା ଝିଅମାନଙ୍କ ମନକୁ ତାହା ସ୍ୱତଃ ଜାଗ୍ରତ କରିଥାଏ । ସନ୍ଧ୍ୟାର ଆଜି ସେହି ପରିସ୍ଥିତି ହୋଇଛି । ବିମଳ ପ୍ରେମିକ ତାର ଆଜି ତା'ଠାରୁ ଦୂରେଇ ଯାଇ ସୁଦୂର କଲିକତାରେ ଅଧ୍ୟୟନ କରୁଛି । ମନ ତାର ଖୋଜୁଛି ଆଉ ଏକ ମନ । ଯାହାକୁ ନେଇ ସେ ନୀଡ ରଚନା କରନ୍ତା କେବେ ଶିଶୁ ଶାବକ ବିଚରଣ ପାଇଁ । କିନ୍ତୁ କାହିଁ ସେ ? ଅନାଇଲେ ଆଖି ପାଏନା, ଡାକିଲେ ଡାକ ଶୁଭେନା । ଶିଖିର ଅଦର୍ଶନରେ ଶିଖିନୀର କଳାପ କମ୍ପିତ ନୃତ୍ୟ ଯେମିତି ଭଟ୍ଟଛନ୍ଦ ହୋଇଉଠେ। ସନ୍ଧ୍ୟାର ମନଟା ଆଜି ସେହିପରି ଘୁମୁରି ଘୁମୁରି ଖୋଜି ବୁଲୁଛି ତା'ର ପ୍ରିୟଙ୍କର ପୂଜାରୀକୁ । ତାକୁ ନେଇ ସେ ଭାବି ଚାଲିଛି ଅନେକ କିଛି ।

ସୂର୍ଯ୍ୟ ସେତେବେଳକୁ ସମ୍ପୂର୍ଣ୍ଣ ଅସ୍ତ ଗଲେଣି । ମେଘସ୍ନାନ ଆକାଶରେ ତାରା ଗୁଡ଼ିକ ବିଛେଇ ହୋଇ ପଡ଼ିଥିଲେ ମୁଠା ମୁଠା ମଲ୍ଲୀ ଫୁଲ ପରି । ଦୂର ଆମ୍ବତୋଟାରୁ ବିଭିନ୍ନ ପ୍ରକାର ପକ୍ଷୀଙ୍କର କଳରୋଳ ପରିବେଶଟାକୁ ମୁଖରିତ କରୁଥିଲା ।

ସଂଧ୍ୟା ମନର ଅବସ୍ଥାକୁ ମନରେ ବୁଝିପାରି, ଏମାନଙ୍କ ପାଖରେ ସନ୍ଦେହର ପାତ୍ରୀ ନ ହେବା ପାଇଁ ଏମାନଙ୍କ କଥାବାର୍ତ୍ତାରେ ଅଂଶ ନେଲା । ହଠାତ୍ ପାଖ ଦେବାଳୟରୁ ସଂଧ୍ୟା ଘଣ୍ଟା ବାଜିବାର ସଙ୍କେତ ଶୁଣାଗଲା । ଆଉ ଅଧିକ ସମୟ ନ ବସି ଏମାନେ ଘରକୁ ଫେରିବାକୁ ବାହାରି ପାର ହେଲେ ।

ସ୍ୱର୍ଣ୍ଣପ୍ରଭା ଦେବୀ ଉର୍ମିଳାର ଫେରିବା ବାଟକୁ ଚାହିଁ ଦାଣ୍ଡ ପିଣ୍ଡାରେ ପଡ଼ିଥିବା ଚେୟାର ଉପରେ ବସିଥିଲେ । ଘରର ପଛପଟେ ଭିତରକୁ ପଶି ଆସି ମା' ମା' ଡାକି

Digitized by srujanika@gmail.com

ଚିଣ୍ଡାକୁ ଚାଲି ଆସିଲା ଉର୍ମିଳା । ଉର୍ମିଳାକୁ ଦେଖି ସ୍ୱର୍ଣ୍ଣପ୍ରଭା ଦେବୀ କହିଲେ, ଏତେ ବେଳ ହେଲାଣି ତୁ କେଉଁଠିକି ଯାଇଥିଲୁ କି ଝିଅ ? ବାପାଙ୍କର ତୋ ପାଖରେ କି କାମ ଥିଲା କେଜାଣି, ସେ ବି ଅନାଇ ଅନାଇ ବର୍ତ୍ତମାନ ଗଲେ ।

ନା ମା'—ମୁଁ ଟିକେ ପୋଖରୀ ଆଡେ ଚାଲି ଯାଇଥିଲି ଯେ, ଆଉ ଆସୁ ଡେରି ହୋଇଗଲା । ହେଲେ ବାପା କାହିଁକି ଖୋଜୁଥିଲେ......

ନାହିଁ, ସେ ବିଷୟରେ ତ ମୋତେ କିଛି କହି ନାହାନ୍ତି । ଖାଲି ଯିବାବେଳେ ଏତିକି କହିଗଲେ, ଡଲି ପାହିରେ କାହାକୁ କ'ଣ ହୋଇଛି ଯେ, ଡାକ୍ତର ସମରଜିତ୍ ବାବୁ ଆସିଛନ୍ତି । ମୁଁ ଯାଉଛି, ତାଙ୍କ ସହିତ ଟିକେ ସାକ୍ଷାତ କରି ଆସେ ।

ସ୍ୱର୍ଣ୍ଣପ୍ରଭା ଦେବୀଙ୍କ ମୁହଁରୁ ଡାକ୍ତରଙ୍କ କଥା ଶୁଣି ଉର୍ମିଳା ମନରେ ଏକ ପ୍ରକାର ଭାବାନ୍ତର ସୃଷ୍ଟି ହେଲା । ମନେ ପଡିଗଲା ତାର ଗୋଟି ଗୋଟି ହୋଇ ବିଗତ ଦୁର୍ଦ୍ଦିନର, ଅସୁସ୍ଥ ଦିନଗୁଡ଼ିକର କଥା । କର୍ତ୍ତୀଚନ୍ଦ୍ର ବାବୁ ପାଣିରୁ ଉଠାଇ ଆଣିବା ପରେ ଯେ ତାକୁ ମୃତ୍ୟୁ ମୁଖରୁ ବଞ୍ଚାଇଥିଲେ, ସେହି ଡାକ୍ତର ସମରଜିତ୍ ବାବୁ ।

ଯାହାର ଯୁବକ ସୁଲଭ ରୂପ, ଗୁଣ ଓ ବ୍ୟବହାର ଉର୍ମିଳାର ମନରେ ଭରି ଦେଇଥିଲା ବଞ୍ଚିବାର ଅଦମ୍ୟ ଲାଳସା । ତେଣୁ ସେ ଚାହୁଁଥିଲା ତାଙ୍କର ସାନ୍ନିଧ୍ୟରେ, ସେହି ଡାକ୍ତରଙ୍କ ହାତରେ ଆଲିଙ୍ଗନ ପାଇ ତାର ଜୀବନକୁ ଚରିତାର୍ଥ କରିବା ପାଇଁ । ମାତ୍ର ଏକଥା କାହା ଆଗରେ ପ୍ରକାଶ କରିବାର ପ୍ରୟାସ ସେ କେବେହେଲେ କରିନାହିଁ, କେହି ବି କରନ୍ତି ନାହିଁ—ମନର କଥା କେବଳ ମନରେ ହିଁ ରହିଯାଏ ।

ଉର୍ମିଳାକୁ ଏପରି ଚିନ୍ତିତ ଦେଖି ସ୍ୱର୍ଣ୍ଣପ୍ରଭା ଦେବୀ କହିଲେ, ଏମିତି ହୁଣ୍ଡି ଟା ପରି ଭାବୁଛୁ ପୁଣି କ'ଣ ? ଯା, ଜଳଖିଆ ଯୋଗାଡ କର । ମୁଁ ତାଙ୍କୁ କହୁଛି ଡାକ୍ତରବାବୁଙ୍କୁ ସାଙ୍ଗରେ ଡାକି ଆଣିବା ପାଇଁ । ଏଥିରେ ଉର୍ମିଳା ଅବଶ୍ୟ ଅସ୍ମୃଷ୍ଟ ନ ହୋଇ ଆନନ୍ଦିତ ହୋଇଥିଲା । ଚାକରକୁ ଡାକି କେତେକ ଖାଦ୍ୟ ସାମଗ୍ରୀ ଆଣିବା ପାଇଁ ବଜାରକୁ ପଠାଇବା ସଙ୍ଗେ ସଙ୍ଗେ ସ୍ୱର୍ଣ୍ଣପ୍ରଭା ଦେବୀ ଓ ଦୁହେଁ ଘରକୁ ଯାଇ ପ୍ରସ୍ତୁତିରେ ଲାଗି ପଡ଼ିଲେ । ସମସ୍ତ ଜିନିଷ କର୍ତ୍ତୀଚନ୍ଦ୍ର ବାବୁଙ୍କ ସହିତ ଡାକ୍ତର ସମରଜିତ୍ ବାବୁ ଆସି ପହଞ୍ଚିଲେ । ଯଥା ସମ୍ଭବ ତାଳେ ପାଣି ନେଇ ସେମାନଙ୍କ ସମକ୍ଷରେ ରଖି ଖୁବ୍ ସନ୍ତର୍ପଣରେ ଘରକୁ ଫେରି ଆସିଲା ଉର୍ମିଳା । କର୍ତ୍ତୀଚନ୍ଦ୍ର ବାବୁଙ୍କ ଅନୁରୋଧ କ୍ରମେ ସମରଜିତ ବାବୁ ପାଦ ପ୍ରକ୍ଷାଳନ କରି ନିରୂପିତ ସ୍ଥାନରେ ଆସି ବସିଲେ ।

କିଛି ପ୍ରସ୍ତୁତ ହୋଇଛି କି ନାହିଁ ଦେଖିବା ପାଇଁ ଘର ଭିତରକୁ ଚାଲିଗଲେ କର୍ତ୍ତୀଚନ୍ଦ୍ର ବାବୁ । ସେତେବେଳକୁ ଚାକର ସଉଦା ଫେରି ଆସିଥିଲା । ଦୁଇ ଗ୍ଲାସ ଦେବା

Digitized by srujanika@gmail.com

ପାଇଁ କହି କର୍ତ୍ତୀଚନ୍ଦ୍ର ବାବୁ ପୁଣି ଫେରିଗଲେ ଡାକ୍ତରଙ୍କ ନିକଟକୁ । ପରେ ଦୁଇଟି ଗ୍ଲାସ ହାତରେ ନେଇ ଟେବୁଲ ଉପରେ ରଖି ଦେଇ ଆସିଲା । କର୍ତ୍ତୀଚନ୍ଦ୍ର ବାବୁଙ୍କ ଅନୁରୋଧରେ ସ୍ୱାଦର ସଦ୍ ବ୍ୟବହାର କରୁଥିଲା ବେଳେ ଡାକ୍ତରଂକ ଆଖି ଦୁଇଟା ସତେ ଯେମିତି ଉର୍ମିଳାର ଦେହ ଉପରେ ସ୍ପନ୍ଦିତ ରୂପେ ଘୂରି ଘୂରି ତା'ର ଅନୁଧାବନ କରୁଥିଲା । ଏଇ କେଇ ଦିନ ବ୍ୟବଧାନରେ ଝିଅଟି ଯେ ଏତେ ସୁନ୍ଦର ହୋଇ ପାରିଛି, ନିଜକୁ ନିଜେ ବିଶ୍ୱାସ କରି ପାରିଲେ ନାହିଁ ସେ । କଜଳ ଲଗା ଦୁଇ ଆଖିରେ ନୀଳ କଇଁର ମାଦକତା, ଦୁଧ ଅଳତା ରଙ୍ଗ ବୋଳା ଦେହରେ ଆଦ୍ୟ ଯୌବନର ଅସ୍ପଷ୍ଟ ଅକ୍ଷରଗୁଡ଼ିକ, ରଙ୍ଗଣୀ ଫୁଲର ପାଖୁଡ଼ା ପରି ତାର ନାଲି ଟୁକୁ ଟୁକୁ ଓଠରୁ ସତେ ଯେମିତି ଝରି ଝରି ପଡ଼ୁଛି ।

ଡାକ୍ତରଂକ ଯୁବକ ମନଟା ଏକ ଅଜଣା ଆନନ୍ଦରେ ଶିହରି ଉଠିଥିବା ବେଳେ ଦୃଷ୍ଟି ତାଙ୍କର ପଡ଼ିଗଲା ସ୍ୱର୍ଣ୍ଣପ୍ରଭା ଦେବୀଙ୍କ ଉପରେ । ଚେୟାରକୁ ଉଠି ନମସ୍କାର ଜଣାଇ ପୁଣି ବସି ପଡ଼ିଲେ ସେ । ସ୍ୱର୍ଣ୍ଣପ୍ରଭା ଦେବୀ ଡାକ୍ତରଂକ ସହିତ କେତେକ ଲଘୁ ଆଳାପ କରି ଘର ଭିତରକୁ ଚାଲିଗଲେ । କିଛି ସମୟ ପରେ ଜଳଯୋଗର କିଛି ସାମଗ୍ରୀ ଯେନି ପାଣି ଗ୍ଲାସଟା ଡାକ୍ତରଙ୍କ ହାତକୁ ଦେବାପାଇଁ ଉର୍ମିଳାକୁ କହିଲେ ସେ । ଶତ ଅନିଚ୍ଛା ସତ୍ତ୍ୱେ କର୍ତ୍ତୀଚନ୍ଦ୍ର ବାବୁଙ୍କ ଅନୁରୋଧରେ ହାତ ଧୋଇ ଉଭୟେ ଆସି ଉପଯୁକ୍ତ ସ୍ଥାନରେ ବସିଲେ । ଇତ୍ୟବସରରେ ସ୍ୱର୍ଣ୍ଣପ୍ରଭା ଦେବୀ ସେଠାରୁ ଯାଇ ଚା' ଦୁଇକପ୍ ଉର୍ମିଳା ହାତରେ ପଠାଇ ଦେଲେ ।

ଜଳଯୋଗର ପରିସମାପ୍ତି ପରେ ଡାକ୍ତର ଓ କର୍ତ୍ତୀଚନ୍ଦ୍ର ବାବୁ ପୂର୍ବ ସ୍ଥାନରେ ବସି ଦୁଇଟି ସିଗାରେଟରେ ଅଗ୍ନି ସଂଯୋଗ କରୁଥିବା ବେଳେ ପାଖ କାନ୍ଥ ଘଣ୍ଟାରେ ଠନ୍ ଠନ୍ ହୋଇ ବାଜି ଉଠିଲା ଆଠଟା । ସମରଜିତ୍ ବାବୁ ଅପ୍ରତିଭ ହୋଇ ଉଠିଲେ ସତେ ଯେମିତି । କର୍ତ୍ତୀଚନ୍ଦ୍ର ବାବୁ କିଛି କହିବା ପୂର୍ବରୁ ଡାକ୍ତର କହି ଉଠିଲେ, କ୍ଷମା କରିବେ ଆଜ୍ଞା, ରାତି ଆଠଟା ବାଜିଲାଣି । ସମୟ ସୁବିଧା ଦେଖି ଅନ୍ୟଦିନେ ମୁଁ ଆପଣଙ୍କର ଆତିଥ୍ୟ ଗ୍ରହଣ କରିବି.........।

ସ୍ୱର୍ଣ୍ଣପ୍ରଭା ଦେବୀ ଘରର ଦ୍ୱାର ବନ୍ଧକୁ ଆଉଜି ରହି ସ୍ନେହୋକ୍ତ କଣ୍ଠରେ କହିଲେ,—

ଆଜି ଦିନକ ଏଠାରେ ରହିଗଲେ କ'ଣ ଚଳନ୍ତା ନାହିଁ ଯେ, ଏଇ ରାତିରେ ଚାଲିଯିବାକୁ ବାହାରିଛନ୍ତି ?

—ରହିବାପାଇଁ କୌଣସି ଆପତ୍ତି ନାହିଁ । କିନ୍ତୁ ମୋତେ ଅପେକ୍ଷା କରି ଦୁଇଟି ରୋଗୀ ଜୀବନ୍ମୃତ ଅବସ୍ଥାରେ ପଡ଼ିଛନ୍ତି । ସେମାନଙ୍କ ଦାୟିତ୍ୱ ମୋ ଉପରେ

Digitized by srujanika@gmail.com

ସମ୍ପୂର୍ଣ୍ଣ ରୂପେ ନିର୍ଭର କରେ ଯେଉଁଥିପାଇଁ ମୁଁ ସ୍ୱସ୍ତି ବ୍ୟସ୍ତତା ଅନୁଭବ କରୁଛି । ଡାକ୍ତର ସମରଜିତ ବାବୁ ସହାନୁଭୂତିଶୀଳ କଣ୍ଠରେ କହିଲେ ।

ବୁଝିଛି, ଏପରି ସ୍ଥଳେ ମୁଁ ଆପଣଙ୍କୁ ଅଟକାଇ ରଖିବାକୁ ଉଚିତ ମନେ କରୁନାହିଁ । ତେବେ ଏତିକି କହୁଛି, ସମୟ ସମୟରେ ଏଠାକୁ ଆସିବାକୁ ଆପଣ ଯେମିତି ଭୁଲି ନ ଯାନ୍ତୁ ! ସ୍ୱର୍ଣ୍ଣପ୍ରଭା ଦେବୀ କହିଲେ । କ୍ଷମା କରିବେ ଆପଣଙ୍କ ସ୍ନେହ ସୌହାର୍ଦ୍ଦ୍ୟ ଯଦି ଭୁଲି ନ ଯାଏ, ମୋ ପିଲା ଆସିବା ମୁଁ ଭୁଲିଯିବି କିପରି ? ଏତିକି କହି, ନମସ୍କାର କରି ଇଂରାଜୀ ଖଣ୍ଡେ ସିଗାରେଟରେ ନିଆଁ ଧରାଇ, ପିଲାଙ୍କୁ ବାହାରିଲେ ଡାକ୍ତରବାବୁ । କୀର୍ତ୍ତିଚନ୍ଦ୍ର ବାବୁ ବାଟେଇ ଦେବାପାଇଁ ଡାକ୍ତରଙ୍କ ସହିତ ଦ୍ୱାରବନ୍ଧ ଅତିକ୍ରମ କଲେ ।

ଉର୍ମିଳା ସେତେବେଳକୁ ତାର ଶୟନ ଶଯ୍ୟାରେ ଥାଇ ଝରକାର ସାମାନ୍ୟ ଫାଙ୍କରେ ଡାକ୍ତରଙ୍କ ଚାଲିବାଟକୁ ଅନାଇ ଥାଏ ବିଜୁଳି ଆଲୋକର ଲମ୍ବିତ ରେଖା ପର୍ଯ୍ୟନ୍ତ ।

ସେମାନେ କିଛି ବାଟ ଆଗେଇ ଗଲା ପରେ, କିଛି ବୋଝାଏ ଗୁରୁତ୍ୱଗଲା ପରି ମନଭାବକୁ ନେଇ ଘର ଭିତରକୁ ଫେରି ଆସିଲେ ସ୍ୱର୍ଣ୍ଣପ୍ରଭା ଦେବୀ । ଘରର କେତେକ ଦୈନନ୍ଦିନ କାମରେ ମନ ଲଗୁ ନଥିଲେ ବି କରି ବସିଲେ ସେ । ଗୁଜର ସନିଆ ଆସି ଖାଇବାକୁ ମାଗିବାରୁ ଉର୍ମିଳାକୁ ତାକୁ ଖାଇବାକୁ ଦେବାପାଇଁ କହିଲେ । ସେତିକି ବେଳେ କୀର୍ତ୍ତିଚନ୍ଦ୍ର ବାବୁ ଡାକ୍ତରଙ୍କୁ ବିଦାୟ ଦେଇ ଆସି ପହଂଚିଲେ । ସନିଆକୁ ଖାଇବାକୁ ଦେଉ ଥିଲାବେଳେ ଉର୍ମିଳାକୁ କହିଲେ ସେ, ମୋର ଖାଇବାଟା ତ ହୋଇଯାଇଛି, ସନିଆର ଖାଇବାକୁ ଦେଇ ତୁମେ ମା' ଝିଅ ଖାଇନିଅ । ଶୋଇବା ଘରକୁ ଚାଲିଗଲେ କୀର୍ତ୍ତିଚନ୍ଦ୍ର ବାବୁ । ସନିଆବି ଖାଇସାରି ଚାଲିଗଲା ତାର ଶୋଇବା ସ୍ଥାନକୁ । ସ୍ୱର୍ଣ୍ଣପ୍ରଭା ଦେବୀ ଓ ଉର୍ମିଳା ଅନିଚ୍ଛା ସତ୍ତ୍ୱେ କିଛି ଜଳଖିଆ ଖାଇ ଶୋଇବାକୁ ଚାଲିଗଲେ ।

ସ୍ୱର୍ଣ୍ଣପ୍ରଭା ଦେବୀଙ୍କ ଆଖିକୁ କିନ୍ତୁ ନିଦ ଆସୁ ନଥାଏ । ଡାକ୍ତରଙ୍କୁ ଦେଖିଲା ବେଳଠାରୁ ମନରେ ତାଙ୍କର ପୁତ୍ର ବିଚ୍ଛେଦର ବ୍ୟଥା ଗୁମୁରି ଉଠୁଛି । କୌଣସି ପ୍ରକାରେ ତାଙ୍କୁ ସଦ୍ଧ...ଶଯ୍ୟାରୁ ଉଠି କୁଣ୍ଠିତ ପଦପାତରେ ସ୍ୱାମୀଙ୍କ ଶୟନ କକ୍ଷକୁ ପ୍ରବେଶ କଲେ ସେ । ସେତେବେଳକୁ କୀର୍ତ୍ତିଚନ୍ଦ୍ର ବାବୁ ନଶୋଇ କ'ଣ ଗୋଟିଏ ପତ୍ରିକା ପଢ଼ିବାରେ ଲାଗିଥିଲେ । ସ୍ୱର୍ଣ୍ଣପ୍ରଭା ଦେବୀଙ୍କ ଆକସ୍ମିକ ଉପସ୍ଥିତି ଲକ୍ଷ୍ୟ କରି ପଚାରିଲେ... କ'ଣ ହେଲା, ଏତେ ରାତିରେ ନ ଶୋଇ ପୁଣି ଏଠାକୁ ଆସିଲ କାହିଁକି ?

ଶୋଇଥିଲି ଯେ, କିନ୍ତୁ ଗୋଟିଏ କଥା କହିବାକୁ ଆସିଥିଲି । ସ୍ୱର୍ଣ୍ଣପ୍ରଭା ଦେବୀ ନିମ୍ନକଣ୍ଠରେ କହିଲେ ।

Digitized by srujanika@gmail.com

କ'ଣ ଏପରି ଗୁପ୍ତ କଥା ଅଛିଯେ, ରାତିରେ, ପୁଣି ଏପରି ନିର୍ଜନତା ଭିତରେ କହିବାର ଆବଶ୍ୟକ ମନେକଲ ।

ଏଟାତ କିଛି ଗୁପ୍ତକଥା ନୁହେଁ, ବରଂ ଆନନ୍ଦର କଥା । ତେବେ କଥା କ'ଣ କି, ମୁଁ ବାହାଘର କଥାଟା କହୁଥିଲି···

ବାହାଘର ! କାହାର, ଉର୍ମିର ? ଉତ୍କଣ୍ଠାର ସହିତ ପଚାରିଲେ କିର୍ତ୍ତୀଚନ୍ଦ୍ର ବାବୁ ଉର୍ମିର ନୁହେଁ ତ ଆଉ କ'ଣ ତୁମର ଦ୍ୱିତୀୟ ବାହା କଥା କହୁଛୁ ।

ତୁମେ ହୁଏତ ଆଜି ଏ କଥା ଚିନ୍ତା କରୁଛ ପ୍ରଭୁ । ମୁଁ କିନ୍ତୁ ଅନେକ ଦିନ ହେଲା ଏ କଥା ଚିନ୍ତା କରୁଛି ।

କାରଣ ଉର୍ମି ଆମର ଯେଉଁପରି ସୁଶୀଳା ଓ ସୁଧିରା, ତାକୁ ସେହିପରି ଯୋଗ୍ୟ-ପାତ୍ରରେ ଦେବାକୁ ହେବ ।

କିଏ ନାହିଁ କଲା ସେକଥା । ହେଲେ ସବୁ ବୁଝି ନିରବ ରହିଲେ ତ ଚଳିବ ନାହିଁ, ସେଥିପାଇଁ କିଛି ବ୍ୟବସ୍ଥା କରିବା ଦରକାର । ଯେହେତୁ ବିବାହ ଯୋଗ୍ୟା ଘରେ ରଖିଲେ ବାପ ମା'ଙ୍କର ଅମଙ୍ଗଳ ହୁଏ । ତେଣୁ ମୁଁ କହୁଥିଲି···

ଗାମ୍ଭୀର ଆଧିକ୍ୟ ହେତୁ, ଅଶ୍ରୁର ନଦକୁ ଆଖିରେ ଚାପିରଖି ଗୋଟିଏ ନାତିଦୀର୍ଘ ହାଇ ମାରି କିର୍ତ୍ତୀଚନ୍ଦ୍ର ବାବୁ କହିଲେ, ।

ନିରବ ରହିଲ କାହିଁକି ? କ'ଣ କହୁଥିଲ କୁହ ।

ଜଣେ ବୁଝିଲା ନାରୀ ହୃଦୟକୁ ନେଇ, ଦୋ ଦୋ ପାଞ୍ଚ ହୋଇ ସୁଷ୍ଠିତ୍ରିଣୀ ଦେବୀ କହିଲେ—ମୁଁ କହୁଥିଲି, ଯଦି ଆମେ ଉର୍ମିକୁ ଡାକ୍ତର ବାବୁଙ୍କ ସହିତ ବିବାହ ଦେଇ ପାରନ୍ତେ, ଖୁବ୍ ଭଲ ହୁଅନ୍ତା । କାରଣ ଆମେ ପ୍ରତ୍ୟେକ ଦର୍ଶୀ ହିସାବରେ ଯାହା ଦେଖୁଛନ୍ତି ସେ ଅସୁନ୍ଦର ନୁହେଁ କି ଅଗୁଣର ମଧ୍ୟ ନୁହେଁ । ପାଠ ପଢ଼ିଛି, ଗୌରବ ବି ଅଛି, ତାଛଡ଼ା ଅବସ୍ଥା ପନ୍ନ ଖାନ୍ଦାନ ପରିବାରର ପୁଅ ସେ । ତେଣୁ ମୁଁ କହୁଥିଲି, ଉର୍ମିକୁ ତା ସହିତ ବିବାହ ଦେଲେ ଠିକ୍ ଯାଇ ଭଉଣୀଟି ପରି ଦେଖାଯାନ୍ତେ ।

ତୁମ କହିବାଟା ଯଥାର୍ଥ ପ୍ରଭୁ । ବହୁଦିନ ପୂର୍ବରୁ ମୁଁ ଏକଥା ଭାବିଥିଲେ ବି ତୁମକୁ ଜଣାଇବାର ସୁଯୋଗ ପାଇ ନଥିଲି । ତେବେ କାମଟା ଯେପରି ଯୋଜନା ଭଳି ଭାବରେ ସମାହିତ ହୋଇପାରିବ, ସେ ବିଷୟରେ ମୁଁ ସମସ୍ତ ପ୍ରକାର ବ୍ୟବସ୍ଥା କରିବି ।

ଯୋଗସୂତ୍ରକାରୀ ଭାବରେ ପଠାଇଛି, ସେ ଫେରିଲେ କାଲି ଏହାର ଚୂଡ଼ାନ୍ତ ନିଷ୍ପତ୍ତି କରାଯିବ, ସେଣିକି ଝିଅଟାର ଭାଗ୍ୟ ।

Digitized by srujanika@gmail.com

ସ୍ୱାମୀଙ୍କ କଥାଶୁଣି ଅଶ୍ୱସ୍ତିର ଏକ ଦୀର୍ଘ ନିଶ୍ୱାସ ନେଇ ନିଜର ଶୋଇବା ଘରକୁ ଚାଲିଗଲେ ସ୍ୱର୍ଣ୍ଣପ୍ରଭା ଦେବୀ ।

ପରର ଅପର ବଖରାରେ ଶୋଇଥିଲା ଉର୍ମିଳା । ଆଖିରେ ତା'ର ନିଦ ନଥିଲା ଅଥଚ ଏମାନଙ୍କ କଥାବାର୍ତ୍ତାକୁ ସମ୍ପୂର୍ଣ୍ଣ ଭାବରେ ଶୁଣି ପାରୁଥିଲା ସେ । ଏହା ନିଶ୍ଚିତ, ବିବାହ ଯୋଗ୍ୟା ଝିଅମାନେ ବିବାହ ପ୍ରସ୍ତାବ ବା ବିବାହ ଜନିତ କଥାବାର୍ତ୍ତା ଶୁଣିଲେ ନିଶ୍ଚୟ ମନେ ମନେ ଅନେକ ଗୋପନ କାହାଣୀ ବେଳେ ବେଳେ ରଚନା କରି ବସେ, ତା ସହିତ ଆଜି ତା'ର ବିବାହର ସୂତ୍ରପାତ ହୋଇଛି । ମନରେ ଏକ ଚାପା ଉଦ୍‌ବେଗକୁ ନେଇ ଭଗବାନଙ୍କ ଉଦ୍ଦେଶ୍ୟରେ ପ୍ରଣତି ଜଣାଇଲା ସେ ।

ଯୁବତୀ ଝିଅର ମନ—ଏକ ମୁକ୍ତ ଆକାଶର ବିହଙ୍ଗ । ହୁଏତ କେତେକାଂଶରେ ତା'ର ପରିବେଶ ଅନୁକୂଳ ହୋଇ ନପାରେ, କିନ୍ତୁ ସେ ତା'ର ନିଜ ଆଖିରେ ନିଜ ମନର ମଣିଷକୁ ନିର୍ବାଚନ କରିଥାଏ । ଏହି ପରିପ୍ରେକ୍ଷୀରେ ଉର୍ମିଳା ମନେ ମନେ ଭାବିଚାଲିଛି ଅନେକ କିଛି । କେଉଁଠି ତା'ର ଜନ୍ମ, କାହାର ସ୍ତନ ପାନ କରି ସେ ଆଜି ମଣିଷ, ଏକଥା ସତେ ଯେମିତି ତାର ଯୌବନର ମାଦକତାରେ, ବୟସର ଚଞ୍ଚଳତାରେ ହଜିଯାଇଛି ମନର କେଉଁ ଅତଳ ଜଳଭଉଁରୀ ଭିତରେ ।

ଝିଅଙ୍କ ମନଟା ବାସ୍ତବିକ ଏହିପରି ବିସ୍ମୃତିର ଏକ ଗନ୍ତାଘର । କେତେବେଳେ ଜଣେ ପ୍ରେମିକର ଆଲିଙ୍ଗନରେ ପିଞ୍ଜରାବଦ୍ଧ ପକ୍ଷୀଟି ପରି ଧରାଦେଇ, ପୁଣି କେତେବେଳେ ଅନ୍ୟ ପ୍ରେମିକର ସହଧର୍ମିଣୀ ଭାବରେ ଉଡ଼ିଯିବାକୁ ଟିକିଏ ହେଲେ କୁଣ୍ଠାବୋଧ କରନ୍ତି ନାହିଁ । ଉର୍ମିଳା ଅବଶ୍ୟ ସେ ଚରିତ୍ରର ଝିଅ ନୁହେଁ । କିନ୍ତୁ କୁମାରୀ ଜୀବନର ଏକ ଚହଲା ଅନୁଭୂତିକୁ ନେଇ ସେ ବିଛଣାରେ ଶୋଇ ନପାରି କେବଳ ଏପଟ ସେପଟ ହେଉଥାଏ ।

ରାତି ସେତେବେଳକୁ କେତେ ହେବ ଠିକ୍ ଭାବେ ଜଣା ନପଡ଼ିଲେ ବି ଦଶମୀ ତିଥିର ଜହ୍ନଟା ନିର୍ଜନତାର ଗାଢ଼ ଆଲିଙ୍ଗନକୁ ବାହାର କିଛି ବାଟ ଦେଖାଇ ଆସିଥିଲେ ତଳକୁ । ଯୁବତୀ ଆଶାର କେତେ ସୁନେଲି ଭାବନାରେ ବିଭୋର ହୋଇ ବିଛଣାରେ କେତେବେଳେ ଶୋଇଯାଇଥିଲା ଉର୍ମିଳା ।

ସତୀଦାହ ପ୍ରଥା ଯୁଗରେ ସ୍ୱାମୀର ମୃତ୍ୟୁ ପରେ ସ୍ତ୍ରୀ ତା'ର ସେହି ଜୁଇରେ ଡେଇଁ ପଡ଼ିଲା ପରି, ଅସ୍ତଚନ୍ଦ୍ରଙ୍କୁ ଖୋଜି ଲୋକ ରାତି ଯେମିତି ଦିଗନ୍ତ ଫିକା ଦେଶରେ ଡେଇଁ ପଡ଼ିଥିଲା ସେତିକି, ଦେବାଳୟମାନଙ୍କରୁ କେଉଁଠି କେମିତି ଶଂଖ ଶବ୍ଦ ଶୁଣାଗଲାଣି ଲୋକମାନେ ନିଜ ନିଜର ପ୍ରାତଃକର୍ମରେ ଲାଗିଗଲେଣି ପ୍ରାୟ । ସ୍ୱର୍ଣ୍ଣପ୍ରଭା ଦେବୀ ବିଛଣାରୁ ଉଠି ନିଜର ପ୍ରାତଃକର୍ମ ଶେଷ କଲେ । ସେତେବେଳକୁ ବାହାର ଅଗଣାରେ ପ୍ରଭାତର ମୃଦୁ ଶାନ୍ତ ସ୍ନିଗ୍ଧ ଆଲୋକ ରେଖା ଝରିପଡ଼ୁଥାଏ, ଫଗୁଣ

Digitized by srujanika@gmail.com

ମାସର ଆମ୍ରମୁକୁଳ ପରି । ଗୃହର ସନିଆ ସେତେବେଳକୁ ବଳଦ ଦୁଇଟିକୁ ଦାଣ୍ଡରେ ବାନ୍ଧି ଛଣ ଦୁଇବିଡ଼ା ପକାଉ ଥିବା ବେଳେ କହିଲା, ମା', ମୋ ପାଇଁ ଚଞ୍ଚଳ ଖାଇବାକୁ କର, ହଳ ଆଜି ଚୋଦ୍ଦବସ୍ତ ହୁଡ଼ାକୁ ଯିବ ।

ସ୍ୱର୍ଣ୍ଣପ୍ରଭା ଦେବୀ ଟିକେ ଚଞ୍ଚଳ ହୋଇଉଠିଲେ । ଊର୍ମିଳା ସେତେବେଳ ଯାଏ ଶୋଇଥିବାର ଦେଖି ତାକୁ ଉଠାଇ ଦେଇ ବଟିଦୁଇଟା ଚୂନ ଆଣିବା ପାଇଁ କହିଲେ । ଊର୍ମିଳାର ଆଖିରେ ସେତେବେଳକୁ ଆଖିଏ ନିଦ, ତଥାପି ଆଖି ମଳାମଳି ହୋଇ ଉଠିଲା ସେ । ବଡ଼ି ଚୂର ଓ ପଖାଳ ବାଢ଼ି ସନିଆକୁ ଦେବା ପରେ ସେ ହଳ ନେଇ ଚାଲିଗଲା । ତା'ପରେ ଚା' କପେ ହାତରେ ଧରି ଊର୍ମିଳା ଆସି ଦେଖିଲା କୀର୍ତ୍ତିଚନ୍ଦ୍ର ବାବୁ ନାହାନ୍ତି । ତେଣୁ ସେ ସ୍ୱର୍ଣ୍ଣପ୍ରଭା ଦେବୀଙ୍କୁ ପଚାରିଲା, ବାପା ସକାଳୁ ଚା' ନଖାଇ କୁଆଡ଼େ ଯାଇଛନ୍ତି ମା ?

ସ୍ୱର୍ଣ୍ଣପ୍ରଭା ଦେବୀ ଭ୍ରୂକୁଞ୍ଚିତ କରି ଟିକେ ରାଗି କହିଲେ, ମୁଁ ଆଉ ଜାଣିଲି କିପରି । ହୁଏତ କାହାପାଖକୁ କୌଣସି କାମରେ ଯାଇଥିବେ । କହୁ କହୁ ଘଣ୍ଟାରେ ବାଜିଲା ଆଠଟା । ସାଧା ପ୍ରଭୃତି ଝିଅ ମାନେ ଆସି ପହଞ୍ଚିବାରୁ ଊର୍ମିଳା ଚାଲିଗଲା ଗାଧୋଇବାକୁ । ସ୍ୱର୍ଣ୍ଣପ୍ରଭା ସବୁ କାମ ଶେଷ କରି ସ୍ୱାମୀଙ୍କ ଫେରିବା ବାଟକୁ ଅନାଇ ଯାଇ ଦାଣ୍ଡ ପିଣ୍ଡାରେ ବସି ପଡ଼ିଲେ ।

— * —

କାଳ ବୈଶାଖର ପ୍ରଚଣ୍ଡ ରୁଦ୍ର ତାପରେ ପଶୁପକ୍ଷୀମାନେ ବିଲ ପ୍ରାନ୍ତର ତ୍ୟାଗ କରି ବୃକ୍ଷ ଛାୟାର ଆଶ୍ରୟ ନେଇଛନ୍ତି । ପ୍ରଖର ଖରା ହେତୁ ରାସ୍ତାର ମାଟି ଫାଟି ଧୂ ଧୂ ବାଲି ଉଡ଼ୁଛି । ମଣିଷ ତ ଦୂରର କଥା । କେଉଁଠି ହେଲେ ଗୋଟିଏ ଚଢ଼େଇବି ଦେଖିବାକୁ ପାଉ ନାହିଁ ମକରା । ମହାଜନ ଗଗନ ଦାସର ଅନ୍ନଭୋଗୀ କ୍ରୀତଦାସ ସେ । ତେଣୁ ମାଲିକର ନିଷ୍ଠୁର ଆଦେଶକୁ ଶିରୋଧାର୍ଯ୍ୟ ମନେ କରି, ସେହି ଅସମୟ ବଜ୍ରପାତ ପରି ପ୍ରଖର ଖରାରେ, ସୁକୁମାର ପଟ୍ଟନାୟକର ସର୍ବସ୍ୱ ଲୁଣ୍ଠନକାରୀ କ୍ରୋକ ପତ୍ର ଧରି ଅଟେଇ ଚାଲିଛି ଗ୍ରାମ ପଥରେ । ସୂର୍ଯ୍ୟ ଯେତେବେଳେ ମୁଣ୍ଡ ଉପରୁ ଅଳ୍ପ କିଛି ବାଟ ପଶ୍ଚିମ ଦିଗକୁ ଅଣେଇ ହୋଇ ପଡ଼ିଥିଲେ, ସେତିକି ବେଳେ ସେ ଯାଇ ସୁକୁମାର ପଟ୍ଟନାୟକର ଦ୍ୱାର ଦେଶରେ ପହଞ୍ଚିଲା ।

ସୁକୁମାର ବାବୁ ଘରେ ଆଛନ୍ତି ! କୁଣ୍ଠିତ ଅଥଚ କର୍କଶ ସ୍ୱରରେ ଡାକିଲା ମକରା ।

Digitized by srujanika@gmail.com

ରାତିର ପୈଶାଚିକ ତାନ ଶୁଣି ମଣିଷ ଉପସ୍ଥିତ ହେଲା ପରି, କିଏ ଡାକୁଛି ବୋଲି ଦେଖିବା ପାଇଁ ଭୟ ମିଶ୍ରିତ ମନରେ ଘର ଭିତରୁ ବାହାରି ଆସିଲା ସୁକୁମାର ପଟ୍ଟନାୟକ ।

ମାତ୍ର ମକରର ରୁକ୍ଷ ମୂର୍ତ୍ତିକୁ ଦେଖି ପ୍ରଥମେ ଚମକି ଉଠିଥିଲା ସେ । ଅସମୟରେ ଗୋଟାସାରା ଦେହ ଜଡ଼୍ ଭୂତ୍ ହୋଇ ତାହେଲେ କାହିଁକି ଆସିଛି ମକର । ଭୟହେଲା ସୁକୁମାର ପଟ୍ଟନାୟକ ମନରେ । ସେଦିନ ଏହି ମକରକୁ ପଠାଇ, ରକ୍ତଚକ୍ଷୁ ଦେଖାଇ କେତେ କ'ଣ ଧମକ ଚମକ ଦେଇଥିଲା ମହାଜନ ଗଗନ ଦାସ ।

ତାହେଲେ, ଆଜି କିଏ ମୋର ସର୍ବନାଶ ପାଇଁ ପଠାଇଛି ସେ ମକରକୁ ? କିଛି କହି ନପାରି ଖାଲି ମକରର ମୁହଁକୁ ଅନାଇ ରହିଥିଲା ଅସହାୟ, ଅପଲକ ନୟନରେ । ସୁକୁମାର ପଟ୍ଟନାୟକର ସ୍ତ୍ରୀ ସେତେବେଳକୁ ଗୋଟିଏ ଶିଶୁପୁଅକୁ କୋଳରେ ଧରି ଦ୍ୱାର ବନ୍ଧକୁ ଆଉଜି ଠିଆ ହୋଇଥାଏ ମକର ଠାରୁ କିଛି ଶୁଣିବା ପାଇଁ ।

ମକରର କ୍ଲାନ୍ତ ମୁହଁରୁ ମଧ୍ୟ କଥା ବାହାରୁ ନଥାଏ । ଏମାନଙ୍କର ଅସ୍ଥି କଙ୍କାଳସାର ଶ୍ରୀହୀନ ରୂପକୁ ଦେଖି ଗଭୀର ଅନୁଶୋଚନାରେ ମହାଜନର ଆଦେଶ ପର୍ଚ୍ଚା ଦେବାକୁ ହାତ ତାର ଥରିଉଠୁଥିଲା ।

ପ୍ରକୃତିସ୍ଥ ହେଲା ସୁକୁମାର ପଟ୍ଟନାୟକ । ମକରକୁ ନୀରବ ଭାବରେ ଠିଆ ହୋଇଥିବାର ଦେଖି ଗୁପା କଣ୍ଠରେ କହିଲା ସେ, ଏ ଅସମୟରେ ତୁମେ ପୁଣି କି ଆଦେଶ ନେଇ ମୋ ପାଖକୁ ଆସିଛ ମକୁ ।

ମକର ଚାକର । ତାର ପ୍ରତ୍ୟେକ ରକ୍ତ କଣିକାରେ ମହାଜନର ଖାଦ୍ୟ କଣିକା ମିଶି ତାକୁ ଆଜି ମଣିଷ କରିଛି । ତଥାପି ତାର ହୃଦୟ ଅଛି । ଚାକର ହେଲେ ମଧ୍ୟ ଏହି ମଣିଷର ରକ୍ତ ମାଂସରେ ତା ଜୀବନ ଗଢ଼ା । ସୁକୁମାର ବାବୁଙ୍କ ପ୍ରଶ୍ନରେ କି ଉତ୍ତର ଦେବ କିଛି ସିଦ୍ଧାନ୍ତ କରିନପାରି ନୀରବର ସହିତ ତା'ର ମୁହଁକୁ ଅନାଇ ରହିଥାଏ ।

ମକରର ଏପରି ହତବାକ୍ ରୂପକୁ ଦେଖି ଭୟ ଓ ବିସ୍ମୟର ସୀମା ଟପି ଯାଉଥିଲା ସୁକୁମାର ପଟ୍ଟନାୟକ ପରେ ଖୁବ୍ ଅସହାୟ ଓ ଅସ୍ପଷ୍ଟ କଣ୍ଠରେ କହିଲା, ନୀରବ ରହିଲ କାହିଁକି ମକୁ, ମହାଜନର କି ଆଦେଶ ନେଇ ତୁମେ ମୋ ନିକଟକୁ ଆସିଛ ?

ମକର ତଥାପି ନୀରବ । ପକେଟରେ ହାତ ପୂରାଇଲା ବେଳକୁ ହାତ ତାର ଅମାନିଆ ହୋଇ ଥରି ଉଠୁଥାଏ । ତଥାପି ସେହି ଥର ଥର ହାତରେ ଛିଣ୍ଡା ମଳିଆ ସାର୍ଟ ପକେଟରୁ ନୋଟ—ପର୍ଚ୍ଚି କାଢ଼ି ବଢ଼ାଇ ଦେଲା ସୁକୁମାର ପଟ୍ଟନାୟକ ହାତକୁ ।

Digitized by srujanika@gmail.com

ସୁକୁମାର ଥିଲା ନୀରକ୍ଷର । ମହାଜନ ହାତରୁ କାଗଜ ଖଣ୍ଡିକ ନେଇ ଆହୁରି ବିସ୍ମିତ ହୋଇ ବିନୟ ସୂଚକ କଣ୍ଠରେ ପଚାରିଲା, ଏ କାଗଜରେ କଣ ଲେଖା ହୋଇଛି ମଲୁ ?

ମକରଗ୍ରର ବି ପାଠ, ବା ଅକ୍ଷର ସହିତ ଥିଲା ଲୁଚକୋଚୁ ଦେଢ଼ଶ୍ରୁର ସମ୍ପର୍କ । କାଗଜ ଖଣ୍ଡିକ ଦେଲାବେଳେ ମହାଜନ ଦେଭଳ ଏକଥା କହିଥିଲା, "ଖୁବ୍ ସାବଧାନ ମକର୍ଧ୍ଵ । ସୁକୁମାର ବ୍ୟତୀତ ଏ କାଗଜ ଖଣ୍ଡିକ ଯେମିତି ଅନ୍ୟ କାହା ହାତକୁ ନ ଯାଏ । ତା ଠାରୁ ପ୍ରତିଶୋଧ ନେବାର ଏ ହେଉଛି ଏକମାତ୍ର ଉପାୟ, ତାର ସର୍ବସ୍ୱ ନିଲାମ କରିବାର ନୋଟିସ" । ତେଣୁ ମକର୍ଧ୍ଵ ତାର ପ୍ରଖର ନିଶ୍ୱାସକୁ ଗ୍ରନ୍ଥ ତଳେ ଗୁପ୍ତିରଖି ଧୈର୍ଯ୍ୟର ସହିତ କହିଲା, ତୁମ ଠାରୁ ପ୍ରତିଶୋଧ ନେବା ପାଇଁ ଏ ହେଉଛି ମାଲିକର କଠୋର ଆଦେଶ—ନୋଟିସ ।

ମେଘ କୋଳରେ ବିଜୁଳି ଚମକ ଉଠିଲା ସୁକୁମାର । ଝର ଝର ପରି ଦୁଇ ଆଖିରୁ ଲୁହ ଗୁଡ଼ାକ ଝରି ପଡୁଥିଲା ତଳକୁ । ମୁହଁରେ ତାର ଭାଷା ନଥିଲା ଅଥଚ କପାଳର କୁଞ୍ଚିତ ରେଖା ଭିତରେ ସତେଯେମିତି ଅନେକ ଗୁଡ଼ିଏ ପ୍ରଶ୍ନ ବାହାରି ମୁଣ୍ଡି ପିଟୁଥିଲା ।

କିଛି କହିବାର ସାହସ ନଥିଲେ ବି ମକର୍ଧ୍ଵର ମନଟା ଏକାବେଳକେ ଦୋହଲି ଉଠିଥିଲା ସେତେବେଳେ । ଜଣକ ଆଖିରେ ଲୋତକର ଉର୍ମି ଯମୁନାର ଢେଉ ଖେଳାଇ ଆଉ ବା କ'ଣ କହି ପାରନ୍ତା ତାକୁ । ବୈଶାଖର ଝାଂଜି ପବନ ଓ ଗ୍ରୀଷ୍ମର ଖଇଫୁଟା ତତଲା ବାଲିକୁ ପାଦ ବଢ଼ାଇଲା ସେ । ସୁକୁମାର କିନ୍ତୁ ମକର୍ଧ୍ଵକୁ ଦେଖୁନାହିଁ ।

ଦୌଡ଼ିଯାଇ ମକର୍ଧ୍ଵକୁ କୁଣ୍ଢାଇ ପକାଇ ଗ୍ରନ୍ଥ ଫଟା କୋହକମ୍ପିତ କଣ୍ଠରେ କହିଲା, ଏ ବିପଦ ବେଳେ ତୁମେ ମୋତେ ଏକ ଟୁଣ୍ଡି ସାନ୍ତ୍ୱନା ଦେବ ନାହିଁ ?

ଦୁର୍ଦ୍ଦାନ୍ତ ମହାଜନର କଠୋର ଔଦ୍ଧତ୍ୟରେ ମକର୍ଧ୍ଵର ନିଷ୍ଠୁର ଆଖିରୁ ଲୁହ ଶୁଖି ଯାଇଥିଲେ ବି ସୁକୁମାରର କରୁଣ ଆବେଦନରେ ଦୁଇ ବିନ୍ଦୁ ଉଷ୍ଣ ଲୁହ ଝରି ପଡ଼ିଲା ତେଣୁ ସେ ସମବେଦନାଶୀଳ କଣ୍ଠରେ ସୁକୁମାର ପଟ୍ଟନାୟକର ହାତକୁ ଧରିପକାଇ କହିଲା, ଏ ଗୁହରର ପଥର ହୃଦୟ ଭିତରେ ଥିବା ଅସାଟା କାହାର ମୁଁ କହିପାରିବି ନାହିଁ ବାବୁ, କିନ୍ତୁ ଏ ଧୂଳି ଧୂସର ଦେହ ଉପରେ ମୋର ଟିକିଏ ହେଲେ ଅଧିକାର ନାହିଁ । ମୁଁ ତୁମ ଗୋଡ଼ ଧରୁଛି ବାବୁ, ମୋତେ ମୋର ଅଧିକାର ଜନଟଙ୍କୁ ଫେରେଇବାକୁ ଦିଅ ।

ନିରହାସ୍ର ସୁକୁମାର ପଟ୍ଟନାୟକ । ଏ ଦାରୁଣ ଦୁଃଖରେ ଆହା କହିବାକୁ ଜଣେ ହୋଇ କେହି ନାହିଁ । ସେ ଯେଉଁ ଡାଳ ଧରୁଛି ସେ ଡ଼ାଳ ଭାଙ୍ଗି ପଡୁଛି । ଗ୍ରାମବାସୀ

Digitized by srujanika@gmail.com

ମାନେ ମଧ୍ଯ ତାକ୍ ଗୁସ୍ତା ଘାଟ କଥା, ପାଣି, ସବୁଥିରୁ ଅଲଗା କରି ରଖିଛନ୍ତି । ମକଗୁ ସ୍ତ୍କର ଯାହା ନିଜ ମନ, ନିଜ ଦେହ ଉପରେ ବି ଅଧିକାର ନାହିଁ, ତା ଠାରୁ ସେ ବା କି ପ୍ରକାର ସାହାଯ୍ୟ ପାଇ ପାରନ୍ତା ?

ଚୋଲପର ଆଗ ପନ୍ଥ ଦୁଇ ପାଖରୁ ମାଡ ଖାଇ, ବାସ୍ତବିକ୍ ସୁକୁମାର ପଟ୍ଟନାୟକ ଆଜି ଏକାନ୍ତ ଭାବେ ଅସହାୟ ।

ପଲକହୀନ ଆଖିର ଉତଳା ଲୁହକୁ ଆଖି କୋଣରେ ନିଗାଡ଼ି ଦେଇ ଭଙ୍ଗା ଭଙ୍ଗା କଣ୍ଠରେ କହିଲା ସୁକୁମାର, ତୁମେ ଫେରିଯାଅ ମକୁ ! ମୋ ଦୁଃଖର ସମାଧାନ ଭଗବାନଙ୍କ ବ୍ୟତୀତ ଆଉ କେହି କହି ପାରିବେ ନାହିଁ । ମୋ ମନର ପାପ ହିଁ ମତେ ଆଜି ଜାଳିପୋଡ଼ି ନିଶେଷ କରିଦେବ ।

ଆଉ କିଛି କହି ପାରିଲା ନାହିଁ ମକଗୁ । ଫେରି ଯିବା ପାଇଁ ନିରସ୍ତ, କୁଣ୍ଠିତ ପାଦ ଦୁଇଟିକୁ ଆଗକୁ ବଢ଼ାଇଲା ସେ । ମାତ୍ର ବେଶି ଦୂର ଯାଇ ପାରିଲା ନାହିଁ । ଦେଖିଲା କେତେଜଣ ଆଣ୍ଟିବାହିକୁ ସଙ୍ଗରେ ଧରି, ଭାରତ ଅନ୍ନମଣରେ ଆସିଥିବା ସୁଲତାନ ମାମୁଦଙ୍କ ପରି ମହାଜନ ଗଗନ ଦାସ ସେଇ ଆଡ଼କୁ ମାଡ଼ି ଆସୁଛି । ପାଦ ଦୁଇଟା ତାର ଆପେ ଆପେ ଅଟକି ଗଲା ସେଇଠି ।

ସୁକୁମାର ପଟ୍ଟନାୟକଙ୍କର ଦାଣ୍ଡରେ ପହଞ୍ଚି ପହଞ୍ଚି ମହାଜନର ଆଦେଶରେ ଖୁବ୍ କୋରରେ ଦୁଇ ପାହାର ତେଙ୍ଗୁ ପିଟି ଦେଙ୍ଗୁ ବାଡ଼ିଲା । ସୁକୁମାର କେବଳ ମୁଣ୍ଡ ପିଟି କାନ୍ଦିବା ଛଡ଼ା ଅନ୍ୟ ଉପାୟ ନ ଥିଲା । ସ୍ତ୍ରୀ ତାର ସେତେବେଳକୁ ଅଚେତନ ଅବସ୍ଥାରେ ତଳେ କେଉଁଠି ପଡ଼ିଥିଲା । ପିଲାଛୁଆଙ୍କ କିଛି କାରଣ ବୁଝି ବାପମା'ଙ୍କର ଅସହାୟତାରେ ଅନ୍ତର ଫଟାଇ କେବଳ କାନ୍ଦିବାରେ ଲାଗିଥାନ୍ତି ।

ମହାଜନର ଆଦେଶରେ ସ୍ତ୍କରମାନେ ତା ଘରେ ଯାହା କିଛି ଥିଲା ସବୁ ବାହାର କରି ଆଣିଲେ । ସୁକୁମାରର ସ୍ଥିତିଟା କିନ୍ତୁ ଅସମ୍ଭବ ଭାବେ ଥରି ଉଠୁଥାଏ, କୋଧରେ ନୁହେଁ-ଭୟରେ । ମତେ ଯେମିତି ବଉଳା ବିସ୍ତାରି ସୀମାହୀନ ଆକାଶଟା ତାର ମୁଣ୍ଡ ଉପରେ ଲଦି ହୋଇ ପଡ଼ୁଛି । ପାଦତଳୁ ପୃଥିବୀଟା ଯେପରି ତଳକୁ ତଳ ଖସି ଯାଉଛି ।

ସେତେବେଳକୁ କଥାଟା ଗାଁ ସାରା ଚେମିନି ଧୂଆଁ ପରି ଖେଳି ଯାଇଥିଲା । ଗାଁ ଲୋକେ ସବୁ ଦେଖି କିଛି ନ ଦେଖିଲା ପରି ବାଟ ଭାଙ୍ଗି ଗୁଲି ଯାଉଥିଲେ । କେହି କେହି ବି ମନେ ମନେ ଖୁବ୍ ଖୁସି ହେଉଥିଲେ ସୁକୁମାରର ଏପରି ଦୁର୍ଦ୍ଦିନ ମୁହୂର୍ତ୍ତରେ । ଦୁଃଖ ଯାହାର ଅତି ଆପଣାର, ତା ପାଇଁ ମଣିଷ ବି କେତେ ନିଷ୍ଠୁର ହୋଇ ପାରନ୍ତା ?

Digitized by srujanika@gmail.com

ଘରେ ଯାହା ଥିଲା, କୂଳରୁ ଗ୍ରୀଷ୍ଟ୍ରୀ ପର୍ଯ୍ୟନ୍ତ ସବୁ ବୋହି ଆଣିଲେ ନିର୍ମମ ସ୍ୱକରବୃତ୍ତୀକ । ମାତ୍ର ମକର ମହାଜନଙ୍କୁ ବାଧ୍ୟ ନ କରି ସୁକୁମାର ପଟ୍ଟନାୟକଙ୍କୁ ଶାନ୍ତ୍ୱନା ପ୍ରବୋଧନା ଦେବାରେ ଲାଗିଥାଏ । ପରେ ଅନ୍ୟରେ ସେ ପ୍ରତିପାଳିତ ସ୍ୱକର ହେଲେ ବି ମଣିଷର ଦୁଃଖରେ ସମବେଦନା ଜଣାଇବା ପରି ହୃଦୟ ଥିଲା ତା , ଅଖିରେ ଥିଲା କେଇ ଧାର ଲୁହ ।

ମହାଜନ ଗଗନ ଦାସ ଚକ୍ର ତଳରେ ଥରେ ଦେଖିଲା ସୁକୁମାର ପଟ୍ଟନାୟକଙ୍କୁ । ଆଉଥରେ ଅନୁଭବୀ ସ୍ୱକର ମକରକୁ । ଇଚ୍ଛା ହେଉଥିଲା, ଧାଇଁ ଯାଇ ମକରର ବେକଟାକୁ ମୋଡି ଛିଣ୍ଡାଇ ଦିଅନ୍ତା; ପର ମୂହୁର୍ତ୍ତରେ କିନ୍ତୁ ଟିକେ ଦବି ଯାଇଥିଲା ସେ । ସ୍ୱର ଅତକୁ ଥରେ ଅଗ୍ନି ଉଦ୍ଗିରିଲା ପରି ଆଖି ଦୁଇଟାକୁ ବୁଲାଇ ଆଣି ଆଉ ଜଣେ ସ୍ୱକରକୁ କହିଲା, ସବୁ ଆସିଥିଲେ ବି ଏପର୍ଯ୍ୟନ୍ତ ତାର ଗାଈଟା ସେ ଆସିନାହିଁ । ଏହି ମୂଲ୍ୟହୀନ ଜିନିଷଗୁଡ଼ାକରେ ସେ ଋଣରେ ସୁଧ ବି ହେବନାହିଁ । ଯା ସେ ଗାଈଟାକୁ ନେଇଆ ନେତର ।

ମହାଜନର ମୁହଁରୁ ଗାଈର କଥା ଶୁଣି ଠିଆ ହୋଇ ପାରିଲା ନାହିଁ ସୁକୁମାର ପଟ୍ଟନାୟକ । ଏକ ଧାରୁଆ ଦାଆରେ ସତେ ଯେମିତି କିଏ ତାର କଲିଜାଟାକୁ କାଟି ପକାଉଛି, ଦେହର ରକ୍ତବୁନ୍ଦାକ ଯେମିତି ପାଣିରେ ପରିଣତ ହୋଇ ଯାଉଛି । ଧାଇଁଯାଇ ମହାଜନର ଗୋଡ ଦୁଇଟିକୁ ଧରି ପକାଇ ହାଉଳିସ୍ୱରକ କଣ୍ଠରେ କହିଲା ମୁଁ ଆପଣଙ୍କ ଗୋଡ ଧରୁଛି ମହାଜନେ ! ସବୁ ନେଇ ଯିବା ପରେ, ସେ ଗାଈଟାକୁ କିଅନା ଆଜିକୁ ଦଶ ଦିନ ହେଲା ଚଳି ଜାଣୁନାହିଁ । କୁଆଁରୁଆଁ ତାଙ୍କ ମୁହଁକୁ ଅନାଇ ସେବା ଶୁଶ୍ରୂଷାରେ ପଡ଼ିଛନ୍ତି । ଆଉ କେଇ ଦିନ ପରେ ସେ ବାଛୁରୀ ଜନ୍ମ କରିଲେ, ତା'ରି ଦୁଧକୁ ବିକି ଗଣ୍ଡିଏ ଦାନା ତାଙ୍କ ମୁହଁରେ ଦେବି ଆଜ୍ଞା ।

ଏ ଅନୁନୟରେ ମହାଜନ ମନରେ କୌଣସି ପରିବର୍ତ୍ତନ ହେଲାନାହିଁ । ବରଂ ପୂର୍ବାପେକ୍ଷା ସେ ଅଧିକ ଅଗ୍ନିଶର୍ମା ହୋଇ ପଡ଼ିଲା ।

ସେତିକି ବେଳେ ନେତର ତାର ଆସନ୍ନ ପ୍ରସବା ଗାଈଟିକୁ ବନ୍ଧା ହୋଇଥିବା ସ୍ଥାନରୁ ଖୋଲି ଆଣି ସେଠାରେ ପହଞ୍ଚିଲା । ସୁକୁମାର ଆଉ ଧୈର୍ଯ୍ୟ ଧରି ପାରିଲାନାହିଁ । ଗୋଟିଏ ହାତରେ ଗାଈର ପଘା ଓ ଅନ୍ୟ ହାତରେ ମହାଜନର ଗୋଡ଼କୁ ଧରି ଭେଁ ଭେଁ ହୋଇ କାନ୍ଦି ଉଠିଲା । ହେଲେ ଫଳ କିଛି ହେଲା ନାହିଁ । ମହାଜନ ତାକୁ ଆଡେଇ ଦେଇ ଚାଲିଲେ ପଛକୁ ।

ପାଣିରେ ବୁଡ଼ି ମରୁଥିବା ଲୋକ ସମ୍ମୁଖରେ କାଠ ଖଣ୍ଡିଏ ପାଇଲେ ତାର ଆଶ୍ରାରେ ଆତ୍ମରକ୍ଷା କରିବାକୁ ଚେଷ୍ଟା କରେ । ମହାଜନର ଏ କଠୋର ଭର୍ତ୍ସନାରୁ ରକ୍ଷା

Digitized by srujanika@gmail.com

ପାଇବା ପାଇଁ ମକରନ୍ଦର ମହାନୁଭବତା ବା କେତେ ଦୂର ସମୀଚୀନ ହୋଇପାରେ ? କେବଳ ଆଖି ଲୁହରେ ଦାଣ୍ଡର ଧୂଳିକୁ ଭିଜାଇବା ଛଡ଼ା ଅନ୍ୟ ଉପାୟ ନ ଥିଲା ସୁକୁମାରର ।

ଗଗନ ଦାସ ପୁଣି ଥରେ ନିଜର ବୃଦ୍ଧତ୍ୱ, ଆରକ୍ତ ନୟନ ଦୁଇଟିକୁ ଘରଆଡ଼କୁ ବୁଲାଇ ଆଣି ଉଚ୍ଚ, ନେପୋଲିୟନ କଣ୍ଠରେ କହିଲା, ଆଉ ବିଳମ୍ବ କରନା ନେତରା । ସବୁ ଜିନିଷଗୁଡ଼ିକ ବୋହି ନେବା ସଙ୍ଗେ ସଙ୍ଗେ ଗାଈଟିକୁ ବି ନେଇ ଯିବାର ବ୍ୟବସ୍ଥା କର । ଆଉ ତୁମେ ମଧ୍ୟ ଶୁଣିରଖ ସୁକୁମାର । ମୋର ଋଣ ଆଦାୟ ପାଇଁ ମୁଁ ଆଜି ନାଲିସ କରି କେସ ଉଠାଉଛି । ଏତିକିରେ ମୋର ପ୍ରାପ୍ୟ ନ ମିଳିଲେ, ତୁମର ଘର ବାଡ଼ି ନିଲାମ କରିବାକୁ ମୁଁ ଭୁଲିବି ନାହିଁ ।

ସେତେବେଳକୁ ମକରନ୍ଦ ବାଦ୍ ଦେଇ ଅନ୍ୟ ଚାକର ମାନେ ସବୁ ଜିନିଷ ବୋହି ନେବାର ବ୍ୟବସ୍ଥା କରିଥିଲେ । ସେଠାରେ ଥିଲା ବେଳା ନେତରା ଓ ହତଭାଗ୍ୟର ଶେଷ ଆଶାଭରସା, ସୁକୁମାରର ସେ ଅତି ଆପଣାର ଗାଈଟି । ନେତରାକୁ ସେ ଗାଈଟିକୁ ନେଇ-ଯିବାକୁ ମନ୍ଦ ଗାଳିବାକୁ ଆରମ୍ଭ କଲା ଗଗନଦାସ ।

ସୁକୁମାର ଆଉ ଠିଆ ହୋଇ ନ ପାରି ଗଛ କାଟିଲାପରି ହଠାତ୍ ତଳେ ପଡ଼ିଗଲା । ମକରନ୍ଦ ଧାଇଁ ଯାଇ ତାକୁ ଉଠାଇ ତା'ର ଧୂଳି ଧୂସର ଦେହକୁ ଝାଡ଼ିଦେଉ-ଥିବା ବେଳେ ସୁକୁମାର ତାକୁ କିଛି କହି ନ ପାରି କୋହ କମ୍ପିତ ଦୁଇ ଆଖିରେ କେବଳ ଅନାଇ ରହିଥାଏ । ସ୍ତ୍ରୀ ତାର ସେତେବେଳକୁ ଅଚେତନ ଅବସ୍ଥାରେ ଦାଣ୍ଡ ପିଣ୍ଡାରେ ଢଳିପଡ଼ିଥାଏ । ନିଷ୍ପାପ ସରଳ ପ୍ରାଣ ପିଲାଗୁଡ଼ିକ କାରଣ ନ ବୁଝି ବାପା ମା'ଙ୍କ ମୁହଁକୁ ଚାହିଁ ଅଶ୍ରୁ ବର୍ଷା କରୁଥାନ୍ତି ।

ଗାଁର ଝିଅ ବୋହୂ କେହି କେମିତି ମହାଜନର ନିର୍ମମ ଆଚରଣକୁ ସହି ନ ପାରି ଦୁଃଖ ଉଦାସୀ ନୟନରେ ଗଙ୍ଗାଯମୁନାର ଲୋତକ ବନ୍ୟା ବୁହାଉଥାନ୍ତି । ସେ ବନ୍ୟାରେ ତରଙ୍ଗ ନଥିଲା – ଥିଲା କେବଳ ଅଭିଶାପର ସ୍ରୋତ । ସେହି ସ୍ରୋତରେ ମହାଜନକୁ ମଳିନ ସମାଧି ଦେବାକୁ ସେମାନେ ଅଭିଶାପ ବର୍ଷଣ କରୁଥିଲେ । କେହି କେହି ବି ସମ୍ବେଦନଶୀଳ କରୁଣ କଣ୍ଠରେ କହୁଥିଲେ—କେତେ ନିର୍ମମ ସତେ ଏହି ମହାଜନ ମନ କଥା ! ଉର୍ମିଳା ଆଜି ଯା'ଙ୍କ ପାଇଁ ଜନପଙ୍କ୍ତିରୁ ଗଲା । ଅଳ୍ପ ଦିନ ତଳେ ଝିଲିଙ୍କ ପାଇଁ ଜ୍ଞାନମଣ୍ଡଳଙ୍କ ସ୍ତ୍ରୀ ପଦ୍ମା ଅଭିନୟରେ ନାମ ଦେଲା ପରେ ଉର୍ମିଳା ଗଗନ ଦାସର ରକ୍ଷିତା ଭବାନୀଙ୍କୁ ଉତ୍ତର ସନ୍ତୋଷ ଦେଇ ଥିବ କେଜାଣି ।

ମହାଜନ ଚାଲିଗଲେ । ବୈଶାଖର ରୁଦ୍ରତପ୍ତ ସଦ୍ୟହତ ସୁକୁମାରକୁ ଟିକେ ଶାନ୍ତିର ଶୀତଳତା ଦେବାପାଇଁ, ଦୂର ଆକାଶରୁ ତଳକୁ ଓହ୍ଲାଇ ପଡ଼ୁଥିଲେ ସନ୍ଧ୍ୟାସୁନ୍ଦରୀ । ତଥାପି

Digitized by srujanika@gmail.com

ସୁକୁମାର ମକରନ୍ଦର ମୁହଁକୁ ପଲକହୀନ ଆଖିରେ ଅନାଇ ଦେଖିପାରୁଥିଲା ଊର୍ମିଳାର ପ୍ରତିଛବି । ସେ ମନକୁ ମନ ସତେ ଯେମିତି କହି ପକାଉଥିଲା ।

ହାୟ ଊର୍ମିଳା ! ମୁଁ ତୋର ପ୍ରକୃତ ମନଟା ଚିହ୍ନି ପାରି ନଥିଲି । ଯାହା-ଫଳରେ ତୁ ମୋ ଠାରୁ ଆଜି ଦୂରେଇ ଯାଇଛୁ । ତୋର ଯୌବନର ସଙ୍ଗୀତର ମନ୍ତ୍ର ମୋତେ ସେଦିନ ମନ୍ତ୍ରମୁଗ୍ଧ କରିଥିଲା, ତୋପରି ଗୋଟିଏ ନିଷ୍ପାପ ସରଳମନା ଅସହାୟିକା ପ୍ରାଣକୁ ନାରକୀୟ ପଥକୁ ଠେଲି ଦେଇ, ମୁକ୍ତ ଭାବରେ ଟିକେ ହେଣ୍ଟାଳିଆ ଉଡ଼ିବୁଲିବାକୁ । ତଥାପି ତୁ ଠିକ୍ କରିଛୁ ଭଉଣୀ । ତୋର ସେହି ଅନନ୍ତ ଦଗ୍ଧପ୍ରାଣ ମୋତେ ଆଜି ଦଗ୍ଧୀଭୂତ କରୁଛି, ଅନୁକ୍ଷଣ କରିବ ।

ହଠାତ୍ କାହାର ପାଦଶବ୍ଦରେ ଭାବନାଟା ସେଇଠି ଅଟକି ଗଲା ତାର । ଆଗରେ ଠିଆ ହୋଇଛି ମକରନ୍ଦ । ପାଟିରେ ଭାଷା ନାହିଁ ଅଥଚ ଆଖିରେ ଆଖିଏ ଲୁହ ।

ଅଶ୍ରୁଳ ଓ ଅପଲକ ନୟନରେ ତାର ମୁହଁକୁ ଥରେ ଅନାଇଲା ସୁକୁମାର । କାହାରି ପାଟିରେ ଭାଷା ନାହିଁ । ଅଶ୍ରୁର ବନ୍ଦନସ୍ୱରେ କେବଳ ଗଭୀର ଆନ୍ତରିକତାର ପ୍ରମାଣ ମିଳୁଥିଲା । ଉଭୟେ ଉଭୟଙ୍କ ସତେ ଯେମିତି ଉତ୍କଣ୍ଠି ହୋଇ ଅନାଇ ରହିଛନ୍ତି କିଛି ନୂତନ ଓ ଗୋପନୀୟ କଥା ଶୁଣିବା ପାଇଁ । କିଛି ସମୟ ପରେ ମାନମର୍ଯ୍ୟାଦା ଅଭିସାରକାର ମାନଭଙ୍ଗ ହେଲା ପରି ଖୁବ୍ କମ୍ କଣ୍ଠରେ କହିଲା ମକରନ୍ଦ,—

ଦିନ ଯାଇ ରାତି ହେଲାଣି, ଏବେ ଘରକୁ ଫେରିଚାଲ ବାବୁ ! ତୁମେ ଏମିତି ଧୈର୍ଯ୍ୟ ହରାଇଲେ, ପିଲା ଛୁଆ ସମସ୍ତେ ଯେ ଅସହାୟ ହୋଇପଡ଼ିବେ ।

ମୃଦୁ ନୀରବତା ଓ କାରୁଣ୍ୟତା ଅନୁକ୍ଷଣ ଆବେଗମୟ ହୋଇ ଉଠିଲା ବରଂ ସୁକୁମାରର ପାଟିରୁ କଥା ବାହାରିଲା ନାହିଁ । ସେହି ନୀରବତା ଭିତରେ, ସ୍ୱର୍ଗୀ ରାଣୀ ଦୁର୍ଭାବନା ମନରେ ତା'ର ମୁଣ୍ଡ ପିଟୁଥିଲା । ମକରନ୍ଦର ମୁହଁକୁ ଅନାଇ ଦେବା କ୍ଷଣି, ଆଖି କୋଣରେ ଲହଡ଼ି ଭାଙ୍ଗୁଥିବା ଲୁହ ବୁନ୍ଦାକ, ଗଙ୍ଗା ଯମୁନାର ଦୁଇଧାର ପରି ବହିଗଲା ତା'ର ଶୁଷ୍କ ଗାଲ ଉପରେ । ପରେ ସେହି ଲୁହ ବିନ୍ଦୁର ଅଜଣା ପ୍ରବାହରେ ଥର ଥର କଣ୍ଠରେ କହିଲା ସେ, ଯେଉଁ ଘରେ ମୋର ବୋଲି ନିଜର ହୋଇ କୁଟା ଖଣ୍ଡିଏବି ନାହିଁ, ସେ ଘରକୁ ଯାଇ, ପିଲା ଗୁଡ଼ିକ କ'ଣ ବଞ୍ଚିପାରିବେ ମକୁ ? ଊର୍ମିଳାକୁ ହରାଇ ଦେଇ ମୁଁ ଆଜି ପଥରେ ଭିକାରୀ ।

ତଥାପି ତୁମକୁ ଜିବାକୁ ହେବ ବାବୁ ! ଯେହେତୁ ବହୁବାର ଦର୍ଶାଇଛି ତୁମର ନୁହେଁ—ଭଗବାନଙ୍କ ଉପରେ ନିର୍ଭର କରେ । ଯେ ଦୁଃଖୀ, ପ୍ରକୃତରେ ସେ ହିଁ ବୁଝିପାରେ

Digitized by srujanika@gmail.com

ଦୁଃଖୀ । ଦୁଃଖ ସମ୍ଭବାର ହେତୁ ଭଗବାନ ତାଙ୍କ ଉପରେ ଲଦି ଦେଇ ନିଜର କର୍ତ୍ତବ୍ୟ କରନ୍ତି ମାତ୍ର । ମକରାର ଦୁଇ ଲୁହ ପଚ୍ଛଲା ଆଖିର ସୁକୁମାର ପ୍ରତି କେତେ ମମତାମୟ ଅନୁରୋଧ ।

ପାହାର ଶିଆ ଗୋରୁ ପରି, ସୁକୁମାରର ପଞ୍ଜରା ହାଡ଼ ଗୁଡ଼ିକ ଉଠ ପଡ଼ ହେଉ ଥିଲେ ବି ମକରାର ଅନୁରୋଧକୁ ଏଡ଼ାଇ ପାରିଲା ନାହିଁ ସେ । ମନରେ କିଛି ଧୈର୍ଯ୍ୟ ସଞ୍ଚୟ କରି ଘରର ପିଣ୍ଡା ଉପରକୁ ଉଠିଲା ସୁକୁମାର । ସ୍ତ୍ରୀ ତାର ଚେତନା ହୀନ ପରି ଦୁଆର ବନ୍ଧକୁ ଲାଗି କେଉଁଠି ପଡ଼ିଥିଲା ଲଜାକୁ । ପିଲା ଦୁଇଟିଙ୍କ ଆଖିରୁ ଟୋପା ଟୋପା ଆଖିର ଲୁହ ଝରି ପଡ଼ୁଥିଲା । କାନ୍ଦୁଥିବା ସାନ ଝିଅଟିକୁ କୋଳକୁ ନେଇ ସୁକୁମାର ଅତି କ୍ଷୀଣ କଣ୍ଠରେ ଡାକି ତାର କହିଲା, ଆଉ କାନ୍ଦନାହିଁ ମୁନା : ଭାଗ୍ୟ ଲେଖା ପଥ ନଥାଏ । ନିର୍ମଳା ପରି ଭଉଣୀକୁ ଆମେ ଯେତେବେଳେ କନ୍ଦାଇ କନ୍ଦାଇ ପାରୁନ୍ତି, ତାର ଦଗ୍ଧ ଆତ୍ମା ଆମକୁ ନିଶ୍ଚୟ ଦଣ୍ଡ ଦେବ ।

କାନ୍ଦୁଥିବା କୋଳର ଝିଅଟି ଆଖିରୁ ଗାମୁଛା କାନିରେ ଲୁହ ପୋଛି ଦେଲା ସେ । କିନ୍ତୁ ବାପର କୋଳରେ ରହିବାକୁ ଝିଅଟିର ଇଚ୍ଛା ନଥିଲା କି କ'ଣ ମା' କୋଳକୁ ହାତ ଦୁଇଟିକୁ ବଢ଼ାଉଥିଲା । ମା'ର କୋଳ ପିଲାକୁ ଯେଉଁ ସୁଖ ଦେଇପାରେ ଯେହେତୁ ମା' ତାର ତକ୍ଷଣ ଉଠି ପିଲାଟିକୁ କୋଳକୁ ନେଲା । କେତେ ବୋଧ ଓ ସୋଧ ପରେ ଅନ୍ୟ ପିଲାଗୁଡ଼ିକ ଆଖି ଲୁହଧାର ବନ୍ଦ ହୋଇଥିଲା ।

ସେତେବେଳକୁ ରାତି ପ୍ରାୟ ଅଠଟା ହେବ । ଏ ସ୍ୱାମୀ ସ୍ତ୍ରୀଙ୍କ ମନରେ ଧୈର୍ଯ୍ୟ ସାହାସର କେତେକ ଉପାଦାନ ଭରି ଦେଇ, ମକରା ମାଲିକ ନିକଟକୁ ଯିବାପାଇଁ ସେହି ଅନ୍ଧାର ପଥରେ ହଜିଗଲା ।

ଆଜି ଉର୍ମିଳାର ବାହାଘର । ସେଥିପାଇଁ କନକପୁର ଗ୍ରାମରେ ଆଜି ଏକ ଅଭୂତପୂର୍ବ କୋଳାହଳ । କର୍ତ୍ତୃତ୍ୱ ବାବୁ କଳେଶ ଦାସଙ୍କ ଭିତରେ ଥିଲେବି ସ୍ୱର୍ଣ୍ଣପ୍ରଭା ଦେବୀଙ୍କ ମନରେ ଏକ ଉତ୍ସାହିତ ଆନନ୍ଦରେ ଫାଟି ପଡ଼ୁଥିଲା ସେତେ ଯେମିତି । ଭଗବାନ ତାଙ୍କର ଡାକ ଶୁଣିଛନ୍ତି, ଆଶା ତାଙ୍କର ଫଳବତୀ ହୋଇଛି । ତାଙ୍କ ବଡ଼ଭାଗ୍ୟରେ ଯୋଗ୍ୟ ଉପଯୁକ୍ତ ଦେଖି ଡାକ୍ତର ସମରଜିତ ସିଂ ସାମନ୍ତ ବର ବେଶରେ ଆସୁଛନ୍ତି ଉର୍ମିଳାର ପାଣିଗ୍ରହଣ କରିବାପାଇଁ ।

ରାତି ସେତେବେଳକୁ ବାରଟା କି ଗୋଟାଏ ହେବ । ଦଶମୀ ରାତିର ଉଜ୍ଜ୍ୱଳ ଚନ୍ଦ୍ର କିରଣ ମଣ୍ଡଳୀ ଆରତି କରି ଦେଲେ ବି ନ ଆଲୋକ ବୁଲି ମିଶିଥିଲେ ହସ ହସ ମୁହଁରେ । ଗାଁର ଜନତା ଦୁଇଟିରେ, ନାଟେଶ୍ୱର ମନ୍ଦିର ଆଉ ବରଣ ମଣ୍ଡପ ରହିବାର ଶବ୍ଦ ଶୁଣାଗଲା । ବର

Digitized by srujanika@gmail.com

ଆସି ସେମାନଙ୍କ ଚନ୍ଦ୍ରପଟରେ ମଣ୍ଡଳ ବଳକ୍ଷି ବୋଧହୁଏ । ହୟତ୍, ସେମିନ ଏକ ଶ୍ରୁତି ଗ୍ଭଳକ ସମୀନ ନଦୀ ଜଳ ରଶ୍ମିର ସ୍ନୋକ ହୋଇଥିଲେ । ବର ବେଗବତୀ ଜଳାଗ, ଅନେକ ଜୀବନ ଭିତରେ ତାଙ୍କୁ ଉଦ୍‌ବ୍ରତିଚ୍ଛ କରିବା ସଙ୍ଗେ ସଙ୍ଗେ ଲକ୍ଷ୍ୟ ପଥରେ ଆଗେଇ ଚ୍ଭଲିଲେ ।

ତାଙ୍କର ହୃଦୟ ଦେବତାଙ୍କ ନିକଟ ଦ୍ୱାରରେ ଥାଇ ସେଥିପା ସ୍ୱଚ୍ଛ ଫାଙ୍କରେ ଅନାଇ ରହିଥିଲେ ବରଙ୍କ ଜନ୍ମ ବାହକ । ବାଜା ବଜେଇବାକୁ ନେଇ ଉତ୍ସବରେ ଉପଗତ, ସେଥିରେ ମେଳ ପରି ଯାଇ ଆଗୁଳି ସ୍ଥାନରେ ପହଞ୍ଚିଲ । କଣ୍ଠ ତଦ୍ ବାବୁ ବରଯାତ୍ରୀ ମାନଙ୍କୁ ସମ୍ମାନ ଓ ଅଭିନବ ପ୍ରକାରରେ ଆପ୍ୟାୟିତ କରି ସାରିବା ପରେ ପରେ, ବୈଦିକ ମନ୍ତ୍ରର ଅନୁଷ୍ଠାନ କାର୍ଯ୍ୟ ଆରମ୍ଭ ହେଲା । ବ୍ରାହ୍ମଣ ମାନଙ୍କ ଉଚ୍ଚାରିତ ମନ୍ତ୍ର ପାଠରେ ବାଜି ଉଠିଲା ମଣ୍ଡପ ସଙ୍ଗେ ସଙ୍ଗେ ବର ପକ୍ଷ ପ୍ରଥମ ବରଣ, ହସ୍ତଗଣ୍ଠି ଓ ଅନ୍ୟାନ୍ୟ କାର୍ଯ୍ୟ ତଥା ସମ୍ପନ୍ନ ସମାପ୍ତିର ହେଲା । ବାହାଘରର କାର୍ଯ୍ୟଠୁ ଯୋଜନାବଦ୍ଧ ଭାବରେ ସମ୍ପନ୍ନ କରାଇବାକୁ ଭୂମିକା ତଦ୍ ବାବୁ ଯେପରି ଦକ୍ଷ, ଉତ୍ସବର ସେପରି ପ୍ରତ୍ୟେକ କାର୍ଯ୍ୟ ପ୍ରସ୍ତୁତ କ୍ରମ ଜଳାଇ ନେବାକୁ ସ୍ୱର୍ଣ୍ଣାଭ ଦେବୀ ଅନୁରୂପ ଭାବରେ ଯୋଗ୍ୟ । ଫଳରେ ସବୁଠା ସୁନ୍ଦର ଅଥଚ ଖୁବ୍ ସରଳ ଭାବରେ ବିବାହ କାର୍ଯ୍ୟ ଶେଷ ହେଲା ।

ସେତେବେଳେ ଉଜନର ଆନନ୍ଦ ସମ୍ଭ । ବାହା ହୋଇ କନ୍ୟା ବିଦାୟ ନେବା ମୁହୂର୍ତ୍ତ ଅନୁଷ୍ଠିତ ଗାଁରେ, ଅତନୁ ପ୍ରତ୍ୟେକ ଘରେ ବୁଲଇ ଆଣିବା ଆମର ଏକ ବୃଦ୍ଧିଗତ ପରମ୍ପରା । ଜେଷ୍ଠ ସଖା ପ୍ରଭୃତ ହିସ୍ପ ନେଇ କନ୍ୟାକୁ ବୁଲାଇ ନେବାପାଇଁ ସେଠାରେ ଆସି ପହଞ୍ଚିଲେ ।

ନବବଧୂ ବେଶରେ ଊର୍ମିଳା ଏକା ଏକା କୋଠିଏ ଘରେ ବସିଥାଏ । ମନ ଭିତରେ ଅନ୍ୟମନସ୍କ କୋଉ ଅନେକ କଥା ମାଉଁସ ଜଳର ଜଡ଼ାଇ ପରି ଉଡ଼ି ଉଡ଼ି କରୁଥିଲେ ବି ନାହିଁ କେଉଁଠି ମୁହଁକି ତାର ମନଘର କାହିଁକି ଲଜ୍ଜାଟି ପରି ଝୁଲି ପଡୁଥାଏ । ଏ କଥାଟା ଅବଶ୍ୟ ନୂଆ ନୁହେଁ, ନବବଧୂ ମନେ ହୁଏତ ହୋଇପାରେ ହିନ୍ଦୁ ଘରେ ଝିଅ ମାନଙ୍କର ଏହା ନୋହିଁ ବିଶେଷ, ତଥାପି ହସୁ ହିସ୍ପ ଠାରେ ଏହାହିଁ ଦେଖିବାକୁ ମିଳେ । ଶାଶୁ ନଣନ୍ଦ ଅଗର ବାପ୍ପା ଓ ଭାଇଭଉଣୀ ପରି, ଦୂର କଥା ଭୁଲିବାକୁ ଭୁଲି ଯାଇ, ମନକୁ ତାଙ୍କର କେତେ ନୂଆ ନୂଆ କଥା ଜାବୁଡ଼ି ଧରେ ।

ତଥି ବେଶିଗା ଊର୍ମିଳାର ଚିନ୍ତା ମାରଚ ମନଟାକୁ ପଶବନ୍ଦୀନ କରିବାପାଇଁ ତାର ମାଝରେ ବନ୍ଧୁ ବନ୍ଧୁ ରହସ୍ୟ ମଧୁର କଣ୍ଠରେ କହିଲେ ସଂଧ୍ୟା,—

ଘନ ଦେବ ଫଳ ଭଗବାନ ତ ଠିକ୍ ଯୋଗାଇ ଦେଇଛନ୍ତି, ତେବେ ତ, ଛଳନା କ'ଣ କେବଳ ଆମର ପାଇଁ ?

Digitized by srujanika@gmail.com

ସନ୍ଧ୍ୟା କଥାରେ ଅନ୍ୟ ସ୍ତ୍ରୀମାନେ ନ ହସି ରହି ପାରି ନଥିଲେ । ଉର୍ମିଳାର ଦୁଇ ଗାଲ ଓଠରେ ସବୁ ହସର ଏକ ପାତଳ ସ୍ରୋତ ପର୍ଯ୍ୟନ୍ତ ବୁହୁଥିଲେ ବି ମୁହଁରେ କୃତ୍ରିମ ବିରକ୍ତି ପ୍ରକାଶ କରି କହିଲା—

ତୁ ସତରେ ବଡ ଦୁଷ୍ଟ ହୋଇ ଯାଉଛୁ ସନ୍ଧ୍ୟା ।

ଆଉ କିଛି କହିବାକୁ ବାକ୍ୟ ସଂଯୋଜନା କରୁଥିଲା ବେଳେ ସବୁ ଓଠରୁ ହସର ରକ୍ତ ଗୋଲାପର କେତୋଟି ପାଖୁଡ଼ା ଝରିଗଲା ସନ୍ଧ୍ୟା କହିଲା;

ଏଇ କଥାରେ ତ ମା' ମୋ ଆଗରୁ ଏତେ ଆକଟ କରି ବସିଲୁଣି । ଆମ ପାଖରେ ସିନା ଏତେ ଛଳନା, ହେଲେ ସେ ଯେତେବେଳେ ଗ୍ରୁଢ ଉପରକୁ ଆଉଜାଇ ନେଇ ତୋର ଏ କୋମଳ ଗାଲରେ ଆଙ୍କି ଦେବେ ଚୁମ୍ବନର ସର୍ବ ସବୁ ମୁଦ୍ରା, ସେତେବେଳେ ତାଙ୍କୁ କ'ଣ କହିବୁ କହିଲୁ ଟିକେ ଶୁଣେ ।

ଉର୍ମିଳା ଏକା ବେଳକେ ଲାଜେଇ ଗଲା ମନେ ଯେମିତି । ବାହା ହେବା ଆଗରୁ ସ୍ତ୍ରୀମାନେ ସତରେ ଏତେ କଥା ଜାଣି ପାରନ୍ତି, ନିଜେ ଜଣେ ସ୍ତ୍ରୀ ହୋଇ ବି ଏକଥା ବିଶ୍ୱାସ କରି ପାରିଲେ ନାହିଁ ସେ । ତାହାହେଲେ ନାରୀ ଜାତିଟା କ'ଣ କେବଳ ଛଳନା ମୟୀ । ଛଳନାର ମୁଖାପିନ୍ଧି ପରେ ବି. ମା'ଙ୍କପାଖ, ସ୍ୱାମୀ ପ୍ରେମିକ ସମସ୍ତଙ୍କ ଉଦ୍ଭଟ ଧୂଳିଖେଳରେ ନିଜକୁ ହଜାଇ ଦିଏ । ବିବାହ ଜୀବନର ସବୁ ଅନୁଭୂତି ସଂଗ୍ରହ କରି ତଥାପି ସେ ଛଳନା କରେ । ହୁଏତ କେତେକାଂଶରେ ଏହା ସମ୍ଭବ ହୋଇପାରେ । ଯେମିତି ବାହା ନ ହୋଇ ବି. ହୁଏତ କାହାକୁ ପ୍ରେମ କରି, ସନ୍ଧ୍ୟା ବିବାହ ଜୀବନର ଅନୁଭୂତି ସଂଗ୍ରହ କରିଛି ।

ନ କରନ୍ତା ବା କ'ଣ ? ପେଟର ଖୋରାକ୍ ନମାଇଲେ ବି ମଣିଷ ଯେକୌଣସି ଉପାୟରେ ନିଜକୁ ସମ୍ଭାଳି ନିଏ । କିନ୍ତୁ ମନର ଖୋରାକ ନମାଇଲେ, ଦେହର ଦୁର୍ନିବାର କ୍ଷୁଧାକୁ ପ୍ରଶମିତ କରି ନପାରିଲେ, ସେ ହୁଏତ ପାଗଳ ହୋଇଯାଏ । କେବଳ ଦେହ ପାଇଁ ଦରକାର ହୁଏ ଆଉ ଗୋଟିଏ ଦେହ, ମନ ପାଇଁ ଆବଶ୍ୟକ ପଡ଼େ ଆଉ ଏକ ମନ । ଯାହାକୁ ନେଇ ସ୍ତ୍ରୀ ମାନେ ଏକ ଚଞ୍ଚଳ ଚପଳା ହୋଇପଡି ପରି ଉଡ଼ି ବୁଲନ୍ତି ନିଜ ଆଗ୍ରହ ଚାଲି ଚଲେ ।

କନ୍ୟା ବିଦାୟର କରୁଣ ମୁହୂର୍ତ୍ତ ପୃଥିବୀ ପୃଷ୍ଠକୁ ଓହ୍ଲାଇ ଆସୁଛି କଳାବତୀ ସଂଗ୍ରାମୀଙ୍କ ସହିତ । ଘର ଭିତରକୁ ପଶି ଆସି, ଗାଁ ବୁଲି ଶୀଘ୍ର ଫେରି ଆସିବାକୁ ହସ୍ତଶିଳ୍ପ ଦେବୀ ଏମାନଙ୍କୁ ତାଗିଦ୍ କରି ଗଲେ । ଉର୍ମିଳାର ମନୋଗତ ଭାବନାଟା ସତେ ଯେମିତି ଏକାବେଳକେ ଅଟକି ଗଲା ସେଇଠି । ଅଧିକ କାଳ ବିଳମ୍ବ ନକରି ସେମାନେ ବାହାରି ଗଲେ ଗାଁକୁ ।

Digitized by srujanika@gmail.com

ବିବାହର ସମସ୍ତ କାର୍ଯ୍ୟ ସେତେବେଳକୁ ଶେଷ ହୋଇ ଯାଇଥିଲା । ଆଧୁନିକ ସମାଜର ପ୍ରଥା ଅନୁଯାୟୀ କର୍ତ୍ତୀଚନ୍ଦ୍ର ବାବୁ ସାନ ବୋହୂଙ୍କ ଠାରୁ ଆରମ୍ଭ କରି ପ୍ରତ୍ୟେକ ଜିନିଷ ଉଣା ବିନିମୟରେ ଅଧିକ ଦେଇଛନ୍ତି । ତେଣୁ ସମସ୍ତଙ୍କ ମୁହଁରୁ ତାଙ୍କର ।

ଭୂୟସୀ ପ୍ରଶଂସା ଶୁଣାଯାଏ । ତଥାପି ସମସ୍ତଙ୍କର ଫିକାଫିକା, ମୁହଁରୁ ଜଣାପଡେ ଚିନ୍ତାର ସେ ସ୍ୱର୍ଣ୍ଣପ୍ରଭା ଦେଖାଯାଏ ଅତଶ୍ରୀ ଠିକ ସେହିପରି । ବିବାହର ହସ୍ତଗଣ୍ଠି ପଡ଼ିବା ବେଳଠାରୁ ଆଖିରେ ତାଙ୍କର ଲୋତକର ଅବାରିତ ବନ୍ଧଧାରା ବହି ଚାଲିଛି । ଉର୍ମିଳାକୁ ଝିଅ ରୂପରେ ପାଇଲା ଦିନଠାରୁ ଯଦିଓ ହେଲେ ସେ ଦିନେ ଆଖି କୋଣରୁ ବାଦ୍ ଦେଇ ନଥିଲେ, ଆଜି କିନ୍ତୁ ଉର୍ମିଳା ତାଙ୍କ ଆଖିରେ ଅନ୍ଧ ପୁତୁଳି ବାନ୍ଧି ଚାଲିଯିବ ଅନ୍ୟଘରକୁ ବଧୂ ବେଶରେ । ସନ୍ତାନକୁ ଅନ୍ତରୁ ପ୍ରାଣ ଭରି, ସ୍ନେହରେ ଯେଉଁ ଚେତନା ସେ ତାହା ଅନୁଭବ କରି ନାହାନ୍ତି ସତ, କିନ୍ତୁ ମା' ପରି ପିଲାକୁ ଲାଳନ ପାଳନ କରିବାର ସମସ୍ତ କୌଶଳ ତାଙ୍କୁ ଜଣାଥିଲା । ସେହି ଝିଅକୁ ସେଦିନ ମୃତ୍ୟୁମୁଖରୁ, ସମୁଦ୍ର ପାଣିରୁ ଉଦ୍ଧାର କରି ଅସହାୟା ସ୍ନେହ ଦେଇ ନିଜ କୋଳରେ ଶୁଆଇ ମଣିଷ କରିଥିଲେ ସେ ଆଜି ତାଙ୍କ ଠାରୁ ଚାଲିଯିବ ଦୂରକୁ । ଯେ ଯେମିତି ସେଦିନ ନିଜ ବାପ ମା' ସାଙ୍ଗ ସାଥି ଗାଁ ଭୂଇଁ ସବୁକୁ ସ୍ମୃତିରେ ଧରି ରାତି ଲମ୍ବର ଯନ୍ତ୍ରଣା ତଳେ ବୋହୂଟିଏ ହୋଇ ଚାଲି ଆସିଥିଲେ କର୍ତ୍ତୀଚନ୍ଦ୍ର ବାବୁଙ୍କ ଘରକୁ । ଏଇଟା ହୁଏତ ଏଇ ଚିରନ୍ତନ ସଂସାରର ସନାତନ ଗତି ଏବେ ଚିରନ୍ତନ । ଝିଅ ହୋଇ ଜନ୍ମ ହେଲେ, ପରଘରକୁ ଯିବାକୁ ହୁଏ । ହେଇଥିପାଇଁ ତାରିକନ୍, ଦେଇଚି ଚିର ଆନନ୍ଦ ।

ନମିତାସିକ୍ତ ଧାରେ ଆଖିରୁ ଲୁହ ପୋଛୁଥିଲେ ସ୍ୱର୍ଣ୍ଣପ୍ରଭା ଦେବୀ । ରାତି କ୍ରମଶ ଅଧିକ ହୋଇ ଆସୁଥିବାରୁ ବରପକ୍ଷ ଲୋକ ଯିବାକୁ ବ୍ୟସ୍ତ ହେଉଥାନ୍ତି । ସବାରି ପାଲିଙ୍କି ଦୁଇଟି ଧାଡ଼ି ଦୁଆରେ ଥୁଆ ହୋଇଥାଏ । ଉର୍ମିଳା ସେତେବେଳକୁ ଗାଁରୁ ଆସି ଥାଙ୍କ ଝିଅମାନେ ତାକୁ ବେଶ ପ୍ରସାଧାନ କରିବାରେ ଲାଗିଥାନ୍ତି ଆଖିରୁ ତାର ଝରୁଥାଏ ଉଦ୍‌ବେଗ ଅଶ୍ରୁର ମୁକ୍ତାମାଳା ।

କନ୍ୟାକୁ ନେଇ ବରଘରେ ପହଞ୍ଚିବା ପୂର୍ବରୁ ଗାଁର ସବୁ ଝିଅ ବୋହୂ ମାନେ ତାଙ୍କ ପାଖେ ଭିଡ଼ ହୋଇଯାଇଥାନ୍ତି ଉର୍ମିଳା ଦଶ ବର୍ଷ ସେହି ମମତାର ଦୃଢ଼ ବନ୍ଧନରେ ସମସ୍ତଙ୍କୁ ବାନ୍ଧି ପାରିଥିଲା, ସେ ଆଜି ଚାଲି ଯାଉଛି ଶାଶୁଘରକୁ । ସମସ୍ତଙ୍କ ଆଖିରେ ଲୋତକ । ଅମାନିଆ ଲୁହ ଗୁଡାକ ଗଡ଼ିପଡ଼ି ଝରୁଛି । ସବାରିରେ ବସିବା ପୂର୍ବରୁ ବାପ ମା, ସାଙ୍ଗସାଥି ଗାଁର ସମସ୍ତ ପ୍ରକୃତି ସବୁଠୁ ଏକ ଅନ୍ତରଙ୍ଗ ଶେଷ ଥର ପାଇଁ ବିଦାୟ ନେଲା ଉର୍ମିଳା । ନିଜର ଜନ୍ମଦାତା ପିତା ମାତାଙ୍କ ପ୍ରତିମୂର୍ତ୍ତି ଥରେ ମନେପକାଇ ଆଖିର ଲୁହରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ବାଢ଼ି ଦେଲା ସେ । ତାପରେ ସବାରି ପାଲିଙ୍କି ଦୁଇଟି ଯଥାସ୍ଥାନ ମାଡ଼ି ଚାଲିଲା ଆଗକୁ ।

Digitized by srujanika@gmail.com

ଉର୍ମିଳାକୁ ବିବାହ ଦେବା ଦିନଠାରୁ ସ୍ୱର୍ଣ୍ଣପ୍ରଭା ଦେବୀଙ୍କ ମନ ଆଉ କେଉଁଥିରେ ଲାଗୁନାହିଁ । ସବୁବେଳେ ଯେମିତି ସେ କେଉଁଠିଏ ଅପୂର୍ଣ୍ଣତାଟିଏ ଅଭାବ ଅନୁଭବ କରୁଛନ୍ତି । ଶାଶୁଘରେ ଝିଅ କେମିତି ସୁଖ ସମ୍ମାନରେ ଥିବେ, ମା'ମନ ତ ବୁଝୁଛି ନା । କେତେବେଳେ ସଞ୍ଜ ବେଳେ ବେଳେ ଆସି ଉର୍ମିଳାର ଅନୁପସ୍ଥିତି କେତେକାଂଶରେ ପୂରଣ କରୁଥିଲା, ସେ ବି ଆଜି ଗାଁ ଛାଡ଼ି ଯାଇ କଲିକତାରେ, ତାର ମାମୁଁଙ୍କ ପାଖରେ ରହିଛି । ମାମୁଁ ତାର କଲିକତାରେ, କୁଆଡ଼େ କୌଣସି ବଡ଼ ପଦବୀରେ ଚାକିରି କରି ସ୍ତ୍ରୀଙ୍କ ସହିତ ରହନ୍ତି । ସ୍ତ୍ରୀ ତାଙ୍କର ଅସୁସ୍ଥ ଥିବାରୁ ଦିନେ ସେ ଚିଠି ଲେଖି ସନ୍ଧ୍ୟାକୁ ଆସି ନେଇ ଯାଇଥିଲେ ।

ସନ୍ଧ୍ୟାର କଲିକତା ଆସିବା ଆଜିକୁ ପ୍ରାୟ ମାସେ ହୋଇଗଲା । ଏହା ମଧ୍ୟରେ ସେ ଗାଁଆଁ ଗୁଣ୍ଡି ସହରର ଢାଞ୍ଚାରେ ଏକ ପ୍ରକାର ଢାଳ ଦେଇ ଚଳି ଆସୁଛି । ପ୍ରଥମେ, ପ୍ରଥମେ ଏ ସହରର ଲୋକଙ୍କ ଚାଲି ଚଳଣ ଦେଖି ସେ ଆଶ୍ଚର୍ଯ୍ୟ ହୋଇ ଯାଉଥିଲା ।

ମଫସଲରେ ଘରୁ ବାହାର ପଦାକୁ ଯିବାକୁ ସ୍ୱାଧୀନ ସୁଯୋଗ ଝିଅମାନଙ୍କର କେଉଁଠି କହିଲେ ସ୍ୱାଧୀନତା ନାହିଁ, ସେଠାରେ ସେମାନେ ଏଠି ନଗ୍ନ ବେଶରେ ପୁଅମାନଙ୍କ ସଙ୍ଗେ ସମତା ରକ୍ଷା କରି ଚାଲନ୍ତି । ବେଶ ପୋଷାକରେ, ଚାଲି ଚଳଣରେ ପୁଅ, ଝିଅ ବୋଲି କିଛି ଫରକ ନାହିଁ—ସମସ୍ତେ ସମାନ । ଝିଅମାନେ ବେଲ୍‌ବଟମ୍ ପ୍ୟାଣ୍ଟ ପିନ୍ଧି, ସାର୍ଟର ଉପରେ ଜଟାସ ଖୋଲି ବୁଲୁଛନ୍ତି । ଏହା ଦେଖି ପ୍ରଥମେ ସନ୍ଧ୍ୟା ମନରେ କିଛି ସଙ୍କୋଚତା ଦେଖା ଦେଉଥିଲା । ଆଜିକାଲି କିନ୍ତୁ ତା'ଠାରେ ସେମିତି କିଛି ଘୃଣା ନାହିଁ । ଝିଅମାନଙ୍କର ଅନ୍ୟକୁ ଅନୁକରଣ କରିବାର ଶକ୍ତି କିଛି ବେଶୀ ଥିବାରୁ, ତାହାଛଡ଼ା ଆଜି ଯୁଗର ପ୍ରଭାବ ମନୁଷ୍ୟର ଦେହ ଶିକ୍ଷା ଉପରେ ଗଢ଼ କରୁଥିବାରୁ ସନ୍ଧ୍ୟାର ଗ୍ରାମ୍ୟ ଚଳଣି ବି ଅଳପ ଏ ନଗରୀ ଆଧୁନିକତା ରଙ୍ଗ ରଙ୍ଗ ବେଳେ ଘୁମୁରି ଉଠେ ।

ପୋଷାକ ବଦଳିଲେ ଢଙ୍ଗ ବଦଳେ ବୋଲି କୁହାଯାଏ । ସନ୍ଧ୍ୟା ଯେହେତୁ ଏକ ନବ ଯୌବନା ତନ୍ୱୀ ଷୋଡ଼ଶୀ, ତା ପ୍ରତି ଯୁବକମାନଙ୍କର ଦୃଷ୍ଟି ଆକର୍ଷଣ କରିବା କିଛି ନୂଆ ନୁହେଁ । ତାର ମାମୁଁର ପିଲା ଦୁଇଟିଙ୍କୁ ପାଠ ପଢ଼ାଇବା ପାଇଁ ଜଣେ ଯୁବକ ପ୍ରତିଦିନ ଆସନ୍ତି । କିନ୍ତୁ କେଜାଣି, କି ଅଚିହ୍ନା ଦୃଷ୍ଟି ଦେଇ ସେ ଅନାଇ ରହି ପାରନ୍ତି ନାହିଁ । ସନ୍ଧ୍ୟା ନାମ୍ନୀ ଝିଅଟିକି ଆଉ ନୟନରେ ଥରେ ଚାହିଁ ଦେଇ ପୁଣି ମୁହଁ ବୁଲାଇ ନିଏ । ତାପରେ ଯୁବକ ଜଣକ ନିଜର କର୍ତ୍ତବ୍ୟ କାର୍ଯ୍ୟ ଶେଷ କରି ଚାଲିଯାଏ । ଦିନ, ବାର, ପକ୍ଷ, ମାସର ଗତାନୁଗତିକତାରେ ଏହିପରି ନିତ୍ୟପ୍ରତି ।

ଆଜି କିନ୍ତୁ ସଂଧ୍ୟାର ଚାଲିଚଳଣ, କଥାବାର୍ତ୍ତା ଭିନ୍ନ ଧରଣର । କ୍ରମାଗତ ଦେହର ଲାବଣ୍ୟ ଭରା ଯୌବନରେ ସଂପୂର୍ଣ୍ଣ ଆଧୁନିକତାର ପ୍ରଲେପ । ସନ୍ଧ୍ୟା ଝିଅଙ୍କ ପରି ନିଜକୁ

Digitized by srujanika@gmail.com

ଅର୍ଦ୍ଧନଗ୍ନ ବେଶ ପରିପାଟୀରେ ସଜ୍ଜିତ କରାଇ ଯେତେବେଳେ ଦର୍ପଣ ଆଗରେ ଠିଆ ହୋଇଯାଏ, ସେତେବେଳେ ସେ ନିଜେ ବି ବିସ୍ମିତ ହୋଇଯାଏ । ଏଇଟା ବୃଏତ ସବୁ ଝିଅଙ୍କର ମନର କଥା ଯେ ସେ ସୁନ୍ଦରୀ । ଯେ ପର୍ଯ୍ୟନ୍ତ ଏ ଆତ୍ମବିଶ୍ୱାସଟା ମନକୁ ତାଙ୍କର ପୂର୍ଣ୍ଣ କରି ନଥାଏ, ସେ ପର୍ଯ୍ୟନ୍ତ ସେମାନେ ଆଇନାଟାକୁ ଏପଟ ସେପଟ କରି ବାରମ୍ବାର ନିଜକୁ ଦେଖୁଥାନ୍ତି । ସଂଧ୍ୟା ମନରେ ଏ ବିଶ୍ୱାସଟା ପ୍ରବେଶ କରିବା ସଙ୍ଗେ ସଙ୍ଗେ ମନମୁକୁରରେ ତାର ଅଙ୍କି ହୋଇଯାଏ ଅବିନାଶ ଭାଇର ପ୍ରତିଛବି । ସେ ଯଦି ଆଜି ପାଖରେ ଥାଆନ୍ତେ, ତା'ର ଏ ସୁନ୍ଦର, ଉଦ୍ଭିନ୍ନ ଯୌବନକୁ ଦେଖି କେତେ ଖୁସି ନ ହୋଇଥାଆନ୍ତେ ସତେ । ସେଦିନ ତାଁ । ଛାଡ଼ି ସହରକୁ ଯିବାର ପୂର୍ବ ଦିନର ସଂଧ୍ୟାରେ, ବାଡ଼ି ପାଖ ନଡ଼ିଆଗଛ ମୂଳେ ଯେଉଁଠି ଚତୁର୍ଥୀ ଚନ୍ଦ୍ରଙ୍କର ଧଳା ଜ୍ୟୋତ୍ସ୍ନା ନଡ଼ିଆକୋହ୍ଲାର ପତ୍ରଧାରରେ ଛାଣି ହୋଇ ଆସି ତାଙ୍କ ମୁହଁକୁ ଝାପ୍‌ସା କରି ଦେଉଥିଲା, ସେଇଠି ଠିଆ ହୋଇ ତାଙ୍କୁ କେତେ ଅନୁନୟ କରି କହୁଥିଲା –

ଅବିନାଶ ଭାଇ, ମୋତେ ଏଠାରେ ଏକାକି ଛାଡ଼ି ତୁମେ କ'ଣ ସହରେ ଚାଲିଯିବ ? ...ଏହାର ଉତ୍ତରରେ ସେ ତାର ଚିବୁକକୁ ହଲାଇ ଦେଇ କହୁଥିଲା, ମୋତେ ବିଶ୍ୱାସ କର ସନ୍ଧ୍ୟା । ତୋର ଏ ଅନାବିଲପ୍ରେମ ଶିକ୍କୁଳକୁ ଛିଡ଼ାଇ ଦେବାର ଶକ୍ତି ମୋଠାରେ ନାହିଁ । କଥା ଦେଉଛି, ମୋର ବିଦେଶୀ ଶିକ୍ଷା ସାଙ୍ଗ କରି ନିଶ୍ଚୟ ତୋ'ରି କୋଳକୁ ପୁଣି ଫେରି ଆସିବି... ।

କିନ୍ତୁ କାହିଁ ?

ଫେରି ଆସିବା ତ ଦୂରର କଥା ବାରମ୍ବାର ଚିଠି ଦେଲେ ବି ଟିକିଏ ଉତ୍ତର ମିଳେନା । ଏ କ'ଣ ତାହେଲେ କେବଳ ଛଳନା । କଥାଛଳରେ ନାରୀର ମନ ନେଇ ନିଜ ହାତରେ କଣ୍ଢେଇଟିପରି ତାକୁ ଖେଳାଇ ଖେଳାଇ, ପୁଣି ନିଜ ଇଚ୍ଛାରେ ପୁରୁଷମାନେ ଫିଙ୍ଗି ଦିଅନ୍ତି ଦୂରକୁ ।

ବିଗତ ସ୍ମୃତିର ଆକାଶ ପାତାଳ ଭାବନାର ଅନ୍ତଃଆଖିଅ ଭିତରେ ସଂଧ୍ୟା ହଜି ଯାଇଥିଲା ବେଳେ ଷଷ୍ଠ ଶ୍ରେଣୀରେ ପଢ଼ୁଥିବା ତାର ମାମୁଁ ପୁଅ ପ୍ରକାଶ ଘର ଭିତରକୁ ପଶିଆସି କହିଲା—ମତେ ଖାଇବାକୁ ଦେ' ଦେଇ । ସାର୍ ଆସିଲେଣି, ମୁଁ ପଢିବାକୁ ଯିବି ।

ସଂଧ୍ୟା ଯାଇ ଖାଇବାକୁ ଦେବାରୁ ସେ ଚାଲିଗଲା ପଢିବାକୁ । ଏଣିକି କିନ୍ତୁ ଶିକ୍ଷକଙ୍କ ମନ ପାଠ ପଢ଼ାଇବାରେ ଆଉ ସେତେ ଲଗେ ନାହିଁ । ଆସିବା ଠାରୁ ଯିବା ଭିତରେ ଝିଅଟିକୁ ଅନ୍ତତ ଥରେ ଦୁଇଥର ନ ଦେଖିଲେ ମନଟା ତାଙ୍କର କେମିତି ଆମିଷ ମିଶ୍ରିତ ଭଳି ଜଣା ପଡ଼େ । ଖୋଜିଲା ଖୋଜିଲା ଆଖିରେ ସେ ସବୁବେଳେ କାହାକୁ କେମିତି ଅନାଇ ରହୁଥାନ୍ତି, ଟିକେ ଦେଖିବା ପାଇଁ ।

Digitized by srujanika@gmail.com

ସନ୍ଧ୍ୟା, ଯୌବନ ଜଳପ୍ରପାତର ଶୀର୍ଷତମ ଜଳବିନ୍ଦୁରେ ପାଦ ଦେଇଥିବା ଏକ ଲାବଣ୍ୟମୟୀ ଝିଅ ସେ—ଯିଏ ଆଖିର ଗୋଟିଏ କଟାକ୍ଷରେ ଏଭଳି ଶିକ୍ଷକଙ୍କ ପରି ଶାନ୍ତ ଶିଷ୍ଟ ଯୁବକଙ୍କୁ ନିଜର ଶଯ୍ୟାଧାରରେ ସାତ ସାତ ବାନ୍ଧି ରଖିପାରେ, ସେଥିରୁ ଶିକ୍ଷକ ସୁବ୍ରତ ନାୟକ ବାଦ୍ ଯାଆନ୍ତି ବା କପରି ? ସମୁଦ୍ରର ଉତ୍ତାଳ ଲହରୀ ପରି ମନଟା ତାଙ୍କର ଡେଇଁ ଡେଇଁ ଆପେ ଆପେ ଖୁନ୍ଦିଯାଏ ଝିଅଟି ପାଖକୁ । ସନ୍ଧ୍ୟା ବି ବେଳେ ବେଳେ ଉଡ଼ା ଚଢ଼େଇଟି ପରି ତାଙ୍କ ଆଗକୁ ଉଡ଼ିଆସି, ଆଉ ଉହାଡ଼ ଗୁହାଣୀରେ ଥରେ ଆଖିକୁ ଠାରି ଦେଇ ପୁଣି ଉଡ଼ିଚାଲିଯାଏ ଘର ଭିତରକୁ । ଏଇଟା ବୋଧହୁଏ ପରସ୍ପର ପ୍ରତି ବୟସର ଏକ ଆକର୍ଷଣ ।

ଯେହେତୁ ଜଣେ ଯୁବକ ଆଉ ଜଣେ ଯୁବତୀ । ଜଣେ ଚାତକ ଚକ୍ଷୁରେ ବର୍ଷାକୁ ଅପେକ୍ଷା କରିଛି — ଆଉ ଜଣେ ବର୍ଷଣ ମୁଖର ଶ୍ରାବଣୀର ଯୋଗ୍ୟତା ହାସଲ କରିଛି । ଜଣେ ଆଖିର କଟାକ୍ଷରେ ପ୍ରେମଭିକ୍ଷା କରେ, ଆଉ ଜଣେ ମୃଦୁ ହସି ଗ୍ରୀବାଭଙ୍ଗି ପ୍ରେମକୁ ସ୍ୱାଗତ ଜଣାଏ । ତାପରେ ଉଭୟଙ୍କ ମଧ୍ୟରେ ହୁଏ ନୀରବ ପ୍ରେମର ସୂତ୍ରପାତ— ମନର ବିନିମୟ ।

ସେଦିନ ଥାଏ ରବିବାର । ଅଫିସ ବନ୍ଦ । ବର୍ଷାଋତୁର ଶ୍ରାବଣୀ ଆକାଶରେ ସୂର୍ଯ୍ୟ ବେଳେ ବେଳେ ଦେଖା ଦେଇ ପୁଣି କେତେବେଳେ କଳାମେଘ ଭିତରେ ହଜି ଯାଉଥିଲେ । ସୁରଜିତ ବାବୁଙ୍କ ସ୍ତ୍ରୀ ଆରୋଗ୍ୟ ଲାଭ କରିବାର ମୁହାଁପଥ ପଡ଼ିଥିଲେ ସେ ବର୍ତ୍ତମାନ ସେ ଡାକ୍ତରଖାନାରେ । ତାଙ୍କ ପାଖକୁ ଯିବା ଉଦ୍ଦେଶ୍ୟରେ ଖାଇ ସାରି ବେତ ନିର୍ମିତ ଖଣ୍ଡିଏ ଚେୟାର୍ ପକାଇ ବାରଣ୍ଡାରେ ବସିଥିଲେ ସେ, ହୁଏତ ଗାଡ଼ିର ଅପେକ୍ଷାରେ । ଘର ଭିତରୁ ବାହାରି ଆସିଲା ତାଙ୍କର ଛଅ ବର୍ଷ ବୟସର ଝିଅ ଚିନ୍ମୟୀ । ସୁରଜିତ ବାବୁ ତାକୁ କୋଳକୁ ଉଠାଇ ଆଣୁ ଆଣୁ ସେ କହିଲା, ବୋଉ କେଉଁଠି ଅଛି ବାପା ? ମୁଁ ତା' ପାଖକୁ ଯିବି । ସୁରଜିତ ବାବୁ ସେତେବେଳେ ଟିକେ ଚିନ୍ତିତ ଥିବାଭଳି ଜଣା ପଡ଼ୁଥିଲେ । ଝିଅଟିର ବାରମ୍ବାର ମାତୃ ଅନୁରାଗ ପ୍ରଶ୍ନ ହିଁ ସୁରଜିତ ବାବୁଙ୍କ ଅମୀମାଂସିତ ଚିନ୍ତାଧାରାରେ ଏକ ପୂର୍ଣ୍ଣଚ୍ଛେଦ ପକାଇଥିଲା ।

ପିତୃତ୍ୱର ସ୍ନେହ ଦେଇ ଝିଅର ମୁହଁକୁ ଅନାଇଲେ ସେ । ମୁହଁରେ ତାର ସେହି ଗୋଟିଏ ପ୍ରଶ୍ନ—ବୋଉ କେଉଁଠି ଅଛି ? ଝିଅର ଅନ୍ତରକ୍ଷା ମାତୃ ବନ୍ଦନରେ ସୁରଜିତ ବାବୁ ମନେ ଯେମିତି ଟିକେ ବିବ୍ରତ ହୋଇପଡ଼ିଲେ । ଝିଅକୁ ନିବିଡ଼ କୋଳାଗ୍ରତ କରି ଲଳିତ କଣ୍ଠରେ କହିଲେ, ବୋଉ ତୋର ଡାକ୍ତରଖାନାରେ ଅଛି ଚିନୁ, ତୁ ଦେଇପାଖରେ ଥା, ମୁଁ ଯାଉଛି ବୋଉକୁ ତୋର ବର୍ତ୍ତମାନ ନେଇ ଆସିବି । ସନ୍ଧ୍ୟାକୁ ଡାକି ଝିଅକୁ ତାର କୋଳକୁ ବଢ଼ାଇ ଦେଇ କହିଲେ, ମୁଁ ଡାକ୍ତରଖାନା ଯାଉଛି, ମାଉସୀ ଆଜି ଡିସଚାର୍ଜ ହେବାର କଥା ଆସୁ ଆସୁ ହୁଏତ ଟିକେ ଡେରି ହୋଇପାରେ । ସୁବ୍ରତ ଆଜି ଧରମା

Digitized by srujanika@gmail.com

ଦେଖିବା କଥା, ମୁଁ ଆସିଥିଲି ଦେବା ନେଇ କହୁ କହୁ ଗାଡ଼ି ଆସି ପହଞ୍ଚିଲା । ସୁରଜିତ ବାବୁ ବାହାରିଲେ ଡାକ୍ତରଖାନା ଅଭିମୁଖେ ।

ରୋଗୀ ଜଳ ପଥ୍ୟ ଗ୍ରହଣ କରୁଥିବା ବେଳେ ବୈଦ୍ୟ ତାଙ୍କୁ ନଡ଼ିଆପାଣି ସେବନର ବ୍ୟବସ୍ଥା କରି ଦେଲେ । ସମସ୍ତ ଅପରାହ୍ଣ ଗୁଡ଼ିକରୁ ବେଶି ହେବ ବୋଧହୁଏ । ଝିଅଟିକୁ ଧରି ଘର ଭିତରକୁ ପଶି ଆସି ମନର ପ୍ରବଳ ତୃଷ୍ଣାରୁ କେତେ କ'ଣ ପଢ଼ି ଗଲା ସନ୍ଧ୍ୟା । ଝିଅମାନେ ବାସ୍ତବିକ ଏହିପରି । ଜଣେ ଯୁବକକୁ ଭଲପାଇ ବସିଲେ ତ, ସବୁବେଳେ ତା'ର କଥା ସେମାନେ ବ୍ୟସ୍ତ ହେଉଥାନ୍ତି । ରହୁଥାନ୍ତୁ ସେ ଯେତେ ଦାୟିତ୍ୱବୋଧ ଭିତରେ ତଥାପି ଏ ଭଲପାଇବା ଦାୟିତ୍ୱଟା ଯେମିତି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତାଙ୍କ ଦୃଷ୍ଟିରେ ।

ସନ୍ଧ୍ୟା ହେବାକୁ ଆଉ କିଛି ସମୟ ବାକିଥାଏ । ସୂର୍ଯ୍ୟଙ୍କଠାରୁ ଛୁଟିନେଇ ଆସି ଅବସର ଶେଷ କିରଣଗୁଡ଼ା ପୃଥିବୀ ପୃଷ୍ଠରେ ବନ୍ଦୀ ହୋଇ ପଡ଼ିଥାଏ, କୁଣ୍ଡା ଝରି ଝରି ବର୍ଷା ପରି ।

ସେତେବେଳକୁ ସମୟ ହୋଇଯାଇଥିବାରୁ ପିଲା ଦୁଇଟି ଶିକ୍ଷାର ଉପକରଣିକା ଠିକ୍ କରି ବହିର ପୃଷ୍ଠା ଖୋଲି ବସିଥାନ୍ତି ଶିକ୍ଷକଙ୍କ ଅପେକ୍ଷାରେ । ପାଖରେ ବସିଥିଲା ସନ୍ଧ୍ୟା' ତାର ପ୍ରସାଧନ ପୂର୍ଣ୍ଣ ଯୌବନର ଝଲକକୁ ଦେଖି ମନେ ହେଉଥିଲା, ଉଛୁଳିଉଠି ତରଙ୍ଗରେ କେତେ ଯୌବନତକୁ ଭସାଇ ନେଲା ପରି, ଏ ପ୍ରେମମୟ ସମାଜଟାକୁ ସେ ସୂର୍ଯ୍ୟକନ୍ୟା ଯେମିତି ଭସାଇନେବ ତାର ଉପବନ୍ୟାରେ ।

ପ୍ରବେଶ କଲେ ଶିକ୍ଷକ ସୁବ୍ରତ ନାରାୟଣ । ସନ୍ଧ୍ୟାକୁ ଦେଖି ଆନନ୍ଦାତିଶଯ୍ୟରେ ସତେ ଯେମିତି ଯୁବକପ୍ରାଣଟା ତାଙ୍କର ଫୁଲି ଉଠିଲା ଏକାବେଳକେ । କେଡ଼େ ସୁନ୍ଦର ସତେ ଏହି ସନ୍ଧ୍ୟା । କଅଁଳ ପାନ ପତ୍ର ପରି ମୁଖର ଆକୃତି । ଗୋରା ତନୁମାକୁ ତାର ସୁଦୃଢ଼ ସ୍ତନରେ ଚିପି ଧରିଛି ଗାଢ଼ କଳା ରଙ୍ଗର ବ୍ଲାଉଜଟି' ତା ଉପରେ ନାଭି ତଳକୁ ଛୁଇଁ ଘେରି ରହିଥିବା ସ୍କାର୍ଲେଟ ରଙ୍ଗର ସିଲ୍କି ଶାଢ଼ୀଟି ଝୁଲି ଝୁଲି ଗୋଡ଼ର ଆଙ୍ଗୁଳି ସ୍ପର୍ଶ କରୁଛି । ନୀଳ ସମୁଦ୍ର ପରି ପୋଟଳ ଫାଳିଆ ଦୁଇ ଆଖିର ବହଳ ପକ୍ଷ୍ମଲତା ତଳୁ କେତେ ଅସ୍ପଷ୍ଟ ନୀରବ ଭାଷାରେ ଯେମିତି କାହାକୁ କ'ଣ ଗୁଡ଼ାଏ କହିଯାଉଛି ।

ନିର୍ନିମେଷ ଦୁଇ ଆଖିରେ ସନ୍ଧ୍ୟାକୁ ଅନାଇ ରହିଥିଲେ ସୁବ୍ରତ ନାରାୟଣ । ସନ୍ଧ୍ୟାର ଆଖି ଦୁଇଟି ଆପେ ଆପେ ବନ୍ଦ ହୋଇ ଆସୁଥିଲା ସେତେବେଳେ । ମନ ତାର କହୁଥିଲା କାହାକୁ ନେଇ ଅଜଣା ମୁଲକର କେଉଁ ନିର୍ଜନତା ଭିତରେ ଥରେ ହଜିଯିବା ପାଇଁ । ଘର ଭିତରକୁ ଚାଲିଯିବା ପାଇଁ ଉଠି ଠିଆ ହେଲା ସେ । ସୁବ୍ରତର ମାନସ—ହାତ ଦୁଇଟି ଯେମିତି ଲମ୍ବି ଯାଇଥିଲା ତା ଆଡ଼କୁ । ମାତ୍ର ଏ କ'ଣ । ନୀଡ଼ ହରା—କପୋତୀଟି ପରି ସନ୍ଧ୍ୟା ଆପେ ଆପେ ପାଖକୁ ଆସେ, ଧରିବା ପାଇଁ ହାତ ବଢ଼ାଇଲେ ସମୁଦ୍ର ଲହଡ଼ି ପରି

Digitized by srujanika@gmail.com

ଦୂରେଇ ଯାଏ ମନ ହ୍ରଦକୂଳର ଭିଜାବାଲିରେ କେତେ କ୍ଷୁଦ୍ର ଶାମୁକା ଛାଡ଼ିଦେଇ ।

ଗୋଟିଏ ବନ ହରିଣୀର ଚଞ୍ଚଳତାକୁ ନେଇ ଡେଉଁ ଡେଉଁ ଘର ଭିତରକୁ ପଶି ଯାଉଥିଲା ସଂଧ୍ୟା । ଝିଅମାନେ ବାସ୍ତବିକ୍ ସବୁବେଳେ ଛଳନାମୟୀ । ପ୍ରେମିକର ମନଟାକୁ ନିଜ ହାତମୁଠାକୁ ନେଇ ସାରିବା ପରେ ହଠାତ୍ କେଉଁଠି ଲୁଚି ଯାଇ, ତା ମନର ଉତ୍କଣ୍ଠାକୁ ପରୀକ୍ଷା କରୁଥାନ୍ତି କେବଳ । କିନ୍ତୁ ପୁରୁଷ କ'ଣ ମାଗେ ଏତିକି ନୁହେଁ ତା ଠାରୁ ? ବୋଧହୁଏ ନାଁ । ଟିକିଏ ସ୍ପର୍ଶ, ଗୋଟିଏ ଚୁମ୍ବନ ନ ହେଲେ ପଦୁଟିଏ କଥା କଥା ପରେ ହୁଏତ ତାର ପ୍ରତ୍ୟେକ ତତଲ ସ୍ନାୟୁ ହାର ମାନେ ତା ନିକଟରେ ।

ସୁବ୍ରତ ମନର ଭାବନାର ବେଗବାନ ସ୍ରୋତ ଆଗରେ ଏକ ଦୃଢ଼ ବନ୍ଧ ପକାଇ ପ୍ରକାଶ କହିଲା ସାର୍, କ୍ଲାସରେ ସାର ଆମକୁ “ଆଜିର ଶିକ୍ଷାୟତନ ସମାଜ ଓ ତାର ପ୍ରତିକ୍ରିୟା” ବିଷୟରେ ଗୋଟିଏ ରଚନା ଲେଖିବା ପାଇଁ କହିଥିଲେ । ମତେ ଟିକେ ସେ ବିଷୟରେ ବୁଝାଇ ଦିଅନ୍ତୁ ।

ଶିକ୍ଷକ ସୁବ୍ରତ ବାବୁଙ୍କ ମନଟା କିଛି ବାଟ ପଛକୁ ଫେରି ଆସିଲା ଯେମିତି । କର୍ତ୍ତବ୍ୟର ଆହ୍ୱାନରେ ପିଲାଟିର ମୁହଁକୁ ଅନାଇଲେ ସେ । ତା' ପରେ ରଚନା ଲେଖିବା ପାଇଁ ପିଲାଟିକୁ କେତେକ ପ୍ରଣାଳୀ ଜଣାଇ ଦେଇ ଅନ୍ୟ ବିଷୟ ପଢ଼ାଇବାକୁ ଲାଗିଲେ ଅନ୍ୟମନସ୍କ ଭାବରେ । କାରଣ ମନଟା ତାଙ୍କର ଏକ ଦିଗହରା ବାଦଲପରି ଭାସି ବୁଲୁଥିଲା କାହାକୁ ଖୋଜି ଖୋଜି । ଏମିତି ବି ହୋଇଥାଏ ବେଳେ ବେଳେ । ପ୍ରେମର ଚୁମ୍ବକୀୟ ଆକର୍ଷଣରେ କେହି କେବେ ନିର୍ଲିପ୍ତ ହୋଇ ରହି ପାରେ ନା । ପରିଣତି ଯାହା ହେଉ ନାଁ । କାହିଁକି, ସେଥିପାଇଁ ସୂର୍ଯ୍ୟ ଦିନେ ବ୍ରାହ୍ମଣ ପୁତ୍ର ବେଶରେ ଦୌଡ଼େଇ ଯାଇଥିଲେ ଚନ୍ଦ୍ରଭାଗା ପାଖରେ । ଏହି ଚିରନ୍ତନୀ ପ୍ରେମର ଶୀତଳ ଛାୟା ତଳେ ଥାଇ କିଏ ନ ଚାହେଁ ଥରେ ତା'ର ଭିତରେ ହଜି ଯିବାକୁ ? ଇଞ୍ଜିନ ପଛରେ ରେଲ୍ ଡବା ଗୋଡ଼େଇ ଗଲା ପରି ଶିକ୍ଷକଙ୍କ ମନ ଗୋଡ଼େଇ ଗୋଡ଼େଇ ବୁଲିଯାଉଥିଲା ସଂଧ୍ୟାର ସଂସ୍ପର୍ଶ ରୂପଲତାଟିକୁ । ବାହୁବନ୍ଧନୀ ମଧ୍ୟରେ କ୍ଷଣେ ଅଟକାଇ ରଖିବାକୁ ଇଚ୍ଛା କରି ଧାଇଁ ଯାଉଥିଲା ତା ପାଖକୁ ।

ରଜନୀର ଘନ ଅନ୍ଧକାର ଭେଦ କରି ଟାଙ୍ଗି ଆସିବାର ଶବ୍ଦ ଶୁଣାଯାଉଛି । ସୁରଜିତ ବାବୁ ଫେରୁଛନ୍ତି ବୋଧ ହୁଏ ।

ସୁବ୍ରତ ନାରାୟଣ ମନଟା ଗୋଟିଏ ଅସ୍ୱାଭାବିକ ଧକ୍କା ଖାଇ ଅଟକି ଗଲା ସେଇଠି । ହୃଦୟଗତ ନୀରବ କହିଲ ପର୍ଦ୍ଦାଟା ମୁହଁ ଉପରୁ ତାଙ୍କର ଅପସରି ଗଲା । ଗୋଟିଏ

Digitized by srujanika@gmail.com

ଛୋଟ, ଲହରାୟିତ ହର୍ଣ୍ଣ ଦେଇ ଗାଡ଼ିଟି ଆସି ଅଟକି ଗଲା ଗେଟ୍ ସାମ୍ନାରେ । ଗାଡ଼ି ଆସିବା ଜାଣିପାରି ଗୋଟିଏ ଗିରି ଝରଣା ପରି ଝିଲ୍ ଝିଲ୍ ପାଦରେ ବାହାରି ଆସି ଗାଡ଼ି ପାଖକୁ ଚାଲିଗଲା ସଂଧ୍ୟା । ସୁରଜିତ ବାବୁ ସ୍ତ୍ରୀ ସହିତ ଗାଡ଼ିରୁ ଓହ୍ଲାଇ ଘର ଆଡ଼କୁ ଆଗେଇ ଆସୁଥିଲେ । ମା'ଙ୍କୁ ଦେଖି ଦୁକାଣ ୯ ଚନ୍ଦ୍ରୀର ହାଲୁକା ମନ ଆନନ୍ଦରେ ନାଚି ଉଠିଲା ଯେମିତି । ଚନ୍ଦ୍ରୀକୁ କୋଳକୁ ନେଇ ନେଇ ତା'ର ଛୋଟ କୋମଳ ଗାଲରେ ବାତ୍ସଲ୍ୟର ସବୁ ଚୁମ୍ବନଟିଏ ଦେଇ ପ୍ରଶ୍ନ କଲେ ସେ—ତୁ ମୋତେ ଖୋଜୁଥିଲୁ ଚନ୍ଦୁ... ? ନିଁ ଅଟି କିଛି କହି ନପାରି ମା' ଛାତିରେ ମୁହଁ ଲୁଚାଇ ଦେଇଥିଲା କେବଳ ତା'ପରେ ପୁଅ ଝିଅ ଦୁଇଟିକୁ ଧରି ଘର ଭିତରକୁ ପଶିଗଲେ ସେ । ସୁରଜିତ ବାବୁ ଶିକ୍ଷକ ସୁବ୍ରତ ନାରାୟଣ ସହିତ କେତେକ ଲଘୁ ଆଳାପ ଭିତରେ ସମସ୍ତ କଟାଉଥିଲେ ମାତ୍ର । ଏମାନଙ୍କୁ ଦୁଇ କପ୍ ଚା' ଦେଇ ସାରିବା ପରେ ରୋଷେଇ କାର୍ଯ୍ୟରେ ଲାଗିପଡ଼ିଲା ସଂଧ୍ୟା ।

ସେଦିନ ମେଘହୀନ ନୀଳ ଆକାଶରେ ଅଳସ ଗୋଧୂଳି ଅଦୂର ଆମ୍ବତୋଟାରୁ ନୀଡ଼ବାସୀ ବିଭିନ୍ନ ପକ୍ଷୀମାନଙ୍କର କଳରୋଳ ପବନରେ ଭାସି ଭାସି ମିଶି ଯାଉଥିଲା ଆକାଶରେ । କର୍ମମୁଖର ଜୀବନକୁ ଟିକେ ବିଶ୍ରାନ୍ତି ଦେବାପାଇଁ ଶ୍ରମିକ ମୂଲିଆମାନେ ଫେରି ଆସୁଥିଲେ ଘରକୁ । ଗୋଠ ବାହୁଡ଼ା ଗୋରୁ ଦଳର ଖୁରା ଘାତରେ ଧୂଳି ଉଡ଼ି ଅଦିନ କୁହୁଡ଼ିପରି ଘେରି ରହୁଥିଲା ଗାଁ ଭିତରକୁ ଲମ୍ବି ଯାଇଥିବା ସରୁ ନାଳି ସଡ଼କଟି । ଗୋରୁ ଖୁରା ଚିହ୍ନାଙ୍କିତ ହୋଇ ଧୂଳିଆ ସଡ଼କରେ ଗୋଟିଏ ବାର୍ଦ୍ଧକ୍ୟଗ୍ରସ୍ତ ହାଡ଼ପରି ଝୁଲି ଝୁଲି କୁଣ୍ଠିତ ପଦକ୍ଷେପରେ ସୁକୁମାର ପଟ୍ଟନାୟକ ଚାଲିଛି ଏକା ଏକା । ଦେହକୁ ତାର ଘେରି ରହିଛି ଖଣ୍ଡିଏ ସାତଶିଆଁ, ଅଣ୍ଟାନଇଁ ଲୁଗା । କାନ୍ଧରେ ପଡ଼ିଥିବା ତେଲ ଚିକିଟା ଗାମୁଛା ଖଣ୍ଡିକ ଅଛି ତା'ର ଦୈନ୍ୟହୀନ ପରିବାର ପାଇଁ ଏକାନ୍ତ ଭାବେ ଶୂନ୍ୟ ।

ଶୋଭା ସମ୍ମୋହନ ଦେହରେ ପାଦ ଦୁଇଟା ତା'ର ଅବଶ ହୋଇ ଆସୁଛି—ଛାତି ଭିତରଟା ଦୋହଲି ଉଠୁଛି ଏକାବେଳକେ । ଧନ୍ୟ ତୁମେ ଭଗବାନ ! ଯେଉଁ ପରିବାର ଦିନେ ଧନ ନ ଥିଲେ ବି ମନର ଦୃଢତାକୁ ନେଇ ହସି ଉଠୁଥିଲା, ଉର୍ମିଳାକୁ ନପାଇ ସେହି ପରିବାର ଆଜି ଶୋକଗ୍ରସ୍ତା, ଶାପଗ୍ରସ୍ତା— ନୀଡ଼ହରା ପକ୍ଷୀ ତାର ଧ୍ୱଂସ ବିଧ୍ୱଂସ୍ତ ସଂସାର ।

ଘରେ ପହଞ୍ଚିବାକୁ ଆଉ ବେଶୀ ବାଟ ନଥିଲେ ବି ଅବଶ ପାଦ ଦୁଇଟା ତାର ଥକି ପଡ଼ିଲାଣି । ଟିକିଏ ବିଶ୍ରାମ ନେବାକୁ ମନସ୍ଥ କରି ରାସ୍ତା କଡ଼ରେ ଥିବା ବରଗଛକୁ ଆଉଜି ବସି ପଡ଼ିଲା ସେ । ପତ୍ର ଝଡ଼ ଝଡ଼ ଶୁଭୁଛି, ଉପରକୁ ଅନାଇଲା ସୁକୁମାର ଦେଖିଲା, ଦୁଇଟି ଲୁଣ୍ଠିତ ମଞ୍ଜା ଗୋଡ଼ିଏ ବୋଝ ହୋଇ ହାଡ଼ ଉପରେ ଏଡ଼ାଳ ଦେଉଛି

Digitized by srujanika@gmail.com

ଜେଉଁ ବୁଲୁଛନ୍ତି । ମନଟା ତାର କ୍ଷଣିକ ପାଇଁ ହସି ଉଠିଲା ଯେମିତ । କେତେ ସୁଖୀ ଏମାନେ ସତରେ । ନାହିଁ ବାଧା, ନାହିଁ ବନ୍ଧନ, ପରଆପଣା, ସାନବଡ଼ର ବନ୍ଧ ଦୂରରେ ଯେମିତି ଏମାନେ ଜନ୍ମ ନେଇଛନ୍ତି । ଲଙ୍ଗୁଳା ହୋଇ, ସବୁ ଅଣ୍ଡର କଟି କଟି ଦେହରେ ଏମାନେ ଯେମିତି କହୁଛନ୍ତି—ଏ ମାଟି କାହାର ନୁହେଁ, ଏଠି ସମସ୍ତେ ସମାନ —ଏଇ ମାଟିର ସନ୍ତାନ । ସୁଖୀ—ଦୁଃଖୀ ଧନୀ—ଗରିବ, ରଜା—ପ୍ରଜା, ସମସ୍ତଙ୍କୁ ସେ ଆଦର କରେ । ଆଦର କୋଳରେ ଘାସ ଯୋଗାଇ ଶୁଆଇ ପକାଏ ।

ଧନ୍ୟ ଭଗବାନ । ଏଇଥିପାଇଁ ବୋଧହୁଏ ରାମଚନ୍ଦ୍ର ବନେ ସ୍ନେହରେ ଏମାନଙ୍କର ପିଠି ଆଉଁସି ଦେଇଥିଲେ । ସେ ଚିହ୍ନ ଆଜିଯାଏ ବି ତିନିବେଣୀ ଧାର ପରି ତାଙ୍କ ପିଠିରେ ଲାଗି ରହିଛି ।

ସମସ୍ତ କାହାରିକୁ ଅପେକ୍ଷା କରେ ନାହିଁ । ଗୋଟିଏ ସ୍ରୋତ ମୁଖରେ ପତ୍ରପତ୍ର ସେ ଆଗକୁ ମାଡ଼ି ଚାଲିଛି । ପ୍ରକୃତିସ୍ଥ ହେଲା ସୁକୁମାର । କଳା ଓଢ଼ଣା ତଳେ ସନ୍ଧ୍ୟା କେତେ-ବେଳୁ ଓହ୍ଲାଇ ଆସିଲାଣି ପୃଥିବୀକୁ । ସୁକୁମାର ଉଠି ଆଗକୁ ପାଦ ବଢ଼ାଇଲା । ଦୁଃଖଭରା ଦେହରେ ଉପବାସର ଉତ୍ପୀଡ଼ନ । ଦେହଟା ଥରି ଉଠୁଥିଲା ତାର । ତଥାପି ତାକୁ ଲକ୍ଷ୍ମୀ—ସ୍ଥଳରେ ପହଞ୍ଚିବାକୁ ହେବ । ଖାଇବାକୁ ଘରେ ମୁଠିଏ ଭାତ କି ପଟିଏ ରୁଟି ନଥିଲେ ବି ଲକ୍ଷ୍ମୀଆଙ୍କର ଟିକିଟିକି ସୁନ୍ଦର 'ଚାନ୍ଦମୁହଁ'କୁ ଦେଖି କ୍ଷୁଧା ତାର କେତେକାଂଶରେ ପ୍ରଶମିତ ହେବ ।

ସଡ଼କରୁ ଗଡ଼ି ବାଲି ରାସ୍ତାର ଖାଲ ଢ଼ିପରେ ପଡ଼ି ଉଠି ବହୁ କଷ୍ଟରେ ଘରେ ପହଞ୍ଚିଲା ସୁକୁମାର ।

ପିଲା ଦୁଇଜଣ ଯେମିତି ବାପର ଫେରିବା ବାଟକୁ ରାତକାଣୀ ପରି ଅନାଇ ରହିଥିଲେ ।

ଏତେ ବେଳ ଯାଏ କୋଉଠି କି ଯାଇଥିଲ ବାପା ? ମାତ୍ର ସାତ ବର୍ଷ ବୟସର ଝିଅ ଲୁବ ଦୌଡ଼ିଆସି ତାକୁ କୁଣ୍ଢାଇ ପକାଇ କହିଲା ।

ଝିଅର ଏ ଅହେତୁକ ପ୍ରଶ୍ନରେ ସୁକୁମାର ପଞ୍ଚାନ୍ୟାସ୍ତୁଙ୍କର ପିତୃହୃଦୟଟା ଏକ ନିଃସଙ୍ଗ କପୋଥ ପରି କାନ୍ଦି ଉଠିଲା । ମନେ ପଡ଼ିଗଲା ଦୀର୍ଘ ସାତବର୍ଷ ତଳର କଥା । ସେଦିନ ଶେଷ ଜୁଆ ହୋଇ ଜନ୍ମ ହୋଇଥାଏ ଏଇ ଝିଅଟି । ଝିଅର ଜନ୍ମଦାତା, ଜନ୍ମ ଦାତୀ ହୋଇ ସେ ଯେତିକି ଖୁସି ହୋଇ ନଥିଲେ, ତାଠାରୁ ବେଶୀ ଖୁସି ହୋଇଥିଲା ଉର୍ମିଳା । ଲୁଅଟି ହୁଏତ ପ୍ରସୂତି ଗୃହ ଛାଡ଼ି ନ ଥାଏ, ତଥାପି ତାକୁ ଛାତିରେ ଜାକି ଧରି ଏଘର ସେ ଘର ବୁଲି କେତେ ସ୍ନେହ ଆଦର କରୁଥିଲା ତାକୁ । ଦିନ ସ୍ରୋତର ଆବର୍ତ୍ତନ ଭିତରେ ଚାଲିଗଲା ଦିନ କେତୋଟି । ଝିଅଟିର ଏକୋଇଶା ହେବାର ପ୍ରଥମ ପ୍ରଭାତ ।

Digitized by srujanika@gmail.com

ସେଦିନ ବୋଧହୁଏ ଦିନସାରା ଖାଇ ନଥିବ ସେ । ଝିଅଟି ପାଇଁ କେତେ ନୂଆ ସରଞ୍ଜାମ, ଭାଉଜ ପାଇଁ ନୂଆ ଲୁଗା, ନାମକରଣ ପାଇଁ ସବୁ କିଛି ସେ ନିଜେ ନିଜେ ନେଇ ଗାଡ଼ି କରି ଦେଇଥିଲା । ସେତିକିରେ ସେ ହୁଏତ ସନ୍ତୁଷ୍ଟ ହୋଇ ପାରି ନ ଥିଲା କି କ'ଣ ଶେଷରେ ଝିଅଟିର ନାଁ ସେ ନିଜେ ଦେଇଥିଲା—ରଞ୍ଜିତା, ସ୍ନେହରେ ଯାହାକୁ ସେ ଚୁନି ବୋଲି ଡାକୁଥିଲା । ସେ ଥିଲା ପର୍ଯ୍ୟନ୍ତ ଝିଅଟି ପାଖରେ ଭାତ ନଥିଲା ବି ହାତରେ ଖାଇ ନ ଥିଲା । ଆଜି ସେ ନାହିଁ—ବର୍ଷେ ହେଲା କେଉଁଠି ହଜି ଯାଇଛି । ଝିଅଟି ଧୂଳି ମାଟିରେ ବଢ଼ି ଗଢ଼ି କଥା କହି ଶିଖିଲାଣି ।

ଅଶ୍ରୁ ସଜଳ ନୟନରେ ଝିଅଟିର ମୁହଁକୁ ଅନାଇଲା ସୁକୁମାର । ଝିଅଟି ମୁହଁରେ ତୋତଲି ଭାଷାରେ ସେହି । ଗୋଟିଏ କଥା – କୋଉଠିକି ଯାଇଥିଲୁ ବାପା ?

ଝିଅଟିକୁ କୋଳକୁ ଉଠାଇ ନେଇ କୋହ ରୁନ୍ଧା କଣ୍ଠରେ କହିଲା ସୁକୁମାର- –ତୁବ ତୁମକୁ ନିରାପଦରେ ରଖିବାକୁ ଗରିବ ବାପା ତୋର ଆଜି ଅସମର୍ଥ ହୋଇପଡ଼ିଛି । କୋଳେଇ କାନ୍ଧେଇ ଯିଏ ତୋତେ ଏତେ ଟିକି ଏତୁଟିଏ କରିଥିଲା, ତୁ କଥା କହିଶିଖିବା ଆଗରୁ ତୋତେ ଛାଡ଼ି ସେ କେଉଁଠି ଲୁଚିଗଲା । ତାକୁ ନପାଇ ମୁଁ ଆଜି ଏକାବେଳକେ ସର୍ବହରା ।

ସେଠି କମଳେବେଳକୁ କେତେ ହେବ କେଜାଣି, ଅଖଣ୍ଡା ଘଣ୍ଟି ଗାଁ ଟୋକାଙ୍କର ଯାତ୍ରା ଶିଖିବାର ସ୍ୱର ଶୁଭୁଛି । ଗୋଟିଏ ବରଡ଼ା ଡ଼ାଲରେ ଅନ୍ନ ଲାଏ ହେବ ଖାଇ ଧରି ଭିତରୁ ଆସି ସୁକୁମାର ଆଗରେ ଥୋଇ ଦେଲା ତାର ସ୍ତ୍ରୀ । କେତୋଟି ଲଘୁ ବାକ୍ୟାଳାପରେ ଝିଅଟିକୁ ପାଖରେ ବସାଇ ଖାଇ ବସିଲା ସେ । ଦିନସାରା ବାଟ ଚାଲି ଆଟୁଆର, ତା ଦୁଆର ବାଟ ଶ୍ରାନ୍ତି କ୍ଲାନ୍ତି ହୋଇ ନିଦ୍ରାଳୁ ବାଧି ଯାଇଥିଲା ତାକୁ । ତଳ ପାହାରେ ରଘୁ ନାଥ କର ଘର । ସେ ତା ଝିଅ ପାଖକୁ ଖବର ଦେବ ବୋଲି, ସ୍ତ୍ରୀ ଚାଲି ଯାଇଥିଲା ଝଇ ଡାଲୁବାକୁ । ସେଇଥିରୁ ଗଣ୍ଡାଏ ଦେଇଥିଲା ସେ । ସେଠିକରେ ସାଗ ପଖାଳଟି ସେଦିନ କୌଣସି ପ୍ରକାରେ ଚଳି ଯାଇଥିଲା ।

ସୁକୁମାର ଶୋଇବାକୁ ଯାଉଥିଲା ବେଳେ ସ୍ତ୍ରୀ ତା'ର ସବାସାନ ପୁଅଟିକୁ କୋଳରେ ଜାକି ଧରି କସି କରୁଣ କଣ୍ଠରେ କହିଲା, ଶୁଣୁଛ, ଗାଁ ମାଇପଙ୍କର ଟୁପୁରଟାପର କୁଣ୍ଟି କୁଣ୍ଟି ଆଉ ଦେଖି ଧରି ହେବ ହେବ ନାହିଁ । ସେ ସର୍ବନାଶିଟା ଆମ ମୁହଁରେ ଚୂନକାଳି ଦେଇ ଯିବାପରେ ତାର ମନସାଧ ମେଣ୍ଟି ନାହିଁ ଯେ, ଶେଷରେ ବାରକଥା ଶୁଣିବାକୁ ହେଲା ସେ ଅଲକ୍ଷଣୀଟା ପାଇଁ । ସେଥିରେ ପୁଣି ମା'ଙ୍କର ଘଡ଼ି ଘଡ଼ି ଧମକ । ଛୁଆପିଲା କେତେବେଳେ କେମିତି ଟିକେ ଆ ଘେଣ୍ଟା ତା ବାଡ଼ିକୁ ଗଳିଗଲା ଯେ, ସେଠିରେ ପୁଣି

Digitized by srujanika@gmail.com

କେତେ ଦେହ ନଗା କଥା ଶୁଣିବାକୁ ପଡୁଛି । କେଣୁ ମୁଁ କହୁଥିଲି, ରାସ୍ତାରେ ବୁଲି ଭିକ ମାଗିବା ପଛେ ରକ୍ତ ମାଂସ ଦେହ ଧରି ଏମାନଙ୍କ ଦାଉରେ ରହିହେବ ନାହିଁ ।

ସ୍ତ୍ରୀର କଥା ଶୁଣି ସୁକୁମାରର ଶ୍ରାନ୍ତ ଭିତରୁ ବୋଟିଏ ଦୀର୍ଘଶ୍ୱାସ ବାହାରି ଆସିଲା । ମନରେ ଅନେକ ଭାବ ହକିମାରୁ ଥିଲା, ମାତ୍ର କଥାରେ ପ୍ରକାଶ କଲାଭଳି ଶକ୍ତି ନଥିଲା ତାର । ବେଳେ ବେଳେ ଅଧୈର୍ଯ୍ୟ ହୋଇ ସ୍ୱେରର ମା' ବ କାନ୍ଦେ, କେହି କିନ୍ତୁ ଜାଣି ପାରନ୍ତି ନାହିଁ ସେ କାନ୍ଦିବାକୁ । ସେ କାନ୍ଦିବାବେଳେ ଲୁହ ନ ଥାଏ କେବଳ ଅନ୍ତରଥାଏ କୋହ । ସେତିକକୁ ନେଇ ସେ କାନ୍ଦେ, ଶୁଷ୍କ ସନ୍ତର୍ପଣରେ—ଆଖି ମଳି ମଳି ।

ପାଖରେ ଧକ୍‌ଧକ୍‌ ହୋଇ ଜଳୁଥିବା ଲଣ୍ଠନର ଭଙ୍ଗା କାଚର ଝାପ୍‌ସା ଆଲୋକରେ ସ୍ତ୍ରୀର ମୁହଁକୁ ଅନାଇଲା ସୁକୁମାର । ରାଗିଲା ଆଖିରେ କାହା କଥା ଭାବୁଛି ସେ ।

'ସାନ ପୁଅଟି ମା'ର ନାଭିରେ କାନ୍ଦି ବସେଇ ଥାଇ କଙ୍କାଳୁ ଦୁଆଟିଏ ଜୁକୁ ଜୁକୁ ଆଖିରେ ଅନାଉଛି ତାକୁ । ସ୍ତ୍ରୀର ପଥକୁ ପରିବର୍ତ୍ତନ କରିବାପାଇଁ କହିଲା ସେ, ସୁରଭି, ଆମର ଭାଗ୍ୟ ସେତେବେଳେ ପ୍ରତିକୂଳ, 'ସେତେବେଳେ ସମସ୍ତେ ଆମକୁ ନାକ ଟେକିବେ । ପାଖରେ ଶୋଇଲେ ତ ଶୋଉ ବାକିବ ନିଶ୍ଚୟ । ତେବେ ବର୍ଷାରୁ ଆସିବା ପୂର୍ବରୁ ମୁଁ ଏହାର ବ୍ୟବସ୍ଥା କରି ଦେଇଥିବି । କୁନା ତମ କୋଳରେ ଥାଇ କେତେବେଳୁ ଶୋଇପଡ଼ିଲାଣି । ଏବେ ଶୋଇବ ଯାଅ । ସିବାପରେ ଆମ ପାଇଁ ଭଗବାନ ଭରସା ।

ଦାଣ୍ଡ ପିଣ୍ଡାରେ ଗୋଟିଏ ଚେୟାର ପକାଇ ବସନ୍ତ ବଦନରେ ବସି ଗଞ୍ଜେଇ ଚିଲମ୍ ଭିଡୁଥିଲେ ଗଗନ ବାବୁ । ଆଖି ଦୁଇଟା ବେଳେ ବେଳେ ଲମ୍ବି ଯାଉଥିଲା । ଶେଷ ମୁଣ୍ଡ ଘରଟି ସମ୍ପନ୍ନ । ଦେଢ଼ ଘରଟି ସାଙ୍ଗ ସୁରଜନଙ୍କ ଘର । କିନ୍ତୁ ବଡ଼ ଅଭିମାନୀ ସେ । ବାପ ମା' ଦୁଇଜଣ ଯାକ ବାଛି ବାଛି ବର ପାଇଲେ ନାହିଁ ବୋଧହୁଏ, ଶେଷରେ ଗୋଟିଏ ଦୋଜବରକୁ ବରରେ ହାତ ଦେଇଥିଲେ । ଫୁଲିଲା କଅଁଳ ବୟସରେ ଯେଉଁଦିନ ସେ ବୋହୁଟିଏ ହୋଇ ଆସିଥିଲେ, ଦୋଜବରକୁ ହେଲେ ବି ଟିକେ ଉଷୁମ ପରଶ ପାଇ ଦ୍ରବିତ ନାରୀ ଜନ୍ମ ତାଙ୍କର [illegible] ଥାନ୍ତା । ହେଲେ ତା ହେଲା କେଉଁଠି ? ଗୋଟିଏ ଝିଅକୁ ଜନ୍ମ ଦେଇ ମା' ହେବା ପୂର୍ବରୁ ଦୁଃଖରେ ତାଙ୍କର ହାତ କାଟିଲେ । ସେହିଦିନ ଠାରୁ ସୀତା ସୁରଜନ ହେଲେ ବିଧବା । ମଥାରୁ ସିନ୍ଦୂର ଗାରଟା ସିନା ଲିଭି ଯାଇଛି, ତଥାପି ଖତ ଗଦାରେ ପଦ୍ମ ଫୁଲ ପରି ତାଙ୍କର ସେ ସବୁ ହାବଭାବଟା ଏବେବି ଲାଗି ରହିଛି ଓଠରେ ଦେହରେ ବି ସେମିତି କିଛି ପରିବର୍ତ୍ତନ ହୋଇ ନାହିଁ । କେତେବେଳେ କେମିତି ଟିକେ ଝଲକ ଝଲକ ହୋଇ ବାସେ ତାଙ୍କ ଘର ଆଡେ ବୁଲି ଯାଆନ୍ତି ।

Digitized by srujanika@gmail.com

ସୀତା ଭଳିକ ଯଦିଓ ସୁନ୍ଦରୀ ତଥାପି ସେ ଉର୍ମିଳା...

ଗଞ୍ଜେଇ ଚିଲମ୍‌ଟାକୁ ଖୁବ୍ ଜୋରରେ ଟାଣି ଦେଇ, ନଳର ଧୂଆଁ ଢୋକ ଦେବା ଭିତରେ ଅତୀତର କେତେ କଥା ମନେ ପଡ଼ିଯାଏ ହଠାତ୍ ।

ଦିନେ ସେ ସୁକୁମାର ପଟ୍ଟନାୟକର ଘରକୁ ଯାଇଥିଲା, ମନର ପବିତ୍ରତାରେ ନୁହେଁ —ଉର୍ମିଳା ପ୍ରତି କୋଟାଏ ନଗ୍ନ ମନୋଭାବକୁ ନେଇ । ହଠାତ୍ ଘରେ ମହାଜନଙ୍କୁ ଦେଖି ସୁକୁମାର ଟିକେ ଉତ୍ସୁକ ହୋଇ ପଡ଼ିଥିଲେ ବି ଅତିଥି ସତ୍କାର କରିବାକୁ ଲୋଟେ ପାଣି ଆଣିବାକୁ ଭଉଣୀକୁ କହିଥିଲା । ଉର୍ମିଳାର ନିଷ୍କଳଙ୍କ, ସରଳ ପ୍ରାଣରେ କୌଣସି ଆବିଳତା ନଥିବାରୁ ସେ ପାଣି ଲୋଟେ ତା ପାଖରେ ଥୋଇ ଗିରି ସ୍ୱରଣାଟି ପରି ମୋଡ଼ି ବାଙ୍କି ବାଙ୍କି ଘର ଭିତରକୁ ଚାଲିଯାଇଥିଲା । ତଥାପି ଗଗନ ଦାସର ରୂପଲୋଭୀ ଆଖି ଦୁଇଟା ଗୋଡ଼ାଇ ଗୋଡ଼ାଇ ଛୁଇଁ ଯାଉଥିଲା ତାର ତାଳୁରୁ ତଳିପା ପର୍ଯ୍ୟନ୍ତ । ଝିଅ ଗୁଡ଼ାକ ଏତେ ସୁନ୍ଦର ହୋଇ ପାରନ୍ତି । ଏକଥା ଯେମିତି ପ୍ରଥମ କରି ଜାଣି ପାରିଲା ସେ ସେଦିନ ।

ସେତିକି ବେଳେ ଫକୀର ମହାନ୍ତି, ସିଏ ହାତେ ହାତେ ଲାଞ୍ଚ ନେଇ ମୁହେଁ ମୁହେଁ ଖତ କରିବାକୁ ଟିକିଏ ହେଲେ ପଛାଏ ନାହିଁ, ଆସି ପହଞ୍ଚିଲା ।

ମହାଜନର ସ୍ୱଭାବଟା କ୍ଷଣିକ ପାଇଁ ହୁଏତ ଧିମେଇ ଗଲା ସେଇଠି । ଚିଲମ୍‌ଟାକୁ ଟିପି ଦେଇ ଆଉ ଥରେ ଗୋଟିଏ ଲମ୍ବା ଟାଣ ମାରି ବଢ଼ାଇ ଦେଲା ଫକୀର ମହାନ୍ତି ହାତକୁ । ରେଲ୍ ଇଂଜିନ ପରି ପାଟିରୁ ଭକ୍ ଭକ୍ ବାହାରୁ ଥାଏ ଧୂଆଁ ଗୁଡ଼ାକ ।

ଆଉ ଦିନେ ସେଇ ଝିଅଟି ଆଖିରେ ପଡ଼ିଥିଲା ଗାଁ ମୁଣ୍ଡ ପୋଖରୀ କୂଳରେ । ସାଙ୍ଗରେ ଥିଲେ ଆଉ କେତୋଟି ନବଯୌବନା ଯୁବତୀ ଝିଅ । ସମସ୍ତଙ୍କ କଟୀରେ ଥିଲା ଗୋଟିଏ ଗୋଟିଏ ଜଳପୂର୍ଣ୍ଣ କଳସୀ । ଚହଲା ପାଣିର ଦରଭିଜା ପିନ୍ଧା ଲୁଗା ତଳୁ ତାଙ୍କର ମାଂସଳ ଯୌବନ ଫୁଟି ଉଠୁଥିଲା ବାହାରକୁ । ସେଦିନ ପୋଖରୀ ହୁଡ଼ାର ବରଗଛ କଦମ୍ବ ଗଛ ତଳେ ଠିଆ ହୋଇ ଦୃଷ୍ଟି ନ ଫେରାଇ ରହି ପାରିନଥିଲା ଗଗନ ଦାସ । ଖାଲି ସେତିକି ନୁହେଁ, ଇଚ୍ଛା ହେଉଥିଲା, ଦୌଡ଼ିଯାଇ ଉର୍ମିଳାର ବରତନୁ ମୁକୁଳିତ ଗୋଲାପ ଗାଲରେ ଖେଳି ନିଜ ଚୁମ୍ବନର କେତୋଟି ଦାଗ ଛାପି ଦେଇ, ତାର ଦେହସାରା ଜୁଡ଼େଇ ହୋଇ ଯାଆନ୍ତା । କିନ୍ତୁ ବିବେକ ତାର ଇଚ୍ଛା ବିରୁଦ୍ଧରେ ବିଦ୍ରୋହ କରି ଉଠିଥିଲା । କାରଣ ପରିବେଶଟି ସେତେବେଳେ ନିରାପଦ ନଥିଲା । ଉର୍ମିଳା ଏକା ନଥିଲା— ସେ ଥିଲେ ଅନେକ । ଗାଈର ଉତ୍ତେଜନାରେ ବଳଦ ବ୍ୟର୍ଥ ଉତ୍ତେଜିତ ହୋଇ ପଡ଼ିଲା ପରି, ସେଦିନ ସେ କେବଳ ତାଙ୍କର ଫେରିବା ବାଟକୁ ଅନାଇ ରହିଥିଲା, ନିଜକୁ ନିଜେ ଅପଦାର୍ଥ ମନେ କରି ।

Digitized by srujanika@gmail.com

ଦୁଃସ୍ୱପ୍ନ ଦେଖି ହଠାତ୍ ନିଦ୍ରାଭଙ୍ଗ ହେଲାପରି ଚମକି ଉଠିଲା ଗଗନ ଦାସ । ଶୁଷ୍କ ଓଠରେ ଗଣ୍ଡେ଼ିକ ଟାଣ ହୋଇ କଳା ଜିଭଟାକୁ ଥରେ ବୁଲାଇ ଆଣି କହିଲା, ବୁଝିଲୁ ଫକିର, ସେ ଟୋକୀଟା ସିନା ମୋଠାରୁ ଦୂରେଇ ଯାଇଛି, ତଥାପି ତାର ରୂପର ଝଲକଟା ଝାପ୍‌ସା ହୋଇ ମୋ ଆଖିକୋଣରେ ଏବେ ବି ଲାଗି ରହିଛି । ସେଥିପାଇଁ ତ ସୁକୁମାର ପଟ୍ଟନାୟକ ଆଜି ତାଣ୍ଡର ଭିକାରୀ । ଦୁନିଆଁଟାକୁ ସେ ଧୂଳିରେ ଛାଇ ଦେଇପାରେ, କିନ୍ତୁ ମୋ ଆଖିକି ଫାଙ୍କି ଦେବାର କ୍ଷମତା ତାହାର ନାହିଁ । ସେ ମୋତେ ଯେଉଁ ଚରମ ଅପମାନ ଦେଇଛି ତାର ପରିଣାମ ସେ ହାଡେ଼ହାଡେ଼ ଭୋଗିବ । ହେଲେ ଉର୍ମିଳାକୁ ଆଉ...

ସୁବିଧା ଦେଖି ଫାଇଦା ଉଠାଇବାକୁ ମଣିଷ ସବୁବେଳେ ଚେଷ୍ଟା କରେ । ଅର୍ଣ୍ଣିରେ ପଣି ଭର୍ଣ୍ଣି କାଟିବାକୁ ହେଲେ ଲମ୍ପଟ, କାମୁକ ଆଗରେ ଝିଅ ମାନଙ୍କର ରୂପବର୍ଣ୍ଣନା କରିବା ଛଡ଼ା ଆଉ କ'ଣ କରାଯାଇ ପାରେ ? ତେଣୁ ଫକିର ମହାନ୍ତି ଗୋଟିଏ ଢୋକ ଗିଳି କହିଲା ।

ସେ ଅପମାନ କେବଳ ଆପଣଙ୍କ ପାଇଁ ନୁହେଁ ମହାଜନେ ମୋ ଦେହରେ ବି ଭରି ଦେଇଛି ଦାରୁଣ ଆଘାତ । ଆପଣଙ୍କ ପରି ଲୋକଙ୍କୁ ଯିଏ ଠକି ଦେଇପାରେ, ଆମକୁ ସେ' ତ ଗୋଟିଏ ଆଙ୍ଗୁଳିରେ ନଚାଇବ । ତେଣୁ ତାର କର୍ମଫଳ ସେ ହାତେ ହାତେ ପାଇବା ଉଚିତ ।

କିନ୍ତୁ ଆପଣ ସେ ଝିଅଟାର କଥା ଭୁଲି ଯାଆନ୍ତୁ । ସେଇ ତ ଏକା ଗୋଟିଏ ସୁନ୍ଦରୀ ଝିଅ ନ ଥିଲା, ତା'ପରି ଆହୁରି ଅନେକ ଝିଅ ଅଛନ୍ତି । ଜନଗଣନାରୁ ଯାହା ଜଣାଯାଏ, ବର୍ତ୍ତମାନ ଆମ ରାଜ୍ୟରେ ଗୋଟିଏ ପୁଅ ପାଇଁ ପ୍ରାୟ ଦୁଇକୋଟି ଝିଅ ପ୍ରତି-ଦ୍ୱନ୍ଦିତା କରୁଥିବା ସ୍ଥଳେ, ଅସୁନ୍ଦରୀ, ସାମାନ୍ୟ ଅସୁନ୍ଦରୀ ଓ ଅତି ସୁନ୍ଦରୀ କେତେ ଝିଅ ସେ ଆପଣଙ୍କ ବାହୁପାଶକୁ ଅଣାଯାଇ ନ ପାରେ ଆଉ ଡାକୁଛନ୍ତି । କେବଳ ଉଚିତ ସନ୍ଧାନ ପାଇଁ ମହାନ୍ତିଆ ଦେଖିଲେ ଏକଥା କହନ୍ତି ଫକିର ମହାନ୍ତି ।

ଖଟା ଦେଖି ଝିଅମାନଙ୍କ ଜିଭକୁ ଲାଳ ବହିଲା ପରି, ଶ୍ରେଣୀ ବିଭାଗୀୟ ଝିଅମାନଙ୍କ କଥା ଶୁଣି ଲୋଲାୟିତ ହୋଇ ପଡ଼ିଲା ଗଗନ ଦାସ । ପର ମୁହୂର୍ତ୍ତରେ ମୃଦୁ ଗହ୍ୱରରେ ଘନୀଭୂତ ହୋଇଥିବା ଛାପ ଠିକ ଏକ ଅଜଣା ଆନନ୍ଦରେ କହିଲା ସେ ।

ସତ କହୁଛୁ ଫକି । ମୋର ନାହିଁକି ମନକୁ ବିଶ୍ୱାସ ହେଲେ ବି ଆଖିକୁ ବିଶ୍ୱାସ ହେଉନାହିଁ । କାରଣ ଉର୍ମିଳା ପରି ଝିଅ ମୁଁ କେଉଁଠି ହେଲେ ଦେଖି ନାହିଁ । ହୁଏତ ଉର୍ମିଳା ଠାରୁ ସେମାନଙ୍କର ମୁଖର ଅଙ୍କୁର ସୁନ୍ଦର ହୋଇପାରେ, ମାତ୍ର ତାର ସେ ସେଉ ଲହରୀ ଭଳି ପରି ଦେହ ରଙ୍ଗର ଦେହଟି—ସମସ୍ତେ ସମସ୍ତେ ମୋ ମନର ନିବୃତ୍ତ ଉପାନ୍ତରରେ ଏବେ ବି ନାଚଉଠେ ।

Digitized by srujanika@gmail.com

ସେମାନେ ଯେଉଁ ଉପାଦାନର ଝିଅ, ଊର୍ମିଳା ମଧ୍ୟ ସେହିପରି । ସେମାନେ ପ୍ରେମ ପାଇଁ ହସି ହସି ନିଜ ଦେହକୁ ଦାନ କରନ୍ତି, କିନ୍ତୁ ସେ କଥା ଶୁଣିଲେ ଊର୍ମିଳା ହଠାତ୍ ଚମକି ଉଠେ । ଗୋଟିଏ ଛୋଟ ସରଳରେଖା ଟାଣି ଫକିର ମହାନ୍ତି ମୁହଁକୁ ଅନାଇଲା ସେ ।

କେଉଁ ପ୍ରେମ ବିଶେଷଜ୍ଞ ପୋଖତ ଡାକ୍ତରଙ୍କ ପରି ଗଳା ଖଙ୍କାରି ଫକିର ମହାନ୍ତି କହିଲା, ସେଇଟା ତା'ର ହୃଦୟସ୍ପନ୍ଦନଟା ଛଡ଼ା ଅନ୍ୟ କିଛି ନୁହେଁ । ଯେଉଁ ଝିଅମାନେ ପ୍ରେମ କ'ଣ ଜାଣି ନଥାନ୍ତି, ଶିଖି ନଥାନ୍ତି, ଦେହରେ ବାସନ୍ତୀ ଯୌବନର ମଳୟ ମହକ ଭରି ରହିଥିଲେ ବି ସେମାନେ ପ୍ରେମ କଥା ଶୁଣି ଚମକି ଉଠନ୍ତି । ଊର୍ମିଳା ହୁଏତ ହୋଇଥିବ ଏହି ଉପାଦାନରେ ଗଠିତ ଗୋଟିଏ ପ୍ରେମ ଅନ୍ଧ ଝିଅ । ତେଣୁ ମୁଁ କହୁଥିଲି ଆପଣ ତା କଥା ଭୁଲି ଯାଇ, ଯେଉଁ ପ୍ରୀତିମୁଗ୍ଧା ଝିଅମାନେ ଆଜି ଏ ପ୍ରେମମୟ ସଂସାରକୁ ପ୍ରତିପନ୍ନ କରୁଛନ୍ତି, ଜଣକୁ ନିଜର ଭଗ୍ନ ଆଲିଙ୍ଗନରେ ବାନ୍ଧି ରଖି ତା'ର କୁମାସ୍ତ ଜୀବନକୁ ସାର୍ଥକ କରନ୍ତୁ ।

ମହାଜନର ସନ୍ଦେହୀ ଓ ଦ୍ରଣପ୍ସୀ ମନକୁ ସନ୍ତୁଷ୍ଟ କରିବା ପାଇଁ ଫକିର ମହାନ୍ତି ଯୁବକ କଣ୍ଠରେ ଏତକ କହି, ତା'ର ମନୋଭାବକୁ ଲକ୍ଷ୍ୟ କରୁଥିଲା ।

ଗଞ୍ଜେଇ ଧୂଆଁରେ କଳା ପଡ଼ିଥିବା ଓଠରେ କ୍ଷୀଣ ହସର ରେଖାଟିଏ ଫୁଟାଇ ସେଠାରୁ ଉଠି ଘର ଭିତରକୁ ପଶିଗଲା ଗଗନ ଦାସ । ପଲଙ୍କ ବିଛଣା ତଳୁ ଖଣ୍ଡିଏ କୋଡ଼ିଏ ଟଙ୍କାର ନୋଟ ଆଣି ବଢ଼ାଇ ଦେଲା ଫକିର ମହାନ୍ତି ହାତକୁ । ପୂର୍ବ ପ୍ରସନ୍ନ ଓଠଅଗ୍ର ଝଲକରେ କହିଲା ସେ, ଆଜି ଏତିକି ନେଇ ଯାଇଥା ଫକି । ନୂଆଟି ହାତକୁ ଆସିବା ପର୍ଯ୍ୟନ୍ତ ଯାହା ଦରକାର ମୁଁ ତୋ'ର ହାତରେ ଗଣି ଦେବି ।

ନୋଟ ଖଣ୍ଡିକ ପକେଟରେ ରଖି ଫକିର ମହାନ୍ତି ଶିକାର ସାଫଲ୍ୟ ସ୍ୱାଦ ପରି ଏକ ମୁରୁକୁଲା ହସ ହସି ଗଲା । ଦାଣ୍ଡର ଅନ୍ଧାର ଭିତରେ ମିଶି ଯାଉଥିଲା । ଝାପସା ଅନ୍ଧାର ଭିତରେ କ୍ଷଣେ କାଳ ତାର ଗନ୍ତପଥକୁ ଅନାଇ ଘର ଭିତରକୁ ପଶିଗଲା ଗଗନ ଦାସ ।

କେଇଖଣ୍ଡ ନୂଆ ମେଘ କଳା ପରଦା ଘୋଡ଼େଇ ହୋଇ କାହାକୁ ଖୋଜି ଖୋଜିଲା ଭଳି ବୁଲୁଥିଲା ଆକାଶରେ । ଲୁଚି ଲୁଚି ସୂର୍ଯ୍ୟ କେବେ କେବେ ଦେଖା ଦେଉଥିଲେ ବି ସୁନେଲି ହସରେ ପୃଥିବୀକୁ ଉଦ୍ଭାସିତ କରୁଥିଲେ । ଆଜିକି ଦୁଇଦିନ ହେଲା ଶିକ୍ଷକ ସୁବ୍ରତ ନାରାୟଣ ପାଠ ପଢ଼ାଇବାକୁ ଆସି ନାହାନ୍ତି । ସନ୍ଧ୍ୟା ମନରେ ତେଣୁ ଅନେକ ପ୍ରଶ୍ନବାଚୀ ।

Digitized by srujanika@gmail.com

ତାକୁ ନେଇ ମନର ଜଳ ଭଉଁରୀ ଭିତରୁ ଉଠୁଥିବା କେତେ ଆଢ଼ - ଭୁଷା ମୋଡ଼ ବଙ୍କା ସ୍ରୋତ ବେଳେ ଛାତିର ଦୁଇ ପାହାଡ଼ ଉପକୂଳରେ ଲହଡ଼ି ଭାଙ୍ଗି ପୁଣି ମିଳେଇ ଯାଏ । ସେଇଠି । ଝିଅଙ୍କ ପ୍ରେମଟା ବାସ୍ତବିକ ସବୁବେଳେ ଏହିପରି । ପ୍ରେମିକର ଅନୁପସ୍ଥିତିକୁ ସେ ଯେମିତି ଆଦୌ ସହି ପାରନ୍ତି ନାହିଁ । ସବୁବେଳେ ଫାଙ୍କରେ 'ଖେଳି କଣ୍ଢେଇଟି ପରି ନଚାଇବାରେ ସେ ହୁଏତ ମଜା କିଛି ପାଇପାରନ୍ତି । ସଂଧ୍ୟା ଘରର ସବୁ କାମ କରେ, ଅଥଚ କେଉଁଥିରେ ମନଲାଗେନା ତାର । ଏଇ ଅନ୍ୟମନସ୍କତା ସବୁ ଝିଅ ମାନଙ୍କର ଏକାନ୍ତ ନିଜର । ଝିଅ ହୋଇ ଜନ୍ମ ହେଲେ ଅନ୍ୟମନସ୍କତାଟାକୁ ଯେମିତି ସବୁଠାରୁ ଆଗେ ଶିଖିବାକୁ ପଡ଼ିଥାଏ ତାଙ୍କୁ ।

ଅବଶ୍ୟ ସୁବ୍ରତ ନାରାୟଣ ଅଗ୍ରୱାଲ ତାଙ୍କ ପରିବାରରେ ଜଣେ ସଦସ୍ୟର ଭୂମିକା ଗ୍ରହଣ କରିଛି, ତଥାପି ତାର ଅନୁପସ୍ଥିତିରେ ଅନ୍ୟମନସ୍କ ହେବା ସଂଧ୍ୟାର ଯେମିତି ଗୋଟାଏ ସହଜାତ ଗୁଣ ।

ଘରର କେଉଁ ଏକ ନିଭୃତ କକ୍ଷରେ ଏକୁଟିଆ ରହିବାକୁ ସଂଧ୍ୟାକୁ ଆଦୌ ଭଲ ଲାଗେନା ଏବେ । କାରଣ ଏହା ପୂର୍ବରୁ ସେ ଅନେକଥର ସୁବ୍ରତ ସହିତ ସିନେମା ଯାଇଛି, ଗ୍ରୀଷ୍ମ ସଂଧ୍ୟାରେ କେଉଁ ପୁଷ୍ପିତ ପାର୍କର କୋଣେ ଗଛ ମୂଳେ ବସି ଏକ ମିଳନମୁଖର ପରିବେଶ ଭିତରେ ସୁବ୍ରତର ଅଙ୍ଗବାସ ଅନୁଭବ କରିଛି । ତଥାପି ତାର ଅନୁପସ୍ଥିତି ଆଜି ସଂଧ୍ୟା ପକ୍ଷେ ଅସହ୍ୟ । ସବୁ ଝିଅଙ୍କ ପାଇଁ ହୁଏତ ଏଇ ଏକା କଥା । ପ୍ରେମିକକୁ ଆକଣ୍ଠ ଉପଭୋଗ କଲେ ବି ବାକି ରହିଯାଏ ଅନେକ କିଛି । କାରଣ ମିଳନର ଭାଷା ସବୁବେଳେ ନୀରବ । ସେ ଭାଷାରେ ହୃଦୟର ବହୁତ କଥା ଅକୁହା ରହିଯାଏ । ଶତମିଳନର ପରେ ବି ଗୋଟିଏ ମୁହୂର୍ତ୍ତ ପୂରା ସଂପୂର୍ଣ୍ଣ ମନେ ହୁଏ ନାହିଁ ।

ସେଦିନ ଅଫିସକୁ ଯିବା ପୂର୍ବରୁ ସରଜିତ ବାବୁ ସୁବ୍ରତକୁ ଡାକି କହିଗଲେ ପିଲାମାନଙ୍କୁ ନେଇ ବିର୍ଲା ପ୍ଲାନେଟୋରିୟମ ବୁଲାଇ ଆଣିବାକୁ ।

ସେଥିରେ ପିଲାମାନେ ଯେତିକି ଖୁସି ହୋଇଥିଲେ, ତା ଠାରୁ ଅଧିକ ଖୁସି ହୋଇଥିଲା ସଂଧ୍ୟା । ପରିବାର, ବାପ ମା'ଙ୍କ ଆଖିରେ ଅନ୍ଧପୁଲି ବାନ୍ଧି ଲୁଚି ଛପି କୌଣସି ଯୁବକକୁ ପ୍ରେମ କରୁଥିବା ଝିଅମାନେ ବାସ୍ତବିକ ସବୁବେଳେ ସୁଯୋଗ ଖୋଜି ବୁଲୁଥାନ୍ତି । ସେହି ସୁଯୋଗର ସୀମିତ ପରିବେଶ ଭିତରେ ପ୍ରେମିକର ଆଲିଙ୍ଗନରେ ରହି ହୁଏତ ନିଜକୁ ବି ଭୁଲି ଯାଆନ୍ତି ସେମାନେ ।

ଦିନ ଦୁଇଟା ହୋଇଥିଲା ସେତେବେଳକୁ । ପିଲା ଦୁଇଟିଙ୍କ ସାଙ୍ଗରେ ଧରି ସଂଧ୍ୟା ସହିତ ଅନାବିଲ ହୃଦୟରେ ସୁବ୍ରତ ସେଦିନ ବାହାରି ଯାଇଥିଲା । ଟିକେଟ କଥି ତିନ ଘଣ୍ଟା

Digitized by srujanika@gmail.com

ପାଇଁ ସେହି ଅନ୍ଧକାର ହଲ୍‌ରେ ନିଜ ନିଜର ଚେୟାର ଅଧିକାର କରିବା ପରେ, ଏକ ଯାନ୍ତ୍ରିକ ଇନ୍ଦ୍ରଜାଲ ପରି ହୋଟେଲ୍‌ଟେ ହୃତ୍ କିଛି ଦର୍ଶକମାନଙ୍କ ଆଖିକୁ ଟାଣି ନେଉଥିଲା ଦୃଶ୍ୟପଟ ଉପରକୁ ସୁଧୀର ଆଖି ଦୁଇଟି ବି ଅଟକି ଯାଉଥିଲା ସେଇଠି ।

କିନ୍ତୁ ମନ ତାର ବତାସୀ ଝଡ଼ର ଉଦ୍‌ବେଳିତ ସମୁଦ୍ର ଛାତିରେ ଗୋଟିଏ ଛୋଟ ଡଙ୍ଗା ପରି ନାଚି ନାଚି ଦୋହଲି ଉଠୁଥିଲା । ଦେହଟା ଅସ୍ୱସ୍ତିକର ଭାବେ ଶୀତେଇ ଉଠୁଥିଲା ତାର ।

କେବେ କେବେ ଜାଣି ନ ଜାଣିଲା ପରି ସୁବ୍ରତ ନାରାୟଣ ଉପରକୁ ଢଳି ପଡ଼ି ହଠାତ ଚମକି ଉଠେ । ନଦେଇ ମ୍ ବଲେ ନିଜ ପ୍ରତି ଆକୃଷ୍ଟ କରିବା ପାଇଁ ପ୍ରେମ କଣ୍ଟାଳୀ ଝିଅଙ୍କର ଏଇଟା ଯାକ୍ ଲାଗି ନ ଦେଇ ମୋ ଗୋଟିଏ ବଳି ବନ୍ଧୁ ଚେଷ୍ଟା ପରେ ବି ମନର କଥାଟାକୁ ସିନା କହି ପାରନ୍ତି ନାହିଁ ଅଖିର କଥଟା କିନ୍ତୁ ରଙ୍ଗିନ ପ୍ରଜାପତି ପରି ଖଣ୍ଡେ ଉଡ଼ା ଦେଇ ପ୍ରେମିକର ମନଟାକୁ ସହଜରେ ଛୁଇଁ ପାରେ ।

ବାରମ୍ବାର ଗୋଟିଏ ଝିଅର କୋମଳ ସ୍ପର୍ଶ ଦେହରେ ବାଜିବାରୁ ସୁବ୍ରତ ନାରାୟଣ ନିଜକୁ କି ଡ଼ିଳା ଦାହ ଦେଲେ ସେପଟେ ଟେକିଲେ । ନାରୀର ସେ ନରମ ଦେହଟାରେ କ'ଣ ଏମିତି ଚୁମ୍ବକୀୟ ଆକର୍ଷଣ ଅଛି କେଜାଣି, ବାସ୍ତବିକ ପୁରୁଷ ସ୍ୱାଭାବିକ ତା ସ୍ପର୍ଶରେ । ଦେହର ସ୍ନାୟୁମୁଣ୍ଡାକ ହେବିଲା ହୋଇ ହଠାତ୍ ଫୁଲି ଫୁଲି ଉଠନ୍ତି ଦୈହିକ ଖାଦ୍ୟର ସେଇ ଟିକିଏ ସ୍ୱାଦ ଚାଖିବା ପାଇଁ । ଚେୟାର ମୁଣ୍ଡିକ ଲଗା ଲଗି ହୋଇ ପଡ଼ିଥିଲେ ବି ସୁବ୍ରତ ନିଜ ସ୍ଥାନରେ ଥାଇ ସୁଧା ଅଡ଼ୁଆ ଟିକେ ଅଣେଇ ହୋଇ ପଡ଼ୁଥିଲା । ପୁଷ୍ପଲତାଟି ପରି ସୁଧା ତା'ର ପ୍ରଶସ୍ତ ଛାତି ଉପରକୁ ଆଉଜି ପଡ଼ି ତା ଛାତିର ସ୍ପନ୍ଦନ ଶୁଣିବାକୁ ଲାଗିଥିଲା ।

ସୁବ୍ରତର ହାତ ଦୁଇଟି ଯେମିତି କ'ଣ ଖୋଜିଲା ଖୋଜିଲା ହୋଇ ସମ୍ପୂର୍ଣ୍ଣ ରୂପେ ଘେରି ରହିଥିଲା ସନ୍ଧ୍ୟାର ଦେହ ଉପରେ । ତା'ର ଜଳ୍‌ଗେଟର ସାମ୍ନାରେ କେଇକେଇ ଚୁମ୍ବନ ଚକ୍ରର ଉପରେ ଚୁମ୍ବନର କେତୋଟି ଦରଫୁଟା ମୁଦ୍ରା ଅଙ୍କି ଦେଇଥିଲା ସୁବ୍ରତ । ସୁଧା ଥରେ ଅନାଇଲା ଦୃଶ୍ୟପଟ ଆଡ଼େ । ଦେଖିଲା, ସେ ଆକାଶୀ ପର୍ଦ୍ଦାରେ ସପ୍ତର୍ଷି ମଣ୍ଡଳର ଏକ ଚାନ୍ଦ୍ରିକ ଚିତ୍ର । ମୁହଁ ବୁଲାଇ ଆଣି ସୁବ୍ରତର ଧାଉଁଆ ଚିବୁକରେ ଗୋଟିଏ ଲଜ୍ଜାଆ ଚୁମ୍ବନ ଦେଇ କହିଲା, ଦେଖୁଛ ସୁବ୍ରତଭାଇ । ଆକାଶରେ ଅଦୂରରେ ବଶିଷ୍ଠଙ୍କ ପାଦତଳେ ସ୍ୱାମୀଭକ୍ତା ଅରୁନ୍ଧତୀ ଲେଟିପଡ଼ିଲା ପରି, ମୁଁ ବି କେବେ ଲେଟି— ପଡ଼ିବି ତୁମର ଏଇ କୋମଳ ଚରଣ ତଳେ ପାଦ ଦେବିକି ଉପରେ । ସୁଧା କହି ସେଦିନ ମୋତେ ଠେଲି ଦେବ ନାହିଁ ତ ?

Digitized by srujanika@gmail.com

ହଲ୍‌ଟି ଯଦିଓ ଅନ୍ଧକାର, ତଥାପି କଥାବାର୍ତ୍ତା କଲେ ଆଗ ପଙ୍କ୍ତି ହୋଇ ବସିଥିବା ଦର୍ଶକମାନେ ଶୁଣି ପାରିବେ । ଟିକେ ନୀରବ ରହିଗଲା ସୁବ୍ରତ । ହୁଏତ ସେହି ନୀରବତାର ହିଁ ସଂଧ୍ୟାର କଥାକୁ ଗ୍ରହଣ କରି ନେଇଥିଲା ।

ସୌରମଣ୍ଡଳର ସମସ୍ତ ଦୃଶ୍ୟ ସିନେମା ରିଲ ପରି ଗୋଟିକ ପରେ ଗୋଟିଏ ପର୍ଦ୍ଦାରେ ଆଙ୍କି ହୋଇ, ଦର୍ଶକମାନଙ୍କ ଧୈର୍ଯ୍ୟ ଅପହରଣ କରି କରି ଶେଷ ପର୍ଯ୍ୟାରେ ପାଦ ଦେଇଥିଲା । ଘଣ୍ଟାକୁ ଅନାଇଲା ସୁବ୍ରତ ନାରାୟଣ । ଛଅଟା ବାଜିବାକୁ ଆଉ ମାତ୍ର ଦଶମିନିଟ୍ ବାକି । ହୁଏତ ବର୍ତ୍ତମାନ ଲାଇଟ ଜଳିଲେ ହଲ୍‌ଟି ଆଲୋକିତ ହୋଇ ହୋଇ ଉଠିବ ।

—ସଂଧ୍ୟା ।

—ଉଁ ।

—ଛଟା ବାଜିବାକୁ ଏଇ ମାତ୍ର ଦଶ ମିନିଟ୍ ବାକି ।

—ଦଶ ମିନିଟ୍ ସେ ତ ଅନେକ ।

— ଅଚାୟ ହୁଅନ୍ତ ସଂଧ୍ୟା···ଆଜି ମାତ୍ର···

ଢେଲଟା ହଠାତ ବାଜି ଉଠିଲା । ଆଉ ମାତ୍ର ପାଞ୍ଚ ମିନିଟ୍ । ତା'ପରେ ସମସ୍ତଙ୍କୁ ବାହାରି ଆସିବାକୁ ପଡ଼ିବ । ଏକ ତୃପ୍ତି—ଖୁସି ଭୃଷାକୁ ନେଇ ନିଜ ଚେୟାରରେ ପୂର୍ବ ପରି ଉଠି ବସିଲା ସଂଧ୍ୟା । ଦେହର ଉତ୍ତପ୍ତ ସ୍ନାୟୁ ଗୁଡ଼ାକ ଯୌବନର ଗୁରୁଭାର ସହି ନପାରି ତଥାପି ଖୋଜୁଥିଲା ଆଶ୍ରୟ । ଅଲସିତ ଅଙ୍ଗଲତାରେ କଲସିତ ଛାତିଟା ତା'ର ଗୋଟିଏ ବାତ କମ୍ପିତ ନବ ପଲ୍ଲବ ପରି ଥରି ଉଠୁଥିଲା । ଦେହର ମାଂସ ଗୁଡ଼ାକ ଯେମିତି ରହି ରହି ଫୁଲି ଉଠୁଥିଲା ଶତ କଦମ୍ବର ରୋମାଂଚରେ ।

ଏଇଟା ଝିଅମାନଙ୍କର ଗୋଟାଏ ଦୁର୍ବଳତା । ପ୍ରେମିକକୁ ଜାବୁଡ଼ି ଧରି ଆକଣ୍ଠ ଉପଭୋଗ କରିବାକୁ ହୁଏତ ଟିକଏ ଇଛା ହେଲେ ତାଙ୍କ ଦେହ ର ଗୋଟାଏ ଓଲଟା ପିଠକ୍ରିୟା ସୃଷ୍ଟି ହୁଏ । ତାରି ଭିତରେ ପଡ଼େ ଯେମିତି ସବୁ ଅକ୍ଷମତା, ସବୁ ଅପୂର୍ଣ୍ଣତା ଭରି ରହିଥାଏ ।

ସେଦିନ ଠିକ୍ ଏହି ପରିପ୍ରେକ୍ଷୀରେ ତା ବିବାହ ଜୀବନର କେତେକ ଘୋମାଞ୍ଚଙ୍କର ଅନୁଭୂତିକୁ ନେଇ ସଂଧ୍ୟା ପାଖକୁ ଗୋଟିଏ ଚିଠି ଲେଖିଥିଲି ଉର୍ମିଳା । ତାର ସ୍ୱାମୀ କୁଆଡ଼େ ଜଣେ ପ୍ରେମିକା କନ୍ଥୁ ଦୂରରେ ରହିଲେ ଖଣ୍ଡେ ଚିଠି ଲେଖିବା ଅନେକ ଡେରି କରନ୍ତି । ଆଉ ପାଖରେ ଥିଲେ, ସବୁବେଳେ ତାର ଦେହଟାକୁ କୁଆଡ଼େ ଖାଇଗଲି ଖାଇଗଲା, ଆଖିରେ ଅନାନ୍ତି । ପୁରୁଷ ଜାତିଟା ସତରେ ସବୁବେଳେ ଏହିପରି ।

Digitized by srujanika@gmail.com

ବିଜୁଳି ଆଲୋକର ଶୁଭ୍ରାଲୋକରେ ହଲ୍‌ଟି ହଠାତ୍ ଉଦ୍‌ଭାସିତ ହୋଇ ଉଠିଲା । ଦର୍ଶକମାନେ ଏକାବେଳକେ ଦ୍ୱାର ନିକଟକୁ ଆଗେଇ ଆସିଲେ । ପ୍ରକାଶ ଓ ଚିନ୍ମୟୀ ଯଥାକ୍ରମେ ସଂଧ୍ୟା ଓ ସୁବ୍ରତର ହାତ ଧରି, ବାହାରକୁ ଆସି ଘର ଅଭିମୁଖେ ଟେକ୍‌ସିରେ ବସିଲେ । ଟେକ୍‌ସିଟି ମାଡ଼ି ଚାଲିଲା ଅଗକୁ ।

ଏକ ମଦାଳସୀ ନାରୀର ମନ୍ଥର ପଦପାତ ପରି ସେଦିନ ଆଶ୍ୱିନ ମାସର ଗୋଟିଏ ଅଳସ ଅପରାହ୍ନ ଧିରେ ଧିରେ ଛୁଇଁ ଯାଉଥିଲା ସମସ୍ତଙ୍କ ମନକୁ । ଗାଁ । ଝିଅମାନଙ୍କର ମନଟା ଫୁଲି ଫୁଲି ନାଚି ଯାଉଥିଲା କି ଗୋଟାଏ ଅଦମ୍ୟ ଆନନ୍ଦରେ । ସୂର୍ଯ୍ୟ ଏ ଆନନ୍ଦକୁ ଉପଭୋଗ କରି ନପାରି ଯେମିତି ଅସ୍ତାଚଳ ଶିଖର ପ୍ରଦେଶରେ ମୁଣ୍ଡପିଟି ଲୋଟି ଯାଉଥିଲେ ତଳକୁ, ଖୁବ୍ ଦୁଃଖରେ ପଡ଼ୁ କେତୋଟି ବାଳବିଧବା ବଧୂଟି ପରି ଝାଉଁଳି ପଡ଼ୁଥିଲେ ବି ସେପଟରେ କଇଁ କେତୋଟି ହସ ହସ ମୁହଁରେ ଯୌବନର ବିଜ୍ଞାପନ ପଢ଼ୁଥିଲେ । ଏଇଟା ହୁଏତ ସଂସାର । ଗୋଟିଏ ପଟରେ ବେଦନା ଓ ନୈରାଶ୍ୟର ପଦଧ୍ୱନି, ଅନ୍ୟପଟରେ ଆନନ୍ଦ ଉପଭୋଗର ବହୁ ଆକାଂକ୍ଷିତ ପ୍ରବହମାନ ମନ୍ଦାକିନୀ । ସ୍ରଷ୍ଟାଙ୍କର ସୃଷ୍ଟି ତା ଭିତରେ ଗୋଟିଏ ମରଣଶୀଳ ପ୍ରାଣ କେନ୍ଦ୍ର ମାତ୍ର ।

ପ୍ରଶସ୍ତିନୀ କୁମୁଦନୀର ପାଣିଗ୍ରହଣ ପାଇଁ ଶଂଖ-ଧବଳ ବରବେଶରେ ପୃଥିବୀ ପୃଷ୍ଠକୁ ଓହ୍ଲାଇ ଆସୁଥିଲେ ପୂର୍ଣ୍ଣ କଳା—ଚନ୍ଦ୍ର ।

ଅଜି କୁମାର ପୂର୍ଣ୍ଣିମା ।

ଟ୍ରେଷ୍ଟ ଟ୍ରେଷ୍ଟ, ବାଳିକା ମାନଙ୍କ ପୁଚି ଖେଳର ଦ୍ରୁତଦ୍ୱନ୍ଦତାରେ ଗାଁ । ଦାଣ୍ଡଟା ତେଣୁ ମୁଖରିତ । କେଉଁଠୁ କେମିତି ଶୁଣା ଯାଉଛି । କେତେ ନୂଆ ପୁରୁଣା ଗୀତ, ଝିଅମାନଙ୍କର ଲଳିତ କୋମଳ କଣ୍ଠରୁ ।

ଏଇ ପର୍ବଟା ମୁଖ୍ୟତ ଝିଅମାନଙ୍କର । ତୁଳସୀ ଚଉରା ପାଖରେ ଧୂପ ଦୀପ ଦେଇ ସେମାନେ ପୂଜା କରିଥାନ୍ତି କାର୍ତ୍ତିକେୟଙ୍କୁ । ମୁହଁର କଥାଟା ହୁଏତ ହୋଇ ପାରେ ଭିନ୍ନ କିନ୍ତୁ ଅନ୍ତରର କଥାଟା ହେଉଛି, ଚନ୍ଦ୍ରଙ୍କୁ ସାକ୍ଷୀରଖି ସେମାନେ କାର୍ତ୍ତିକେୟଙ୍କୁ ପୂଜା କରନ୍ତି । କାରଣ, ଠିକ୍ କାର୍ତ୍ତିକେୟଙ୍କ ପରି ଏକ ସୁନ୍ଦର ସୁଦର୍ଶନ ଯୁବକକୁ ସ୍ୱାମୀ ରୂପରେ ପାଇ, ତା'ର ଦେହ ଛାୟା ତଳେ ନିଜର ନାରୀ ଜୀବନଟାକୁ ଚରିତାର୍ଥ କରିବା ପାଇଁ । ସବୁ ଝିଅ ଅବଶ୍ୟ ଏହା ଜାଣିଥାନ୍ତି କି ନାହିଁ, ତଥାପି ଏଇ ଦିନଟିରେ ମନଟା ତାଙ୍କର ଏକ ଜାପାନୀ କଣ୍ଢେଇ ପରି ନାଚି ଉଠେ । ନୂଆ ବେଶ ପରିପାଟୀରେ ଦେହଟା ବି ସେଦିନ ନୂଆ ପରି ଦେଖାଯାଏ ।

କେତେ ରଙ୍ଗ ବେରଙ୍ଗ ଶାଢ଼ୀ ଶାୟା ବ୍ଲାଉଜର ଦ[illegible]ଟା ଆବରଣ ତଳେ ଯୌବନ

Digitized by srujanika@gmail.com

ପଖଳା ଅର୍ଦ୍ଧନଗ୍ନ ଦେହଟାକୁ ଢାଙ୍କି ରଖି ଗାଁ ଝିଅମାନେ ବୃନ୍ଦାବତୀ ପାଖରେ ରୁଣ୍ଡ ହୋଇ ଗଲେଣି ।

ସନ୍ଧ୍ୟା ବନ୍ଦାଣ ପାଇଁ ଫୁଲ ସଜା ଭିତରେ ଜାଳି ଦେଲେଣି ଘିଅ ଦୀପ । ବିଭିନ୍ନ ପ୍ରକାର ଫୁଲର ସମ୍ମିଶ୍ରଣରେ ଚନ୍ଦ୍ରଙ୍କର ପ୍ରତିକୃତି ଅଙ୍କା ହୋଇଛି ଥାଳି ଭିତରେ । ଧୂପ ଅଗରୁ ଉଠୁଥିବା ସେଇ ବାସ ସୁରଭିତ ଧଳା ଧୂଆଁ ଧାରଟା ଯେମିତି ଗାଁ ସାରା ବୁଲି ବୁଲି ଡାକି ଆଣୁଥିଲା ଅନ୍ୟାନ୍ୟ ପିଲାମାନଙ୍କୁ । ରୁଣ୍ଡିଭୂତ ଝିଅମାନଙ୍କର ମିଳିତ କଣ୍ଠରୁ ଗୋଟିଏ ଲହରାୟିତ ସ୍ୱର ତୋଳି ଦେଇ ପଡ଼ିଲା ହୁଳହୁଳିର କେତୋଟି ଫୁଟନ୍ତା ମଲ୍ଲୀହାର ଶୁଭଦା ଚନ୍ଦ୍ର ବୋଧହୁଏ ଏମାନଙ୍କ ଭକ୍ତି ପୂତ ପୂଜାରେ ଖୁସି ହୋଇ ନିଜର ସବୁ କିରଣକୁ ଏକତ୍ରିତ କରି ଢାଳି ଦେଇଥିଲେ ସେଇ ଦାଣ୍ଡରେ ।

ଶୋଇବା ଘରର ସାମାନ୍ୟ ଝରକା ଫାଙ୍କରେ ବାହାରକୁ ଅନାଇ ରହିଥିଲା ଉର୍ମିଳା । ଠିକ୍ ସେତିକି ବେଳେ ଝିଅମାନେ ଠାକୁରଙ୍କ ପାଦତଳେ ଆଭୂମି ପ୍ରଣାମ ବାଢ଼ି ନିଜ ନିଜର ମନଭାବ ବ୍ୟକ୍ତ କରୁଥିଲେ । ନିକଟରେ ଅନ୍ନପୂର୍ଣ୍ଣା ଗଛ ମୂଳେ ଠିଆ ହୋଇ ଯୌବନ ପୁସ୍ତକର ସୂଚୀପତ୍ର ପଢ଼ୁଥିଲେ ତିନି ଚାରୋଟି ଫ୍ରକ୍ ପିନ୍ଧା ଝିଅ । ହଠାତ୍ ଉର୍ମିଳାର ଆଖି ପଡ଼ିଗଲା ସେଇ ଝିଅଟି ଉପରେ, ଯାହାର ପୁଟୋଲି ସୁଗୋଲ ଗୋରା ଦେହରେ ବର୍ଷେ ହେବ ନୂଆ କରି ଯୌବନର ଝରଣାଟା ଝରି ଯାଉଛି । ଏ ବର୍ଷ ତା କୁମାରୀ ଜୀବନର ପ୍ରଥମ କୁମାର ପୂର୍ଣ୍ଣିମା ।

ଉର୍ମିଳାର ସ୍ୱାମୀ ବିରହ ବିଧୁରିତ ପ୍ରାଣଟା ହଠାତ କାନ୍ଦିଲା କେଜାଣି ଗଡ଼ାଣି ସୁଅ ପରି ଗଡ଼ିଗଲା ଅନେକ ଦିନ ତଳକୁ । ମନେ ପଡ଼ିଗଲା ପିଲାଦିନର ଏହିପରି ଏକ ଅଭୁଲା ସ୍ମୃତିର କେଇ ଧାଡ଼ି ଲହୁମଖା ଅସ୍ପଷ୍ଟ ଅକ୍ଷର ।

ଦିନେ ଅତୀତରେ ସେ ଥିଲା ନବମ ଶ୍ରେଣୀର ଛାତ୍ରୀ । ଆଜିପରି ସେଦିନ ବି ଆସିଥିଲା କୁମାର ପୂର୍ଣ୍ଣିମା, ତା ଏକବର୍ଷି କୁମାରୀ ମନରେ କେତେ ଅସରନ୍ତି ଆଶାର ମାଳା ଗୁନ୍ଥି । ବାପ ଗରିବ ହେଲେ ବି ଗାଁର ଆଉ ଝିଅଙ୍କ ସାଙ୍ଗରେ ସମତା ରକ୍ଷା କରି ଅତି ସ୍ନେହରେ ଝିଅ ପାଇଁ କିଣି ଦେଇଥିଲେ ଖଣ୍ଡେ ଦାମିକା ଶାଢ଼ୀ ଶାୟା ବ୍ଲାଉଜ । ଫ୍ରକ୍ ଗାଉନ୍ ଛାଡ଼ି ସେ ଦିନ ସେ ଲାଜୁଆ ମୁହଁରେ ନୂଆ କରି ଶାଢ଼ୀ ପିନ୍ଧିବାକୁ ବାଧ୍ୟ ହୋଇଥିଲା । ଶାଢ଼ୀଟିକୁ ପିନ୍ଧି, ସରୁ ସରୁ କଅଁଳା ପାଦରେ ଦୁଇଗାର ଅଳତାର ପ୍ରଲେପ ଆଙ୍କି ବେଣୀ ଅଗରେ ନାଲି ନେଳି ଦୁଇଟି ରିବନ ବାନ୍ଧି, ଯେତେବେଳେ ଗାଁ ଝିଅଙ୍କ ସାଥିରେ ଦାଣ୍ଡରେ ବୁଲୁଥାଏ, ସତରେ, ସେତେବେଳେ ସେ କୁଆଡେ ନୁଣୁଣି ହାଣ୍ଡିଟି ପରି ଦେଖାଯାଏ ।

Digitized by srujanika@gmail.com

ଭାଉଜ ହସାବରେ କେହି କେମିତି ଥଟ୍ଟା ଥାପରରେ କହନ୍ତି, "ତୁମେ ସିନା ରାଧା ସୁନ୍ଦରୀ ବେଶରେ ବାହାରି ପଡ଼ିଲ ଉର୍ମି, କିନ୍ତୁ ଏଠାରେ ତ ବୃନ୍ଦାବନ ନାହିଁ କି ନଟବର କୃଷ୍ଣ ମଧ୍ୟ ନାହାନ୍ତି । କିଏତ ଗଣ୍ଡା ଗଣ୍ଡା ବୁଲୁଛନ୍ତି ସେଇ ଚନ୍ଦ୍ରସେଣାମାନେ । ହେଲେ ରାଧେ! ତୁମେ ଏତେ ସୁନ୍ଦର ହୋଇ କୁତ୍ସିତ ଚନ୍ଦ୍ରସେଣା କୋଳରେ........"

ସେଦିନର କଥା ଗୋଟି ଗୋଟି ହୋଇ ସବୁ ମନେ ଅଛି ତାର । ତଥାପି ଉର୍ମିଳାର ମନରେ କୌଣସିଟା ଉପଭୋଗ୍ୟ ହୋଇ ନଥିଲା ସେଦିନ । କାରଣ, ବାପ ଝିଅକୁ ଯେତେ ପ୍ରାଣପ୍ରାଚୁର୍ଯ୍ୟରେ ରଖିଥିଲେ ବି ମାତୃହରା କନ୍ୟା ମା'ର ଅନୁପସ୍ଥିତିକୁ କଦାପି ସହ୍ୟ କରି ପାରେ ନା । ଦୀର୍ଘଦିନ ତଳୁ ସେ ହତଭାଗିନୀ ମା'କୁ ହରାଇ ବସିଛି । ଭାଗ୍ୟର କେଉଁ ଅମଙ୍ଗଳ ଗ୍ରହର ନିର୍ଦ୍ଦେଶରେ ସେଦିନ କେଜାଣି ବାପାଙ୍କର ଇଚ୍ଛା ନଥିଲେ ବି ମହାଜନର କୁପରାମର୍ଶ ଯୋଗୁ ଏକ ବୟୋଜ୍ୟେଷ୍ଠା ନାରୀକୁ ଦ୍ୱିତୀୟ ପତ୍ନୀ ରୂପେ ଗ୍ରହଣ କଲେ । କୌଣସି ପ୍ରକାରେ ଚାଲିଗଲା କିଛିଦିନ । ଦୁଇ ତିନି ମାସ ପରେ ଦିନେ ଶୁଣାଗଲା ତାଙ୍କର ଅଠର ବର୍ଷ ବୟସର ଗୋଟିଏ ପୁତ୍ର ସନ୍ତାନ ଅଛି, ତା ନା ସୁକୁମାର । ବାପାଙ୍କର ଉପାୟାନ୍ତର ନଥିବାରୁ ସେଦିନ ହଠାତ୍ ଆସି ନିଜ ଘର ପରି ରହିଥିଲା । ତାପରେ ସେମାନେ ନିଜ ସ୍ୱାଧୀନରେ ଘରର ସମସ୍ତ ରୂପ ବଦଳାଇ ଦେବାକୁ ବସିଲେ । ଅବଶ୍ୟ ସେତେବେଳେ ବୃଦ୍ଧ ପିତା ତାର ବଞ୍ଚିଥିଲେ ବୋଲି ତାଙ୍କରି ମୁହଁକୁ ଅନାଇ ଉର୍ମିଳା ସେମାନଙ୍କର ସବୁକିଛି ଅନ୍ୟାୟ ଉପଦ୍ରବକୁ ସହି ଯାଉଥିଲା । କିନ୍ତୁ କିଏ ଜାଣିଥିଲା ଦିନେ ଉର୍ମିଳାର କୁସୁମିତ ଭବିଷ୍ୟତରେ ଏ ତାର ପ୍ରଥମ ପ୍ରତିବନ୍ଧକ ହେବ ବୋଲି ?

ଭବିଷ୍ୟତରେ ଆଶାକୁ ନେଇ ମଣିଷ ବଞ୍ଚେ, ଯଦିଓ ଭବିଷ୍ୟତ - ଅନ୍ଧକାରମୟ । କାରଣ ଅଦୃଷ୍ଟର ଗତି ମଣିଷ ପକ୍ଷେ ଅଜ୍ଞାତ ।

ପୂର୍ଣ୍ଣିମା ରାତ୍ରୀର ସେଇ ଧଳା ଜ୍ୟୋତ୍ସ୍ନା ଭିତରେ କେତେ ଆଉ କେତେ ସଙ୍ଗୀତର ଲହରାୟିତ ସ୍ୱର ଭାସି ଆସି ଝରକାରେ ପିଟି ହୋଇ ପୁଣି ଫେରିଯାଉଥିଲା । ଉର୍ମିଳା ତଥାପି ଚୁପ୍ ରହିଥିଲା ସେଇଠି । ଅତୀତ ଜୀବନର ସେଇ ଦୁଃଖଦ ଘଟଣାଟା ତା ମୁହଁ ଉପରେ ପଢ଼ିହୋଇ ଯାଉଥିଲା. ନିଳ ଆକାଶରେ ଝଟିଏ କଳାମେଘ ପରି ।

ସତୀ ରାଜ୍ୟରେ କଳି ପ୍ରବେଶ କଲା ପରି ସେ ପରିବାରଟି ଦିନକୁ ଦିନ ଅଶାନ୍ତିରୁ ଅଶାନ୍ତତର ହୋଇ ପଡୁଥିଲା । ଜୀବନର ବହୁ ଘାତପ୍ରତିଘାତ ମଧ୍ୟରେ କେବଳ ବୃଦ୍ଧ-ପିତାଙ୍କ ମୁହଁକୁ ଅନାଇ କୌଣସି ପ୍ରକାରେ ଦିନକାଟୁଥିଲା ଉର୍ମିଳା ।

ସବୁଦିନ ପରି ଦିନରାତିର ନିର୍ଦ୍ଦିଷ୍ଟତା ଭିତରେ ଗଡ଼ିଗଲା ଦୁଇଟି ବର୍ଷ, ପାଣି ସୁଅ ପରି । ଉର୍ମିଳା ସେତେବେଳକୁ ଏକାଦଶ ଶ୍ରେଣୀର ଛାତ୍ରୀ । ବାପାଙ୍କର ଅନନ୍ତ ସନ୍ତୋ

Digitized by srujanika@gmail.com

ସେଦିନ ନବାଗତ ଝିଅ ତାର ବିବାହ କରିଥିଲା ଆଉ ଗାଁର ଗୋଟିଏ ଗରିବ ଝିଅକୁ । ଧନ ନଥିଲେ ବି ପଟ୍ଟନାୟକ ବଂଶର ଯେଉଁ ଗୌରବ ଟିକିକ ଥିଲା, ସେହିଦିନ ଠାରୁ ସେ ଟିକିକ ବି ହଠାତ୍ ହାତରୁ ଖସି ପଡ଼ି ସେଇଠି ହଜିଗଲା ଯେମିତି ।

ବାପାଙ୍କର ହାତରୁ ସବୁ କିଛି ଚାଲି ଯାଇଥିଲା । ଭଗବାନ ବୋଧହୁଏ ସେତିକରେ ସନ୍ତୁଷ୍ଟ ରହି ପାରି ନଥିଲେ କି କ'ଣ ଶେଷରେ ତାଙ୍କର ସେ ଅବସ୍ଥା ପୀଡ଼ିତ ଦେହଟାକୁ ନେବାକୁ ହାତ ବଢ଼ାଇଥିଲା । ଦିନକୁ ଦିନ ତାଙ୍କର ସେ ଶ୍ୱାସ ରୋଗଟା ବଢିବାକୁ ଲାଗିଲା । ଆଠ ଦଶ ଦିନ ଯାଇଛି କି ନାହିଁ, ଦିନେ ରାତି ଆଠଟାରେ ହଠାତ୍ ତାଙ୍କ ଦେହଟା ଅବଶ ହୋଇ ପଡ଼ିଲା । କଥା କହିବା ଶକ୍ତି ଆସ୍ତେ ଆସ୍ତେ ଲୋପ ପାଇ ଆସୁଥିଲା । ବିଛଣା ଉପରେ ମୁଣ୍ଡ ଉପରକୁ ଲାଗି ବସିଥିଲା ଊର୍ମିଳା । ଆଖିରୁ ତାର ଝରି ପଡୁଥିଲା କେଇ ବିନ୍ଦୁ ଲୁହ, ଦୁଇ ଆଖି ପତା ଧୋଇ । ତାପରେ ପିତା ତାର ସୁକୁମାରକୁ ପାଖକୁ ଡାକି ସ୍ଖଳିତ କଣ୍ଠରେ କହିଲା, " ସୁକୁମାର, ମଣିଷର ଇଚ୍ଛା ଭଗବାନ ଇଚ୍ଛାସହି ପାଦ ମିଳାଇ ଚାଲିପାରେନା । ଜୀବନର ଶେଷ ନିଶ୍ୱାସ ତ୍ୟାଗ କରିବା ପୂର୍ବରୁ ମୋ ପିତୃତ୍ୱର ସାର୍ଥକ ସ୍ୱପ୍ନକୁ ତୋ'ରି ହାତରେ ଛାଡ଼ି ଦେଇ ଯାଉଛି । ହତଭାଗିନୀ ମାତୃହରା ସେ । ଆଜି ଠାରୁ ପିତା ତାକରୁ ବି ବଞ୍ଚିତ ହେବ । ମାତ୍ର ସେହି ପିତାମାତାଙ୍କର ଜୀବନର ସର୍ବସ୍ୱ, ମମତାର ଫୁଲକୁ ତୁ ଯେପରି ଉପଯୁକ୍ତ ଦେବତାର ଗଳାରେ ଲମ୍ବାଇ ଦେବାକୁ ଭୁଲିବୁ ନାହିଁ । ପରପାରରେ ଥିଲେ ବି ସେତିକିରେ ମୋର ଅତୃପ୍ତ ଆତ୍ମା ତୃପ୍ତି ଲାଭ କରିବ । ସୁକୁମାର ! ଅଭିମାନିନୀ ସେ । ସଂସାରର ଜଟିଳତା କିଛି ବୁଝେ ନା । ତା ଉପରେ ଦୋଷାରୋପ କରିବୁ ନାହିଁ । "

ସେ ହୁଏତ ତିନି ବର୍ଷ ତଳର କଥା । ତଥାପି ଗୋଟି ଗୋଟି ହୋଇ ସବୁ ମନେ ଅଛି ଊର୍ମିଳାର । ସେହି ରାତିରେ ଦାଣ୍ଡରେ ଦୁଇ ତିନିଟା କୁକୁର କି ଗୋଟାଏ ଅସ୍ୱାଭାବିକ କରୁଣ ସ୍ୱରରେ କାନ୍ଦି ବାରେ ଲାଗିଥାନ୍ତି । ବାଡ଼ପାଖ ସଜନା ଗଛରେ ବସି ଦୁଇଟା ପେଚା ଯେମିତି କାହାକୁ ରହି ରହି ଡାକୁଥିଲେ, ତାଙ୍କର ସେହି କର୍କଶ କଣ୍ଠରେ । ଖୁବ୍ ଭୟ ଲାଗୁଥିଲେ ବି ପାଖରେ ବସି ବାପାର ଦେହ ମୁଣ୍ଡ ଆଉଁସିବାରେ ଲାଗିଥିଲା ଊର୍ମିଳା ।

କଅଁରୁ ପଡ଼ିଲା ପରି ଅଫୁଟା ଭାଷାରେ ଆଉ କ'ଣ କହିବାକୁ ଆରମ୍ଭ କରିଥିଲେ କି ନାହିଁ ହଠାତ୍ ସେ ଭକ୍ତଟା ତାଙ୍କର ଲୋପ ପାଇଗଲା । ସେତେବେଳକୁ ରାତି ଏଗାରଟା । କିଛି ପାଣି ପରି ଦେହଟା ସ୍ପନ୍ଦନଶୂନ୍ୟ ହୋଇ ଯିବାରୁ ଚିରଦିନ ପାଇଁ ଆଖି ବୁଜିଲେ ସେ । ସେଦିନର ସେ ରୋଗଶଯ୍ୟାଟି ତାଙ୍କ ପାଇଁ ହେଲା ଚିର ଶଯ୍ୟା । କେବଳ କାନ୍ଦି କାନ୍ଦି ଅଶ୍ରୁସ୍ନାନ କରିବା ଛଡ଼ା ଅନ୍ୟ ଉପାୟ ନଥିଲା ଊର୍ମିଳାର ।

Digitized by srujanika@gmail.com

ସବୁ ମନେ ଅଛି ତାର । ସେହି ଦିନଠାରୁ ତାର କୁମାରୀ ଜୀବନର ଆଶାମୟୀ ଭବିଷ୍ୟତଟି ନଈକୂଳର ଗଛ ପରି ଅନିଶ୍ଚିତ ହୋଇ ଉଠିଲା । ସେହି ଏକାଦଶ ଶ୍ରେଣୀରେ ତା ଛାତ୍ରୀ ଜୀବନର ପଡ଼ିଲା ଜ୍ୱଳନ୍ତ ପୂର୍ଣ୍ଣଚ୍ଛେଦ । ଭାଇ ତାର ସେତେବେଳକୁ ଜଣେ ଶକ୍ତ ମଦ୍ୟପ । ଜମି ବାଡ଼ି ସବୁ ଯିବାପରେ ପରିବାର ପୋଷଣ ପାଇଁ ଆଉ କିଛି ନଥିଲା । ଥିଲା କେବଳ ଊର୍ମିଳାର ଫୁଟନ୍ତା ଯୌବନର ସେହି ତନୁପାତଳ ଦେହ ଖଣ୍ଡିକ । ତାକୁ ହିଁ ପାଥେୟ କରି ପରିବାର ପୋଷିବାକୁ କେତେ ଚେଷ୍ଟା କରିଥିଲା ତାର ଭାଇ ସୁକୁମାର । ଊର୍ମିଳାର ଅଙ୍ଗବାସ୍ନା ଶୁଂଘାଇ ଶୁଂଘାଇ କେତେ ଧନାଢ୍ୟ ଯୁବକକୁ ପ୍ରତି ସନ୍ଧ୍ୟାରେ ଡାକି ଆଣେ ତାର ଘରକୁ । ଯଦିଓ ଧମକ ଚମକ କରି ନଥିଲା, ତଥାପି ଊର୍ମିଳାକୁ ଏଥିପାଇଁ କେତେଥର ଅନୁନୟ କରି କହିଥିଲା, "ଊର୍ମି ପେଟକୁ ନେଇ ଦେହର ସୃଷ୍ଟି । ପେଟଟା ବଞ୍ଚିଥିଲେ ଦେହଟା ଆପେ ଆପେ ଗଠନ ହୋଇଯିବ । ସେମାନେ ବଡ଼ଲୋକ । ଦେହର କ୍ଷଣିକ ଆନନ୍ଦ ପାଇଲେ ସେମାନେ ଆମ ପେଟକୁ ଅନେକ ଦିନ ବଞ୍ଚାଇ ପାରିବେ । ମହତ ଲୋକର ଇଚ୍ଛାକୁ ପୂରଣ କଲେ ମଣିଷ ଅମହତ ହୋଇ ଯାଏନା । ଅନ୍ୟ ପାଇଁ ଟିକେ ଶ୍ରମ ଦାନ ଦେଲେ ଦେହର ଶକ୍ତି କମିଯାଏନା । ଗୋଟିଏ ବତୀରୁ ଆଉ ଗୋଟିଏ ବତୀ ଲଗାଇ ନେଲେ ସେ ବତୀର କୌଣସି ଜ୍ୟୋତି ଊଣା ହୁଏନା ।"

ରାଗରେ ସାରା ମୁହଁଟି ତାର ଲାଲ ହୋଇ ଉଠିଥିଲା । ଆହତ ନାଗୁଣୀ ପରି, ଫୁଲି ଫୁଲି ଉଠୁଥିବା ଦୁଇ ନାକପୁଡ଼ାରୁ ବାହାରି ଆସିଥିଲା କେଇଟି ତତଲା ନିଶ୍ୱାସ ।

ଆଜି ଯଦି ବାପା ବଞ୍ଚିଥାନ୍ତେ............

ଅନ୍ତରର କୋହ କଂପନ ଭିତରେ ବାକ୍ୟଟା ପୂରଣ କରିପାରିଲା ନାହିଁ ଊର୍ମିଳା । ରାଗ ଓ କୋହର ଗୋଟିଏ ମିଶ୍ରିତ କର୍କଶ କଣ୍ଠରେ କହିଲା ସେ, ତୁମେ ଏତେ ନୀଚ ହୋଇପାର ଭାଇ ! ତଥାପି ମନେରଖ, ହରି ପଟ୍ଟନାୟକର ଦାୟାଦ ନଖାଇ ନପିଇ ପଚି ସଡ଼ି ମରି ପାରେ, କିନ୍ତୁ ଗୋଟିଏ ଝିଅ, ଯାହାର ନିଜ ଦେହ ଉପରେ ନିଜର ସମ୍ପୂର୍ଣ୍ଣ ଅଧିକାର, ତାକୁ ସେ ବାରାଙ୍ଗନା ପରି ଅନ୍ୟ ହାତରେ ଟେକି ଦେଇ ପାରେ ନା ।

ଊର୍ମିଳା ଠିକ୍ ଲକ୍ଷ୍ୟ କରିଛି ସେଦିନ ଏତକ କହିସାରିବା ପରେ ଭାଇର ମୁଣ୍ଡରେ ଯେମିତି ବଜ୍ର ଖସି ପଡ଼ିଥିଲା । ସାମାଜିକ ପ୍ରାଣୀ ହିସାବରେ ବଞ୍ଚିବାକୁ ହେଲେ ସମାଜର ବହୁ ନିର୍ଦ୍ଧାରିତ ନୀତି ନିୟମକୁ ମାନିବାକୁ ହୁଏ । ବୋଧହୁଏ ଭାଇ ତାର ସେଦିନ ଆଉକିଛି କହିବାକୁ ଭୟ କରୁଥିଲା । ସ୍ତ୍ରୀ ସହିତ ଚୁପେ ଚୁପେ କିଛି ସମୟ କ'ଣ କଥା କହି ଚାଲି ଯାଇଥିଲା ଗାଁ ଆଡ଼େ । ସେହିଦିନ ଠାରୁ ସେ ଲଂପଟ ଯୁବକ ଗୁଡ଼ାକୁ ଊର୍ମିଳା

Digitized by srujanika@gmail.com

ଦାଣ୍ଡ ଦୁଆରେ ଧାଡ଼ ଦେବାର ଆଉ ଦେଖିନାହିଁ ।

ଝିଅ ତାର ପରିବାର ପୋଷଣର ସମସ୍ତ ଆଶା ହରାଇ ଯାଇଥିଲା ମହାଜନ ଗଗନ ଦାସର ଘରକୁ । ଯାହାର ଗ୍ରାସ ପଡ଼ିଲେ ମହାଜନର ନାହିଁ ଭୟ, କୌଣସି ଗୁପ୍ତ ଆଶାକୁ ନେଇ ସେଦିନ ତାକୁ ବିନା ଦ୍ୱିଧାରେ ପାଖରେ ବସାଇଥିଲା । ତାପରେ ସୁକୁମାର ଠାରୁ ପିଲାକୁ କୁଟୁମ୍ବ ବିଷୟରେ ସବୁ ଦୁରବସ୍ଥା କଥା ଶୁଣି ପରିବାପରେ କିଛି ଟଙ୍କା ଆଣି ଦେଇଥିଲା । ଅନ୍ତର ନୁହେଁ, ଅନେକ ଥର ସୁକୁମାର ମହାଜନର ଦ୍ୱାରସ୍ଥ ହୋଇ ସମୁଦାୟ ପାଞ୍ଚଶ ଟଙ୍କା ଆଣିଥିଲା ଭଉଣୀର ବିବାହ ଆଳରେ ।

ଅଗ୍ନିକୁ ଯେତେ ଆବରଣ ମଧ୍ୟରେ ରଖିଲେ ମଧ୍ୟ ଦିନେ ନା ଦିନେ ସେ ଆତ୍ମ-ପ୍ରକାଶ କରିବ । କାଳକ୍ରମେ ଏ ଗୁପ୍ତ ରହସ୍ୟ ଦିନେ ଉର୍ମିଳାର ଦୁଇ କର୍ଣ୍ଣଗହ୍ୱରକୁ ବିଦୀର୍ଣ୍ଣ କରି ଖଣ୍ଡି ଅଦ୍ଭୁତ ପରି ପବନରେ ଉଡ଼ି ଉଡ଼ି ଗାଁସାରା ଖେଳି ଯାଇଥିଲା, ସମସ୍ତଙ୍କ ମନକୁ ଏକ ଆକସ୍ମିକ ଧକ୍କା ଦେଇ । ପ୍ରଥମେ ଏ କଥା ସେ ବିଶ୍ୱାସ କରୁ ନଥିଲେ ବି ପରେ ଯେତେବେଳେ ଜାଣିଲା ପଚାଶ ବର୍ଷ ବୟସର ବୃଦ୍ଧ କାମୁକ ମହାଜନ ଗଗନ ଦାସ ସହିତ ତାର ବିବାହ ସ୍ଥିର ନିଶ୍ଚୟ, ସେତେବେଳେ କାନ୍ଦିବାକୁ ତା ଆଖିରେ ବିନ୍ଦୁଏ ହେଲେ ଲୁହ ନଥିଲା । କାନ୍ଦି କାନ୍ଦି ଆଖି ପତା ଫୁଲିଗଲେ ବି କିଏ ଅଛି ଶୁଣିବ ତା'ର ସେ କୁମାରୀ ପ୍ରାଣର ଅନ୍ତର କଥାକୁ । ତେଣୁ କୃତ୍ରିମ ଉପାୟରେ ବାପ ମା'ଙ୍କ ପଦାଙ୍କ ଅନୁସରଣ କରିବାକୁ ମନେ ମନେ ସାବ୍ୟସ୍ତ କରିଥିଲା ସେ ।

ସେଦିନ ଅମାବାସ୍ୟାର ଧ୍ୱାନ୍ତ ଆକାଶରେ ଅନାହାରୀ ରାତ୍ରୀ ତାର କାଳକୃଷ୍ଣ କୋଳରେ ଜୀବଜଗତକୁ ଶାନ୍ତିରେ ଶୁଆଇ ପକାଇଥିଲେ ବି ଉର୍ମିଳାର ଆଖିରେ ନିଦ ନଥିଲା । ବିଛଣାରେ ଶୋଇ, ଦୁଇ ଉଦାସୀ ଆଖିରେ ସେ ଦେଖି ପାରୁଥିଲା ଯେମିତି କାହାର ହାତ ଦୁଇଟା ତା ଆଡ଼େ ଲମ୍ବି ଆସୁଛି ।

ତାର ବିକଳ ଇଚ୍ଛାରୁ ନିଜକୁ ରକ୍ଷା କରିବାକୁ ଯେତେ କାକୁତି ମିନତି କଲେ ବି ସେ ଜୋର୍ କରି ଟାଣି ନେଉଛି ତାର ଛାତି ଉପରକୁ । ଅସହାୟା ସେ । ଆଖିରେ ନିଦ ନଥିଲା; ଅଥଚ ଆଖି ଦୁଇଟି ବନ୍ଦ ହୋଇ ଆସୁଥିଲା ଆପେ ଆପେ । ଯଦିଓ ଝିଅ ମାନେ ଅନ୍ଧାରକୁ ଭଲ ପାଆନ୍ତି; ତଥାପି ସେ କଳା ଅନ୍ଧାର ରାତିଟାରେ ଖୁବ ଭୟ ଲାଗୁଥିଲା ଉର୍ମିଳାକୁ ।

ପିତୃମାତୃହରା ଅବଳା ସେ । ସେମାନେ ଆଜି ଯଦି ବଞ୍ଚିଥାନ୍ତେ ଗୋଟିଏ ଶିକ୍ଷିତ ସୁନ୍ଦର ଯୁବକକୁ ବରବେଶରେ ଧରି ଆଣି, ତା'ରି ହାତରେ ଛନ୍ଦି ହୋଇଥାନ୍ତେ ତାର ସେ ପୂର୍ଣ୍ଣଯୌବନା କୁମାରୀ ମନଟାକୁ । ସମାଜ ଯାହାକୁ କହିଥାନ୍ତା ସ୍ୱାମୀ ବୋଲି ଗାଁର

Digitized by srujanika@gmail.com

ସାଙ୍ଗସାଥି, ନଦନଦୀ, ପାହାଡ଼ ପର୍ବତ, ମନୋହର ନିଜ ମସ୍ତକେ ହୃଦରେ ହୋଇ, ଗୋଟିଏ ସନ୍ତାନ ଟାନୁଥିଲା ବୋକାପ ପରି ହସ ହସ ମୁହଁର କୋଳ ମଧ୍ୟ ଥିଲା ତାଙ୍କ ଘରକୁ । ବାପଘରର ଝିଅ ସେଠାରେ ମନଥାନ୍ତି ଶାଶୁ ଘରର ବୋହୂ । ସ୍ୱାମୀ ଶଯ୍ୟାର ସେ ଦେବଦଳୁଆଁ ଝଷ ମଧ୍ୟ ତର କ୍ରମଶଃ ଜୀବନଟା କେତେ ଫଳ ଫୁଲରେ ହସି ଉଠିଥିଲା । ତା'ପରେ ବ୍ରହ୍ମ ଦେଖିଲ ଦଅଁ ଲ କରଣ ପରି ମଧୁର ସ୍ପର୍ଶରେ କୋଳକୁ ଆସିଥିଲେ କୁଆ ନେଇଛି । ତାଙ୍କର ସେ କୁଆଁ କୁଆଁ ରବରେ ଘରର କୋଣ ଅନୁକୋଣ ସ୍ୱରମୁଖର ହୋଇ ଉଠିଥିଲା ।

ଏଇ ମାନଙ୍କୁ ବାର କାନ୍ଧ ତଳେ ଗୋଡ଼ାଇ ରଖି, ସେଠାରେ ସେ ଗଢ଼ିଥିଲା ମୁକ୍ତି ସଂସାରଟିଏ ।

ସେମାନେ ଦୈନ୍ୟତା ଭିତରେ ବଢ଼ି କରୁଥିଲେ ବି କେଉଁ ଝିଅ ଏହା ନଚାହେଁ ?

ରାତି ସେତେବେଳକୁ ଗୋଟିଏ ଅନ୍ଧପନ୍ତା ନ ପିଲା ପରି ଦୃଷ୍ଟିକଲ ହୋଇ ଅଛୁ- ଥିଲା । ଚାରିଆଡ଼େ ଶୂନଶାନ । ରାତି ସମସ୍ତଙ୍କୁ ନିଦ୍ରାବଶ କରି ରଖିଥିଲା ତାର ମୋହନ ସ୍ପର୍ଶରେ । ଭାଇ ଭାଉଜ ଶୋଇ ପଡ଼ିଲେଣି । ମା' କୋଳରେ ଥାଇ ଝିଅଟା କାହିଁକି କାନ୍ଦ ଉଠିଲା ହଠାତ୍ । ଆର ଘରେ ଶୋଇ ଉର୍ମିଳା ସେମିତି ନୀରବ ରହିଲେ କ୍ଷଣିକ ପାଇଁ । ଝିଅଟି ଆଉ କାନ୍ଦୁ ନାହିଁ । ବୋଧହୁଏ ମା' ତାର ଛାତି ଉପରକୁ ଆଉଜାଇ ନେଇ ତା ପାଟିରେ ଧରାଇ ଦେଇଛି ସେ ଖାଦ୍ୟ ଭଣ୍ଡାରଟିକୁ । ବେଶ ଆରାମରେ ଶୋଇ ଛୁଆଟି କ୍ଷୀର ଶୋଷିବାରେ ଲାଗିଛି ।

ମନରେ ଭବିଷ୍ୟତର କେତେ ଦରଫୁଟା ଫୁଲର ଆଶାକୁ ଆଖି ଲୁହରେ ଭସାଇ ଦେଇ, ଅମାବାସ୍ୟାର ବିକଟ ଅନ୍ଧକାର ଭିତରେ ଉର୍ମିଳା ସେଦିନ ପାଦ ବଢ଼ାଇଲା ରାସ୍ତାକୁ । ଏକାକିନୀ ହୋଇ କେଉଁଠିକି ଯିବ ସେ ?

ରାତି ପାହିବା ପୂର୍ବରୁ ଯଦି ସେ କିଛି ଗୋଟାଏ କରି ନପାରେ……ନାଁ, …ଏ ଅମାନିଆ ପାଦ ଦୁଇଟା ତାକୁ ଯେଉଁଠିକି ନେଇଯିବ, ସେଠାକୁ ସେ ନିର୍ବିଘ୍ନରେ ଚାଲିଯିବ । ହୁଏତ ବଞ୍ଚିବାପାଇଁ ନୁହେଁ ଆତ୍ମହତ୍ୟା କରିବାପାଇଁ । ରାତି ପାହିବାକୁ ଆଉ ବେଶି ସମୟ ନାହିଁ । ତା ପୂର୍ବରୁ ସେମିତି……… ଅଳ୍ପ ଦୂରରେ ସମୁଦ୍ର ଗର୍ଜନ ଶୁଭୁଛି । ଲହଡ଼ିର ତାଲେ ତାଲେ ସମୁଦ୍ର ଆଗେଇ ଆସୁଛି ତା'ରି ଆଡ଼େ, ତାକୁ କୋଳରେ ଧରିବା ପାଇଁ ସମୁଦ୍ର ଯେମିତି ଲହରୀ ହସ୍ତରେ ହାତଠାରି ଡାକୁଛି ।

ଗୋଟିଏ ବ୍ୟାଧ ତ୍ରସ୍ତା ହରିଣୀ ପରି ଟଳ ଟଳ ପାଦରେ ଉର୍ମିଳା ମାଡ଼ି ଚାଲିଛି ଆଗକୁ । ପଛରେ ଛାଡ଼ି ଯାଉଛି ତାର ଅତି ଆପଣାର ଗାଁ ଭୂଇଁ ସାଙ୍ଗ ସାଥି, ବନ ପ୍ରକୃତି ସବୁକିଛି । ତାର ବିୟୋଗ ଜନିତ ଦୁଃଖକୁ ସହି ନପାରି କାକରର ଟପ ଟପ ଶବ୍ଦରେ ସେମାନେ ଯେମିତି କାନ୍ଦି କାନ୍ଦି ଝରି ପଡ଼ୁଛନ୍ତି ତଳକୁ ।

Digitized by srujanika@gmail.com

ସେଦିନ ଗୋଟିଏ କୋଳାହଳପୂର୍ଣ୍ଣ ପରିବେଶରେ ସେ ଯାଇ ପହଞ୍ଚିଲା ସମୁଦ୍ର କୂଳରେ । କେତେ ଲୋକ ସେଠାରେ ଏପାଖ ସେପାଖ ହୋଇ ପରସ୍ପର ଭିତରେ କଥାବାର୍ତ୍ତା ହେଉଥିଲେ । ସେଦିନ କିଛି ଗୋଟିଏ ପର୍ବ ପଡ଼ିଥିଲା ବୋଧହୁଏ । ଲୋକ ସଂଖ୍ୟା କ୍ରମଶଃ ବଢ଼ିବାରେ ଲାଗିଥାଏ । ସମୁଦ୍ରର ସେହି ବାଲୁକାରଞ୍ଜିତ ବାଲିରେ କେତେ.ଟି ପାଦ ଚିହ୍ନ ଛାଡ଼ି ଦେଇ ଆଉ କିଛି ବାଟ କୂଳେ କୂଳେ ଆଗେଇ ଗଲା ଉର୍ମିଳା ।

ଅଦୂର ବାଲୁକାଶଯ୍ୟା ଉପରୁ ଭାସି ଆସୁଥିଲା ବିରହ ବ୍ୟଥିତ କୋକ ବଧୂର ଉଚ୍ଚାଙ୍ଗ କରୁଣ ସରୁ କଣ୍ଠରୁ ମର୍ମ କମ୍ପନ ସ୍ୱର । ରାତି ପାହି ପାହି ଆସୁଛି । ସମୁଦ୍ର ବକ୍ଷକୁ ନୋଳିଆ ମାନେ ଡଙ୍ଗା ଭସାଇ ଦେଲେଣି ମାଛ ଧରିବା ପାଇଁ ।

ଉର୍ମିଳା ଆଉ ଧୈର୍ଯ୍ୟ ଧରି ପାରିଲା ନାହିଁ । ସମୁଦ୍ରର ସେହି ଲବଣାକ୍ତ ଜଳକୁ ସ୍ପର୍ଶ କରିବା ମାତ୍ରେ କୁମାରୀ ପ୍ରାଣ ତାର ଉଦ୍‌ବେଳିତ ହୋଇ ଉଠିଲା । ଜ୍ୱଳନ୍ତ ପ୍ରାଣ ପ୍ରବାହକୁ ସହ୍ୟ କରି ନପାରି ଥରେ ଉତ୍କଳ ଗୌରବ ଜଗନ୍ନାଥ, ଆଉ ଥରେ ସ୍ୱର୍ଗୀୟ ପିତାମାତାଙ୍କ ଉଦ୍ଦେଶ୍ୟରେ ସଭକ୍ତି ପ୍ରଣାମ ଜଣାଇ ସମୁଦ୍ର କୋଳକୁ ଡେଇଁ ପଡ଼ିଲା ସେ ।

ବିଗତ ଜୀବନର ସେ ଦୁଃଖଭରା ଅଧ୍ୟାୟଟା ପଢ଼ି ପଢ଼ି ଆତ୍ମହରା ହୋଇ କେତେ-ବେଳୁ ସେଠାରେ ଶୋଇ ପଡ଼ିଥିଲା ଉର୍ମିଳା । ଭାବନାଟା ତାର ତଥାପି ଶେଷ ହୋଇ ନଥିଲା, ରାତି କିନ୍ତୁ ଶେଷ ହୋଇ ଗଲାଣି ଅନେକ ବେଳୁ । ପ୍ରଭାତ ସୂର୍ଯ୍ୟଙ୍କର ସେ କଅଁଳ ହାତଟା ଝରକା ବାଟ ଦେଇ ଲମ୍ବି ଆସିଥିଲା ଉର୍ମିଳାର ଶୋଇବା ଘରକୁ । ରାତି ଅନେକ ବେଳୁ ପାହି ଗଲାଣି ଜାଣି ଆଖି ମଳି ମଳି ବିଛଣାରୁ ଉଠିଲା ସେ । ନିତ୍ୟକର୍ମ ଶେଷ କରି ସନ୍ଧ୍ୟା ପାଖକୁ ଘଣ୍ଟେ ଚଢ଼ି ଲେଖି ବସିଲା……

ବର୍ଷା ଋତୁ । ଶ୍ରାବଣୀ ଆକାଶରେ କେଇ ଖଣ୍ଡ କଳାହାଣ୍ଡିଆ ମେଘ ଭାସିବୁଲୁ ଥିଲେ, ରେଳଡବା ପରି ଆଗପଛ ହୋଇ । ଆଗରୁ ହୋଇ ଯାଇଥିବା ବର୍ଷା ଜଳରେ ପୃଥିବୀର ଦେହଟା ଅନ୍ତଃସତ୍ତ୍ୱା ନାୟିକା ପରି ଫୁଲି ଉଠିଥିଲା । ବର୍ଷା ଋତୁର ଶୀକାର ହୋଇ ଜୀବଜଗତ ପ୍ରମାଦ ଗଣୁଥିଲେ । ବାହାରକୁ ବାହାରିବାର ସାମର୍ଥ୍ୟ କାହାର ନାହିଁ ।

ମଣିଷ ଭାଗ୍ୟ ହସ୍ତର ମାଟି କଣ୍ଢେଇଟିଏ ମାତ୍ର । ସେ ତା' ଉପରେ ରଙ୍ଗ ଦେଇ ଖୁବ୍ ସୁନ୍ଦର କରେ, ଜୀବନ୍ୟାସ ଦିଏ ମନ ଭିତରେ କେତେ ଭଲମନ୍ଦ କାମନାଭରି ତାକୁ ହୁଏତ ଭଲ ମଣିଷଟିଏ କରେ, ନ ହେଲେ ତାକୁ ଅବାଟକୁ ଠେଲି ଦେଇ, ତାର ମାନବିକତା ଟିକକ ଶୋଷି ନେଇ ତାକୁ ଭଳେ ମଣିଷଟିଏ କରି ଠିଆ କରାଏ । ଲୋକେ ଯାହାକୁ କୁହନ୍ତି —ଅଧମ, ନୃଶଂସ, ଲମ୍ପଟ ।

Digitized by srujanika@gmail.com

ଆକାଶରେ ଭସାମେଘର ସେହି କଳାବାଦଲ ନେଇ ଖଣ୍ଡ ଗୋଟିଏ ପଞ୍ଚକୁ ଆଉକି ପଡ଼ିଥିଲେ କି କ'ଣ ସେଦିନର ସେ ପାଉଁଶିଆ ଘନଟା ଟିକେ ପାଉଁଶିଆ ପଡ଼ିଆସିଥିଲା ।

ସୁକୁମାର ପଟ୍ଟନାୟକ ଶାନ୍ତ ଦେହରେ ପିଲାଟିଅଙ୍କୁ ସାଙ୍ଗରେ ଧରି ଚାଲି ରାସ୍ତାର ସେହି କାଦୁଅ ହୁଡ଼ରେ ଘୂରୁଛି, ଗୋଟିଏ ଅନାହାରୀ ଦୁର୍ବଳ ଧେନୁ ପରି । ମୁଣ୍ଡ ଉପରେ ସୁଚୁଁଣା ମଳିଆ ଲୁଗାପଟାର ଗୋଟିଏ ଗ୍ରେଟ ଗଣ୍ଠିଲି । ସ୍ତ୍ରୀ ତାର ସାନ ପୁଅଟିକୁ କାଖ ଧରିଛି ଗ୍ରୀବ ଉପରେ । ନିର୍ଦ୍ଦିଷ୍ଟ ଭବିଷ୍ୟତକୁ ପଛରେ ପକାଇ ଅନିର୍ଦ୍ଦିଷ୍ଟ ଅନ୍ଧକାର ଭିତରେ ଆଗକୁ ଯାଇ ପହଞ୍ଚିଲେ ଦୂର ଗାଁର ଗୋଟିଏ ସରୁ ନାଳ ସଡ଼କ ଉପରେ । ଗାଁର ମୂଳ ସାକ୍ଷୀ ସ୍ୱରୂପ ଯେଉଁଠି ଗୋଟିଏ ଥୁଣ୍ଟା ବରଗଛ କେଉଁ ଆଦିମ କାଳରୁ ମୁଣ୍ଡ ଟେକିଛି ଉପରକୁ । ଯାହାର ଦୁଇଟା ମୋଟା ଓହଳ ଓହଳି ଆସି ମାଟି ସ୍ପର୍ଶ କରିଛି ଦୁଇଟା ନିର୍ଜୀବ ପ୍ରହରୀ ପରି । ସେଇଠି ଦଣ୍ଡେ ବିଶ୍ରାମ ନେବା ପାଇଁ ଗଣ୍ଠିଲିଟି ମୁଣ୍ଡ ଉପରୁ ଆଣି ତଳେ ରଖିଦେଲା ସୁକୁମାର ।

ଉପରକୁ ଅନାଇଲା ସେ । ଯଦିଓ ସୂର୍ଯ୍ୟ ଦେଖା ଯାଉ ନାହାନ୍ତି, ତଥାପି ସନ୍ଧ୍ୟା ହେବାକୁ ଆଉ ବେଶୀ ସମୟ ନାହିଁ । ସେଦିନ ତାକୁ ଏଇଠି ସନ୍ଧ୍ୟା ହୋଇଥିଲା । ମା' ପରି ସ୍ନେହମୟୀ ସେଇ ଯେଉଁ ବୃଦ୍ଧ ଜଣଙ୍କ ହଠାତ ଏଇଠି ସାକ୍ଷାତ ହୋଇଥିଲେ ଘନ ଘାସ ପାଣିକାଦୁଅରେ ବୁଲି ବୁଲି କେତେ ଲୋକଙ୍କୁ ଟିକେ ଆଶ୍ରୟ ଭିକ୍ଷା କରିବା ପରେ କେହି ତାର କଥା ଶୁଣି ନଥିଲେ । ମାତ୍ର ସେଇ ଯେଉଁ ବୃଦ୍ଧା ଯାହାର ହୃଦୟ ଫୁଲ ଠାରୁ ବି କୋମଳ ସେ ତାର ଦୁଃଖପୂର୍ଣ୍ଣ କାହାଣୀ ଶୁଣି ତାଙ୍କର ନାରୀ ହୃଦୟଟା ନିଃଶ୍ୱାସର ପ୍ରଖରତାରେ କାନ୍ଦି ଉଠିଥିଲା । ସୁକୁମାରକୁ ଘରକୁ ଡାକି ନେଇଥିଲେ ଅତି ଆପଣାର ମନେ କରି । କେତେ ସ୍ନେହ ଆଦର ଭିତରେ ତାର ଭୋକିଲା ପେଟକୁ ମୁଠାଏ ଖାଇବାକୁ ଦେଲା ବେଳେ କହିଥିଲେ, କରେ ପୁଅ, ଏତେ ବଡ଼ ଦୁନିଆଟାରେ ସମସ୍ତଙ୍କ ପାଇଁ ସ୍ଥାନ ଅଛି; ଅଥଚ ତୁ ଗୋଟିଏ ମଣିଷ, ଯାହା ଉପରେ ଭଗବାନଙ୍କର କେତେ ଦାୟିତ୍ୱ ସମାହିତ ହୁଏ, ଯାହାକୁ ନିର୍ଭର କରି ଭଗବାନ ଗୋଟିଏ ସଂସାର ଗଢ଼ିଛନ୍ତି, ତାକୁ ପୁଣି ସ୍ଥାନ ନାହିଁ, ତାଙ୍କର ସୃଷ୍ଟିର ରାଜତ୍ୱ ଭିତରେ ? ତୁ ଆଜିଠାରୁ ମୋର ଘରେ ମୋର ପୁଅ ପରି ରହିବୁ ।

ସେଦିନ ଖାଉଥିଲା ବେଳେ ସୁକୁମାର ବୃଦ୍ଧାଙ୍କୁ କିଛି କହି ପାରି ନଥିଲେ ବି ଆପେ ଆପେ ତା ଆଖିରୁ ଝରି ପଡ଼ିଥିଲା ଦୁଇ ଟୋପା ଲୁହ...... ।

ଏଇ ଗାଁର ଶେଷ ମୁଣ୍ଡକୁ ଯେଉଁ ଖୁଲଘରଟି ଦେଖାଯାଉଛି, ସେଇଟି ସେ ବୃଦ୍ଧାଙ୍କର ଘର । ପହଞ୍ଚିବାକୁ ଆଉ ବେଶୀ ସମୟ ଲାଗିବ ନାହିଁ । ଗଣ୍ଠିଲିଟିକୁ ପୁଣି ମୁଣ୍ଡକୁ ନେଇ

Digitized by srujanika@gmail.com

ଆଗରେ ଗ୍ଭଲିବାକୁ ଆରମ୍ଭ କଲ ପିଲାମାନଙ୍କୁ ବାଟ ଦେଖାଇଲା । ଗୁରୁ ଆଶ୍ରମରେ ରହି ପାଠ ପଢୁଥିବା ଶିଷ୍ୟ ମାନଙ୍କ ପରି, ସମ ସ୍ୱରରେ ବେଙ୍ଗ କେଇଟି ସୁସ୍ତାର ଦୁଇ ପଟର କାଦୁଅ କ୍ଷେତର ଧାନ ମୂଳରେ ବସି ସନ୍ଧ୍ୟା ବନ୍ଦନା ପଢୁଥିଲେ । ସୁକୁମାର ଯାଇ ବୃଦ୍ଧାଙ୍କର ଘରେ ପହଞ୍ଚିଲା ବେଳକୁ ଝିପି ଝିପି ହୋଇ ବର୍ଷା ଆରମ୍ଭ ହୋଇଗଲାଣି ।

ବୃଦ୍ଧା ଏମାନଙ୍କୁ ଭିତରକୁ ଡାକି ନେଇ ବସାଇଲେ । ପାଣି କାଦୁଅରେ ଗ୍ଭଲି ଗ୍ଭଲି କ୍ଳାନ୍ତ ପିଲାଗୁଡ଼ିକ ଖୋଜୁଥିଲେ ଟିକେ ଆଶ୍ରୟ । ବୃଦ୍ଧା ସେମାନଙ୍କୁ କିଛି ଜଳଖିଆ ଖୁଆଇ ଶୁଆଇ ପକାଇଲେ ଭିତର ଘରର ଖଟ ଉପରେ । ପିଲା ଗୁଡ଼ିକ ଶୋଇ ପଡ଼ିଲେ ଆତ୍ମ ସନ୍ତୋଷର ଶୀତଳଛାଇ ତଳେ ପର ଆପଣା ଭୁଲି । ବୃଦ୍ଧା ତାପରେ ଲାଗି ପଡ଼ିଲେ ରୋଷେଇ କାର୍ଯ୍ୟରେ । ସାନ ପୁଅଟିକୁ କୋଳରେ ପୁରାଇ ସୁକୁମାରର ସ୍ତ୍ରୀ ବୃଦ୍ଧାଙ୍କୁ ସାହାଯ୍ୟ କରିବା ସଙ୍ଗେ ସଙ୍ଗେ ଧୀର ସ୍ୱରରେ ଜୀବନର ସଂକ୍ଷିପ୍ତ ଟିପପଣୀ ପଢୁଥିଲେ ବୃଦ୍ଧାଙ୍କ ସମ୍ମୁଖରେ ।

ଦାଣ୍ଡ ଘରର ଖଟ ଉପରେ ସୁକୁମାର ବିଛେଇ ଦେଇଥିଲା ତା'ର ତନ୍ଦ୍ରା କଳା ଶୀର୍ଣ୍ଣ ଦେହଟିକୁ । ଅବାସ୍ତବ ସ୍ୱପ୍ନ ପରି ତା ଆଖି ଆଗରେ ପହଁରି ପହଁରି ଭାସି ବୁଲୁଥିଲା କେତେ ରୋମାଞ୍ଚିତ କଳ୍ପନା; ଯାହାକୁ କେବଳ ଅନୁଭବ କରି ହୁଏ, କିନ୍ତୁ ଦେଖି ହୁଏ ନାହିଁ ।

ମଣିଷ ଏହି ଚରନ୍ତନୀ ସୃଷ୍ଟିରେ ଗୋଟିଏ ମଣିଷର ଅଧିକାରକୁ ନେଇ ଜନ୍ମ ହୁଏ । ତା ପାଇଁ ଆବଶ୍ୟକ ହୁଏ କିଛି ସ୍ଥାନ । ଯେଉଁଠି ସେ ଆଶ୍ରୟ ନେଇ ତାର ଜୀବନ ପାଦପକୁ ପରିବର୍ଦ୍ଧିତ କରିବ । ଫଳଫୁଲରେ ସେହି ପ୍ରାଣ ପାଦପକୁ ପଲ୍ଲବିତ କରିବା ପାଇଁ ଜୀବନର ଯୌବନ କାଳରେ ସେ ବାଛନ୍ତିଏ ସାଥିଟିଏ । ତା'ର କୋଳରେ ତାର ସନ୍ତାନ ଗୋଡ଼ ହାତ ହଲାଇ ପୃଥିବୀକୁ ଆସେ, କୋଳରେ ଶୋଇ ବଢେ, ଦାଣ୍ଡ ବାଡ଼ରେ ପଡ଼ିଉଠି ଗୁରୁଣ୍ଡି ଗୁରୁଣ୍ଡି ଚାଲେ, ଦାଗେଟି ଭାଷାରେ ବାପା, ମା' ଡାକି କଥା କହି ଶିଖେ, ସେଇଠି ବଡ ହୋଇ ଦୁନିଆରେ ମଣିଷ ହୋଇ ଠିଆ ହୁଏ । ପରସ୍ପର ସ୍ନେହ ମମତା ଭିତରେ ସେ ଜୀବନକୁ ପୂର୍ଣ୍ଣାଙ୍ଗ କରେ । ଯେଉଁଥିକୁ ଲୋକେ କହନ୍ତି—ଘର ।

ତଥାପି ସୁକୁମାର ଆଜି ଦାଣ୍ଡର ଭିକାରୀ, ଯଦିଓ ସେ ସମାଜର ମଣିଷ । ପାଦ ରଖିବାକୁ ନିଜର ବୋଲି ପାଦେ ସ୍ଥାନ ନାହିଁ, ମୁଣ୍ଡ ଗୁଞ୍ଜିବାକୁ ହେଲେ ପର ଘରେ ଆଶ୍ରୟ ନେବାକୁ ହୁଏ । ଘରକୁହି ତା'ର ପଡ଼ିରହିଛି ସେହିପରି ଶୂନ୍ୟତାର ହାହାକାରରେ, ପଡ଼ି ରହିଥିବ କାଳ କାଳ ଧରି । କେତେ ଯାଇ କେତେ ଆସିଲେଣି, ତା'ର ହିସାବ ହୁଏତ ଥିବ ଭଗବାନଙ୍କ ଖାତାରେ ।

Digitized by srujanika@gmail.com

ଏହି ସମାଜର ମଣିଷ ମଣିଷକୁ ସମାଜଚ୍ୟୁତ କରାଏ, ହେଉପଛକେ ସେ ଗୋଟିଏ ମୃଣାଳରେ ଦୁଇଟି ପଦ୍ମ ପରି ଏକା ରକ୍ତ ମାଂସରେ ଗଢ଼ା ।

ବର୍ଷା ସେତେବେଳକୁ ପୂର୍ବାପେକ୍ଷା ପ୍ରବଳତର ହୋଇଉଠିଥିଲା । ବୁଢ଼ା ଆସି ସୁକୁମାରକୁ ଡାକିନେଲେ ଖାଇବା ପାଇଁ । ମୁହଁରେ ଲାଜଥିଲେ ବି ପେଟର ଭୋକକୁ ସହି ନ ପାରି ସୁକୁମାର ଯାଇ ଖାଇ ବସିଲା ନିର୍ଦ୍ଦିଷ୍ଟ ସ୍ଥାନରେ । ସ୍ତ୍ରୀ କୋଳରେ ସେ ସାନପୁଅଟି ତଥାପି ଶୋଇ ନଥିଲା ସେତେବେଳ ପର୍ଯ୍ୟନ୍ତ । ବୁଢ଼ା ତା'ର ମନଭାବ ଲକ୍ଷ୍ୟ କରି ପାଖରେ ବସି ସହାନୁଭୂତିଶୀଳ କଣ୍ଠରେ କହିଲେ, ବୁଝିଲୁ ପୁଅ, ଏ ସଂସାର ଗୋଟିଏ ଯୁଦ୍ଧକ୍ଷେତ୍ର । ଏଠାରେ ବଞ୍ଚିବା ପାଇଁ ହେଲେ ଆବଶ୍ୟକ ହୁଏ ସଂଘର୍ଷ । ଯେଉଁ ମଣିଷର ମୁଣ୍ଡ ଉପର ଦେଇ ଦୁଃଖ ଦୁର୍ବଳତାର ଝଞ୍ଜା ନ ବହିଛି, ସେ ମଣିଷକୁ ଠିକ୍ ଭାବେ ବୁଝି ପାରିବ ନାହିଁ । ଏପରି ମନମରା ହୋଇ ନବସି ନିଜ ଆଖିରେ ଦୁନିଆଟାକୁ ଦେଖିନେ, ବଳେ ବୁଝି ପାରିବୁ ସବୁକଥା ! ନ୍ୟାୟ ଅନ୍ୟାୟର ତୁଳା ଦଣ୍ଡ ତଳେ ଦେଶପ୍ରେମର ମୁଖାପିନ୍ଧି ଯେଉଁମାନେ ସ୍ୱାର୍ଥ ସାଧନା କରିଚାଲିଛନ୍ତି, ସେଇ ସବାଗିଲା ବଡ଼ପଣ୍ଡାଦଳଙ୍କୁ ନିଜ ଆଖିରେ ଚିହ୍ନି ପାରିବୁ ।

ଠିକ୍ ତୋ'ପରି ଗୋଟିଏ ନାରୀର ଭାଗ୍ୟ ଆକାଶରେ ସେଦିନ ଖଣ୍ଡ ପ୍ରଳୟ ସୃଷ୍ଟି ହୋଇଥିଲା । ଦେବକୀ ହାତରୁ ଗୋଟିଏ ପରେ ଗୋଟିଏ ଆଠଟି ସନ୍ତାନଙ୍କୁ କଂସ ଛଡ଼ାଇ ନେଲାପରି, ଏ ସମାଜ, ସେଦିନ ଗୋଟିଏ ନାରୀର ସବୁ ସମ୍ବଳକୁ ବାଧ୍ୟ କରି ଛଡ଼ାଇ ନେଲା ସ୍ୱାମୀ ମଧ୍ୟ ଚାଲିଗଲେ ସେହି ବାଟ ଧରି । ଶେଷରେ ଦୁଃଖିନୀର ଶେଷ ସମ୍ବଳ ବୋଲି ଯେଉଁ ବାର, ତେର ବର୍ଷର ପୁଅଟି ଥିଲା, ତାକୁ ବି ଭଗବାନ ସହିଲେ ନାହିଁ, ପଛେ ପଛେ ଡାକି ନେଲେ ସେଆରିକୁ, ତା କାନରେ କି ଗୋଟେ ମନ୍ତ୍ର ଫୁଙ୍କି ।

ସେହିଦିନଠାରୁ ସେ ନାରୀଟି ହେଲା ଶୂନ୍ୟ ତାର ଚରସାଥି । ନାରୀର ଅସମୟରେ ତାକୁ ଅବାଟରେ ନେବାକୁ ସମାଜରେ ଅନେକ ସ୍ୱାର୍ଥାନ୍ୱେଷି ଲମ୍ପଟ ପୁରୁଷ ଆଗେଇ ଆସନ୍ତି । ସେ ବଳପ୍ରୟୋଗରୁ ଗୋଟିଏ ନାରୀକୁ ବଞ୍ଚିବାକୁ ହେଲେ ଆତ୍ମହତ୍ୟା ଛଡ଼ା ଅନ୍ୟ ଉପାୟ ନଥିଲା । ତାର ସମସ୍ତ ଭୂସମ୍ପତ୍ତି ଚାଲି ଯିବାପରେ ନିଜର ବୋଲିଥିଲା କେବଳ ଦେହସମ୍ପତ୍ତିଟି । ସେଇଟିକୁ ସେ ଦିନେ ମହା ପ୍ରସାଦ ପରି ବାଣ୍ଟି ଦେଲା ସେଇ ଲମ୍ପଟ ପୁରୁଷମାନଙ୍କ ପାଦତଳେ । ସେ ମରି ପାରିଲା ନାହିଁ, ଏ ସମାଜ ତାକୁ ମରିବାକୁ ଦେଲା ନାହିଁ । ଆଜି ସେ ବଞ୍ଚିଛି, ବହୁ ରୂପଲୋଭୀ ପୁରୁଷମାନଙ୍କ ଚୁମ୍ବନ ଚାବୁକରେ ନିଜର ଦେହଟାକୁ ଜର୍ଜରିତ କରି ।

ସହସ୍ର ଶଯ୍ୟାର ନାୟିକା ହୋଇ ସେ ନାରୀ ଆଜି ଅନେକ କିଛି ପାଇଛି । ତାର ପ୍ରସାଧାନ ପୁଷ୍ଟ ଦେହଟାର ସେ ମାଦକତା ଟିକକ ଶୋଷି ନିଅନ୍ତି—

Digitized by srujanika@gmail.com

ସେ ଲମ୍ପଟ ଗୁଡ଼ାକ, ଆଉ ସେ ନାରୀଟି ତାଙ୍କଠାରୁ ଶୋଷି ନିଏ ତାଙ୍କର ସମସ୍ତ ବିଭବକୁ । ହୁଏତ ସେଇଥିରୁ ସେ ପ୍ରତିଶୋଧ ଆଦାୟ କରେ । ଅର୍ଥ ପାଇଁ ସେ ଦେହ-ବିକେ । ବଞ୍ଚିବା ପାଇଁ ସେ ପରକୁ ଆପଣାର କରେ । ଗୋଟିଏ ରାତିର ପ୍ରଣୟ ଉଷ୍ଣ ଶଯ୍ୟାରେ ସେ ତାର ପକେଟ୍ ଝାଡ଼ି ଦିଏ । ସକାଳୁ ଉଠି ବିଛଣାରୁ ଗୋଟାଇ ଆଣେ ମୁଠା ମୁଠା ଟଙ୍କା, ତାର ବଞ୍ଚିବା ପାଇଁ ଆବଶ୍ୟକତା ଠାରୁ ଯଥେଷ୍ଟ ବେଶୀ । ଆଗାମୀ ରାତି ପାଇଁ ଦେହଟାକୁ ପୁଣି ସଜାଡ଼ି ରଖେ ନୂଆ ନୂଆ ଚନ୍ଦ ପରି ଖୁବ ସୁନ୍ଦର ଭାବରେ । ଆସେ ରାତି । ଆସନ୍ତି ପୁଣି ସେଇ ଗୁଡ଼ାକ । ସକାଳ ହୋଇ ଆସିଲା ବେଳକୁ ଟଙ୍କା ସ୍ପର୍ଶ ପାଇ ଦେହଟା ଶୀରୁଆ ଶୀରୁଆ ଲାଗେ ।

ଏହିପରି ନିତପ୍ରତି ।

ଏତେଗୁଡ଼ାଏ ଟଙ୍କା ସେ ସିନା ହାତ ମୁଠାରେ ପାଏ, କିନ୍ତୁ ଆବଶ୍ୟକତା ମେଣ୍ଟି ଗଲା ପରେ ସେ ଗୁଡ଼ାକୁ ବାଣ୍ଟି ଦିଏ ଏଇ ଗରିବମାନଙ୍କୁ । ସେଇ ମାନଙ୍କ ସେବାରେ ସେ ପାପ ଧନକୁ ବିନିଯୋଗ କରି ଦିଏ ସତ; କିନ୍ତୁ କେହି ହେଲେ ବୁଝନ୍ତି ନାହିଁ ତା'ର ମନ । ପଚାରନ୍ତି ବି ନାହିଁ, ସେ ଏତେ ଗୁଡ଼ାଏ ଟଙ୍କା ବାଣ୍ଟି ଦିଏ, ଅଥଚ ପାଏ କ'ଣ ?

ବର୍ଷା କମି ନଥାଏ । ସୁକୁମାର ଖାଇ ସାରି ବୃଦ୍ଧାଙ୍କ ପାଖରେ ବସି ଶୁଣୁଥିଲା ଗୋଟିଏ ଦୁଃଖିନୀ ନାରୀର ଜୀବନ କାହାଣୀ । ବୃଦ୍ଧାଙ୍କ କଥାରେ ଧୈର୍ଯ୍ୟ ବନ୍ଧ ତା'ର ଭାଙ୍ଗି ଗଲା ଯେମିତି । ଆଶ୍ଚର୍ଯ୍ୟର ସୀମା ଲଙ୍ଘନ କରି ହଠାତ ସେ କହି ଉଠିଲା—

ତୁମେ କୁହ ମାଉସୀ, ସେ ପାଏ କ'ଣ ?

ବୃଦ୍ଧାଙ୍କ ନିଶ୍ୱାସ ପ୍ରଖର ହୋଇ ଉଠିବା ସଙ୍ଗେ ସଙ୍ଗେ ପାଟିରୁ ବାହାରି ଆସେ—ସେ କିଛୁ ନୁହେଁରେ ବାପ । ତାର ବୟସ ବଢି ଚାଲେ । ଦେହରୁ ଖସି ପଡ଼େ ସେ ସୌନ୍ଦର୍ଯ୍ୟ ଟିକକ । ଆକର୍ଷଣ ଶକ୍ତି ଲୋପ ପାଇଯାଏ । ଗୁଡ଼ାଏ ବ୍ୟର୍ଥତାକୁ ନିଜର କରି ସକାଳର ଗଙ୍ଗଶିଉଳି ପରି ସେ ଝରି ପଡ଼େ । ଧୂଳିର ଧରଣୀକୁ । ପିଲାଏ ତାଙ୍କୁ ସାଉଣ୍ଟି ନେଇ ମାଳା ଗୁନ୍ଥନ୍ତି । ଆବେଗରେ ତା ବେକରେ ଗଳାଇ ତାର ନଷ୍ଟ ସୌନ୍ଦର୍ଯ୍ୟକୁ ଦଳି ମକଚି ଲୁଣ୍ଠି କରି ଦିଅନ୍ତି । ସେହି ପିଲାଏ ପିନ୍ଧି ସାରି ଫିଙ୍ଗି ଦେଇଥିବା ଫୁଲମାଳ ପରି, ସମାଜରେ ସେ ନାରୀଟି ହୋଇପଡେ ଅନାଦର ।

ଏତିକି ତାର ନିଜର । ଅନେକ ଶୋଷକଲା ଲମ୍ପଟ ପୁରୁଷଙ୍କ ଉଚ୍ଛିଷ୍ଟ ଦେହଟାକୁ ବଞ୍ଚାଇ ରଖି ସେ ହୁଏତ ଏତିକି ପାଏ । ସେ ଜଣେ ଭୋଗ୍ୟା ନୁହେଁ—ଗଣଭୋଗ୍ୟା—ବେଶ୍ୟା । ନୀରବ ରହିଲେ ବୃଦ୍ଧା । ନୀରବ ରହିଲା ସୁକୁମାର ତାଙ୍କ ମୁହଁକୁ ଅପଲକ ନୟନରେ ଅନାଇ ।

Digitized by srujanika@gmail.com

ବୃଦ୍ଧା ତାପରେ ଶାନ୍ତ କଣ୍ଠରେ କହିଲେ, ପୁଅ, ଦିନସାରା ପାଣି କାଦୁଅରେ ବୁଲି ବୁଲି ତୁ କ୍ଳାନ୍ତ ହୋଇ ପଡ଼ିଥିବୁ । ରାତି ଅନେକ ହେଲାଣି । ଏବେ ଶୋଇବୁ ଯା । ବର୍ଷାଟା କ'ଣ କରିବ କେଜାଣି ଏ ପର୍ଯ୍ୟନ୍ତ କମିବାକୁ ନାହିଁ ।

ବୃଦ୍ଧା ସେଠାରୁ ଉଠିଯାଇ ସୁକୁମାରର ସ୍ତ୍ରୀ ସହିତ ବସି ଭୋଜନ ପର୍ବ ଶେଷ କଲେ । ବର୍ଷା ଦାଉକୁ ସମ୍ଭାଳି ନପାରି ଦୂର ଆମ୍ବତୋଟାର ଗଛ କୋରଡ଼ରେ ବାସ କରୁଥିବା ପକ୍ଷୀ ଗୁଡ଼ାକ ଆର୍ତ୍ତ ଚିତ୍କାର କରୁଥିଲେ ।

କ୍ଳାନ୍ତ ଦେହଟାକୁ ଟିକେ ବିଶ୍ରାମ ଦେବାପାଇଁ ସୁକୁମାରର ସ୍ତ୍ରୀ, ପୁଅଟି ଶୋଇଥିବା ବିଛଣାକୁ ଯାଇ ପୁଅଟିକୁ ଛାତି ଉପରକୁ ଯାକିଆଣି ଶୋଇପଡ଼ିଲେ ।

ବୃଦ୍ଧା ଚାଲିଗଲେ ଶୋଇବାକୁ ।

ସୁକୁମାର ଆଖିରେ କିନ୍ତୁ ନିଦ ନଥିଲା । ମନରେ ତାର ଅନେକ ପ୍ରଶ୍ନ । ଆଖି ଆଗରେ ନାଚି ଉଠୁଥିଲା ଅନେକ ସ୍ୱପ୍ନ । ଚେଇଁ ଚେଇଁ ସେ ସ୍ୱପ୍ନ ଦେଖୁଥିଲା ଗୋଟିଏ କୁମାରୀ ଝିଅର ଭଉଣୀ ଉର୍ମିଳାର ।

ସେ ଯଦି ଆଜି ନମରି ବଞ୍ଚିଥିବ, ତେବେ ଏ ସମାଜ କବଳରୁ କଦାପି ନିଜକୁ ମୁକ୍ତ କରି ପାରି ନଥିବ । ଗୋଟିଏ ନାରୀର ସବୁ ଶକ୍ତିକୁ ପ୍ରୟୋଗ କରି ସାରିବା ପରେ ସେ ବି ଦିନେ ପକ୍ଷହୀନ ଜଟାୟୁ ପରି ବାଧ୍ୟ ହୋଇ ଧରା ଦେଇଥିବ ସେ ଲମ୍ପଟ ଗୁଡ଼ାକ ପାଖରେ । କେତେ କାନ୍ଦିଥିବ; ଅଥଚ ସେମାନେ ତାକୁ ଜବରଦସ୍ତ ଟାଣି ନେଇଥିବେ ଛାତି ଉପରକୁ । ତାକୁ କ୍ଷତ ବିକ୍ଷତ କରି ଉପଭୋଗ କରିଥିବେ । ତାର ଗୋଲାପ ଫୁଲ ପରି ସୁନ୍ଦର ସତେଜ ଦେହଟାରେ ଅଂସେଇ ପକାଇ, କଳଙ୍କିତ କରି ସକାଳୁ ସକାଳୁ ଲୁଚି ଯାଉଥିବେ କେଉଁଠି । ଉର୍ମିଳା ପରି ନିଷ୍ପାପ ସରଳ ପ୍ରାଣୀଟିର ଶେଷ ଇଚ୍ଛା କ'ଣ ଏଇଆ ଥିଲା ?

ଲୁଗାକାନିରେ ଆଖିରୁ ଲୁହ ପୋଛେ ସୁକୁମାର ।

ରାତିର ବୟସ ବଢିବା ସଙ୍ଗେ ସଙ୍ଗେ ତା ମନର ଭାବନାଟା ବଢିଚାଲେ ଆଗ ପଛକୁ ନେଇ ।

ସେଦିନ ଗୋଟିଏ ଲମ୍ପଟର ରାକ୍ଷସ ବିବାହକୁ ଫାଙ୍କି ରାତିର ଅନ୍ଧକାର ଭିତରେ କେଉଁଠି ହଜିଗଲା ସେ । ସବୁ ଦିନ ପରି ସେଦିନର ରାତି ପାହିଥିବ । ରାତ୍ରିର ରଜନୀଗନ୍ଧା ପରି ସକାଳକୁ ସମସ୍ତଙ୍କ ଆଖିରେ ଆପେ ଆପେ ଧରା ପଡ଼ିଥିବ । କିଏ କରିଥିବ ଅନୁରୋଧ, କିଏ ଅବା ଦେଖାଇଥିବ ନାଲି ଆଖି । ଶେଷରେ ନିରୁପାୟ ହୋଇ

Digitized by srujanika@gmail.com

ବନଲତାଟି ପରି ଆଉଜା ପଡ଼ିଥିବ ସେମାନଙ୍କ ଛାତ ଉପରେ ।

ଭାବନାଟା ବଢ଼ି ଚାଲିଥାଏ, ଆଖିରେ କିନ୍ତୁ ଅନେକ ନିଦ । ବାଧ ହୋଇ ବନ୍ଦ ହୋଇ ଆସେ ତାର ଆଖିର ଦୁଇପତା । ବର୍ଷା ଛାଡ଼ି ଯାଇଥାଏ । ଦୂର ଆକାଶରେ କେତୋଟି ମେଘ ଆଡ଼ାଳୁ ଆଖିମିଟିକା ମାରି ଶେଷ ପ୍ରହର ଦେଉଥିଲେ ।

ସୁକୁମାରର ଦରିଦ୍ର, ବାସହୀନ ପରିବାରକୁ କେନ୍ଦ୍ର କରି, ଦିନ ରାତିର ଆବର୍ତ୍ତନ ଭିତରେ ଗଡ଼ିଯାଏ କେତୋଟି ଦିନ । ଆଉ ଗୋଟିଏ ଅଧ୍ୟାୟର ଅବତାରଣା ହେଲା ତାର ଅବସ୍ଥା ପୀଡ଼ିତ, ସମ୍ବଳ ହୀନ ଜୀବନରେ ।

ସବୁଦିନେ ରାତି ପାହି ସକାଳ ହୁଏ । ଶୁଭ ହେଉକି ଅଶୁଭ ହେଉ କାଉ କେତୋଟି ଚାଳ ଉପରେ ବସି ସକାଳର ସୂଚୀପତ୍ର ପଢ଼ିବା ବେଳକୁ ସ୍ତ୍ରୀ ତାର ବିଛଣାରୁ ଉଠି ଲାଗି ପଡ଼େ ଘର କାମରେ । ସେ ଆସିବା ଦିନଠାରୁ ସବୁ କାମ ଏକା ଏକା କରନ୍ତିଏ, ବୃଦ୍ଧାଙ୍କୁ କିଛି କରିବାକୁ ପଡ଼େନା । ସୁକୁମାର ସକାଳୁ ଉଠି ନିଜର ନିତ୍ୟକର୍ମ ଶେଷ କରି ଚାଲିଯାଏ ପର ଦୁଆରରେ କାମ କରିବାକୁ ।

ସେଦିନ କିନ୍ତୁ ରାତି ପାହି ସକାଳ ହୋଇଥିଲା । ସବୁଦିନ ପରି କାଉଟା ବି ଚାଳ ଉପରେ ବସି କା କା କରୁଥିଲା । କିନ୍ତୁ ବିଛଣାରୁ ଉଠି ପାରି ନଥିଲା ସୁକୁମାରର ସ୍ତ୍ରୀ । ଜର ସଙ୍ଗେ ସଙ୍ଗେ ଦେହରେ ଅସହ୍ୟ ଯନ୍ତ୍ରଣା ।

କରୁଣ ଚିତ୍କାର ଭିତରେ ଘରର କୋଣ ଅନୁକୋଣ ହାହାକାର କରୁଥିଲା । ମା'ର ଦୁଃଖରେ ସମଦୁଃଖୀ ହୋଇ ପିଲାଗୁଡ଼ିକ କାନ୍ଦି କାନ୍ଦି ଲୋଟି ଯାଉଥିଲେ ଧୂଳିରେ ।

ପାଖକୁ ଗଲେ ବୃଦ୍ଧା । ଦେହ ମୁଣ୍ଡରେ ହାତ ମାରି ସମବେଦନା ଜଣାଇ ସଙ୍ଗେ ସଙ୍ଗେ ଦୌଡ଼ିଲେ ଆର ଗାଁର କବିରାଜ ପାଖକୁ । ତାଙ୍କଠାରୁ କିଛି ଔଷଧ ଆଣି ଖୁଆଇଲା ପରେ ଦରଜଟା ଟିକେ କମିବାକୁ ଲାଗିଲା । ପାଖରେ ବସିଥିଲା ସୁକୁମାର ପିଲା ଗୁଡ଼ିକ ନଖାଇ ନପିଇ ଏ ଯାଏ ସେ ପାଖ ହେଉଥାନ୍ତି । ବୃଦ୍ଧା ସେମାନଙ୍କୁ କିଛି ଖାଇବାକୁ ଦେଇ ଗଲେ ସେ ଘରକୁ । ଦେହରୁ ଜରଟା ଅନେକ କମି ଯାଇଛି । ସୁକୁମାରର କାମକୁ ଯିବାକୁ ଅନିଚ୍ଛା ଥିଲେ ବି ବୃଦ୍ଧା ତାକୁ ବୁଝାଇ ସୁଝାଇ ପଠାଇ ଦେଲେ କାମକୁ ।

ହିମସ୍ପର୍ଶ ନିର୍ଦ୍ଦିଷ୍ଟତା ଭିତରେ ଗଡ଼ିଗଲା ସକାଳଟା—ଆଣେଇ ଆସିଲା ଗ୍ରୀଷ୍ମଇଆ ଖରାର ଦେହପୋଡ଼ା ଆଷାଢ଼ୀ ମଧ୍ୟାହ୍ନଟା ପୃଥିବୀ ପୃଷ୍ଠକୁ । ରୋଗିଣୀର ଦେହ... ଜରଟା

Digitized by srujanika@gmail.com

ସକାଳ ଠାରୁ କମିବା ଅନୁପାତରେ ଅଧିକ ବଢିବାକୁ ଲାଗିଲା । ଦେହର ଯନ୍ତ୍ରଣା ଟା ବ ତା ଠୁଁ ଅଧିକ । ସୁକୁମାର ଫେରି ନଥାଏ କାମରୁ । ରୋଗିଣୀର ଅବସ୍ଥା ଦେଖି ବୁଢ଼ା ଆଉ ଧୈର୍ଯ୍ୟ ଧରି ପାରିଲେ ନାହିଁ । ବଡ଼ ପିଲା ଦୁଇଟିକୁ କୌଣସି ପ୍ରକାରେ ବୁଝା ସୁଝା କରି, ପୁଅଟିକୁ କୋଳରେ ଧରି ରୋଗିଣୀକୁ ନେଇ ଡାକ୍ତରଖାନା ବାହାରିଲେ ।

ଦୂର ପୋଲିସ ଷ୍ଟେସନରୁ ଠନ୍ ଠନ ହୋଇ ବାଜି ଉଠିଲା ଦିନ ଦୁଇଟା । ବୁଢା ପହଞ୍ଚିଲେ ଡାକ୍ତରଖାନାରେ । ସେଦିନ ଯଦିଓ ରୋଗୀର ସ୍ୱଳ୍ପତାରେ ଖଟିଆ ଗୁଡ଼ିକ ଖାଲି ପଡ଼ିଥିଲା, ତଥାପି ଗୋଟିଏ ଦୁଃସାଧ୍ୟ ରୋଗୀର ଚିକିତ୍ସା ପାଇଁ ଡାକ୍ତରଖାନାର ସବୁ କର୍ମଚାରୀ ମାନେ ସେଇଠି ବ୍ୟସ୍ତ ହୋଇଥିଲେ । ବୁଢା ଯାଇ ଡାକ୍ତରଙ୍କୁ ସବୁ ଦୂରାବସ୍ଥା ଜଣାଇଲା ପରେ, ଡାକ୍ତରଙ୍କ କଥା ଅନୁସାରେ ଗୋଟିଏ ଖଟିଆରେ ଶୁଆଇ ଦେଲେ ରୋଗିଣୀଟିକୁ । ପ୍ରବଳ ଜ୍ୱର ଓ ଦେହର ଅସହ୍ୟ ଯନ୍ତ୍ରଣାରେ ରୋଗିଣୀଟି ଆର୍ତ୍ତଚିତ୍କାର କରୁଥାଏ କେବଳ ।

ଜଣେ ନର୍ସ ଆସି ଗୋଟିଏ ଇନ୍‌ଜେକସନ ଦେଇ ରୋଗିଣୀକୁ ଖୁଆଇ ଦେଲେ ଗୋଟିଏ କ୍ୟାପସୁଲ । ପରେ ପରେ ଆଉ କେତୋଟି ଔଷଧ ଖୁଆଇ ଦେଲା ପରେ ରୋଗିଣୀର ଦେହରୁ ସେ ଯନ୍ତ୍ରଣା ଟିକେ କମି ଆସିଲା । ପାଖକୁ ଆସିଲେ ଡାକ୍ତର । ରୋଗିଣୀକୁ ପରୀକ୍ଷା କରି ବୁଢାଙ୍କୁ କେତେକ ନିର୍ଭରଯୋଗ୍ୟ କଥା କହି ଆଉ ଗୋଟିଏ ଇନଜେକସନ ଦେବାକୁ ନର୍ସକୁ କହିଲେ । ଇନଜେକସନଟି ଦେବାପରେ ରୋଗିଣୀର ଦେହରେ କେତେକ ପରିବର୍ତ୍ତନ ଦେଖାଗଲା । ବୁଢା ତାଙ୍କ ସହିତ କିଛି କଥା କହିବାକୁ ଇଚ୍ଛା କରୁଥିଲେ ବି ଡାକ୍ତର ବାରଣ କଲେ ।

ବୁଢା ଟିକେ ବ୍ୟସ୍ତତା ଅନୁଭବ କରୁଥିଲେ । ପିଲା ଦୁଇଟି ଘରେ କାନ୍ଦୁଥିବେ ନିଶ୍ଚୟ । ସୁକୁମାରର ବି କାମରୁ ଫେରିବା ବେଳ ହୋଇ ଆସିଲାଣି । କୋଳରେ ଥାଇ ପୁଅଟି କାନ୍ଦୁଥିଲା ଚପଳ ହୋଇ । ବୁଢା ତାକୁ କୌଣସି ପ୍ରକାରେ କେତେ ଅଡୁ କେତେ କଥା କହି, ଛାତିରେ ଜାବୁଡ଼ି ଧରି ବାରଣ୍ଡାରେ ଏପଟ ସେପଟ ହେଉଥିଲେ ।

ଜଣେ ଉର୍ଦ୍ଧ ଷୋଡ଼ଶୀ ନର୍ସ ଡାକ୍ତରଖାନାର ମଲ୍ଲୀ ଧବଳ ପୋଷାକର ଆବରଣ ତଳେ ତଳେ ନଜର ଫୁଟିଲା ଯୌବନଟାକୁ ଲୁଚାଇ ରଖି, ହାଇହିଲ ମଣ୍ଡିତ ସରୁ ପାଦର ମଚ ମଚ ଶବ୍ଦରେ ଆଗେଇ ଆସି ବୁଢାଙ୍କୁ ପଚାରିଲେ—

—ମାଉସୀ । ଏ ରୋଗିଣୀର କ'ଣ ଆଉ କେହି ନାହାନ୍ତି ?

—ଅଛନ୍ତି, ସ୍ୱାମୀ ଅଛି, ପିଲା ଛୁଆ ବି ଅଛନ୍ତି ।

Digitized by srujanika@gmail.com

ତୁମେ କ'ଣ ଭାବୁଛେଲେ······

—ମୁଁ ତାର କେହି ନୁହେଁ; ତଥାପି ସେ ମୋର ଝିଅ ।

ନର୍ସ ଜଣକ ହଠାତ କିଛି ବୁଝି ପାରିଲେ ନାହିଁ ବୋଧହୁଏ ଯୁବତୀ ସୁଲଭ ଚପଳ ଚାହାଣୀରେ ବୃଦ୍ଧାଙ୍କ ମୁହଁକୁ ଅନାଇ ରହିଲେ କ୍ଷଣକେ ପାଇଁ ।

ଆଉ କିଛି କହିବାକୁ ଉପକ୍ରମଣିକା ଖୋଜୁଥିଲା ବେଳେ ବୃଦ୍ଧା ଗୋଟିଏ ଦୀର୍ଘ ନିଶ୍ୱାସ ନେଇ କହିବାକୁ ଲାଗିଲେ—

ଝିଅ ମୋର ଭଲ ହୋଇ ଯିବ ତ ଏଥର ? ଗୋଟିଏ ଶୂନ୍ୟ ସଂସାରର ଶେଷ ମେରୁଦଣ୍ଡ ସେ । ମା'ର କାନ୍ଦ ତଳେ ରହି ଛୁଆ ମଣିଷ ହୁଏ—ବାପର ଗୁରୁଗମ୍ଭୀର ବାକ୍ୟ ବା ଭୁଲା ଶେଷରେ ନୁହେଁ ।

ନର୍ସ ଜଣକ ପୁଣି ଥରେ ଅନାଇଲେ ବୃଦ୍ଧାଙ୍କର ଭାବଗମ୍ଭୀର ମୁହଁକୁ । ବେଦନାକ୍ଲିଷ୍ଟ କୁଞ୍ଚିତ କପାଳରେ ଫୁଟି ଉଠୁଥିଲା ଅବୁଝା ସଂସାର କେଇଧାଡ଼ି କରୁଣ କାହାଣୀ । ବୃଦ୍ଧାଙ୍କ ବେକ ମୂଳେ ମୁହଁ ଗୁଞ୍ଜି କୋଳର ପିଲାଟି ଶୋଇଯାଇଛି । ଟିକିଏ ପୂର୍ବରୁ କାନ୍ଦୁଥିଲା ଥରେ ମା' କୋଳକୁ ଯାଇ ଢୋକେ କ୍ଷୀର ଶୋଷିବାକୁ ।

ଗୋଟିଏ ବାଳିକା ଚପଳତାକୁ ସେଇ ନର୍ସ ଜଣକ ବଶମ୍ବଦ କଣ୍ଠରେ କହିଲେ, ମାଉସୀ; ଡାକ୍ତର କହୁଥିଲେ, ରୋଗିଣୀର ଦେହ ନିଶ୍ଚୟ ଭଲ ହୋଇଯିବ । କିନ୍ତୁ ସେଥିପାଇଁ କିଛି ଦିନ ସମୟ ଦରକାର । ତୁମେ ଆଦୌ ବ୍ୟସ୍ତ ହୁଅନ୍ତୁ ମାଉସୀ । ଭଗବାନ ଯାହା ଉପରେ ଦାରିଦ୍ର୍ୟର ବୋଝଟା ଲଦି ଦେଇଥାନ୍ତି, ଦୁଃଖଟାକୁ ବି ପାଖକୁ ପଠାଇ ଦିଅନ୍ତି । କାରଣ ବହୁ ଦୁଃଖ ସତ୍ତ୍ୱେ ସେ ମଣିଷ ପଣ ବଞ୍ଚିରହିବାକୁ ଚେଷ୍ଟା କରେ । ଦୁଃଖ ଓ ଦାରିଦ୍ର୍ୟ କେହି କାହାଠାରୁ ଊଣା ନୁହେଁ ।

ଏତକ କହି ନର୍ସ ଜଣକ ପାହାଡ଼ି ଝରଣାଟି ପରି ଖିଲଖିଲ ପାଦରେ ସେଠାରୁ ଚାଲିଗଲେ ।

ବୃଦ୍ଧାଙ୍କ ମନରୁ ଦୁର୍ଭାବନାଟା କମି ନଥିଲା ଅଥଚ କ୍ଷଣିକ ଆଶ୍ୱସ୍ତିରେ ଗୋଟିଏ ଦୀର୍ଘ ନିଶ୍ୱାସ ମାରିଲେ ସେ ।

ସନ୍ଧ୍ୟା ହୋଇ ଆସୁଛି । ମା'କୁ ପାଖରେ ନପାଇ ଘରେ ପିଲା ଗୁଡ଼ାକ କାନ୍ଦୁଥିବେ କି କ'ଣ । ସ୍ତ୍ରୀର ଅବସ୍ଥା କପରି ଅଛି ଦେଖିବା ପାଇଁ କେତେ ଭରବରରେ କାମରୁ

Digitized by srujanika@gmail.com

ଫେରି ଆସିଥିବ ସୁକୁମାର । ଦିନସାରା ପରିଶ୍ରମ କରିତ ପେଟର ଭୋକ ସାଙ୍ଗକୁ ଧାରେ ରୋଗଶୀର୍ଣ୍ଣ ଦେହଟାକୁ ନ ଦେଖି ଏକାବେଳକେ ଅସହାୟ ହୋଇ ପଡ଼ିଥିବ ସେ । ସେମାନଙ୍କୁ ଅନ୍ତତ ଥରେ ଦେଖା କରି ନ ଆସିଲେ.........................

ରୋଗିଣୀର ଖଟିଆ ନିକଟକୁ ଗଲେ ବୁଢା । ରୋଗିଣୀଟି ନିସ୍ତେଜ ଲତାଟି ପରି ଶୋଇ ଯାଇଛି ନିଦରେ । ଡାକ୍ତର ମନା କରିଛନ୍ତି ତାକୁ ନିଦରୁ ଉଠାଇବାକୁ । ଏହି ଅବସରରେ ହୁଏତ ଘରୁ ଫେରି ଆସିହେବ । ବୁଢା ଦୋ ଦୋ ପାଞ୍ଚ ମନରେ ଗଲେ ଡାକ୍ତରଙ୍କ ପାଖକୁ । ଡାକ୍ତରଙ୍କ ସହିତ କେଇ ପଦ କଥା କହି ଘରକୁ ଯିବା ଉଦ୍ଦେଶ୍ୟରେ ଡାକ୍ତରଖାନାର ଫାଟକ ଅତିକ୍ରମ କଲେ ସେ । ପିଲାଟି ସେହିପରି କୋଳରେ ଶୋଇ ଯାଇଛି ।

ସନ୍ଧ୍ୟାକାଳୀନ ଫିକା କଳା ଚାଦରଟା ଯେତେବେଳେ ପୃଥିବୀକୁ ନିଜ ଆଡ଼କୁ ଆଉଜାଇ ଆଣୁଥିଲା, ସେତିକିବେଳେ ବୁଢା ଯାଇ ପହଞ୍ଚିଲେ ଘରେ । ଗାଁ ଦାଣ୍ଡର ପ୍ରତ୍ୟେକ ଚଉରାମୂଳେ ଜଳୁଥିବା ସନ୍ଧ୍ୟା ଦୀପର ଆଲୋକ ମାଳାଟି ଗୋଟିଏ ଲମ୍ବିତ କାଠଚମ୍ପାର ମାଳା ପରି ଦିଶୁଥିଲା ।

ଘରଟି ସମ୍ପୂର୍ଣ୍ଣ ଅନ୍ଧକାର । ପିଲା ଦୁଇଟିକୁ ପାଖରେ ବସାଇ ସୁକୁମାର ଖଟ ଉପରେ ଶୋଇଯାଇଛି, ହୁଏତ ଚିନ୍ତା ଶଯ୍ୟାରେ । ବୁଢା ବତି ଲଗାଇ ସୁକୁମାର ପାଖକୁ ଗଲେ । ତାକୁ ବିଛଣାରୁ ଉଠାଇ ପ୍ରଥମେ ତାର ଖାଇବା କଥା ପଚାରିଲେ । ସୁକୁମାର କିଛି କହି ପାରିଲା ନାହିଁ, ବୁଢାଙ୍କ ମୁହଁକୁ ବାରମ୍ବାର କେବଳ ଅନାଉଥିଲା କିଛି ନୂଆ କଥା ଶୁଣିବା ପାଇଁ । ବୁଢା ସେମାନଙ୍କୁ ଖାଇବାକୁ ବାଢିଦେଇ ସାନ୍ତ୍ୱନାମୂଳକ କଣ୍ଠରେ କହିଲେ,

ଆମର ଭାଗ୍ୟ ଭଲ ପୁଅ । ଡାକ୍ତର ଜଣକ ଅତି ଦୟାଶୀଳ ଲୋକ । ସେ ମୋଠାରୁ ସବୁ କଥା ଶୁଣି କେତେ ହାଇପି ସାଇପି ହେଲେ । ରୋଗ ଭଲ ହେଲା ପର୍ଯ୍ୟନ୍ତ ସବୁ ଦାୟିତ୍ୱ ନିଜେ ବହନ କରିବେ ବୋଲି କହିଲେ । ଟଙ୍କାରୁ ବି ଟିକିଏ ହେଲେ ତ୍ରୁଟି କରି ନାହାନ୍ତି । ସେ କହିଛନ୍ତି, ରୋଗିଣୀର ଦେହ ନିଶ୍ଚୟ ଭଲ ହୋଇଯିବ । ତୁ କିଛି ଚିନ୍ତା କରନା ପୁଅ । ସେଇଟା ଆମ ଭାଗ୍ୟ ।

ସୁକୁମାରର ଆଖିରେ ଆଖିଏ ଲୁହ । ହୃଦୟରେ ତାର ଡାକ୍ତରଙ୍କ ପ୍ରତି ଯେତିକି କୃତଜ୍ଞତା ନଥିଲା, ତାଠାରୁ ବେଶୀ ଥିଲା ବୁଢାଙ୍କ ପ୍ରତି । ମୁହଁର ଭାଷାରେ ଜଣାଇ ନପାରି ତାକୁ ସେ ଆଖିର ଲୁହରେ ଜଣାଉଥିଲା । ଅଶ୍ରୁ ସ୍ଖଳିତ କଣ୍ଠରେ ପଦେ କିଛି କହିବାକୁ କେତୋଟି ଶବ୍ଦର ଗୋଟିଏ ମାଳା ଗୁନ୍ଥୁଥିଲା ବେଳେ ଚିନ୍ମୟୀ କହିଲା, ତୁମେ ତ ପଳାଇ ଆସିଲ ମା’ । ବୋଉ ପୁଣି କିପରି ଆସିବ ?

Digitized by srujanika@gmail.com

ମୁଁ ଯାଇ ନେଇ ଆସିବି । ତୁମ ମାନଙ୍କୁ ଥରେ ଦେଖିଯିବା ପାଇଁ ମୁଁ ଚାଲି ଆସିଲି । ରାତି ହେଲଣି ତୁମେ ଶୋଇ ପଡ଼ । ମୁଁ ଯାଉଛି ବୋଉର ଦେହ ଭଲ ହୋଇ ଯାଇଥିଲେ କାଲି ସକାଳୁ ନେଇ ଆସିବି ।

ତୁମେ କ'ଣ ଏତେ ରାତିରେ ପୁଣି ଡାକ୍ତରଖାନା ଯିବ ମାଉସୀ ! ସୁକୁମାର କୋହ କମ୍ପିତ କଣ୍ଠରେ କହିଲା ।

—ହଁ ରେ ପୁଅ, ସେଠି ସେ କାହାକୁ ନପାଇଲେ ଅସହାୟ ହୋଇ ପଡ଼ିବ । ଅନ୍ୟ କିଛି ବିଶେଷ ଅସୁବିଧା ନାହିଁ । ତଥାପି ଡାକ୍ତରଖାନା ତ ଏଠିକି ବେଶୀ ଦୂର ନୁହେଁ, ଚାଲିଗଲେ ବା କ୍ଷତି କ'ଣ ? ବୁଢ଼ୀ କହିଲେ ।

—ମୁଁ ଗଲେ କ'ଣ ଚଳନ୍ତା ନାହିଁ ମାଉସୀ

—କିଛି ଲାଭ ବି ହେବ ନାହିଁ । ଦିନ ସାରା ଖଟି ଖଟି ଆସିଛୁ ଯେତେବେଳେ ଟିକେ ବିଶ୍ରାମ ଦରକାର । ସେଟା ତ କିଛି ରହିବା ସ୍ଥାନ ନୁହେଁ, ମୁଁ ଗଲେ ଅନ୍ତତ ସେଇ ଖଟିଆରେ ରାତିଟା କଟାଇ ଦେବି । ତୁ ଶୋଇ ପଡ, ଯଦି ଆବଶ୍ୟକ ପଡ଼େ କାଲି ଭୋରେ ସେଠାକୁ ନେଇଯିବି ।

ବୁଢ଼ୀ ପ୍ରକୃତ କଥାଟାକୁ ଲୁଚାଇ ରଖି ସୁକୁମାର ମନରେ ଟିକେ ଆଶ୍ୱସ୍ତି ଦେବା ପାଇଁ ଏତକ କହିଲେ । ବେଞ୍ଚି ଉପରେ କୋରଡ଼ା ମାଡ଼ ପରି ସୁକୁମାରର ଦୈନ୍ୟ କ୍ଲିଷ୍ଟ ଜୀବନ ସାଙ୍ଗକୁ ସ୍ତ୍ରୀର ଦୁରାରୋଗ୍ୟ ରୋଗର ସୂଚନା ପାଇଲେ କଦାପି ସେ ଧୈର୍ଯ୍ୟ ଧରି ପାରିବ ନାହିଁ ।

ସେଦିନ ତା ଜୀବନରେ ସର୍ବହରା ଅଧ୍ୟାୟଟା କହିଲା ବେଳେ କେତେ କାନ୍ଦି ଥିଲି ଏଇ ସୁକୁମାର । ଜନୈକ ମହାଜନ ଗଗନ ଦାସ ପାଇଁ ସେ ଆଜି ଦାଣ୍ଡରେ ଭିକାରି । ତା ମୂଳରେ ଥିଲା ଗୋଟିଏ ଝିଅ—ଉର୍ମିଳା । ଯାହାର ଚଞ୍ଚଳ ଯୌବନକୁ ଦେଖି ମହାଜନ ହୋଇ ଉଠିଥିଲା ଲୁବ୍ଧ, କାମାତୁର । ଶହ ଶହ ଟଙ୍କାର ବର୍ଷ ବର୍ଷର ଋଣ ସୁଝିବା ପାଇଁ ଗୋଟିଏ କୁମାରୀ ଝିଅର ଦେହ ଖଣ୍ଡିକ କ'ଣ ଯଥେଷ୍ଟ ହୋଇ ପାରିଥାନ୍ତା ?......................ବିଗ୍ରସ୍ତ ନଷ୍ଟାପତ୍ରାଣା ଝିଅଟା କୂଅରେ ଆତ୍ମହତ୍ୟା କଲା । ତାର ପ୍ରତିହିଂସାଟା ସୁକୁମାରକୁ ଆଜି ନିଃସ୍ୱ କରି ଦାଣ୍ଡରେ ଠିଆ କରାଇଛି । ତଥାପି ଝିଅଟା ଠିକ୍ କରିଛି । ନାରୀ ସୁନ୍ଦର ହୋଇ ଜନ୍ମ ହେଲାପରେ, ସେଇଟା ଯଦି ଦୁନିଆ ଚକ୍ଷୁରେ ପାପ ପାଇଁ ଉଦ୍ଦିଷ୍ଟ ହୁଏ, ତେବେ ତାର ପାଇଁ

Digitized by srujanika@gmail.com

ଆତ୍ମହତ୍ୟା ହିଁ ଖୁବ୍ ଭଲ । ଉର୍ମିଳା ଗରିବ ଘରର ଝିଅ, ହୁଏତ ତାଠାରେ ବଦ୍ୟାର ଅଭାବ ଥାଇପାରେ । କିନ୍ତୁ ଗରିବମାନଙ୍କଠାରେ ବିଚକ୍ଷଣତାର ଅଭାବ ନଥାଏ ।

ସେହିକ ସେ ନାରୀଟି ସମାଜର ପାପ କବଳରୁ ରକ୍ଷା ପାଇବା ପାଇଁ ଆବଶ୍ୟ ଆତ୍ମହତ୍ୟା କରିପାରି ଥାନ୍ତା । କିନ୍ତୁ ପ୍ରତିଶୋଧ ନେଇ ପାରି ନଥାନ୍ତା ।

ମଡ଼ା ବାସ୍ନା ପାଇ କାହିଁ କେତେ ଦୂରରୁ ଭୋକିଲା ଶାଗୁଣା ଉଡ଼ିଆସିଲା ପରି, ସେ ଲମ୍ପଟଗୁଡ଼ାକ ଉଡ଼ିଆସି ତାକୁ ଘେରି ବସୁଥିଲେ ପ୍ରତି ରାତିରେ । ସେ ଆତ୍ମହତ୍ୟା କରିବାକୁ କହୁଥିଲା ବେଳେ ସେ ଲମ୍ପଟଗୁଡ଼ାକ ତା ପୂର୍ବରୁ ଆତ୍ମହତ୍ୟା କରୁଥିଲେ । ଆଉ ଯେଉଁମାନେ ଆତ୍ମହତ୍ୟା କରିପାରୁ ନଥିଲେ, ସେମାନେ ତା ବ୍ଲାଉଜ ତଳେ ଶହ ଶହ ଟଙ୍କା ଗେଞ୍ଜି ତାକୁ ଜାବୁଡ଼ି ଧରିଥିଲେ ନିଜ ଛାତି ଉପରେ । ମଦ ବୋତଲର ରଙ୍ଗୀନ ଜଳରେ ଗାଧୋଇ ସେମାନେ ମସ୍ତାନ ପାଲଟି ଯାଉଥିଲେ । ଅର୍ଥଶୂନ୍ୟ କରି ସେମାନେ ସକାଳେ ଫେରି ଯାଉଥିଲେ ନିସ୍ୱହୋଇ । ଏଇଟା ତାର ପ୍ରତିଶୋଧ । ସେ ଆତ୍ମହତ୍ୟା କରି ନଥିଲା ହୁଏତ ଏଇଥି ପାଇଁ । ତାର ଅପାପବିଦ୍ଧ ଦେହରେ ଥରେ ପାପର ଛୁଇଁ ପଡ଼ି ସାରିବା ପରେ ସେ ଅବଶ୍ୟ ଆତ୍ମହତ୍ୟା କରି ପାରିଥାନ୍ତା, କିନ୍ତୁ ଶ୍ମଶାନର ଦୁବଘାସ ତଳେ ବି ତାର ସେ କଳଙ୍କଟା ଲୋକଙ୍କ ମନରେ ବିଦ୍ରୋହର ନିଆଁ ଜାଳି ଦେଇଥାନ୍ତା ସବୁଦିନ ପାଇଁ ।

ଆଜି ସେ ବଞ୍ଚିଛି, ବହୁ ପୁରୁଷଙ୍କର ଭୋକିଲା ମନର ଉଚ୍ଛିଷ୍ଟ ଦେହଟାକୁ ଧରି ।

ପ୍ରକୃତିସ୍ଥ ହେଲେ ବୁଢ଼ା । ସୁକୁମାର ହତବାକ୍ ହୋଇ ବସିଛି ସେଇଠି । ବୁଢ଼ାଙ୍କ କଥାକୁ ଏଡ଼ାଇ ଦେବାକୁ ହୁଏତ ତାର ସାହସ ନଥିଲା ।

ବୁଢ଼ା ପୁଣି ପୂର୍ବପରି ସ୍ନେହୋଜ୍ଜ୍ୱଳ କଣ୍ଠରେ କହିଲେ, ମନ ଦୁଃଖ କରନା ପୁଅ ! ଭଗବାନଙ୍କ ଦୟା ଥିଲେ ମଣିଷର କୌଣସି କ୍ଷତି ହୁଏନା । ମଣିଷକୁ ଦୁଃଖ ଯିଏ ଦେଇ ଥାଏ, ସେ ପୁଣି ସୁଖ ଦିଏ । ଅନ୍ଧାର ପରେ ଆଲୋକ ନିଶ୍ଚୟ ଆସିବ । ତୁ ଶୋଇବୁ ଯା, ମୁଁ ଯାଉଛି ।

ସୁକୁମାର ମନରେ ଭାବନାର କେତୋଟି ରଙ୍ଗୀନ ପ୍ରଜାପତି ଉଡ଼ାଇ, ହାତରେ ଟଙ୍କ ଧରି ବୁଢ଼ା ଗାଁ ପାର ହୋଇ ରାସ୍ତା ଧରିଲେ । କ୍ଷୀଣକଟୀ ନାୟିକାର ପୀନ ସ୍ତନ ପରି, ରାସ୍ତାର ବତି ଖୁଣ୍ଟରେ ଓହଳି ଥିବା ଗୋଲ ଆଲୋକଗୁଡ଼ିକ ଯେମିତି ଅନ୍ଧାରକୁ ପାଖେ ପୂରାଇ ଦେଉ ନଥିଲା । ସେତିକବେଳେ ସିନେମା ଭାଙ୍ଗିଲା ବୋଧହୁଏ । ଲୋକଗୁଡ଼ା କେତେ ଆଉ କେତେ କଥା କହି ରାସ୍ତାରେ ଭିଡ଼ ଜମେଇ ଚାଲିଥାନ୍ତି ।

Digitized by srujanika@gmail.com

ବୃଦ୍ଧା ଯାଇ ପହଞ୍ଚିଲେ ଡାକ୍ତରଖାନାରେ । ଲୋକମାନଙ୍କ ସଙ୍ଖ୍ୟା ଗରହିତା ସଙ୍ଗେ ସଙ୍ଗେ ସେ କୋଲାହଳଟା ବି ପାତଳ ପଡ଼ି ଆସୁଥିଲା । ଶୁଣା ଯାଉଥିଲା କେବଳ ସେଇ ଅଳ୍ପ କେଇଟି ରୋଗୀଙ୍କର ଯନ୍ତ୍ରଣା ଜନିତ କରୁଣ ଚିତ୍କାର । କାଳ ବିଳମ୍ବ ନ କରି ବୃଦ୍ଧା ଆଗେଇ ଗଲେ ରୋଗିଣୀ ନିକଟକୁ । ପୂର୍ବ ପରି ଶୋଇ ରହିଛି ସେ—ହୁଏତ କୌଣସି ପରିବର୍ତ୍ତନ ହୋଇ ନାହିଁ ।

କାହାକୁ କିଛି ପଚାରିବାକୁ ବୃଦ୍ଧା ଦୋ ଦୋ ପାଞ୍ଚ ମନରେ ଏପାଖ ସେପାଖ ଅନାଉ ଥିବା ବେଳେ ସେଇ ଯେଉଁ ନର୍ସ ଜଣକ, ଯିଏ ନୂଆ ଉତ୍ତି ଶିଖୁଥିବା ଚଢ଼େଇଟି ପରି ଖଣ୍ଡି ଉଡ଼ା ଦେଇ ଉଡ଼ିଆସି ସେତେବେଳେ ତାଙ୍କୁ କେତେ କଥା ପଚାରି ଦୁଃଖ ପ୍ରକାଶ କରି ଅଢ଼ ଅସ୍ଥିରୀଙ୍କ ପରି ରୋଗିଣୀର ସେବା ଶୁଶ୍ରୂଷା କରୁଥିଲେ, ସେଇ ନର୍ସ ଜଣେ ବୃଦ୍ଧାଙ୍କ ପାଖକୁ ଆଗେଇ ଆସି ମମତାସିକ୍ତ ମଧୁବୋଳା କଣ୍ଠରେ କହିଲେ, କେତେବେଳୁ ଆସିଲେଣି ମାଉସୀ ! ଆମେ ସବୁ ଥିଲୁ, ଏତେ ରାତିରେ ନଆସି ଥିଲେ ବି ଚଳିଯାଇ ଥାନ୍ତା ।

ଏସବୁ ଶୁଣିବାକୁ ବୃଦ୍ଧା ଯେମିତି ଆଦୌ ପ୍ରସ୍ତୁତ ନଥିଲେ । ଧୈର୍ଯ୍ୟ କୁଣ୍ଠିତ ଦୁଇ ଓଠର ସବୁ ଭାଷାରେ କହିଲେ, ରୋଗିଣୀର ଦେହ ଭଲ ଅଛିତ କିଏ ?

—ଖରାପର କୌଣସି ସୂଚନା ବି ମିଳି ନାହିଁ । ତୁମେ ଚାଲି ପରେ ନଟିରେ ଥରେ ତାଙ୍କର ନିଦ ଭାଙ୍ଗି ଥିଲା । ମଣିଷ ନିଦ ବାଉଳିଆ ହୋଇ ପ୍ରଳାପ କଳାପରି ସେ କ'ଣ ଯାଉ ସ୍ୟାଉ କହି ଯାଉଥିଲେ । ମୁଁ ତାଙ୍କ ମୁଣ୍ଡ ଆଉଁସି ଦେଲାବେଳେ ସେ ତୁମକୁ ଖୋଜୁଥିଲେ । ଡାକ୍ତରଙ୍କ ପରାମର୍ଶ କ୍ରମେ ଗୋଟିଏ କ୍ୟାପସୁଲ୍ ଖୁଆଇବା ପରେ ପୁଣି ସେ ଶୋଇ ଯାଇଛନ୍ତି । ଆଉ କୌଣସି ବିଶେଷ କିଛି ଅସୁବିଧା ହୋଇ ନାହିଁ ।

ବୃଦ୍ଧା ଟିକେ ଅପ୍ରତିଭ ହୋଇ ପଡ଼ିଲେ । କିଛି ପଦେ କହିବା ବୋଲି ସେ ହୁଏତ ମୋତେ ଖୋଜୁଥିଲା, ଅଥଚ ପାଖରେ ନପାଇ ବିଗୁଷ୍ଠ କାନ୍ଦ ପକାଇଥିବ । ଭୁଆଁଙ୍କୁ ଗଲେ ବୋଲି କାହାକୁ ପଚାରିବାକୁ କଦାପି ସାହାସ କରି ନଥିବ । ମୁଁ ଘରକୁ ନଯାଇଥିଲେ······ ······ବୃଦ୍ଧାଙ୍କ ଦୁଇ ଆଖି କୋଣରେ କେଇ ବିନ୍ଦୁ ଲୁହ ସ୍ୱଚ୍ଛ ପାରଦ କଣା ପରି ଟଳଟଳ ହେଉଥିଲା ।

ବୃଦ୍ଧାଙ୍କ ଯନ୍ତ୍ରଣା ଦଗ୍ଧ ମନକୁ ଟିକେ ଶୀତଳତା ଦେବାପାଇଁ ନର୍ସ ଜଣେ ପୁଣି କହିଲେ, ମାଉସୀ । ରାତି ଅନେକ ହେଲଣି । କର୍ତ୍ତବ୍ୟବହୁଳ ଜୀବନକୁ ଟିକେ ବିଶ୍ରାମ ନଦେଲେ ଦେହ ଅସୁସ୍ଥ ହୋଇ ପଡ଼ିବ । ଆସ, ମୁଁ ବ୍ୟବସ୍ଥା କରି ଦେବି ତୁମର ବିଶ୍ରାମ ପାଇଁ । ବିଶ୍ୱାସ କର, ରୋଗିଣୀର ଦେହ ପୂର୍ବାପେକ୍ଷା ଖୁବ ଭଲ ଅଛି । ଡାକ୍ତର ଘରକୁ

Digitized by srujanika@gmail.com

ଚାଲି ଗଲେଣି । କାଲି ସକାଳୁ ଆସିଲେ ସବୁ ପ୍ରକାର ସୁବ୍ୟବସ୍ଥା ସେ କରିଦେବେ । ତୁମେ ଶୋଇବ ଆସ ମାଉସୀ । ରୋଗିଣୀର ସୁବିଧା ଅସୁବିଧା ପାଇଁ ମୁଁ ଅଛୁ ।

ନର୍ସଙ୍କଠାରୁ ନିର୍ଭର ଯୋଗ୍ୟ କଥା କେଇ ପଦ ଶୁଣି, ବୃଦ୍ଧା ନାରୀସୁଲଭ କୋମଳ କଣ୍ଠରେ କହିଲେ, ଡାକ୍ତର କ'ଣ ପ୍ରତିଦିନ ଏଇପରି ଘରକୁ ଚାଲିଯା'ନ୍ତି ?

—ହିଁ । ତୁମେ ମୋ ସାଙ୍ଗରେ ଆସ ମାଉସୀ ମୁଁ ସବୁକଥା ସେଇଠି କହିବ । କାରଣ, ଏଠାରେ ପାଟି ତୁଣ୍ଡ କଲେ ରୋଗୀମାନଙ୍କ ବିଶ୍ରାମରେ ବ୍ୟାଘାତ ସୃଷ୍ଟି ହେବ । ନର୍ସ ଜଣକ ଚାଲିବାକୁ ଲାଗିଲେ ।

ବୃଦ୍ଧା ତାଙ୍କର ଅନୁଧାବନ କରୁଥିଲେ ।

ବର୍ଷା ବିଧୌତ ନୀଳ ଆକାଶରେ ଲାଜୁଆ ଓଠରେ ସନ୍ଧ୍ୟା ତାରାର ହସ । କାମିନୀ ଫୁଲର ମଧୁର ସୁରଭି ପରି ସେବତୀ ଫୁଲ କାଳି ଅନ୍ଧାର ଭିତରେ କି ଗୋଟାଏ ଅଫୁରନ୍ତ ମାଦକତା ଭରି ରହିଥିଲା । ଘରର କାମ ଶେଷ କରି, ସମସ୍ତଙ୍କୁ ଖାଇବାକୁ ଦେଇ ସାରିବା ପରେ ନିଜେ ଖାଇ ବସିଲା ଊର୍ମିଳା । କେହି କେମିତି ଶୋଇ ପଡ଼ିଲେଣି । ସମରଜିତ ବାବୁ ବିଛଣାରେ ଶୋଇ କରି ଗୋଟିଏ ବହି ପଢୁଥିଲେ । ଖାଇ ସାରି ଶୋଇବାକୁ ଚାଲିଗଲା ଊର୍ମିଳା । ସ୍ୱାମୀଙ୍କୁ ବହି ପଢୁଥିବାର ଦେଖି ଲଳିତ ମଧୁର କଣ୍ଠରେ କହିଲା ସେ, ରାତସାରା ଏମିତି ବହି ପଢୁଥିବ ନା କ'ଣ ?

—କ'ଣ ହେଲା, ସେଥିରେ ତୁମର କୌଣସି ଅସୁବିଧା ହେଉ ନାହିଁ ତ ?

—ନାଁ, ଅସୁବିଧା ବରଂ ତୁମର ହୋଇପାରେ ।

—ମୋର ଅସୁବିଧା ହେବ ।

—ହେବ ନାହିଁ ? ଦିନସାରା ଡାକ୍ତରଖାନାରେ ପରିଶ୍ରମ ସାଙ୍ଗକୁ ରାତିସାରା ବହି ପଢିଲେ·········

—ସେଇଟା କଥା ନୁହେଁ । ତୁମେ ଶୋଇ ପଡ଼ । ଶୋଇବାଟା ତୁମର ଆବଶ୍ୟକ । କାରଣ ତୁମେ ଯେତେବେଳେ ଏଇ ନିକଟ ଭବିଷ୍ୟତରେ ଜନନୀର ଭୂମିକା ଗ୍ରହଣ କରିବ, ତା ପୂର୍ବରୁ ସବୁଥିରେ ଟିକେ ସଚେତନତା ଆବଶ୍ୟକ ।

ପ୍ରଥମେ ଟିକେ ନୀରବ ରହିଗଲା ଊର୍ମିଳା । ପରେ ଲାଜୁଆ ଅଥଚ ନରମ କଣ୍ଠରେ କହିଲା, ଏପରି ବେସରମା ଦାର୍ଶନିକପଣିଆକୁ ମୁଁ ଆଦୌ ପସନ୍ଦ କରେନା ।

କ୍ରିଂ······କ୍ରିଂ······କ୍ରିଂ······ଆରପାଖ ଘର, ବୈଠକଖାନାର ଫୋନଟା

Digitized by srujanika@gmail.com

ହଠାତ୍ ଶଙ୍କ କରି ଉଠିଲା । ଆଉ କିଛି ନକହି ହଠାତ୍ ସେ ଘରକୁ ଚାଲିଗଲେ ଡାକ୍ତର ସମରଜିତ ବାବୁ ।

ହ୍ୟାଲୋ······ହଁ, ଡାକ୍ତର ରାଣ କହୁଛି······ଆଗ୍ରା······ଅପାତ ସାଲାଇନ ଦେବାରେ ବ୍ୟବସ୍ଥା କର । ······କାଲି ସକାଳୁ ମୁଁ ଯାଇ ପହଞ୍ଚିବି······ହଁ ରଖୁଛି ।

ଶୋଇବା ଘରକୁ ପୁଣି ଫେରି ଆସିଲେ ସମରଜିତ ବାବୁ । କିନ୍ତୁ କ୍ଷଣିକ ମଧ୍ୟରେ ଯେମିତି ତାଙ୍କର ଅନେକ କିଛି ପରିବର୍ତ୍ତନ ହୋଇଯାଇଛି । ସଦା ପ୍ରଫୁଲ୍ଲ ଗୌର ବର୍ଣ୍ଣ ମୁଖମଣ୍ଡଳରେ ଏକ ବହଳ କଳା ମେଘ ଲହଡ଼ି ଖେଳୁଛି ସତେ ଯେମିତି ।

ଆକସ୍ମିକ ପରିବର୍ତ୍ତେ ଅସ୍ଥିର ହୋଇ ଉଠିଲା ଉର୍ମିଳାର ମନ । ପରିସ୍ଥିତିର ପ୍ରସଙ୍ଗ ଉଦ୍‌ଘାଟନ କରିବା ପାଇଁ, ସ୍ୱାମୀଙ୍କ ଗ୍ରୀବା ଉପରେ ଛନ୍ଦି ହୋଇ ରହିଥିବା ହାତକୁ ହଲାଇ ଦେଇ ବିନୟ ସୂଚକ କଣ୍ଠରେ କହିଲା, କ'ଣ ହେଲା ? ଏମିତି ଶୋଇ ଶୋଇ ଭାବୁଛ ପୁଣି କ'ଣ ?

ସମରଜିତ ବାବୁଙ୍କ ଦେହସାରା ଦୀର୍ଘଶ୍ୱାସର ଏକ ଗରମ ଲହଡ଼ି ଖେଳିଗଲା ।

କହିଲେ ସେ—ଭାବୁଛି ପରୀକ୍ଷାରେ କୃତକାର୍ଯ୍ୟ ହେବି କି ନାହିଁ । ଦୀର୍ଘ ଦିନ ଧରି ଡାକ୍ତରୀ କାର୍ଯ୍ୟ କରି ଆସିବା ପରେ ଆଜି ମୁଁ ଏକ ଜୀବନ ମରଣ ପରୀକ୍ଷାର ଦ୍ୱାର ଦେଶରେ ଦଣ୍ଡାୟମାନ । କେତେ ଦୁରାରୋଗ୍ୟ ରୋଗୀଙ୍କୁ ଏଇ ହାତରେ ଭଲ କରିଥିଲି; ମାତ୍ର ଆଜି ଗୋଟିଏ ସାମାନ୍ୟ ରୋଗୀ ନିକଟରେ ମୋତେ ପରାସ୍ତ ହେବାକୁ ପଡ଼ୁଛି ।

—ଏପରି ଦୁର୍ବଳତା କିନ୍ତୁ ଖୁବ୍ କମ୍ ଡାକ୍ତରଙ୍କଠାରେ ଦେଖାଯାଏ, ମଣିଷ ନିମିତ୍ତ ମାତ୍ର । ଭଗବାନଙ୍କ ନୀରବ ନିର୍ଦ୍ଦେଶକୁ ଅମାନ୍ୟ କରିବାକୁ ମଣିଷର କ୍ଷମତା ନାହିଁ । ଲୋକେ କହନ୍ତି, କେତେ ରୋଗୀ ମାରିଲେଯାଇ ଜଣେ ପ୍ରତିଷ୍ଠିତ ଡାକ୍ତର ବୋଲି ପରିଚୟ ଦେଇହୁଏ । ସ୍ୱାମୀଙ୍କ ମନରେ କିଛି ଧୈର୍ଯ୍ୟ ସଂଚୟ କରିବା ପାଇଁ କରୁଣ କୋମଳ କଣ୍ଠରେ କହିଲା ଉର୍ମିଳା ।

—ମୁଁ ସେ କଥା ଭାବୁନାହିଁ ଉର୍ମି । ଭାବୁଛି, ମାତ୍ର ମୁଠିଏ ଭିକ୍ଷାକୁ ପାଥେୟ କରି ଯାହାର ସଦସ୍ୟ ବହୁଳ ସଂସାରଟି ବଞ୍ଚି ରହିଛି, ତାର ଶଯ୍ୟାଶାୟିନୀ ସ୍ତ୍ରୀ ସେମାନଙ୍କୁ ଛାଡ଼ି ଚାଲି-ଗଲେ, ତା ପଛେ ପଛେ ସେ ସଂସାରଟି ବି ପାଣି ଫୋଟକା ପରି ମିଳେଇ ଯିବ, ଦୁନିଆର ଦାଉକୁ ସହି ନପାରି । ରହିବା ପାଇଁ ଘର ବୋଲି ପ ଦେ ସ୍ଥାନ ନାହିଁ, ଯେଉଁ ମାଟିରେ ଖଟି ତାର ଦେହଟାକୁ ମାଟି କରି, ମୁଣ୍ଡ ଝାଳ ଗୋଡ଼ରେ ମାରି ଗଣ୍ଡିଏ ଖାଦ୍ୟ ଯୋଗାଡ଼ କରୁଥିଲା, ସେ ବି ନାହିଁ ।

Digitized by srujanika@gmail.com

ସେ ସବୁକୁ ତା.ଠାରୁ ଜବରଦସ୍ତ ଛଡ଼ାଇ ନେଇଛି ଏଇ ସମାଜର ମଣିଷ । ଋଣଗ୍ରସ୍ତ ସୁକୁମାର ପଟ୍ଟନାୟକଙ୍କୁ ଦାଣ୍ଡରେ ଠିଆ କରାଇଛି ସେହି—ଦୁର୍ଦ୍ଦାନ୍ତ ମହାଜନ ଗଗନ ଦାସ । ବୃଦ୍ଧ ମହାଜନ ଠାରୁ ଋଣମୁକ୍ତ ହେବାର ଏକମାତ୍ର ଉପାୟ ଥିଲା ତା ସହିତ ତାର ଅପରୂପ ସମାନ୍ୟା ଯୁବତୀ ଭଉଣୀକୁ ବିବାହ ଦେଇ । ସେହି ଦିନ ଠାରୁ ଭଉଣୀ ତାର କୁଆଡେ ମଲା କି ଗଲା କେହି ଜାଣିଲେ ନାହିଁ । ସେହି ରାଗରେ ମହାଜନ ତାଠାରୁ ସବୁ ସଂପତ୍ତିକୁ । ସେ ହେଲା ଦାଣ୍ଡରେ ଭିକାରୀ, ଟିକିଏ ଆଶ୍ରୟ ପାଇଁ ପିଲାଛୁଆଙ୍କୁ ଧରି ବୁଲିଲା ଦ୍ୱାର ଦ୍ୱାର । ଶେଷରେ ଜଣେ ବୃଦ୍ଧା, ଯାହାର ଦେହ ଉପରେ ଅନଧିକାର ଅଭ୍ୟାଗ୍ନିର କରିଛି ଏଇ ସମାଜ, ଯାହାର ନିଷ୍ପାପ ଜୀବନ ଉପରେ ଏ ସମାଜ ଟାଣି ଦେଇଛି କଳଙ୍କର ଗୋଟିଏ କଳାଦାଗ, ସେ ହେଉଛନ୍ତି ତାର ଆଶ୍ରୟଦାତ୍ରୀ । ସେହି ବୃଦ୍ଧାଙ୍କ ଛତ୍ରଛାୟାରେ ରହି ବି ସ୍ତ୍ରୀ ତାର ଚାଲି ଆସିଛି ମୃତ୍ୟୁଶଯ୍ୟାକୁ ।

କଥାଟା କହି ଚାଲିଥାନ୍ତି ସମରଜିତ୍ ବାବୁ । ସେଗୁଡାକ ଉର୍ମିଳାକୁ ଯଥେଷ୍ଟ ଯେମିତି କ୍ଷତ ସ୍ଥାନରେ ଲୁଣ ବାଫିଲା ପରି ବୋଧ ହେଉଥାଏ । ଠିକ୍ ଏଇ ଅବସ୍ଥାରେ ଦିନେ ସେ ରାତି ଅଧରେ ଘରୁ ପଳାଇ ଆସିଥିଲା ମରିବା ପାଇଁ । ଆଜି ସେ ବଞ୍ଚିଛି । ସାଂସାରିକ ବନ୍ଧନରେ ରହି ଦିନେ ହେଲେ ସେ କଥା କଳ୍ପନାରେ ଭାବି ନାହିଁ । ଗଗନ ଦାସର ନାଁ ଟା ଶୁଣି ଦେହଟା ତାର ପୁଣିଥରେ ଶୀତେଇ ଉଠିଲା ଭୟରେ ।

ଆଖିକୁ ନିଦ ଆସୁଥିଲେ ବି ଆଉ ଶୋଇପାରିଲା ନାହିଁ ଉର୍ମିଳା । ସ୍ୱାମୀଙ୍କର ଭାବ-ଗାମ୍ଭୀର ମୁହଁକୁ ଅନାଇ ଶୋକ ଉଦ୍‌ବେଳିତ କଣ୍ଠରେ କହିଲା, "ତୁମେ କ'ଣ ତାହାଲେ ବଞ୍ଚାଇ ପାରିବ ନାହିଁ ?"

—ମୁଁ ମୋର ଚେଷ୍ଟାରୁ ବିରତ ନ ହେଲେ ବି ବଞ୍ଚାଇବାର ଆଶା ହରାଇଛି ।

କାନ୍ଦୁଥିଲା ଉର୍ମିଳା । ମନର ଉଦ୍‌ବେଗତାରେ ନୁହେଁ; ଭାଇ ଭାଉଜଙ୍କ କରୁଣ ଅସହାୟ ଜୀବନ ଆଖିର ଲୁହରେ ।

କରୁଣ ବିବ୍ରତବୋଧ ଭିତରେ କାହିଁକି କେଜାଣି ସୁଇଚ୍ ଟିପି ଘରର ଆଲୋକ ଜଳାଇ ଦେଲେ ସମରଜିତ୍ ବାବୁ ଦେଖିଲେ, ଉର୍ମିଳାର ଦୁଇ ନୀଳ ଆଖିରେ ଫଗୁଣର ପଦ୍ମଫୁଲ କାକର ପରି କେଇ ବିନ୍ଦୁ ଲୁହ ଝରି ଯାଇଛି, ତାର ଦୁଇ ଗୋରା ଗାଲକୁ ଓଦା କରି । ନାରୀମାନଙ୍କର ହୁଏତ ଏଇଟା ଗୋଟାଏ ଦୁର୍ବଳତା । କୌଣସି କଥାକୁ ଖୋଲି କହିବେ ନାହିଁ ଅଥଚ ଟିକିଏ କଥାରେ ଅଭିମାନ, ଆଡ଼ରୁଷା ନହେଲେ କାନ୍ଦିବା ଆଉ ସେଇଥିରେ ପୁରୁଷଙ୍କ ଧୈର୍ଯ୍ୟକୁ ଲୁଣ୍ଠନ କରି ସଂପୂର୍ଣ୍ଣ ରୂପେ ଟାଣି ଆଣନ୍ତି ନିଜ ଆଡକୁ । ସେଥିପାଇଁ ଦିନେ ରାଜା ଦଶରଥ କୈକେୟୀଙ୍କ କଥାରେ ଭୁଲି ଯାଇଥିଲେ ଜଳପିଣ୍ଡ ଦେବା ପଛେ ସମାଜ ପାଇଁ ସୂର୍ଯ୍ୟବଂଶର ତାହା ଏକ ଆଦର୍ଶ । ସମରଜିତ୍

Digitized by srujanika@gmail.com

ବାବୁଙ୍କ ମନରେ କେତେ ଭାବନା ଉଙ୍କି ମାରୁଥିଲେ ବି କ୍ଷଣିକ ଭିତରେ ସେସବୁ ଧୋଇଗଲା ଊର୍ମିଳାର ଆଖି ଲୁହରେ । ଆଶ୍ଚର୍ଯ୍ୟର ଶେଷ ସୀମାରେ ସେ ପହଞ୍ଚି ଯାଇଥିଲେ ଯେମିତି । ଆଶ୍ଚର୍ଯ୍ୟ ବିସ୍ମିତ କଣ୍ଠରେ କହିଲେ ସେ—

—ତୁମେ କାନ୍ଦୁଛ ଊର୍ମି !

—ସେ କିଛି ନୁହେଁ । ମୋତେ କୁହ, ତୁମେ କ'ଣ ସେ ରୋଗିଣୀକୁ ବଞ୍ଚାଇ ପାରିବ ନାହିଁ ?

—ଅରେ କହୁଛୁ, ମୁଁ ଏ ପର୍ଯ୍ୟନ୍ତ କର୍ତ୍ତବ୍ୟରେ ହେଳା କରିନାହିଁ । ମଣିଷ କେବଳ କର୍ତ୍ତବ୍ୟ କରେ, କିନ୍ତୁ ପରିଣତି ଜାଣିବା ସବୁବେଳେ ସମ୍ଭବ ନୁହେଁ । ତୁମେ ଜାଣୁଛ, ଲୋକେ କହନ୍ତି, କେତେ ରୋଗୀ ମାରିଲା ପରେ ଜଣେ ପ୍ରତିଷ୍ଠିତ ଡାକ୍ତର ହୋଇଥାଏ । ତଥାପି ତା ପ୍ରତି ତୁମର ଏତେ ବ୍ୟାକୁଳତା କାହିଁକି ? ତୁମେ କ'ଣ ତାକୁ ଜାଣ ?

—କହିଲେ ଘୃଣା କରିବ—ବିଶ୍ୱାସ କରିବ ନାହିଁ । ମୁଁ ତାଙ୍କୁ ଖାଲି ଜାଣେନାହିଁ, ଯେଉଁ ଦିନ ଧରି, ଯାହା ଟା ମନେ ଅଛି. ବାପଘରେ ସୁବିଧା ହିଁଅଛିଏ ଯେତେ ଦିନ ରହିପାରେ, ମୁଁ ତାଙ୍କର ସାଙ୍ଗରେ ରହି ଆସିଛି, ଗୋଟିଏ ଗରିବ ଘରର ସୁଖ ଦୁଃଖକୁ ନଜର କରି । ଯେଉଁ ସୁକୁମାର ପଟ୍ଟନାୟକ କଥା କହୁଥିଲ ସେ ମୋର ଭାଇ, ଆଉ ଯେଉଁ ରୋଗିଣୀଟି ବର୍ତ୍ତମାନ ମୃତ୍ୟୁଶଯ୍ୟାରେ ସେ ମୋର ଭାଉଜ ।

ସମରଜିତ୍ ବାବୁଙ୍କ ଆଖି ଦୁଇଟି ଆଶ୍ଚର୍ଯ୍ୟର ଉଡ଼ାଜାହାଜରେ ବସି କପାଳ ଉପରକୁ ଉଠି ଯାଇଥିଲା ଯେମିତି । କଥା କହିବାର ସ୍ୱର ଟା ଭଙ୍ଗା ଭଙ୍ଗା ହୋଇ ଆସୁଥିଲା ଗୋଟାଏ ନୂଆ ରୂପରେ । କିଛି କହିପାରୁ ନଥିଲେ ସେ । କିନ୍ତୁ ଦୁଇ ଆଖିର ଚଞ୍ଚଳତା ଭିତରେ ଅନେକ ପ୍ରଶ୍ନ ଲୁଚି ରହିଥିଲା ।

ଲୁଗାକାନିରେ ଆଖିରୁ ଲୁହ ପୋଛୁ ଊର୍ମିଳା କହିଲା, ତୁମେ ବିଶ୍ୱାସ କର । ତଥାପି ସେ ମୋର ଭାଇ ଭାଉଜ, ମୋର ପାଇଁ ସେମାନେ ଆଜି ଦାଣ୍ଡରେ ଭିକାରୀ ।

—ତାହାଲେ କାର୍ତ୍ତିଚନ୍ଦ୍ର ଦକ୍ଷିଣରାୟ ତୁମର ପିତା ନୁହନ୍ତି ?

—ନାଁ । କାରଣ, ଲକ୍ଷ୍ମୀ ରାଜ୍ୟରେ, ଅସୁର କୁଳରେ ସିଂହଟାର ଜନ୍ମ ଯେପରି ରହସ୍ୟମୟ, କାର୍ତ୍ତିଚନ୍ଦ୍ର ଦକ୍ଷିଣରାୟଙ୍କୁ ପିତା ରୂପରେ ପାଇବା ମୋ ନୂତନ ଜନ୍ମମୟ ଜୀବନର ଏକ ରୋମାଞ୍ଚକର ଅଧ୍ୟାୟ ।

ଜଣେ ଋଣଗ୍ରସ୍ତ ଲୋକ ହାତରୁ ସବୁ କିଛି ଖସିଯିବା ପରେ ଥିଲା କେବଳ ଗୋଟିଏ ଗରିବ ଝିଅ । ତାକୁ ପାଇବା ପାଇଁ ମହାଜନ ହୋଇପଡ଼ୁଥିଲା ବ୍ୟାକୁଳ । ସେହି

Digitized by srujanika@gmail.com

ଏକା ନୁହେଁ, ତା'ର ପରି ଅନେକ ଲମ୍ପଟ ପୁରୁଷ ଆଗେଇ ଆସୁଥିଲେ ଯେତେ ସନ୍ଧ୍ୟାରେ ଗୋଟିଏ ଅନୁମୁକ୍ତ ସ୍ତ୍ରୀର ଅଜ୍ଞାତ ଅଙ୍ଗୁଟିଏ ବାସ୍ନା ପାଇଥିଲେ, ସେମାନେ ଦୌଡ଼ିଆସି ଯାଇଥାନ୍ତେ ମୁଠା ମୁଠା ଟଙ୍କା । ହୁଏତ ଉପକୃତ ହୋଇଥାନ୍ତେ ବୁଢ଼ୀଜଣ । କିନ୍ତୁ ସେ ଝିଅଟି ପାଇଥାନ୍ତା କ'ଣ ? ଝିଅ ହୋଇ ଜନ୍ମ ହେବାର ଅର୍ଥ କ'ଣ ଏଇଆ ? ବୋଧହୁଏ ନା ।

ଭଗବାନ ଝିଅଟିଏ ବୋଲି ସୁନ୍ଦର କରି ଜନ୍ମ ଦେଇଥାନ୍ତି ଜଣଙ୍କ ପାଇଁ । ସେ ଜଣକ କିଏ, ଅବଶ୍ୟ ଗୋଟିଏ ଅବିବାହିତା ମୁକ୍ତା ଝିଅ ପକ୍ଷେ ଜାଣିବା ସହଜ ନୁହେଁ । ତଥାପି ସେ ତାର ସ୍ପଷ୍ଟ ସୁନ୍ଦର ଦେହଟିକୁ ଫୁଲ ଚନ୍ଦନ ଦେଇ ସାଇତି ରଖେ ତାରି ପାଇଁ କାରଣ ହଠାତ୍ ଭବିଷ୍ୟତରେ ଝିଅଟି ଦିନେ ତାଙ୍କୁ ଭେଟିବ ଏବଂ ତା ହାତରେ ଅଜାଡ଼ି ଦେବ ତାର ବନ୍ଧୁ ଧନର ସାଇତା କୁମାରୀ ବିଭବକୁ । ଏ ଆଶା ବା ଇଚ୍ଛାଟା ଏକା ମୋର ନଥିଲା—ସବୁ ଝିଅଙ୍କର ବି ଥାଏ । ମଣିଷ ଆଶାକୁ ନେଇ ବଞ୍ଚେ । ଯେତେବେଳେ ଜାଣିଲି ଆଶା ମୋର ନିରାଶାରେ ପରିଣତ ହେବାକୁ ଯାଉଛି, ସେତେବେଳେ ମୋ ବାଟରେ ଖୁଲି ଆସିଲି, ହୁଏତ ବଞ୍ଚିବାପାଇଁ ନୁହେଁ—ମରିବା ପାଇଁ ।

ସେଦିନ ଆକାଶରେ ଜମାଟବନ୍ଧା ଅନ୍ଧକାର । ରାତିଟା କ ଗୋଟାଏ ମାୟାବିନୀ ବେଶରେ ମନରେ ଭୟ ସଂଗ୍ରହ କରୁଥିଲା । ବୁଲିଥାଏ ଏକା ଏକା, କିନ୍ତୁ କେଉଁଠିକି ଯିବି ଜାଣି ନଥାଏ । ସାଙ୍ଗ ସାଥି, ଗାଁ ମାଟି, ପଛୀ ସୌନ୍ଦର୍ଯ୍ୟଙ୍କୁ ପଛରେ ପକାଇ ମୁଁ କାହାର ପଦ୍ମତୋଳାରେ ଗୋଟିଏ ବଶୀଭୂତା ସମର୍ପିଣୀ ପରି ପହଞ୍ଚିଲି ଯାଇ ସମୁଦ୍ର କୂଳରେ ।

ସେଦିନ କିଛି ଗୋଟିଏ ପର୍ବ ପଡ଼ିଥିଲା ବୋଧହୁଏ । ଅନେକ ଲୋକ ରୁଣ୍ଡ ହୋଇଥାନ୍ତି ଅଶାନ୍ତ ସମୁଦ୍ର ଲହଡ଼ି ଭାଙ୍ଗିବା ପାଇଁ । ଆଉ କିଛି ବାଟ ଆଗେଇ ଗଲି କୂଳେ କୂଳେ । ସମୁଦ୍ରର ସେ ତୁଙ୍ଗ ତରଙ୍ଗ ଓ ଅଫୁରନ୍ତ ଗର୍ଜନ ଶୁଣି ମୋର କୁମାରୀ ପ୍ରାଣଟା ଥରି ଉଠୁଥିଲା, ଖଣ୍ଡେ ବୋଟେଇ ହୋଇଥିବା ପୁରୁଣା ଡଙ୍ଗା ଭଙ୍ଗା ପରି । ରାତି ସେତେବେଳକୁ ସମସ୍ତ ସୀମା ଅତିକ୍ରମ କରି ଆଜିକା ପଡୁଥିଲା ଆକାଶ ଗ୍ରାସରେ । ମନଟା ମୋର ବେଳେ ବେଳେ ବ୍ୟାଣୋନ୍ମୁଖ ବାଟପରେ ଦୁର୍ବଳ ହୋଇ ପଡୁଥାଏ । ଆଉ ବଞ୍ଚି ପାରିଲି ନାହିଁ । ସମୁଦ୍ରର ସେହି ଲୁଣିଆ ପାଣିକୁ ଆଞ୍ଜୁଳାଏ ଟେକି ଦେଲି ଥରେ ସ୍ୱର୍ଗୀୟ ପିତା ମାତାଙ୍କ ଉଦ୍ଦେଶ୍ୟରେ, ଆଉ ଥରେ ଜଗତ ପ୍ରାଣ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ତୋଳି ଦେଇ ଏକ କୈବର୍ତ୍ତ ଖାତ ଭେକ୍ତି ମାଛ ପରି ଡେଇଁ ପଡ଼ିଲି ସମୁଦ୍ର ବକ୍ଷକୁ ।

Digitized by srujanika@gmail.com

ପଶ୍ଚିମ ଦୂରେ ଥାଉ, ତାପରେ କ'ଣ ହେଲା ମୁଁ ଆଉ ଜାଣି ନାହିଁ । ଅଥଚ ପରଦିନ ଏଗାରଟାବେଳେ; ଯେତେବେଳେ ମୋର ଚେତା ଫେରି ଆସିଲା, ସେତେବେଳେ ମୁଁ ଶୋଇଛି ଡାକ୍ତରଖାନାରେ । ପାଖରେ ବସିଛନ୍ତି ମୋର ଆବିଷ୍କାରକ ସନ୍ଧ୍ୟୀକ କର୍ମୀଚନ୍ଦ୍ର ଦକ୍ଷିଣରାୟ ଏବଂ ମୋର ରକ୍ଷକ ତୁମେମାନେ ଜ ।

—ମୁଁ ନଜେ । ଖୁବ ଆଶ୍ଚର୍ଯ୍ୟ ହୋଇ ପଚାରିଲେ ସମରଜିତ ବାବୁ ।

—ହଁ ତୁମେମାନେ । ଭୁଲି ଯାଇଛ ବୋଧହୁଏ, କିନ୍ତୁ ସେତେବେଳେ ତୁମେ ଖୁବ ସୁନ୍ଦର ଦେଖାଯାଉଥିଲ, ଜଣେ ସୁଦର୍ଶନ ଯୁବକ । ଆଖି ଖୋଲି ତୁମକୁ ଥରେ ଦେଖିବା ପାଇଁ ଯେତେ ଇଚ୍ଛା ହେଉଥିଲା ବି ତୁମେ ପାଖକୁ ଆସିଲା ବେଳକୁ ଅମାନିଆ ଭଳିକୁ ଆଖି ଦୁଇଟା ମୋର ଆପେ ଆପେ ବନ୍ଦ ହୋଇ ଯାଉଥିଲା । ଯେହେତୁ ମୁଁ ଗୋଟିଏ ଅବିବାହିତା ଝିଅ । ସବୁ ଝିଅମାନେ ଜଣେ ଯୁବକକୁ ନେଇ କେତେ କଥା ଭାବି ଯାଆନ୍ତି ସିନା, କିନ୍ତୁ ପାଖକୁ ଆସିଲେ ମୋଟେ ସିଧାସଳଖ ଅନାଇ ପାରନ୍ତି ନାହିଁ । ହୁଏତ ଲୋଭ ସମ୍ବରଣ କରି ନପାରି ଉପରଠଉ, ଆଗପଛ କରି ଆଡ଼ ଉହାଡ଼ ବନ୍ଦ ଘୁଡ୍ଡାଣୀରେ ଟିକେ ଅନାଇ ଦେଉଥିବେ ।

ତାପରେ, ତୁମର ଅବ୍ୟର୍ଥ ଚେଷ୍ଟାରେ ମୁଁ ଭଲ ହୋଇଗଲି । ଶକୁନ୍ତଳା ପାଇ କଣ୍ୱମୁନିଙ୍କ ଆନନ୍ଦ ଅନୁଭବ କଲେ କର୍ମୀଚନ୍ଦ୍ର ଦକ୍ଷିଣରାୟ । ସେ ମୋତେ ନେଇ ଗଲେ ତାଙ୍କ ଘରକୁ । ଗୋଟିଏ ଫୁଟନ୍ତା ଫୁଲପରି ସମସ୍ତଙ୍କ ସ୍ନେହ ଆଦରରେ ମୁଁ ବଢିଲି ସେଇଠି । ବଞ୍ଚିବା ପାଇଁ ପୁଣି ଥରେ ମନଟା ମୋର ପ୍ରାଣ ପ୍ରବାହରେ ଉଚ୍ଛ୍ୱସିତ ହୋଇ-ଉଠିଲା । ମୋର ମେଘ ମେଦୁରିତ ମୁହଁରେ ଫୁଟି ଉଠିଲା ବଞ୍ଚିବା ପାଇଁ ଭବିଷ୍ୟତର ଏକ କ୍ଷୀଣାଭ ବିଜୁଳିରେଖା ।

ମୁଁ ଭୁଲିଗଲି ମୋର ପଶ୍ଚିମ········ମନରୁ ହଜିଗଲା ସବୁ ଗ୍ଲାନି········ ସବୁ ଅତୀତ କଥା । କିନ୍ତୁ ମନଟା ସବୁବେଳେ ଖାପ୍‌ଛଡ଼ା ଲାଗିଲା । ଡାକ୍ତରଖାନାରୁ ଫେରି ଆସିଲା ପରେ ଯେମିତି କିଛି ଛାଡ଼ି ଆସିଲା ପରି ଅନୁଭବ କଲି । ସେଥିପାଇଁ କେତେ ଜହ୍ନ ରାତି ବିତିଛି, କେତେ ମେଘ ଅନ୍ଧାର ସନ୍ଧ୍ୟା ଏକା ଏକା କଟିଛି, କେତେ ପାହାନ୍ତିଆ ଶୀତର ବୁକୁଥରା କମ୍ପନ ଭିତରେ ଶେଷରେ ଧନେ ସିଦ୍ଧାନ୍ତରେ ପହଞ୍ଚିଲି, ଛାଡ଼ି ଆସିଥିବା ଜିନିଷଟି ହେଉଛି—ତୁମେ । ତୁମକୁ ଖୋଜି ଖୋଜି ମୋ ମନଟା ମୋତେ ବି ଧରାଦେଉ ନଥିଲା । ତୁମକୁ ନେଇ କେତେ ବର୍ଷାମୁଖର ରାତିରେ ମୁଁ ଦେଖୁଥିଲି ଅନେକ ରଙ୍ଗୀନ

Digitized by srujanika@gmail.com

ସ୍ୱପ୍ନ । ଯେଉଁ ସ୍ୱପ୍ନକୁ ନିଜେ ଦେଖି ନିଜେ ଅନୁଭବ କରିବ ସିନା; ଅନ୍ୟକୁ କହିହେବ ନାହିଁ । ସବୁ ଝିଅ ବି ଏହିପରି ଦେଖନ୍ତି । କିନ୍ତୁ କୌଣସି ଝିଅ କ'ଣ ସେ ଲୁକୁଆ କଥାକୁ ମନ ଖୋଲି କାହାକୁ କହିପାରେ ?

ଏହାପରେ ଗଡ଼ିଗଲା ଦିନ କେଇଟି । ଅନ୍ତର୍ଯ୍ୟାମୀ ଭଗବାନ ହିଁ ଏକା ବୁଝିଛନ୍ତି ମଣିଷର ଅନ୍ତର । ତୁମ ଗାଁ ଠାରୁ ଆରମ୍ଭ କରି ଆମ ଗାଁର ପ୍ରତ୍ୟେକ ଲୋକଙ୍କ ମନରେ ଆନନ୍ଦର ଦାମାମା ପିଟି ଆଗେଇ ଆସିଲା ଲଜ୍ୟା-କୁଣ୍ଠିତା ଫାଲଗୁନର ସେଇ ସ୍ନିଗ୍ଧ ସନ୍ଧ୍ୟା—ଆମ ବିବାହର ଲଗ୍ନ । ଝିଅ ସୁଦଶି ହୋଇ ଜନ୍ମହେଲେ, ତାକୁ ବହୁ ଲୋଭିଲା ଆଖିର ଅଇଣ୍ଠା ହେବାକୁ ପଡ଼େ । ତଥାପି ଉଷାକୁ ପାଇବାକୁ ହେଲେ ଜୟନ୍ତଙ୍କ ବିନା ଯେମିତି ଆଉ କେହି ସମର୍ଥ ହୁଅନ୍ତେ ନାହିଁ ।

କେତେ ଯୁବକଙ୍କ ଭବିଷ୍ୟତର ଆଶାର ମିନାରକୁ ଚୂରମାର କରି ତୁମେ ମୋତେ ନେଇ ଗଲ, ସ୍ୱୟଂବର ଯାଜ୍ଞସେନୀକୁ ବୀର ମଧ୍ୟମ ପାଣ୍ଡବ ନେଇଗଲେ ପରି । କାହିଁକି କେଜାଣି, ସେଇଦିନ ରାତିରେ ମୋ ମନରେ ପଡ଼ିଥିଲା ନିଜଘର ବାପ ମା' ଭାଇ ଭାଉଜଙ୍କ କଥା । ଆଜି ସେହି ଅଲକ୍ଷଣା ମହାଜନଟା ମନରେ ପଡ଼ି ଭୟଭୀତ କରି ଦେଉଥିଲା ମୋତେ । ଆଉ କେହି ଝିଅ ହୋଇଥିଲେ ସେ ରାତିଟା ତାପାଇଁ କେତେ ସାର୍ଥକତା ଦେଇଥାନ୍ତା । କେତେ ଭାବନା, କେତେ ଆତୁରତା, କେତେ ଅଭିମାନ ଭିତରେ ରାତିଟା ନଅଣ୍ଟ ଜଣା ପଡ଼ିଥାନ୍ତା ତାକୁ । କାରଣ ଝିଅ ମାନଙ୍କର ଦେଖାଇ ଦେବାର ସବୁ ଛଟକ, ସବୁ ଗୁଣ ଗରିମା, ସବୁ ସୌନ୍ଦର୍ଯ୍ୟ ସେଇ ରାତିକ ପାଇଁ । ନୂଆ ବୟସର ନୂଆ ଅନୁଭୂତି— ପୁଣି ଗୋଟିଏ ନୂଆ ମଣିଷ ସହିତ ଗୋଟିଏ ଆବଦ୍ଧ ଅନ୍ଧାର ଘର ଭିତରେ ଦୀର୍ଘ ଗୋଟିଏ ରାତି । କିଛି ନ ହେଲେ ବି ସେ ମନେ ମନେ ଗୋଟିଏ ତାଲିକା ପ୍ରସ୍ତୁତ କରି ରଖିଥାନ୍ତା, ବହୁ ଦିନର ସାଇତା କୁମାରୀ ସାମଗ୍ରୀକୁ କେମିତି ଜଣେ ଅଚିହ୍ନା ଲୋକକୁ ଚଖାଇବ, ନହେଲେ ନିଜେ କେମିତି ଚାଖିବ ସେ ଜଣକର ଦେହଲଗା ଉତଲା ବାହୁର ଆଖିବୁଜା ଉପଭୋଗ ।

ମୁଁ କିନ୍ତୁ ଆଦୌ ପ୍ରସ୍ତୁତ ନଥିଲି ସେଥିପାଇଁ । ମୁଁ ଥିଲି ଅନ୍ୟମନସ୍କ । କେଜାଣି, ଆଉ ଝିଅମାନେ ସେ ରାତିରେ ଏମିତି ଅନ୍ୟମନସ୍କ ହୁଅନ୍ତି କି ନାହିଁ ?

ରାତି ପାହି ସକାଳ ହେଲା । ମନରେ ପଡ଼ିଥିବା ପୂର୍ବକଥା ଗୁଡ଼ିକ ସକାଳୁ ସକାଳୁ ତୁମ ସାଙ୍ଗରେ ଦୂରେଇ ଗଲା ମୋଠାରୁ । ମଥାରେ ବିନ୍ଦୁଏ ସିନ୍ଦୂର ମାରି ସେହିଦିନଠାରୁ ଲୋକଚକ୍ଷୁରେ ପ୍ରମାଣ ଦେଲି ମୁଁ ତୁମର ଧର୍ମପତ୍ନୀ; ଆଉ କର୍ତ୍ତୀଚନ୍ଦ୍ର ଦକ୍ଷିଣରାୟଙ୍କର କନ୍ୟା । କିନ୍ତୁ କେଉଁଠି ମୋର ଜନ୍ମ, କିଏ ମୋର ପ୍ରକୃତରେ ଗର୍ଭଧାରିଣୀ, କାହାଯୋଗୁ ମୁଁ ଆଜି ଏ ଧୂଳିର ଧରଣୀକୁ ଆସିଛି, ଏକଥା କେହି ବୁଝିଲେ ନାହିଁ । କାହାରିକୁ ବୁଝିବାକୁ ମୁଁ ମଧ୍ୟ ଅବସର ଦେଇ ନଥିଲି ।

Digitized by srujanika@gmail.com

ଅବଶ୍ୟ ତୁମେ ମୋତେ ଦୋଷାରୋପ କରିବ, ଜାଣେ । ତଥାପି ମୁଁ ନିରୁପାୟ । କହିବି କହିବି ବୋଲି ଅନେକ ଥର ଚେଷ୍ଟା କରିଛି । ସେ ଅତୀତ ଇତିହାସର ଦୁଃଖଭରା କାହାଣୀଟି, ଶ୍ମଶାନବାସୀ ଧ୍ୟାନମଗ୍ନ ପିନାକୀ ପରି କେତେଥର ବସି ମନେ ମନେ ଖେଳାଇଛି ସେ ଅଶ୍ରୁଳ ଅଧ୍ୟାୟର ପୃଷ୍ଠାଗୁଡ଼ିକ । କିନ୍ତୁ କଥାଟା ମୋର ସତେ ଯେମିତି ମୋର ନିର୍ଦ୍ଦେଶ ନମାନି ଆଉ କାହାର ନିର୍ଦ୍ଦେଶରେ ଆପେ ଆପେ ବନ୍ଦ ହୋଇଯାଏ ସେତେବେଳେ । ଲଜ୍ଜ୍ୟା ଓ ଭୟରେ ମୁଁ ଆଜିପର୍ଯ୍ୟନ୍ତ ଗୋଟିଏ ଖିଆଲ ଖେଳର କଣ୍ଢେଇ ପରି ତୁମ ସହିତ ମିଶିରହି, ଏକଥା ନକହି ଯଦି ଭୁଲ କରିଥାଏ ତାହେଲେ ତୁମେ ମୋତେ କ୍ଷମା କରିବ । କଣ କ୍ଷମା କରିବ ନାହିଁ ?

ନିଦ୍ରା ଅନୁରୋଧ ଦୁଇ ସକରୁଣ ଆଖିରେ ସ୍ୱାମୀଙ୍କର ମୁହଁକୁ ଅନାଇଲା ଉର୍ମିଳା ।

କଥାଗୁଡ଼ିକ ଶୁଣି ତା ଉପରେ କିଛି ଅନୁଧ୍ୟାନ ହୁଏତ କରୁଥିଲେ ସମରଜିତ ବାବୁ ତାଙ୍କ କାନ୍ଧକୁ ହଲାଇ ଦେଇ ଉର୍ମିଳା କହିଲା, ଶୋଇପଡ଼ିଲ ବୋଧହୁଏ ।

ସ୍ତ୍ରୀର ଶୀତୁଆ ସ୍ପର୍ଶରେ ଟିକେ ଅପ୍ରତିଭ ହୋଇ ପଡ଼ିଲେ ସମରଜିତ ବାବୁ । କହିଲେ ସେ, ଏ ପରିସ୍ଥିତିରେ କେହି କଣ କେବେ ଶୋଇ ପାରେ ଉର୍ମି । ବହୁଦିନର ସନ୍ଦେହଟା କିନ୍ତୁ ଆଜି ମୋର ସମାଧାନ ହୋଇଛି ।

ସେଦିନ ତାରିଖଟି ମୋର ଠିକ୍ ମନେ ନାହିଁ । ତେବେ ରୋଗିଣୀଟି ଆଉ ମିସନ ହେବାର ଠିକ୍ ଦ୍ୱିତୀୟ ଦିନର ମଧ୍ୟାହ୍ନ ସମୟ ହୋଇଥିଲା । ମୁଁ ଯେତେ ଲୁଚାଇ ରଖିଲେ ବି ରୋଗିଣୀକୁ ଦେଖି ଖାଇ ତୁମର ଅସହାୟ କାନ୍ଦଣା କାନ୍ଦୁଥିଲେ ଚପୁଡ଼ି ହୋଇ । ତାଙ୍କର ଆଗ୍ରହୁଦାୟୀ ବୁଢ଼ା ଆସି ପହଞ୍ଚିଲେ । ତୁମ ଖାଇ ପିବାକୁ ବାହାରିଲେ । ତଥାପି ବୁଢ଼ା କହିଲେ, "ଶୀଘ୍ର ଯା' ବାପ ! ପିଲ ଦୁଇଟି ଘରେ ହୁଏତ କାନ୍ଦୁଥିବେ" ବୁଢ଼ାଙ୍କ । କଥାକୁ ସେ ବୋଧହୁଏ ଅମାନ୍ୟ କରନ୍ତି ନାହିଁ । ପାଦେ ଆଗକୁ ଯାଇ ଥରେ ପଛକୁ ଅନାଇ ଦ୍ୱାର ବନ୍ଦ ଅତିକ୍ରମ କଲାବେଳେ ସେ ମୋତେ ଆଖି ଲୁହରେ କେବଳ ଏତିକି କହିଗଲେ ।

"ଗୋଟିଏ ସ୍ତ୍ରୀର ସ୍ନେହ, ପ୍ରେମ ଓ ଶାଳୀନତା ଠାରୁ ଗୋଟିଏ ଭଉଣୀର ଆଖି ଲୁହ ହିଁ ବାସ୍ତବିକ ବିପଜ୍ଜନକ ଡାକ୍ତର ବାବୁ ! ଏକଥା ଆଜି ମୁଁ ଅଙ୍ଗେ ଅଙ୍ଗେ ଅନୁଭବ କରୁଛି" ମୁଁ କିଛି ବୁଝି ପାରିଲି ନାହିଁ । ଆଜି କିନ୍ତୁ ଠିକ୍ ବୁଝୁଛି, ସେଦିନ ସେ ତୁମରି କଥା କହୁଥିଲେ ।

ବାହାରକୁ ଝରକା ଫାଙ୍କରେ ଅନାଇଲା ଉର୍ମିଳା । ପୂର୍ବ ଆକାଶରେ କୁଆଁ ତାରାଟା

Digitized by srujanika@gmail.com

ଲୁଚି ଲୁଚି ଶୁଣୁଥିଲା ଏମାନଙ୍କ କଥା । ସେ ବି କେତେବେଳୁ ଶୋଇ ପଡ଼ିଲାଣି । ଗାଢ଼ ପାଟି ପାଟି ଆସୁଛି ଊର୍ମିଳା ପୁଣି କହିଲା……

ରୋଗିଣୀଟି ଭଲ ହୋଇ ଯିବ ତ ? ବିଚରା ଚିର ଦୁଃଖିନୀ ସେ ।

—ମୋର ସମସ୍ତ ଶିକ୍ଷା ଓ ଶ୍ରମ ବିନିମୟରେ ରୋଗିଣୀକୁ ବଞ୍ଚାଇବା ପାଇଁ ଆପ୍ରାଣ ଉଦ୍ୟମ କରିବି । ସେଣିକି ତାଙ୍କର ଭାଗ୍ୟ ।

—ମୁଁ ତୁମ ସାଙ୍ଗରେ ଟିକେ ଡାକ୍ତରଖାନା ଗଲେ କ'ଣ କିଛି ଅସୁବିଧା ହେବ ? କିଛି ନ ହେଲେ ବି ଅନ୍ତତଃ ଥରୁଟିଏ ଦେଖି ପାରନ୍ତି ।

ମୋ ସାଙ୍ଗରେ ନୁହେଁ ଊର୍ମି, ପରେ ଯିବ । ମୁଁ ବି ବାପାଙ୍କୁ ଡକାଇ ଆଣିଥିବି । ତୁମେ ଏକୁଟିଆ ଯାଇ କିଛି ଭଲ ହେବନାହିଁ ।

ଗୋଟିଏ ଗାଢ଼ ଅନିଦ୍ରା ଅବସନ୍ନତା ଭିତରେ ଆଉ କିଛି କହି ନପାରି ଉଠି ଆସିଲା ବାହାରକୁ ଊର୍ମିଳା । ସକାଳର କଅଁଳ ଖରା କେଉଁଠି କେମିତି ବିଛେଇ ହୋଇ ପଡ଼ିଲାଣି । ବିଛଣାରୁ ଉଠି ଆସିଲେ ସମରଜିତ ବାବୁ । ପ୍ରାତଃ କର୍ମ ଶେଷ କରି, ସବୁଦିନ ୮ ... ଯଥେଷ୍ଟ ଆଗରୁ । ସକାଳୁ ସକାଳୁ ସମରଜିତ ବାବୁ ବାହାରି ଗଲେ ଡାକ୍ତର ଖାନାକୁ ।

ଡାକ୍ତରଖାନାରେ ବୁଢ଼ା ମଧ୍ୟ ସେ ନର୍ସ ଜଣକ ସହିତ ଅନିଦ୍ରା ରହି ଡାକ୍ତରଙ୍କ ବିଷୟରେ ସବୁ କଥା ଶୁଣିଥିଲେ । ରୋଗିଣୀର ଅବସ୍ଥା ବି ଗାଢ଼ ଅଧରେ ଖୁବ୍ ଭୟାବହ ହୋଇ ପଡ଼ିଥିଲା ।

ଯା ହେଉ, ଡାକ୍ତର ଦାଶ କୌଣସି ପ୍ରକାରେ ଆୟତାଧିନ କରିପାରି ଥିଲେ ସେ ଭୟାବହତାକୁ । ସେତିକବେଳ ଠାରୁ ନର୍ସ ଜଣକ ରୋଗିଣୀର ପାଖେ ପାଖେ ରହିଛନ୍ତି । ଭୋରୁ ଭୋରୁ ବୁଢ଼ାଙ୍କୁ ଟିକେ ନିଦ ହୋଇ ଯାଇଥିଲା ବୋଧହୁଏ । ନର୍ସ ଆସି ଡାକଦେଇ ଗଲେ ଉଠିବାକୁ । ନିଦ ବିହ୍ୱଳ ଆଖିରେ ବୁଢ଼ା ଉଠିଆସି ସବୁକାମ ସାରିବା ପରେ ଡାକ୍ତର ସମରଜିତ ବାବୁ ଆସି ପହଞ୍ଚିଲେ । ବୁଢ଼ାଙ୍କ ମନରେ ଯେମିତି ନୂତନ ଆଶାର ସଞ୍ଚାର ହେଲା । ଡାକ୍ତରଙ୍କ ପଛେ ପଛେ ସେ ଆଗେଇ ଗଲେ ରୋଗିଣୀ ପାଖକୁ ।

ଉପରେ ଘନନୀଳ ନୀଳାଭ ଆକାଶ—ତଳେ ଶ୍ୟାମଳ ସୁନ୍ଦର ପୃଥିବୀ—ମଝିରେ ଫାଙ୍କା ଗୋଟିଏ କାମମୂର୍ଚ୍ଛନା । ତା ଭିତରେ ମଣିଷ, କାମ+କ୍ରୋଧ+ଲୋଭ+ମୋହ+ଆଶା ନିରାଶାର ଏକ ଯାନ୍ତ୍ରିକ ସୃଷ୍ଟି, ଯାହାର କାର୍ଯ୍ୟକାରିତା ଏକ ପ୍ରକାର ନ ହୋଇ ହୁଏ ବହୁ ପ୍ରକାର ।

Digitized by srujanika@gmail.com

ଗୋଟିଏ ଦୀର୍ଘଶ୍ୱାସ ନେଲା ଗଗନ ଦାସ । ଆଜି ଯୁଗଟା ଧପାବାଜିର ଚରମ ସୀମାରେ ପହଞ୍ଚି ଯାଇଛି । ତା ହୋଇ ନଥିଲେ……ନିକଟ ଅତୀତର ସେ ଦୁଃଖ ଦିନଟା କୁହୁଡ଼ି ପରି ମାଡ଼ି ଆସିଲା ତା ର ମନର ଉପାନ୍ତକୁ । ନିଜ ହାତରେ ସେ ଶହ ଶହ କରି ସାତ ଶହ ଟଙ୍କା ଗଣି ଦେଇଥିଲା ଫକିର ମହାନ୍ତିକୁ ଏବଂ ତାଠାରୁ ଗ୍ରହିଥିଲା ଗୋଟିଏ ସୁନ୍ଦରୀ ଝିଅ ।

କିନ୍ତୁ କ'ଣ ହେଲା ସେ……… ?

ସେଦିନ ଠିକ୍ ଏହି ସମୟରେ ଏଠିକି ଆସିଥିଲା । ଗଞ୍ଜେଇ ଟାଣେ ମାରି ଦେଇ ଦରଦୀ କଣ୍ଠରେ କହିଥିଲା ସତରେ ମହାଜନେ, ବର୍ତ୍ତମାନ ଯୁଗରେ ଝିଅମାନେ ଯେମିତି ଫେସନ ସର୍ବସ୍ୱ ହୋଇ ପଡ଼ିଲେଣି ସେଥିରେ ମାତ୍ର ସାତଶହ ଟଙ୍କାରେ ସୁନ୍ଦରୀ ଝିଅ ମିଳିବା ବାସ୍ତବିକ କଷ୍ଟସାଧ୍ୟ । ବହୁ ଅସୁବିଧା ଓ ଅନିଚ୍ଛା ସତ୍ତ୍ୱେ ମୁଁ ଗୋଟିଏ ଝିଅର ସନ୍ଧାନ ପାଇଛି । ନୂଆ ବୟସୀ ତନୁପାତଳି ଝିଅଟିଏ ଆବଶ୍ୟ ଅସୁନ୍ଦରୀ ନୁହେଁ, ହେଲେ ଦେଖିବାକୁ ଟିକେ କାଳୀ ।

କାଳୀ ହେଉ ବା ଗୋରୀ ହେଉ ସୁନ୍ଦରୀ ହେଉ ବା ଅସୁନ୍ଦରୀ ହେଉ ଗୋଟିଏ ଝିଅ ହିଁ ଗଗନ ଦାସର କାମ୍ୟ । ଯାହାକୁ ନେଇ ସେ ତାର ବାର୍ଦ୍ଧକ୍ୟ ଯୌନ ପିପାସାକୁ ମେଣ୍ଟାଇ ପାରିବ । ତେଣୁ ସେଦିନ ସେ ଦୁଇ କଳା ଓଠ ଉପରେ ଶୁଷ୍କ ଜିଭଟାକୁ ବୁଲାଇଆଣି ଆଶାସ୍ୱିତ କଣ୍ଠରେ ଉତ୍ତର ଦେଲା ।

ତାହା ମୁଁ ଜାଣେ । କାରଣ ସେମାନେ ସମସ୍ତେ ଝିଅ ହୋଇ ପାରନ୍ତି—କିନ୍ତୁ ଉର୍ମିଳା ହୋଇ ପାରନ୍ତି ନାହିଁ । ଏକା ଉର୍ମିଳାକୁ ଛାଡ଼ିଦେଲେ ଅନ୍ୟ ସମସ୍ତେ ଅସୁନ୍ଦରୀ ଓ କାଳୀ ହେବା ସ୍ୱାଭାବିକ ।

କଥାଟା ଶୁଣି ପ୍ରଥମେ ଟିକେ ଡ଼ରି ଯାଇଥିଲା ଫକିର ମହାନ୍ତି । ପର ମୁହୂର୍ତ୍ତରେ କେତେ ପ୍ରକାର ପ୍ରେମ କାହାଣୀ ମାଧ୍ୟମରେ କାଳୀ ଗୋରୀ ଝିଅ ମାନଙ୍କର ବିଶେଷତ୍ୱ କହି ସନ୍ଧ୍ୟା ବେଳକୁ ଝିଅଟିକୁ ଆଣିବା ପାଇଁ କହି ଯାଇଥିଲା ।

ଫକିର ମହାନ୍ତିର ଚାଲି ପଥକୁ ଲକ୍ଷ୍ୟ କରି ଗଗନ ଦାସ ତାକୁ ମନେ ମନେ ଗମ୍ଭୀର କୃତଜ୍ଞତା ଜଣାଉଥିଲା ।

ଘଣ୍ଟାର ମିନିଟ୍ କଣ୍ଟା ସହିତ ପାଦ ମିଳେଇ ପୃଥିବୀ ସୂର୍ଯ୍ୟଙ୍କୁ ଘୁରାଇ ଆଣିଲା ପଶ୍ଚିମ ଆକାଶକୁ । ଗୋଟିଏ ଦିନର ନିର୍ଦ୍ଦିଷ୍ଟ ବାର ଘଣ୍ଟା ସମୟକୁ ବାର ମିନିଟ୍‌ର ଗ୍ରହି ବିବ୍ରତ ହୋଇ ପଡ଼ୁଥିଲା ଗଗନ ଦାସ ।

ଏ ଦିନଟା କେତେ ବଡ଼ି ନ ଯାଇଛି ସତେ ଆଜି ଯଦି ଶୀଘ୍ର ଦିନ ହୋଇ ଆନ୍ତା………

Digitized by srujanika@gmail.com

ଯଥା ସମୟରେ ସୂର୍ଯ୍ୟ ବୁଡ଼ିଲେ । ସନ୍ଧ୍ୟା ପରେ ରାତି କ୍ରମେ ଘନେଇ ଆସିଲା ପୃଥିବୀର ଛାତି ଉପରକୁ । ଗୋଟିଏ ପୋଷା ବିଲେଇ ପରି ଗଗନ ଦାସ କେତେବେଳେ ଘର ଭିତରକୁ ଚାଲି ଯାଉଥାଏ ତ' ପୁଣି କେତେବେଳେ ବାହାରକୁ ଚାଲି ଆସୁଥାଏ । ମନରେ ଗଭୀର ଉତ୍କଣ୍ଠା । ଗୋଟିଏ ଯୌବନ ଭରା ଭରା ଝିଅକୁ ନିଜ ବାହୁରେ ନେଇ ରାତି ବିତେଇବାର ଯେଉଁ ବହ୍ନିଶିଖା କାମନା, ତାହା ଗଗନ ଦାସର ସମ୍ପୂର୍ଣ୍ଣ ଦେହଟାକୁ ପୁଲକିତ କରି ଦେଉଥିଲା ।

ବାହାରକୁ ଆସି ତାର ଲମ୍ପଟ ଆଖି ଦୁଇଟାକୁ ଆଗକୁ ବଢ଼ାଇଲା ଗଗନ ଦାସ । ଦେଖିଲା, ଫକିର ମହାନ୍ତି ସହିତ ଆସୁଛି ଝିଅଟି । ନୂଆ ମେଘ ଦେଖି ଗୋଟିଏ ମୟୂର ପରି ମନଟା ତାର ନାଚି ଉଠିଲା, ଝିଅଟିକୁ ନେଇ, ମାତ୍ର ଗୋଟିଏ ରାତିର ପ୍ରସ୍ତୁତି ନହେଉଣୁ ସେ ମନେ ମନେ ରଚନା କରି ବସିଲା ଅନେକ ରାତିର ସ୍ୱପ୍ନ ।

ବେଳେ ବେଳେ ତୀର୍ଯ୍ୟକ ଚାହାଣୀରେ ଲକ୍ଷ୍ୟ କରୁଥାଏ ଝିଅଟିର ଗୋଡ଼ଠାରୁ ମୁଣ୍ଡ ପର୍ଯ୍ୟନ୍ତ ଯୌବନ ସମ୍ଭାରର ସେମିତି କୌଣସି ପରିଚୟ ନ ମିଳିଲେ ବି ମୁଗୁନି ପଥର ପରି କଳା ହେଲେ ବି ଦେହଟି ବେଶ୍ ଚିକ୍‌କଣ । ପାଦ ଦୁଇଟି କାନ୍ଥ ଝିଅଙ୍କ ପାଦପରି ଲୁହେଁ । ମୋଟା ମୋଟା ଲମ୍ବା ଆଙ୍ଗୁଳିରେ ନଖ ଗୁଡ଼ିକ ପୁରାପୁରି କଳା । ହୁଏତ ମରି ଯାଇଛି । ହାଲୁଆ ଚାଷି ପରି ଗୋଡ଼ସାରା କେତୋଟି ଦୁଇ ଇଞ୍ଚିଆ ଫାଟ । ଆଖିକୁ ଉପରକୁ ଅନାଇଲେ........ଗୋଟିଏ ଯୁବତୀ ଝିଅର ସ୍ୱାଭାବିକ ବକ୍ଷ ପରି ନହୋଇ ଟିକେ ତଫାତ୍ ଜଣାପଡ଼େ । ଯେମିତି କୃତ୍ରିମ ଉପାୟରେ ତିଆରି ହୋଇ ଥିବା ଉରଜ ଦୁଇଟି ଅପେକ୍ଷାକୃତ ବଡ଼ ଓ ଅସମ୍ଭବ ଭାବେ ଉପରମୁହାଁ ।

ଗଗନ ଦାସ ଘର ଭିତରକୁ ଡାକି ନେଲା ଫକିର ମହାନ୍ତିକୁ । ତା ପଛେ ପଛେ ଝିଅଟି ବି । ଫକିର ମହାନ୍ତି ସହିତ କେତେଟା ପ୍ରଳାପ କରି ସାରିବା ପରେ ଭୋଜନ ପର୍ବଟା ବି ହୋଇଗଲା । ....ଅନ୍ୟ କେହି ହୋଇଥିଲେ ମୁଁ ହୁଏତ ଆଳାପ ଆଲୋଚନା ଲେଖିଥାନ୍ତି । ସୁତରାଂ ଜଣେ ଧର୍ମାନ୍ଧ ପାଇଁ ପ୍ରଳାପ ବିପ୍ରଳାପ ଲେଖିଲି ।

ଆଗନ୍ତୁକା ଝିଅଟି ହାତେ ଲମ୍ବା ଓଢ଼ଣା ତଳେ ବସିଥିଲା ଘର ଭିତରେ । ଆଉ କିଛି ଅର୍ଥ ପୁରସ୍କାର ପାଇ ବିଦାୟ ନେଲା ଫକିର ମହାନ୍ତି ।

ସମୟ ହୁଏତ ସାଢେ ଆଠଟାରୁ ନ'ଟା ହେବ । ଗଗନ ଦାସ ଦେହ ଓ ମନରେ ଏକ ଯୁବକୀୟ ଶିହରଣକୁ ନେଇ ଶୟନ କକ୍ଷକୁ ପ୍ରବେଶ କଲା । ଝିଅଟି ନିବୁଜ ଅବଗୁଣ୍ଠନ ଭିତରେ ବସିଛି ଶଯ୍ୟାଧାରରେ । ଝିଅମାନେ ଅଭିମାନିନୀ ସେଥିପାଇଁ ସେ ଏମିତି ଲାଜୁଆ ଅଭିମାନ କରି ବସିଛି ବୋଧହୁଏ ।

Digitized by srujanika@gmail.com

ସୈରନ୍ଧ୍ରୀ ମନେକର ଜୀବକ ଗ୍ରୀବାକୁ ଆଲିଙ୍ଗନ କଲା ପର, ସେଦିନ ସେ ଯେତେବେଳେ ଆଲିଙ୍ଗନ ପାଇଁ ହାତ ବଢ଼ାଇଥିଲା, ପ୍ରତି ଆଲିଙ୍ଗନ ବନ୍ଧନସୂତ୍ରରେ ଏକ ଶକ୍ତ ଘୃଷୋଡ଼ାରେ ଦୁଇ ଗାଲ ତାର ଝାଇଁ ଝାଇଁ ହୋଇ ଯାଇଥିଲା । ଆଖି ଦୁଇଟା ବୁଜି ହୋଇ ଯାଇଥିଲା ଅପରାହ୍ଣ ପର୍ଯ୍ୟନ୍ତ ।

ଆଗନ୍ତୁକା ଜଣକ ଝିଅ ନୁହେଁ ନାରୀ ବେଶଧାରୀ ଏକ ପୁରୁଷ । ଲମ୍ପଟ କାମୁକଙ୍କୁ ଏଇ ମାଧ୍ୟମରେ ସନ୍ତୁଷ୍ଟ କରାଇ ପ୍ରଚୁର ଅର୍ଥ ଆତ୍ମସାତ କରୁଛି ଫକୀର ମହାନ୍ତି ।

ଆଖି ଖୋଲି ଅନେଇଲା ଗଗନ ଦାସ । ନାରୀର ମନ ପରି ସେ ନିବିଡ଼ ଅନ୍ଧକାରରେ କିନ୍ତୁ କିଛି ଦେଖି ପାରିଲା ନାହିଁ ସେ । ସେତେବେଳକୁ ନାରୀରୂପୀ ସେ ପୁରୁଷଟି ହୁଏତ ଘରୁ ଦୌଡ଼ି ପଳାଇ ଯାଇଥିଲା ।

ଓଃ । କି ଆଶ୍ଚର୍ଯ୍ୟ !

ଏ ଯୁଗର ଝିଅମାନେ ତା ହେଲେ କ'ଣ ଏହିପରି ପ୍ରେମ କରନ୍ତି ? ······ହୁଏତ ହୋଇଥିବ ।ନଦୀ ପରି ଆଜିର ଝିଅମାନେ ବାଲିଘରର ସୁଅରେ ନିମ୍ନଗାମୀ । କିଏ ଜାଣେ ସେମାନେ କେତେବେଳେ କେଉଁ ଜଳାଶୟର ଆଶ୍ରୟ ନିଅନ୍ତି ?

ଗୋଟିଏ ଦୀର୍ଘ ନିଶ୍ୱାସ ଛାଡ଼ି ଯନ୍ତ୍ରଣାରେ ଦୁଇ ଗାଲକୁ ଆଉଁସି ଆଉଁସି ବିଛଣାକୁ ଗଲା ସେ । ଅଥଚ ଆଖିରେ ନିଦ ନଥିଲା । ଥିଲା କେବଳ କାହାକୁ ଖୋଜିଲା ଖୋଜିଲା ପର ଅସନ୍ତୋଷ ମନରେ ଅପରନ୍ତ କଳ୍ପନାର କ୍ଷୁଦ୍ର କ୍ଷୁଦ୍ର କେଇଟି ବାଲିକଣା । ଯେମିତି ସନ୍ଧ୍ୟା ଆସୁଥିବା ଦେଖି କୌଣସି ସ୍ତ୍ରୀ ସଜ୍ଜିତ କେଶବାସରେ ସ୍ୱାମୀକୁ ଅହ୍ୱାନ କରୁଥିବା ସ୍ଥଳେ, ତାର ସ୍ୱାମୀ ଯାତ୍ରା ପୂଜା ଦେଖିବାକୁ ଚାଲିଗଲେ, ସେ ବିରହରେ ଛଟପଟ ହୁଏ — ପିନା—ନିଦରେ ଶୋଇପାରେ ନାହିଁ ।

ଗଗନ ଦାସ ଠିକ ସେହିପରି ବିଛଣାରେ ଶୋଇ କେବଳ ହାଇ ମାରୁଥିଲା ।

ହଠାତ ଗଗନ ଦାସର ଘରବନାଟା ଅଟକି ଗଲା ସେଇଠି, ଦାଣ୍ଡର ଧୂଳି ଉଡ଼େଇ ଯେଉଁଠି ଠିଆ ହୋଇଗଲା ଆସି ଗୋଟିଏ ଜିପ୍ । ଗାଡ଼ିରୁ ଓହ୍ଲାଇ ଦୁଇଜଣ ସିପାହୀ ଯମଦୂତ ପରି ଆଗେଇ ଆସିଲେ ତା ପାଖକୁ ।

—ତୁମ ନାଁ ଗଗନ ଦାସ ?

—ହଁ ମୋର ନାଁ ଗଗନ ଦାସ ।

—ତୁମ ନାଁରେ ମୋକଦ୍ଦମା ଅଛି, ବର୍ତ୍ତମାନ ଏଇ ଗାଡ଼ିରେ ତୁମକୁ ଥାନାକୁ ଯିବାକୁ ହେବ ।

Digitized by srujanika@gmail.com

ମୋ ନାଁରେ ମୋକଦ୍ଦମା ! ପୁଣି ଥାନାକୁ ଯିବାକୁ ହେବ । ସିପାହୀର କଥାରେ ବିସ୍ମିତ ନହୋଇ ଭୟଭୀତ ହୋଇପଡ଼ିଲା ଗଗନ ଦାସ । ପାଟିରୁ କଥା ବାହାରୁ ନଥିଲା । ମନେ ମନେ ଭାବନାର ଗୋଟିଏ ବିଦ୍ୟୁତ ପ୍ରବାହ ଖେଳି ଯାଉଥିଲା ।

କିଏ ତାହେଲେ ମୋ ନାଁରେ ମୋକଦ୍ଦମା କରିଛି ? ସୁକୁମାର ପଟ୍ଟନାୟକ····· ? ଉର୍ମିଳା······ ? ନା ତାର ପ୍ରେତାତ୍ମା········· ??

ଭାବୁଛ ପୁଣି କ'ଣ ? ତୁମେ ନରହତ୍ୟା ଅପରାଧ କରିଛ, ଚାଲ, ଗାଡ଼ିରେ ବସ । ସିପାହୀ ଜଣକ କହିଲେ । ନରହତ୍ୟା ! ଆକାଶଟା ଯେମିତି ଏକାବେଳକେ ଛିଡ଼ିପଡ଼ିଲା ତା ମୁଣ୍ଡ ଉପରେ । ବର୍ଷା ବିନ୍ଦୁ ପରି ମନଟା ତାର ଦୀର୍ଘ କୋଡ଼ିଏ ବର୍ଷ ତଳକୁ ଡେଇଁ ପଡ଼ିଲା । ସବୁ ତାର ମନେଅଛି । ଗରିବମାନଙ୍କ ପ୍ରତି କରୁଥିବା ଅମାନୁଷିକ ଅତ୍ୟାଚାରକୁ ସହି ନପାରି ସ୍ତ୍ରୀ ତାର ଆତ୍ମହତ୍ୟା କରିଥିଲା । ଗାଁର ଖଟୁଆ, ଡାଟି ତଳେ ରହି ଗୁଳି ମାରୁଥିବା ଲୋକଗୁଡ଼ା ପୋଲିସକୁ ଅଣାଇ କମ୍ ଅସୁବିଧାରେ ପକାଇ ନଥିଲେ ତାକୁ । କେବଳ ଟଙ୍କା ବଳରେ ପୋଲିସକୁ ପ୍ରଚୁର ଅର୍ଥ ଉତ୍କୋଚ ଦେଇ କୌଣସି ପ୍ରକାରେ ରକ୍ଷା ପାଇଯାଇଥିଲା । ସେଇଟା ତାର ନରହତ୍ୟା ନହେଲେ ବି ଆଜି ପର୍ଯ୍ୟନ୍ତ ମନରେ ଗୋଟେ ଅନୁଶୋଚନା ରହିଯାଇଛି ।

ତା ଛଡ଼ା ଆଉ ଗୋଟିଏ ଗୁଜବ ମଧ୍ୟ ଲାଗି ରହିଛି ତା ନାଁ ପଛରେ । ଆଖପାଖ ଦଶଖଣ୍ଡ ଗାଁର ଲୋକଙ୍କଠାରୁ ଶୁଣାଯାଏ 'ଗଗନ ଦାସ ପାଇଁ ଆଜି ବଗୃସ୍ଥ ଉର୍ମିଳା ମଲା କି ଗଲା କେହି ଜାଣିଲେ ନାହିଁ' ।

ଏ ଦୁଇଟି ନରହତ୍ୟା ନୁହେଁ । ତଥାପି ତା ଜାଣିବାରେ ମନର ଏକ ଦୁର୍ବଳତା ଯାହାକୁକି ସେ ଏବେ ସୁଦ୍ଧା ସମସ୍ତଙ୍କଠାରୁ ଲୁଚାଇ ରଖେ । ଆଖି ବୁଜି ବୁଜି ଦୁଧ ପିଉଥିବା ବିଲେଇ ପରି ସେ ନିଜର ଉପରଟା ଲୋକଙ୍କୁ ଦେଖାଏ, ଭିତରଟା ରହିଯାଏ ଭିତରେ ଭିତରେ । ଟିକିଏ ହେଲେ ସମୟ ନଦେଇ ଅନ୍ୟ ଜଣକ ସିପାହୀ ଧମକ ଦେଲା ଭଳି କଣ୍ଠରେ କହିଲେ, ଆମେ ଖୋସାମଦ କରିବାକୁ ଆସି ନାହୁଁ ବୁଢ଼ା ! ଥାନାକୁ ଚାଲ । ସେଇଠି ବସି ଏ କଳିଯୁଗ ଶେଷ ପର୍ଯ୍ୟନ୍ତ ଏମିତି ଭାବୁ ଥିଲେ ବି କେହି ତୁମକୁ ବାଧା ଦେବେ ନାହିଁ । ସମୟ ନାହିଁ, ଆସ ।

କିଛି ପଦେ କହିଲା ଭଳି ସାହସ ନଥିଲା ଗଗନ ଦାସର । ଶେଷଥର ପାଇଁ ଘରକୁ ଯିବାକୁ ଟିକେ ସମୟ ବି ପାଇ ନଥିଲା ସେ । ଏକ ଅଜଣା ଆତଙ୍କରେ ତାର ଦୁଇ ଭୟାର୍ତ୍ତ ଆଖିରୁ ଗଡ଼େଇ ଆସୁଥିଲା କେଇବିନ୍ଦୁ ଲୁହ । ପିଣ୍ଡାରୁ ଓହ୍ଲାଇ, ରୂପମୁଗ୍ଧ ସୂର୍ଯ୍ୟ ଚନ୍ଦ୍ରଭାଗା ପଛରେ ଗୋଡ଼େଇଗଲା ପରି, ସିପାହୀର ପଛେ ପଛେ ଯାଇ ଗାଡ଼ିରେ ବସିଲା ଗଗନ ଦାସ ।

Digitized by srujanika@gmail.com

ଗ୍ରାମବାସୀମାନେ ସମସ୍ତେ ଏହା ଦେଖୁଥିଲେ ବି ବାଟଭୁଲି ଚାଲି ଯାଉଥିଲେ ନିଜ ନିଜର କାମରେ । ମକର କେଉଁଠି ଥିଲା ଦୌଡ଼ି ଆସି ସିପାହୀଙ୍କ ଗୋଡ଼ତଳେ ପଡ଼ିଯାଇ କହିଲା, ମୁଁ ଗୋଡ଼ତଳେ ପଡ଼ୁଛି ବାବୁ । ତାଙ୍କୁ ଏଥରକ କ୍ଷମା ଦିଅନ୍ତୁ । ନିଜ ମନର ପାପ ସେ ନିଜ ହାତରେ ପ୍ରାୟଶ୍ଚିତ କରିସାରିଛନ୍ତି ।

କାନ୍ଦୁଥାଏ ଗଗନ ଦାସ । ସିପାହୀଙ୍କୁ କିଛି କହିବାକୁ ନଦେଇ ନିଜେ କହିଲା, ସ୍ୱୀକର ବୋଲି ମୁଁ ସେଦିନ ତୋର ଉପଦେଶକୁ ଭ୍ରୂକ୍ଷେପ କରି ନଥିଲି ତାକୁ । ତଥାପି ତୁ ମଣିଷ । ତତେ ଚିହ୍ନି ନପାରି ସେଦିନ ପଦାଘାତ କରିଥିଲି । ଆଜି କିନ୍ତୁ ଠିକ୍ ବୁଝି ପାରିଛି ।

ମଣିଷ ଆଖିରେ ଧୂଳି ଦେଇ ମଣିଷ ସ୍ୱାର୍ଥସାଧନ କରେ—କିନ୍ତୁ ଭଗବାନଙ୍କ ଆଖିରେ ନୁହେଁ । ମୋ ଅକର୍ମ ମତେ ଆଜି ଥାନାକୁ ନେଇ ଯାଉଛି । ଫେରି ଆସି ଆଉ ଥରେ ତୁମମାନଙ୍କୁ ଦେଖିବାର ସୌଭାଗ୍ୟ ହୁଏତ ମୋର ନାହିଁ । ତୁମେମାନେ ମୋ ପାଇଁ କାନ୍ଦିବ ନାହିଁ । ସମାଜ ଏତିକି ବୁଝୁ, ମଣିଷ ନିକଟରେ ମଣିଷ ନିକଟରେ ମଣିଷ ସ୍ଥାନ ନୁହେଁ—ସେବ୍ୟ, ମହତ, ସେ ମହାନ୍ ।

ରାସ୍ତାର ଧୂଳି ଉଡ଼ାଇ ଗାଡ଼ିଟି ତା'ପରେ ମାଡ଼ିଗଲା ଆଗକୁ । ଗାଁ ରାସ୍ତାର ସେ ବାଙ୍କ ଟପିଲା ପାରହେଲା ପର୍ଯ୍ୟନ୍ତ ମକର ଅନାଇ ରହିଥିଲା ଅପଲକ ଆଖିରେ ।

ଗୋଟିଏ କୁମାରୀଝିଅର ଲାଜ ମଧୁର ସରୁହସ ପରି ସେଦିନଟି ଥିଲା ମାର୍ଗଶିରର ଏକ ଅଳସ ଅପରାହ୍ଣ । ବଟା ହଳଦୀ ରଙ୍ଗର ଖରା 'ଫେଶରଣ' ଫୁଲକୁ ଶିଖାଉ ଥିଲା ହସ । ଏକ ଉତ୍ସବ ମୁଖର କୋଳାହଳ ଭିତରେ କନକପୁର ଗାଁଟା ମୁଖରିତ ହୋଇଉଠୁଥିଲା । ଅଦୂର ଆମ୍ବତୋଟାରେ ଚଢ଼େଇଗୁଡ଼ିକ ଏକଜୁଟ ହୋଇ ବୋଧହୁଏ ସେହି ଉତ୍ସବର ମୁଖପତ୍ର ପଢ଼ୁଥିଲେ ।

ସୁବ୍ରତ ନାରାୟଣ ସହିତ ପ୍ରେମ ବିବାହ କରିବାକୁ ସାନ୍ଧ୍ୟାର ଥିଲା ପ୍ରବଳ ଆଗ୍ରହ । ସେଥିପାଇଁ, ଅଥଚ ମନୋନୀତ ପୁରୁଷଟିକୁ ହାତକୁ ଆଣିବାପାଇଁ ଗୋଟିଏ ଝିଅକୁ ଯେ କେତେ କଷ୍ଟ ସ୍ୱୀକାର କରିବାକୁ ପଡ଼େ, ତା ପାଇଁ କେତେ ରାତି ଅନିଦ୍ରାରେ କଟେ, ତାର ଅନୁପସ୍ଥିତିଟା କେମିତି ଅସହ୍ୟ ଜଣାପଡ଼େ, ସେ କଥା ହୁଏତ ଅନୁଭବୀ ମାନେ ବୁଝିପାରିବେ । ତଥାପି ସୁବ୍ରତ ତାକୁ ଫାଙ୍କି ଦେଇ ମୁକ୍ତ ଆକାଶର ଗୋଟିଏ ଚଢ଼େଇ ପରି, ଉଡ଼ିଗଲା ଅନ୍ୟବସାକୁ, ଯଦିଓ ପୂର୍ବରୁ ସେ ତାର କୁମାରୀ ଦେହର ଶୀତଳ ପ୍ରବାହ ଭିତରେ ଅନେକ ଥର ଆତ୍ମହରା ହୋଇଛି । ଅନେକଥର ପାଗଳ ହୋଇ ସନ୍ଧ୍ୟାର କୋଳରେ ମୁଣ୍ଡରଖି ଶୋଇଯାଇଛି ରାତି ରାତି—ତଥାପି ତାକୁ ବିବାହ କରି ପାରିନାହିଁ ।

Digitized by srujanika@gmail.com

ଆଜି ସନ୍ଧ୍ୟାର ବା'ଘର । ଗାଁ ସାରା ଲୋକ ତେଣୁ କର୍ମତତ୍ପର ହୋଇ ପଡ଼ିଛନ୍ତି । ବା'ଘରର ସବୁ ଦାୟିତ୍ୱଟା କାନ୍ତିଚନ୍ଦ୍ର ବାବୁଙ୍କ ହାତରେ ସୀମାବଦ୍ଧ ଥିଲେ ବି ଅନ୍ୟମାନଙ୍କ ଖିବେ ଖବରଟା ପାଇ ଉଦ୍‌ବେଳିତ ହୋଇପଡ଼ିଲେ । ଗୋଟେ ପଟରେ ଝିଅ ବା'ଘର ପରି ଏକ ବିରାଟ ଦାୟିତ୍ୱ, ଅନ୍ୟ ପଟରେ ଜ୍ୱାଇଁର ଜରୁରୀ ଡାକରା । ଦୁଇଟି ଯାକ ଦାୟିତ୍ୱ ତାଙ୍କୁ ଏକାପରି ଜଣାଗଲା । କ'ଣ କରିବେ ନକରିବେ ଠିକ୍ କରି ନପାରି ଘାରିଲୁ ଗଲେ ସେ । ସବୁକଥା ଶୁଣି ସ୍ୱର୍ଣ୍ଣପ୍ରଭା ଦେବୀଙ୍କ ମନରେ କ୍ରୋଧଟା ଯେମିତି ଅମୀମାଂସିତ ରହିଗଲା । ଯାହା ମୁହଁରେ ଯେମିତି ବିଦ୍ରୂପର ଗୋଟିଏ ଗୁଛାଆଁଶି ଜାଲ ଘେରିଗଲା କୌଣସି ପ୍ରକାରେ ମିଛ ରହିବ ମେଳ ମିଳାଇ ପରିପ୍ରେକ୍ଷୀରେ ଗା ଦାୟିତ୍ୱଟାକୁ ତୁଲାଇ ନେବ ଭଳି ଲୋକଙ୍କୁ କହି ସ୍ୱର୍ଣ୍ଣପ୍ରଭା ଦେବୀ ପଠାଇ ଦେଲେ କାନ୍ତିଚନ୍ଦ୍ର ବାବୁଙ୍କୁ ।

ଡାକ୍ତରଖାନାର କାନ୍ଥରେ ଟଙ୍ଗା ହୋଇଥିବା ଘଣ୍ଟାରେ ଛଅଟା ବାଜିଲା ବେଳକୁ କାନ୍ତିଚନ୍ଦ୍ର ବାବୁ ଯାଇ ପହଞ୍ଚିଲେ ସେଠାରେ । ସେତେବେଳକୁ ବୃଦ୍ଧା ଓ ସୁକୁମାର ପଟ୍ଟନାୟକ ପିଲାଗୁଡ଼ିକୁ କୋଳରେ ଧରି ସେଠାରେ ଉପସ୍ଥିତ ଥିଲେ କାନ୍ତିଚନ୍ଦ୍ର ବାବୁ ଘଟଣା ଜାଣିବା ପାଇଁ ଭିତରକୁ ଚାଲିଯାଇଥିଲେ ଗାଡ଼ିରୁ ଓହ୍ଲାଇ ଭିତରକୁ ପ ଯାଉଯାଉ ଉର୍ମିଳାର ସ୍ଥାଣୁ ପାଦ ଦୁଇଟି କ୍ଷଣେ ଅଟକି ଗଲା ସେଇଠି ଯେଉଁଠି ଜଣେ ବୃଦ୍ଧା ତିନୋଟି ସନ୍ତାନଙ୍କୁ କୋଳରେ ଧରି ବସିଛନ୍ତି । ତାର ଆଖି ଆଗରେ ପହଁରିଗଲା ଅତୀତ ଜୀବନର ସମୁଦ୍ରରେ ହଜିବସିଥିବା ରକ୍ତର ଏକ କ୍ଷୁଦ୍ର ପୋତ । ଆଶ୍ଚର୍ଯ୍ୟ ଲାଗିଲା ତାକୁ । ଏହି କ'ଣ ତାର ଶାଶୁଙ୍କ, ରୋଗମୁକ୍ତ ହେବାକୁ ସନ୍ତାନଙ୍କୁ କୋଳରେ ଧରି ବସିଛନ୍ତି !

ବୟସ ବଢ଼ିଲେ ମଣିଷ ବୃଦ୍ଧ ହୋଇଯାଇପାରେ, କିନ୍ତୁ ଦେହର ତ କୌଣସି ପରିବର୍ତ୍ତନ ହୁଏନା । ଶାଶୁଙ୍କର ବାଁ ଗାଲରେ ଥିଲା ଗୋଟିଏ ତିଳ ଚିହ୍ନ । ସେଥିପାଇଁ ସେତେବେଳେ ଖୁବ୍ ସୁନ୍ଦର ଦିଶୁଥିଲେ । ଏକଥାଟା ତାର ଠିକ୍ ମନେ ଅଛି । କିନ୍ତୁ ଠିକ୍ କରିପାରିଲା ନାହିଁ ସେ ।

ତଥାପି ସେ ଜଣକ ? ଯିଏ ବୃଦ୍ଧାଙ୍କର ପାଖରେ ବସିଛନ୍ତି ? ଅସ୍ତବ୍ୟସ୍ତ ଫିକା କଳା କେଶ, ସୌନ୍ଦର୍ଯ୍ୟ ସମ୍ଭାରହୀନ ଦେହକୁ ଦେଖି ଆଖିକୁ ବିଶ୍ୱାସ ନ ହେଲେ ବି ଚିହ୍ନା ମଳିନ ପରିଧାନ ତଳୁ, ରୁକ୍ଷ ଶୁଷ୍କ ସେଇ ଯେଉଁ ମୁହଁଟି ଅତି ଆପଣାର, ଏକାନ୍ତ ନିଜର ପରି ମନେ ହେଉଛି ।

ଆଉ ଟିକେ ପାଖେଇ ଗଲା ଉର୍ମିଳା । କାହାର ପାଦଶବ୍ଦ ଶୁଣି ମୁହଁ ବୁଲାଇଲା । ସୁକୁମାର ପଟ୍ଟନାୟକ । ଗମ୍ଭୀର ହୋଇଉଠିଲା ତାର ମୁହଁଟି । ନିର୍ଲିପ୍ତ ନୟନରେ ଥରେ ଅନାଇଗଲା ଉର୍ମିଳାର ଗୋଡ଼ଠୁ ମୁଣ୍ଡ ପର୍ଯ୍ୟନ୍ତ । ସବୁ ଯେମିତି ତାର ମନେ ପଡ଼ିଗଲା । କେତେ ବର୍ଷ ଖେଳ ଭିତରେ ଘାରି ଧାରି ବଢ଼ିଛି ଏଇ ସ୍ନିଗ୍ଧ ସୁନ୍ଦର ମୁହଁଟି

Digitized by srujanika@gmail.com

ସହୁତ । ଦେହଟିରେ ସାମାନ୍ୟ ନଫାର ଜଣାପଡୁଥିଲେ ବି ଏମାନେ ଗୋଟିଏ ଦୁଇଟି ଧାର ପର, ଉଭୟେ ହୃଦୟଙ୍କର ଅତି ନିକଟ । ସୁକୁମାର ଆଉ କ୍ଷଣେ ମାତ୍ର ରହି ପାରିଲା ନାହିଁ ସେଠାରେ । ସେ ଯେ ହୋଇ ଥାଉ ପଛକେ, ତଥାପି ସେ ତାର ଭଉଣୀ । ଏହି ଉର୍ମିଳାକୁ ନେଇ, ଉଠି ଯାଇ . ଭଉଣୀ ଭଉଣୀ କହି କୁଣ୍ଢାଇ ପକାଇଲା ଉର୍ମିଳାକୁ । ଅନୁମାନ ସତ୍ୟ ଜାଣି । ଭାଇର କାନ୍ଧ ଉପରେ ମୁହଁ ରଖି, ଭେ ଭେ ହୋଇ କାନ୍ଦିଉଠିଲା ଉର୍ମିଳା । କ୍ଷଣିକ ପାଇଁ ଡାକ୍ତରଖାନାରେ ଯେମିତି ଖେଳିଗଲା ଗୋଟାଏ ଶୋକାର୍ଦ୍ର ବାତାବରଣ । ଦୌଡ଼ି ଆସିଲେ ସମସ୍ତେ । ବୃଦ୍ଧା ଆସି ସେମାନଙ୍କ ଆଖିରୁ ଲୁହ ପୋଛି ଦେଲେ । ଗାମୁଛା କାନରେ ଆଖିରୁ ଲୁହ ପୋଛି ସୁକୁମାର କହିଲା, ଏତେ ଦିନ ପରେ ତୁ ଆସିଛୁ ଉର୍ମି ! ଭାବିଥିଲି । ତୋ ସହିତ ଆଉ ଦେଖା ନହେଲେ ମୁଁ ତୋ, ମୁଁ ତୋ ନିକଟରେ ଚିରଋଣୀ ରହିଯିବି । ରହିଯିବ ଏହି ସମାଜରେ ଏକ କଳଙ୍କିତ ଅଧ୍ୟାୟ, ଭାଇ ଭଉଣୀଙ୍କ ମଧ୍ୟରେ । ତୁ ସେଦିନ ଚାଲି ଆସିଲୁ ଉର୍ମି । କିନ୍ତୁ ଜାଣୁ ତାପରେ ମୋ ଅବସ୍ଥା କ'ଣ ହୋଇଛି ? ଜମି ବାଡ଼ି ନିଲାମ ହେଲା, ଘର କ୍ରୋକ୍ ହେଲା, ଶେଷରେ ସେଇ ଯେଉଁ ଗାଈଟି . ଯାହାକୁ ତୁ କେତେ ଆଦର କରି ପିଠି ଆଉଁସି ଦେଉଥିଲୁ । ସେ ମଧ୍ୟ ଗଲା, ତାପରେ ମୁଣ୍ଡ ଗୁଞ୍ଜିବାକୁ ପାଦେ ଜାଗା ନପାଇ, ପିଲାମାନଙ୍କ ମୁହଁରେ ପଟେ ଛୁଟି ଦେଇ ନ ପର ଦୁଆରେ ମୂଲ ଲାଗିଲି । ଏତିକିରେ ହୁଏତ ପାପର ପ୍ରାୟଶ୍ଚିତ ହେଲା ନାହିଁ, ଶେଷରେ ଘର ଛାଡ଼ିବାକୁ ହେଲା । ଏଇ ଯେଉଁ ମାଉସୀ, ବୃଦ୍ଧା ହେବା ଆଗରୁ ସମାଜ ଯାହାକୁ ଭାଲୁ ଯିବ ବୃତ୍ତି ନିଃଶେଷ କରିଦେଇ ଥିଲା । ସେଇ ମୋର ଆଶ୍ରୟଦାତ୍ରୀ । ପ୍ରତି ରାତିରେ ଜନ୍ତୁ ବାଟେଇ ଏ ସମାଜର ଖୋଲଲା ଲୋକଗୁଡ଼ାକ ଯାହାକୁ ଅସ୍ତବ୍ୟସ୍ତ କରୁଥିଲେ, ସେଇ ମୋର ମାଉସୀ । ମା' ହେବାର ସବୁ ସୁଯୋଗ ସମାଜ ଯଦଉ ତାଙ୍କଠାରୁ ଛଡ଼ାଇ ନେଇଥିଲା ।

ତୁ ଭୁଲି ଯାଇଥିବୁ ଉର୍ମି, ଲୋକେ କହନ୍ତି, ତୁ କୁଆଡ଼େ ପଟ୍ଟନାୟକ ବଂଶରଥିଲୁ ଗୋଟିଏ ଉଜ୍ଜ୍ୱଳ ନକ୍ଷତ୍ର । ସେ ନକ୍ଷତ୍ରଟି ସେଦିନ ରାତିରେ ନିର୍ବାପିତ ହୋଇ ଯିବାପରେ ଆମ ପଟ୍ଟନାୟକ ବଂଶଟା ଶ୍ରୀହୀନ ହୋଇ ପଡ଼ିଲା । କାଲି ପରି ମନେହୁଏ, ବାପା ତୋ ଦାୟିତ୍ୱଟା ମୋ ... ରେ ଦେଇ ଆଖି ବୁଜିବା ପରେ, ତୁ ମୋ ସାଙ୍ଗରେ ନଖାଇଲେ ତୋର ପେଟ ପୂ... ନାହିଁ, କି ମୁଁ ତୋତେ ସାଙ୍ଗରେ ନ ଖୋଇଲେ ମୋ ତଣ୍ଟିକି ଭାତ ଯାଏ ନା... ହାରୁ ବୁଲି ଘରକୁ ଫେରିବା ମୋର ଟିକେ ଡେରି ହୋଇଗଲେ ତୁ କିଅ ମ... ହୋଇ ଅପେକ୍ଷା କରୁଥିଲୁ । ଗାଁ ଲୋକେ କହୁଥିଲେ, 'ଏ ଭାଇ ଭଉଣୀ ... ଙ୍କୁ ଛାଡ଼ି ଦଣ୍ଡେ ରହିପାରିବେ ନାହିଁ ।'

Digitized by srujanika@gmail.com

ତଥାପି ଭଗବାନଙ୍କର ଅଭିଶାପମୟ ନିର୍ଦ୍ଦେଶରେ ଆମର ଏ ଶାଶ୍ୱତ ସ୍ନେହ ସେଦିନ ମାଟିରେ ମିଶିଗଲା । ସବୁ ସ୍ୱପ୍ନ ସ୍ୱପ୍ନରେ ହିଁ ରହିଗଲା । ମୋତେ ଭୁଲ ବୁଝିବୁ ନାହିଁ ଉର୍ମି । ପରିସ୍ଥିତି ମଣିଷକୁ ଅନ୍ଧ କରିଦିଏ । ପାର୍ଥିବ ମୋହ ତାକୁ ନୃଶଂସ କରେ । ସେ ଭୁଲିଯାଏ ହିତାହିତ; କରିବସେ ଘୋର ଅନ୍ୟାୟ ।

ତୁ ସେଦିନ ରାତିରେ ଲୁଚି ଲୁଚି ଘରୁ ପଳାଇଗଲୁ । କିନ୍ତୁ କାହିଁକି ଜାଣୁ ଉର୍ମି ?

ନାରୀ ସେ । ଯାହାର କାନ୍ଦଣାରେ ପୁରୁଷ ସବୁଦିନେ ଗୁଡ଼ିକାଠି ପରି ବନ୍ଧା, ଯାହାର ଚକ୍ରାନ୍ତରେ ରଘୁକୁଳତିଳକ ରାମଚନ୍ଦ୍ରଙ୍କର ବନବାସ । ଯାହାର ଇର୍ଷାନ୍ୱିତ ଆସୁରିକତାରେ ସ୍ୱର୍ଣ୍ଣପ୍ରସୂ ଲଙ୍କାଗଡ଼ରେ ଧ୍ୱଂସ, ସେହି ସର୍ବନାଶୀ ନାରୀ ତୋର ଭାଉଜ । ଅବଶ୍ୟ ସମାଜ ମୋତେ କହିପାରେ ସ୍ୱାର୍ଥପର, ତଥାପି ନାରୀର ମାୟାବନ୍ଧନୀ ଭିତରୁ ମୁକ୍ତ ହେବା ପୁରୁଷ ଶକ୍ତିର ବାହାରେ ।

ତୁ ସେଦିନ ଘରୁ ପଳାଇ ଆସି ପଟ୍ଟନାୟକ ବଂଶର ନାଁ ରଖିବା ସଙ୍ଗେ ସଙ୍ଗେ ମୋତେ ଉପଯୁକ୍ତ ପଥର ସନ୍ଧାନ ଦେଇଛୁ । ଗଗନ ଦାସ ହାତରେ କାଠ କଣ୍ଢେଇଟି ପରି ଖେଳର ସାମଗ୍ରୀ ହୋଇ ମୁଁ ଯଦିଓ ଆଜି ନିଃସ୍ୱ ।

ଥାଉ ଭାଇ । ଆଉ ସେ ଅଲକ୍ଷଣା ନାଁଟା ମୁହଁରେ ଧରନା । ନିଜ ଲୁଗା କାନିରେ ସୁକୁମାର ଆଖିରୁ ଲୁହ ପୋଛି ଦେଲା ଊର୍ମିଳା । କବିଚନ୍ଦ୍ର ବାବୁ ଏକଥା ଶୁଣି ଆଶ୍ଚର୍ଯ୍ୟର ସୀମା ଲଂଘନ କରୁଥିଲେ, ପାଖରେ ଠିଆ ହୋଇଥିଲେ ବୁଢ଼ୀ । ଊର୍ମିଳାକୁ ଲକ୍ଷ୍ୟ କରି ଜନନୀ ସୁଲଭ କଣ୍ଠରେ ପଚାରିଲେ ।

ଯାହାକୁ ତୁ ବାପା ବୋଲି ଡାକୁଛୁ ଝିଅ, ସେ ତ କିଏ କହିଲୁ ନାହିଁ ?

ଠିକ୍ ତୁମରି ପରି ମା' । ତୁମେ ଯେପରି ଭାଇକୁ ମୋର ଆଶ୍ରୟ ଦେଇ ତାଙ୍କର ଜୀବନ ରକ୍ଷା କରିଛ, ସେ ସେହିପରି ସେଦିନ ମୋତେ ପାଣିରୁ ଉଦ୍ଧାରି ଆଣିଥିଲେ । ହୁଏତ ଜନ୍ମଦାତା ପିତା ଏ ସମାଜରେ ଦୈନ୍ୟ ନିକ୍ଷେପିତ ହୋଇ ପୁଅଝିଅଙ୍କ ପ୍ରତି ଉପଯୁକ୍ତ ସ୍ନେହ ଦେଇ ପାରେନା, କିନ୍ତୁ କେଉଁ ପୂର୍ବଜନ୍ମର ପୁଣ୍ୟଫଳରୁ ମୁଁ ପାଳକ ପିତାଙ୍କ କୋଳକୁ ଆସିଲି; ଯାହାର ପବିତ୍ର ଓ ସୁନିର୍ମଳ ସ୍ନେହ ମମତା ମୋର ଦୁଃଖାର୍ତ୍ତ ପରିସ୍ଥିତିକୁ କେଉଁଠି ଲୁଚାଇ ଦେଇ, ମୋ ଜୀବନକୁ ଗଢି ତୋଳିଲା ଆଉ ଏକ ନୂଆ ରୂପରେ । ତାଙ୍କରି ଝିଅର ଗୌରବକୁ ନେଇ ମୁଁ ବିବାହ କଲି ଡାକ୍ତରଙ୍କୁ । ମୁଁ ମରିବାକୁ ଆସିଥିଲି ସତ, କିନ୍ତୁ ମରିପାରିଲି ନାହିଁ । ତାଙ୍କର ସ୍ନେହ ଆଦର ପାଇ ମୁଁ ଭୁଲିଗଲି ଘରଦ୍ୱାର, ବାପ ମା', ଭାଇ, ଭାଉଜ ସମସ୍ତଙ୍କୁ । ସେହି ଦିନଠାରୁ ଆଜି ପର୍ଯ୍ୟନ୍ତ ଲୋକ ଜାଣି

Digitized by srujanika@gmail.com

ବାରେ ମୁଁ ତାଙ୍କର ଝିଅ—ସେ ମୋର ଜନ୍ମଦାତା । ଗୋଟିଏ ପାଠ ପଢ଼ୁଥିବା ପୋଷାମେନା ଶାଗିଟି ପରି କିଛି କହୁ ନ ପାରି କେବଳ ଉର୍ମିଳାର କଥାଗୁଡ଼ିକୁ ଶୁଣି ଯାଉଥିଲେ ବୁଢ଼ା । ଶୁଣୁଥିଲା ବି ସୁକୁମାର । ହଠାତ୍ ଦୌଡ଼ିଯାଇ କାନ୍ତି ଚନ୍ଦ୍ର ବାବୁଙ୍କର ଗୋଡ଼ ଦୁଇଟିକୁ ଧରି ପିଲାଙ୍କ ପରି କାନ୍ଦି ଉଠିଲା ସେ ।

କାନ୍ତି ଚନ୍ଦ୍ର ବାବୁ ତାକୁ ତଳୁ ଉଠାଇ ସହୃଦୟ କଣ୍ଠରେ କହିଲେ, ବର୍ତ୍ତମାନ କାନ୍ଦିବାର ସମୟ ନୁହେଁ ସୁକୁମାର । ଝିଅଠାରୁ ଓ ଡାକ୍ତରଙ୍କଠାରୁ ମୁଁ ସବୁ ଶୁଣିଛି । ମଣିଷ ଜାଣିଶୁଣି କଦାପି ଭୁଲ କରେନା । ସେଇଟା ହୁଏତ ଭଗବାନଙ୍କର ପରୀକ୍ଷା । ଯାହାହେଉ ସେ ପରଶୁରାମ ଶଇତାନକୁ ଠିକ୍ ଗଗନ ଦାସ ପରି ନୃଶଂସତାରେ ଭୁଲେଇ ପ୍ରଳାପ କରେ । ଏଥିରେ ଭୟଭୀତ ହେବାର କିଛି ନାହିଁ ସୁକୁମାର । ପ୍ରିୟ ତୁମକୁ ପଥରେ ଭିକାରୀ ବନେଇ ଥିଲା, ତା ସହିତ ପାଞ୍ଚ ଦିନ ଧରି ମୋକଦ୍ଦମା ଚାଲିଲା । ଆଜି ଜୟଲାଭ କରିଛ ତୁମେ ଆଜି ଫେରିପାଇଛ ତୁମର ଜମିବାଡ଼ି, ଘର ଦ୍ୱାର ସବୁକିଛି ।

କାନ୍ତି ଚନ୍ଦ୍ର ବାବୁଙ୍କ କଥା ଶୁଣି, ଶୁଷ୍କ ଶିର୍ଣ୍ଣ ମୁଖରେ ଦେଖା ଦେଲା ସ୍ୱର୍ଣ୍ଣିମ ହସ । ପୂର୍ଣ୍ଣିମାରେ ଫୁଲ ଫୁଲରେ ଗୁଞ୍ଜରି ଉଠିଲା ପରି ସୁକୁମାରର ମନଟା ଆନନ୍ଦରେ ନାଚି ଉଠିଲା କଳ୍ପନାର କେତେ ନୂତନ ଛନ୍ଦରେ । ଭିକ୍ଷା ହେଉଥିଲା, ଭଉଣୀ, ଭିଣୋଇ, ସ୍ତ୍ରୀ, ପିଲା, ସମସ୍ତଙ୍କୁ ସାଙ୍ଗରେ ନେଇ ଗ୍ରାମବାସୀଙ୍କୁ ଦେଖାଇ ଦିଅନ୍ତା, ନିଲାମ ହୋଇଥିବା ଘରବାଡ଼ି ସହିତ ସେ ତାର ଭଉଣୀକୁ ଫେରିପାଇଛି । ଗ୍ରାମବାସୀ ଏଥିରେ କେତେ ଖୁସି ନହୁଅନ୍ତେ ସତେ ! କାନ୍ତି ଚନ୍ଦ୍ର ବାବୁଙ୍କୁ କହିବାକୁ ବାକ୍ୟ ନପାଇ କେବଳ ଚାହିଁ ରହିଲା ସୁକୁମାର । ସେତିକିବେଳେ ଡାକ୍ତର ସମରଜିତ ବାବୁ ଚାଲି ଆସିଲେ ସେଇ ଘରକୁ । ରୋଗିଣୀଟି ଭଲ ଅଛି କହି ଏ ପର୍ଯ୍ୟନ୍ତ ସେ ବୁଢ଼ାଙ୍କୁ ସାନ୍ତ୍ୱନା ଦେଇଆସୁଛନ୍ତି । ତଥାପି ତାଙ୍କଠାରେ ଯେମିତି ଅନେକ ପରିବର୍ତ୍ତନ ହୋଇଯାଇଛି । ଏଇ ଟିକିଏ ପୂର୍ବରୁ ଯେଉଁ ମୁହଁରେ ପୂର୍ଣ୍ଣିମା ଚନ୍ଦ୍ର ପ୍ରଫୁଲ୍ଲତା ଭରିରହିଥିଲା, ବର୍ତ୍ତମାନ ସେଇ ମୁହଁରେ ଯେମିତି ଜେଉଁଖଣ୍ଡେ କଳା ମେଘ ଲାଗିରହିଛି । ବୁଢ଼ା ଆଉ ନୀରବ ରହିପାରିଲେ ନାହିଁ । ପଚାରିଲେ— ରୋଗିଣୀର ଅବସ୍ଥା ଭଲ ଅଛି ତ ଡାକ୍ତର ବାବୁ ?

ଡାକ୍ତର ସମରଜିତ ବାବୁ କ୍ଷଣେ ଅନାଇଲେ ବୁଢ଼ାଙ୍କର ମୁହଁକୁ । ତାପରେ କହିଲେ— ମାଉସୀ ! ମୁଁ ଆପ୍ରାଣ ଚେଷ୍ଟା କରି ମଧ୍ୟ ସଫଳତାର ଆଶା ହରାଇଛି । ଏଣିକି . . .

କାନରେ ହାତ ଦେଲେ ବୁଢ଼ା । ସୁକମାର ଆଖି ଦୁଇଟା ବି ଅସମ୍ଭବ ଭାବେ ଉଠିଗଲା ତାଳୁ ପର୍ଯ୍ୟନ୍ତ । କାନ୍ଦି ଉଠିଲା । ଉର୍ମିଳା ।

Digitized by srujanika@gmail.com

ଏପରି ଅଗଣ୍ୟ ବେଦନା କଣ ରୋଗୀକୁ ଭଲ କରିପାରିବ ? ନା ଉର୍ମି ଏହା ଖାଲି ଉଦ୍ଗାର । ଖାଲି ହୁଏତ ଅନ୍ୟ ରୋଗୀମାନେ ଆହୁରି ଅସୁସ୍ଥ ହୋଇପଡ଼ିବେ । ଏଇଟା ମୋର ଶେଷ ଚେଷ୍ଟା ଉର୍ମି । ଏହି ଇନ୍‌ଜେକସନ୍ଟି ଦେବାର୍ ଦୁଇଘଣ୍ଟା ଭିତରେ କ'ଣ ହେବ କହି ହେଉନାହିଁ—ଏହି କହି ଗୋଟିଏ ଇନ୍‌ଜେକସନ୍ ନେଇ ପୁଣି ରୋଗୀଣୀ ନିକଟକୁ ଚାଲିଗଲେ ସମରଜିତବାବୁ । ଖୁବ ସାବଧାନତାର ସହିତ ସେ ଇନ୍‌ଜେକସନଟିକୁ ଦେଇ ସାରିବା ପରେ ଦଶମିନିଟ ପାଇଁ ସମସ୍ତଙ୍କୁ ତା ନିକଟରୁ ଘୁଞ୍ଚେଇ ଦେଲେ । ସେହି ଦଶ ମିନିଟକୁ ଦଶଦିନ ପରି ମନେ କରି ବ୍ୟସ୍ତ ହୋଇ ପଡ଼ୁଥିଲେ ସମସ୍ତେ । ରୋଗିଣୀଟିର କ୍ରମେ ବାକ୍‌ଶକ୍ତି ଫେରି ଆସିବାରୁ 'ପାଣି 'ପାଣି' ବୋଲି ଚିତ୍କାର କରି ଉଠିଲା । ପରଦାରେ ଆଡେଇ ହୋଇ ପାଖରେ ଥୁଆ ହୋଇଥିବା ଫ୍ଲାସ୍କରୁ ଦୁଇ ଗ୍ଲାସ ପିଆଇ ଦେଲେ ଉର୍ମିଳା । ସ୍ୱଦେଶୀ ଗଢ଼ଣରେ ପାଣି ଦୁଇ ଗ୍ଲାସ ଇଣ୍ଡିଲୁ ନେଇ, ଉର୍ମିଳାଙ୍କୁ କେଉଁ ନର୍ସ ମନେ କରି ଅସ୍ପଷ୍ଟ କଣ୍ଠରେ କହିଲା ରୋଗିଣୀଟି—

ମୁଁ କ'ଣ ସତରେ ଆଉ ବଞ୍ଚିବି ନାହିଁ ଦିଦି ? ମୁଁ ଯଦି ମରିଯାଏ, ଛୋଟ ଛୋଟ ପିଲାଙ୍କର ଦୁଃଖ ଦେଖି ସେ କ'ଣ ଧୈର୍ଯ୍ୟ ଧରି ପାରିବେ ? ମୋ ମରିଯିବା ପରେ ସେ ନିଶ୍ଚୟ······

ନୂଆ ବୋଉ ! ରୋଗିଣୀକୁ ବାକ୍ୟ ପୂର୍ଣ୍ଣ କରିବାକୁ ଦେଲେନାହିଁ ଉର୍ମିଳା ।

ହଠାତ୍ ରୋଗିଣୀର ସବୁ ସ୍ନାୟୁଗୁଡ଼ାକ ଆବେଗମୟ ହୋଇ ଉଠିଲା ଧୈର୍ଯ୍ୟହରା କହିଲା ସେ—ନୂଆବୋଉ···ଓଃ ! ତୁମେ ମୋତେ ନୂଆବୋଉ ଡାକୁଛ ଦିଦି··· କିନ୍ତୁ···ଠିକ୍ ଏଇ ସ୍ୱରରେ ଯିଏ ମୋତେ ଅତି ଆଦରରେ କରି ନୂଆବୋଉ ବୋଲି ଡାକୁଥିଲା,······ସିଏ ହଜିଗଲା କେଉଁଠି ମୁଁ ତାକୁ ନିଜେ ହଜାଇ ଦେଇଛି । ସେତେବେଳକୁ ସୁକୁମାର ପ୍ରକୃତ ସମସ୍ତ ଅନ୍ଧାରରେ ଲୁଣ୍ଠିତ ହୋଇ ଯାଇଥିଲେ । ସ୍ତ୍ରୀର ଏପରି ବାତୁଳଭାବରେ ଆର୍ତ୍ତ ସ୍ୱରରେ କଣ୍ଠରେ କହିଲା ସେ—ତୁମେ ଚିହ୍ନି ପାରୁନା ତାକୁ ।

ସେ ଦିଦି ନୁହେଁ—ଆମ ଆଖିରେ ଅଶ୍ରୁପୂର୍ଣ୍ଣ ବାନ୍ଧ ଯିଏ ସେଦିନ ଘରରୁ ଘରୁ ଚାଲି ଯାଇଥିଲା, ଏ ହେଉଛି ଆମର ସେହି ହଜିଲା ଭଉଣୀ ଉର୍ମିଳା ।

ସ୍ୱାମୀ ମୁହଁରୁ ଉର୍ମିଳାର ନାଁ ଶୁଣି ଉଠିପାରୁ ନ ଥିଲେ ବି ଥରେ ଆଖି ଖୋଲି ଅନାଇଲା ରୋଗିଣୀଟି । ତାକୁ ପ୍ରେମ୍ଭରେ, ତାର ପିଠିରେ ହାତ ବୁଲେଇ ଅଶ୍ରୁ ସଜଳ କଣ୍ଠରେ କହିଲା—ଉର୍ମିଳା !

ଭାଉଜ ପାଖରେ ଅଭିମାନ କରି ସେଦିନ ଘରର ଅନ୍ଧକାରରେ ମିଶିଗଲେ କେଉଁଠି । ଗଲାବେଳେ ଦୁଃଖିନୀ ଭାଉଜକୁ କି ଅଭିଶାପ ଦେଇଗଲେ କେଜାଣି, କେତେଦିନର ପାଣି

Digitized by srujanika@gmail.com

କାନ୍ଦୁଥିଲୁ ସହ୍ୟ ନ ପାରି ମୁଁ ଗୃହଲକ୍ଷ୍ମୀ ମୁଖ ପଥକୁ ! ମୁଁ ଅଙ୍କ ଉଠି ପାରୁ ନାହିଁ । ତଥାପି ତୁମେ ଅନେକ ଡେରିରେ ଆସିଲ । ଭଉଣୀ । ସେଦିନ ଏଇଠି ଥାନ୍ତ ତୁମର ନାଁ ମୋର ପଡ଼ିଥିଲ ଉର୍ମିଳା ଉର୍ମିଳ ବୋଲି କେତେ ଡାକିଲି, ଶୁଣିଲେ ନାହିଁ । ସେଦିନ ତୁମର ଚନ୍ଦ୍ରମା ମୁହଁଟିକୁ ଦେଖିଥିଲେ ମୁଁ ନିଶ୍ଚିନ୍ତ ହୋଇ ଯାଇଥାନ୍ତି ।

ଆଜି ଆଉ କ'ଣ ଦେଖିବାକୁ ଆସିଛ ଉର୍ମି । ମୁଁ ଆଉ ବଞ୍ଚିବ ନାହିଁ କାନ୍ଦପକାଇଲା ରୋଗିଣୀଟି ।

କ୍ଷଣକପାଇଁ ସମସ୍ତେ ଯେମିତି ତାଟସ୍ଥ ହୋଇ ପଡ଼ିଲେ । ଉର୍ମିଳା ବି ତାର ମୁଣ୍ଡ ଉପରେ ହାତ ବୁଲାଇ ଆଣି କାନ୍ଦି ଉଠିଲା ।

ରୁବି ଦୌଡ଼ି ଆସି ବୋଉ ବୋଲି ଡ଼ାକ କାନ୍ଦି, କାନ୍ଦ କାନ୍ଦ କଣ୍ଠରେ କହିଲା, ଦେଖ୍ ବୋଉ, ମୁଁ ଆସିଛୁ । ଥରେ ଆଖି ଖୋଲି ଦେଖିଲୁ, ସେଦିନରୁ ତତେ ନଦେଖି ଆମେ କମିତି ଶୁଖି ଗଲୁଣି ।

ଆଖି ଖୋଲି ଆଉ ଥରେ ଅନାଇଲା ରୋଗିଣୀଟି ; ମାତ୍ର ସେ ଦୃଷ୍ଟିରେ ପୂର୍ବପରି ଦୀପ୍ତି ନଥିଲା—ଥିଲା କେବଳ ଯୁଗ ଯୁଗର ବେଦନା ବିଧୌତ ଅଶ୍ରୁ । ସେହି କ୍ଷିପ୍ତ ଆଖିରେ ରୁବି ଆଡ଼କୁ ହାତ ଦୁଇଟିକୁ ବଢାଇ, ଶୋକ ଉଚ୍ଛଳ କଣ୍ଠରେ କହିଲା—ମୋର ପାଖକୁ ଆ' ମା' ରୁବି ! ମା' କୋଳରେ ଟିକେ ବସିବୁ ବୋଲି କେତେ ଆଶା କରି ଆସିଥିବୁ । ମୁଁ ହତଭାଗିନୀ ଆଜି ଉଠି ପାରୁନାହିଁ । ତୁମମାନଙ୍କୁ ଥରେ କୋଳରେ ଧରିବାକୁ ଆଉ ବି ଜୀବନରେ ଉଠି ପାରିବି ନାହିଁ । ଘରକୁ ଫେରି ଯାଇ ବୋଉ ବୋଉ ବୋଲି ଆଉ କାନ୍ଦିବୁ ନାହିଁ ରୁବି । କାରଣ ତୁମର ସେ କାରୁଣ୍ୟ ଲହରୀକୁ ସହି ନପାରି ଗରିବ ବାପା ତୋର ପାଗଳ ହୋଇଯିବେ ।

ସାନଭାଇ ଭଉଣୀକୁ ଘୃଣା କରିବୁ ନାହିଁ—ସ୍ନେହ କରିବୁ ! ସେଥିରେ ଭଗବାନ ସନ୍ତୁଷ୍ଟ ହେବେ । ସାନ ସାନକୁ ସ୍ନେହ କରାଯାଏ—ଘୃଣା କରା ଯାଏନା । ଦେ ନାହୁଁ ? ଉର୍ମିଳା ମୋର ସାନ ଭଉଣୀ, ସ୍ନେହ ନ କରି ଘୃଣା କଲି ବୋଲି ମୁଁ କେମିତି .....

ରୁବିର ପିଠି ଆଉଁସି ଦେଇ ଏକଥା କହୁଥିଲା ବେଳେ କୋହ ସମ୍ଭାଳି ନପାରି କଣ୍ଠଟା ବାଷ୍ପାକୁଳ ହୋଇ ଉଠୁଥାଏ । କ୍ରମେ କ୍ରମେ ସ୍ୱର ନଳୀରୁ ବାକ୍ ଶକ୍ତି ହ୍ରାସ ପାଇ ଆସୁଛି । ଥରି ଉଠୁଥାଏ ଓଠ ଦୁଇଟି ।

ସ୍ୱାମୀଙ୍କର ଏପରି ଅବସ୍ଥା ଦେଖି ଲୁଗା କାନିରେ ତା ଆଖିରୁ ଲୁହ ପୋଛି ଦେଇ ଶୋକାର୍ତ୍ତ କଣ୍ଠରେ କହିଲା, ଉର୍ମିଳା—ଥାଉ ନୂଆବୋଉ ! ଏମିତି ଇଆଡୁ ସିଆଡୁ ନ କହି ଟିକେ ଶୋଇପଡ଼ ।

Digitized by srujanika@gmail.com

ଶୋଇବି ଭଉଣୀ । ଏ କାଳ ନିଦ୍ରା ଟା ତା କୋଳକୁ ନ ନେଇ କଦାପି ମୋତେ ଛାଡ଼ିବ ନାହିଁ । ତଥାପି ତୁମମାନଙ୍କର ସୁନ୍ଦର ସୁନ୍ଦର ମୁହଁକୁ ଦେଖି ମୁଁ ସବୁ ଭୁଲି ଯାଉଛି । ମୋର ଦେହଟା କାହିଁକି ଥରି ଉଠିଲାଣି । ତାଙ୍କୁ ଓ ମାଉସିଙ୍କୁ ଟିକେ ମୋ ପାଖକୁ ଡ଼ାକ ।

ଦେବକର ସାମାନ୍ୟ ବ୍ୟବଧାନରେ ପୁଅଟିକୁ କୋଳରେ ଧରି ଠିଆ ହୋଇ କାନ୍ଦୁ ଥିଲେ ବୃଦ୍ଧା । କାନ୍ଦୁଥିଲା ସୁକୁମାର । ରୋଗିଣୀ ନିକଟକୁ ଲାଗିଗଲେ ସେମାନେ ।

ଅତି କଷ୍ଟରେ ବୃଦ୍ଧାଙ୍କ କୋଳରୁ ପୁଅକୁ ଛାତି ଉପରକୁ ନେଇ ତାର କଅଁଳ ଗାଲରେ ସରୁ ଚୁମ୍ବନଟିଏ ଦେଲା ରୋଗୀଣୀଟି । ତାପରେ ଊର୍ମିଳାର ଦୁଇ ହାତକୁ ନେଇ ପୁଅଟିକୁ ଧରେଇ ଦେଇ ଅସ୍ପଷ୍ଟ କଣ୍ଠରେ କହିଲା—

ଭଉଣୀ ! ମୋ ପ୍ରାଣର ପ୍ରତିମାକୁ ତୁମରି କୋଳରେ ଛାଡ଼ି ଦେଇ ଯାଉଛି । ମୋ ପରି ସେମାନେ ଯେମିତି ନ କାନ୍ଦିବେ । ସେମାନେ କାନ୍ଦିଲେ ମୋର ଆତ୍ମାଟା ନିଶ୍ଚୟ କଳୁଷିତ ହୋଇଯିବ । ସ୍ୱାମୀଙ୍କଠାରେ ଦୋଷାରୋପ କରି ଭାଇକୁ ତୁମର ପର କରି ଦେବ ନାହିଁ । ମୁଁ ଯିବା ତୁମର ସର୍ବନାଶ କରିଥିଲି, ସେ ତ ନୁହେଁ । ମୁଁ ପୃଥିବୀରେ କହୁଛି ଭଉଣୀ, ନିଷ୍ପାପ, ନିଷ୍ପାପପ୍ରାଣ ପିଲାଗୁଡ଼ିକ । ତାଙ୍କୁ ପର ଭାବିବ ନାହିଁ ।

ମାଉସୀ ! ତୁମ ଋଣ ମୁଁ ସୁଝି ପାରିବି ନାହିଁ । ଏତିକି ଆଶିର୍ବାଦ କର, ମୁଁ ଯେପରି ପୃଥିବୀରେ ତୁମରି ଝିଅ ହୋଇ ଜନ୍ମ ହୁଏ ।

ଆଉ ତୁମକୁ ମୋର ଅନେକ କଥା କହିବାର ଥିଲା । ସବୁ କହି ନପାରି କେବଳ ଏତିକି କହୁଛି, ପିଲାଗୁଡ଼ିକ ଝୁଅ । ବାପ ଯିନା ଜନ୍ମ ଦିଏ, କିନ୍ତୁ ଲାଳନ ପାଳନ ଆଳି ଅର୍ଦ୍ଧଳି ସହେ ମା' ।

ସେଥିପାଇଁ ଲୋକେ କହନ୍ତି —ଶାଗ ପଖାଳ ଦେଇ ମା' ପିଲାମାନଙ୍କୁ ମଣିଷ କରେ; ଅଥଚ ଦୁଧ କଦଳୀ ଖୋଇ ବାପ ତାହା କରିପାରେ ନା । ଝୁଅ ସେ । ଦୁନିଆର ଭଲମନ୍ଦ ସୁଖ ଦୁଃଖ କିଛି ବୁଝନ୍ତି ନାହିଁ । ସେମାନେ ଅନ୍ନ ଅଷ୍ଟ କରିବେ ନିଶ୍ଚୟ । କିନ୍ତୁ ମା' ଛେଉଣ୍ଡ ଝୁଅଙ୍କ ଉପରେ ତୁମେ ବିରକ୍ତ ହେବ ନାହିଁ । ତୁମଠାରୁ ଯେତେ ଦୂରରେ ଥିଲେ ବି ମା' ହୋଇ ମୁଁ ତାହା କଦାପି ସହି ପାରିବ ନାହିଁ ।

ମୋତେ କାହିଁକି ଏ ସୁନ୍ଦର ପୃଥିବୀଟା ଅନ୍ଧକାର ଦେଖା ଯାଉଛି । ମୁଁ ଆଉ······
·········ଆ' ମା' ଝୁବ,···ଭଉଣୀ ଊର୍ମିଳା,······ମଉସୀ······ଆଉ ତୁମେ—···

Digitized by srujanika@gmail.com

......ମୋର ପାଖକୁ........ଶେଷ ଥର ପାଇଁ ତୁମ ମାନଙ୍କୁ.................ଥ...
......ରେ.............

ଧୀରେ ଆସ୍ତେ ଆସ୍ତେ ରୋଗିଣୀର ସବୁ ଶକ୍ତି ଲୋପ ପାଇ ଆସୁଥିଲା । ଆଉ କିଛି କହି ପାରିଲା ନାହିଁ । କେବଳ ଦୁଇ ପାଣ୍ଡୁର ଗାଲ ଉପର ଦେଇ ଝରି ଯାଉଥିଲା ଦୁଇ ଟୋପା ଲୁହ ।